# ଧରିତ୍ରୀ
DHARITRI

ବାଲେଶ୍ୱର, ଗୁରୁବାର, ଅକ୍ଟୋବର ୩/୨୦୧୯ (୨୦ ପୃଷ୍ଠା) | Balasore, Thursday, October 3/2019 | ★★★★

୪୫ଶ ଭାଗ ୩୦୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ରୋହିତ ଶର୍ମାଙ୍କ ଶତକ**

ବିଶାଖପାଟନାମ୍‌ଠାରେ ବୁଧବାର ଆରମ୍ଭ ହୋଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଶତକ ହାସଲ କରିଛନ୍ତି ଭାରତର ରୋହିତ ଶର୍ମା। ୧୯

୧୬ **ପରିଣୀତିଙ୍କ ସବୁଠୁ ପ୍ରିୟ ଖାଦ୍ୟ**

ପିଜା ତାଙ୍କର ସବୁଠୁ ପ୍ରିୟ ଖାଦ୍ୟ। କେବଳ ସେ ପିଜା ଖାଆନ୍ତି ନାହିଁ, ବରଂ ଭିନ୍ନ ଭିନ୍ନ ସ୍ୱାଦର ପିଜା ସେ ତିଆରି କରିପାରନ୍ତି। ତାଙ୍କ ଦୈନନ୍ଦିନ ଖାଦ୍ୟ ତାଲିକାରେ ପିଜା ହିଁ ଥାଏ।



# କେନ୍ଦ୍ରାପଡ଼ାରୁ ହଟିବେ ଅନୁପ୍ରବେଶକାରୀ

- ଖୁବ୍‌ଶୀଘ୍ର ଆରମ୍ଭ ହେବ ଚିହ୍ନଟ ପ୍ରକ୍ରିୟା
- ଆରଜିଆଇଙ୍କୁ ଚିଠି ଲେଖିଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ
- ୧୪ ବର୍ଷ ପୂର୍ବରୁ ଚିହ୍ନଟ ହୋଇଥିଲେ ୧୬୪୯ ବାଂଲାଦେଶୀ
- ତଡ଼ିବା ବଦଳରେ ମିଳିଛି ଭୋଟର ପରିଚୟ ପତ୍ର, ରାଶନକାର୍ଡ

ଭୁବନେଶ୍ୱର,୨।୧୦(ବ୍ୟୁରୋ)/ କେନ୍ଦ୍ରାପଡ଼ା ଅଫିସ

କେନ୍ଦ୍ରାପଡ଼ା ଜିଲାରୁ ଅନୁପ୍ରବେଶକାରୀଙ୍କୁ ତଡ଼ାଯିବ। ଖୁବ୍‌ଶୀଘ୍ର ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେବ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏନେଇ ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ(ଆରଜିଆଇ)ଙ୍କୁ ଚିଠି ଲେଖି ଜଣାଇଛନ୍ତି। ୨୦୧୮ ନଭେମ୍ବର ୨୬ ତାରିଖରେ ଆଇନଜୀବୀ ମୋହିତ ଅଗ୍ରୱାଲ ଏନେଇ ଓଡ଼ିଶା ହାଇକୋର୍ଟରେ ଏକ ରିପୋର୍ଟ ଫାଇଲ କରିଥିଲେ। କେନ୍ଦ୍ରାପଡ଼ା ଜିଲାରେ ନ୍ୟାଶନାଲ ରେଜିଷ୍ଟ୍ରାର ଅଫ୍ ସିଟିଜେନ(ଏନ୍‌ଆରସି) ଲାଗୁ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ଲାଗି କୋର୍ଟଙ୍କୁ ପ୍ରାର୍ଥନା କରିଥିଲେ। ଏ ଦିଗରେ ପଦକ୍ଷେପ ନେବାକୁ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେବା ସହ ଆଇନଜୀବୀଙ୍କ ଦ୍ୱାରା କରାଯାଇଥିବା କେତେକ ପରାମର୍ଶ ଆଧାରରେ ଆବଶ୍ୟକ ପଦକ୍ଷେପ ନେବାକୁ କୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବିଷୟରେ ଅଗ୍ରୱାଲଙ୍କୁ କୋର୍ଟ ଆମିକସ୍ କ୍ୟୁରି ଭାବେ ନିଯୁକ୍ତି ଦେଇଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ (ଲିଗାଲ) ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ଲାଗି ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆଙ୍କୁ ପରାମର୍ଶ ଦେଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୦୫ ଜାନୁୟାରୀ ୧୩ ତାରିଖରେ କେନ୍ଦ୍ରାପଡ଼ା ଜିଲାରେ ୧୬୪୯ ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ସ୍ଥାନାନ୍ତର ନୋଟିସ ଜିଲା ପ୍ରଶାସନ ପକ୍ଷରୁ ଦିଆଯାଇଥିଲା। ଏଥିରେ ମହାକାଳପଡ଼ା ବ୍ଲକର ୧୫୫୧, ରାଜନଗର ବ୍ଲକର ୩୦ ଏବଂ ପଟ୍ଟାମୁଣ୍ଡାଇ ବ୍ଲକର ୬୮ ଜଣ ଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୧୧ ଜନଗଣନା ଅନୁଯାୟୀ ଜିଲାରେ ୭୬ ହଜାର ବଙ୍ଗଭାଷୀ ଥିବା ନେଇ ଉଲ୍ଲେଖ କରାଯାଇଛି। ଏପରି କି ୨୦୧୯ ସାଧାରଣ ନିର୍ବାଚନ ଭୋଟର ତାଲିକା ଅନୁସାରେ ଜିଲାରେ ୩୯ ହଜାର ବଙ୍ଗଭାଷୀ ଭୋଟ ପରିଚୟ ପତ୍ର ପାଇଛନ୍ତି। ସେମାନଙ୍କ ମଧ୍ୟରୁ ୭୦ ହଜାରରୁ ଊର୍ଦ୍ଧ୍ୱ ବଙ୍ଗଭାଷୀଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନକାର୍ଡ ମଧ୍ୟ ଯୋଗାଇ ଦିଆଯାଇଛି। କେନ୍ଦ୍ରାପଡ଼ାରେ ବେଆଇନ ବାଂଲାଦେଶୀ ରହୁଥିବା ନେଇ ଅନେକ ସମୟରେ ବିରୋଧୀ ଦଳ ବିଧାନସଭାରେ ମଧ୍ୟ ଉଠାଇଛନ୍ତି। ତେବେ ବେଆଇନ ଭାବେ ବସବାସ କରୁଥିବା ବାଂଲାଦେଶୀଙ୍କୁ ସେଠାରୁ ହଟାଇବାକୁ ☞ପୃଷ୍ଠା-୪

■ ଆଇଆଇଟି ସ୍ନାତକଙ୍କ ଷ୍ଟାର୍ଟ-ଅପ୍‌ରେ ଚଢ଼ାଉ

# ଲିଙ୍ଗ ଚୟନ ପାଇଁ ବିଦେଶ ପଠାଉଥିଲେ

ନୂଆଦିଲ୍ଲୀ,୨।୧୦

ଭାରତରେ ପିଲାଛୁଆ ଜନ୍ମ ହେବା ପୂର୍ବରୁ ସେମାନଙ୍କ ଲିଙ୍ଗ ନିରୂପଣ ଓ ଚୟନ ବେଆଇନ ହୋଇଥିବାବେଳେ ବିଦେଶରେ ଏହି କାର୍ଯ୍ୟ କରାଇବା ଲାଗି ଦେଶର ବିଭିନ୍ନ ଭାଗର ଦମ୍ପତିମାନଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ନିଆଯାଉଛି। ଇନ୍-ଭିଟ୍ରୋ ଫର୍ଟିଲାଇଜେଶନ୍ (ଆଇଭିଏଫ୍) ପଦ୍ଧତିରେ ପୁଅ ଜନ୍ମ ପାଇଁ ଆଗ୍ରହୀ ଥିବା ଦମ୍ପତିଙ୍କୁ ଥାଇଲାଣ୍ଡ, ସିଙ୍ଗାପୁର ଓ ଦୁବାଇ ଭଳି ଦେଶକୁ ପଠାଇ ଦିଆଯାଉଛି, ଯେଉଁଠି ଲିଙ୍ଗ ଚୟନ ବେଆଇନ ନୁହେଁ। ଏଭଳି କାରନାମା କରୁଥିବା କେନ୍ଦ୍ରୀୟ ଦିଲ୍ଲୀର ଜଣେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ସ୍ନାତକଙ୍କ ଷ୍ଟାର୍ଟ-ଅପ୍ ଉପରେ ଚଢ଼ାଉ କରି ର୍‍ୟାକେଟର ପର୍ଦ୍ଦାଫାଶ କରିଛି ପୋଲିସ।

ମିଳିଥିବା ସୂଚନାନୁସାରେ ଦିଲ୍ଲୀର କରୋଲବାଗ୍‌ରେ 'ଏଲା ଓମ୍ୟାନ' ନାମରେ ଏକ କ୍ଲିନିକ ରହିଛି। ଉକ୍ତ କ୍ଲିନିକରେ ଲିଙ୍ଗ ନିରୂପଣ ସେବା ପ୍ରଦାନ କରାଯାଉଥିଲା। ସନ୍ତାନ ଜନ୍ମ ଦେବାକୁ ଚାହୁଁଥିବା ଦମ୍ପତିମାନଙ୍କୁ ଫୋନ୍ କରି ଆକର୍ଷିତ କରିବା ଲାଗି ସେଠାରେ ୩୦୦ କମ୍ପ୍ୟୁଟର ବ୍ୟବହାର କରାଯାଉଥିଲା। ଦେଖିବାକୁ ଗଲେ କ୍ଲିନିକକୁ ଏକ କଲ୍ ସେଣ୍ଟରରେ ପରିବର୍ତ୍ତିତ କରାଯାଇଥିଲା। ଉକ୍ତ କଲ୍ ସେଣ୍ଟରରୁ ୩୦୦ ଦମ୍ପତିଙ୍କୁ ଫୋନ୍ କରି ଆଇଭିଏଫ୍ ପଦ୍ଧତି ସମ୍ପର୍କରେ ବୁଝାଯାଉଥିଲା। ଯେଉଁମାନେ ରାଜି ହେଉଥିଲେ ସେମାନଙ୍କୁ ଥାଇଲାଣ୍ଡ, ସିଙ୍ଗାପୁର ଓ ଦୁବାଇକୁ ପଠାଯାଉଥିଲା। ସେମାନେ ସେଠାରେ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ କରାଉଥିଲେ। ପୁଅ ଥିଲେ ତାକୁ ଜନ୍ମ ହେବାକୁ ଦିଆଯାଉଥିଲା। ଗର୍ଭରେ ଝିଅ ଥିଲେ ତାକୁ ହତ୍ୟା କରାଯାଉଥିଲା। କଲ୍ ସେଣ୍ଟର ପକ୍ଷରୁ ଲିଙ୍ଗ ଚୟନ ପାଇଁ ବେଆଇନ ଭାବେ ସେବା ପ୍ରଦାନ କରାଯାଉଥିବା ନେଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଗୁପ୍ତ ସୂଚନା ମିଳିଥିଲା। ଫାନ୍ଦରେ ପଡ଼ିଥିବା ଏକ ଦମ୍ପତିକୁ ସେଣ୍ଟରକୁ ପଠାଯାଇଥିଲା। ସେମାନଙ୍କୁ ଦୁବାଇରେ ୧୫ ଦିନର ପ୍ୟାକେଜ ପାଇଁ ୮.୫ ଲକ୍ଷ ଟଙ୍କା ପଇଠ କରିବାକୁ କୁହାଯାଇଥିଲା। ବିଦେଶ ମାଟିରେ ପୁଅ ଜନ୍ମ କରାଇବାର ଗ୍ୟାରେଣ୍ଟି ବି ଦିଆଯାଇଥିଲା। ଦିଲ୍ଲୀର କେନ୍ଦ୍ରସ୍ଥଳରେ ଏଭଳି ଲିଙ୍ଗ ଚିହ୍ନଟ ର୍‍ୟାକେଟ ଚାଲୁଥିବା ନେଇ ଦମ୍ପତିଙ୍କ ଅଭିଯୋଗ ପରେ ଏକ କେନ୍ଦ୍ରୀୟ ନିରୀକ୍ଷକ ଟିମ୍ ସୋମବାର ସେଠାରେ ଚଢ଼ାଉ କରିଥିଲା। ଉକ୍ତ ଟିମ୍‌ରେ ଦିଲ୍ଲୀ ସ୍ୱାସ୍ଥ୍ୟ ବିଭାଗ, କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଓ ପୋଲିସ ଅଧିକାରୀମାନେ ସାମିଲ ଥିଲେ। ନ୍ୟାଶନାଲ ଇନ୍ସପେକ୍ସନ ଆଣ୍ଡ ମନିଟରିଂ କମିଟି (ଏନ୍‌ଆଇଏମ୍‌ସି) ନେତୃତ୍ୱରେ ସେମାନେ ସେଠାରେ ସୋମବାର ରାତି ପର୍ଯ୍ୟନ୍ତ ତନାଘନା କରିଥିଲେ। ଯାଞ୍ଚ ବେଳେ ଲେଟରହେଡ୍, ଜାଲ୍ ବିଲ୍, ଆଇଭିଏଫ୍ ବିଶେଷଜ୍ଞଙ୍କ ରିସିପ୍ଟ ବୁକ୍, କଲ୍ ସେଣ୍ଟର ଟିମ୍‌ର ଟ୍ରେନିଂ ମୋଡ୍ୟୁଲ ଏବଂ ଅନ୍‌ଲାଇନ୍‌ରେ କ୍ଲାଏଣ୍ଟମାନଙ୍କ ସହ କିପରି ବ୍ୟବହାର କରାଯିବ ସେନେଇ ଅନେକ ଆପତ୍ତିଜନକ ସାମଗ୍ରୀ ପାଇଥିଲେ। ଆଇଟି ସ୍ପେଶାଲିଷ୍ଟ ଓ ଫୋରେନ୍ସିକ୍ ସାଇନ୍ସ ଲାବରେଟୋରିର ଏକ ଟିମ୍ ସେଠାରୁ ଜବତ ଲାପ୍‌ଟପ୍ ଓ ଅନ୍ୟ ଉପକରଣଗୁଡ଼ିକରୁ ତଥ୍ୟ ହାସଲ ପାଇଁ ଉଦ୍ୟମ କରିଥିଲେ ବୋଲି ଦିଲ୍ଲୀ ସରକାରଙ୍କ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟର ମୁଖ୍ୟ ଡାକ୍ତର ନୂତନ ମୁଣ୍ଡେଜା ସୂଚନା ଦେଇଛନ୍ତି। ଜଣେ ଏନ୍‌ଆଇଏମ୍‌ସି ଅଧିକାରୀ ନିଜକୁ କ୍ଲାଏଣ୍ଟ ପରିଚୟ ଦେଇ 'ଏଲା ଓମ୍ୟାନ୍' ସହ ଯୋଗାଯୋଗ କରିଥିଲେ। ୧୦୦ ପ୍ରତିଶତ ପୁଅ ଜନ୍ମର ଗ୍ୟାରେଣ୍ଟି ଦେଉଥିବା ଏହି ପ୍ରକ୍ରିୟା ପାଇଁ ତାଙ୍କୁ କ'ଣ କରିବାକୁ ପଡ଼ିବ ସେନେଇ କମ୍ପାନୀର ଲୋକସମ୍ପର୍କ ଅଧିକାରୀ ତାଙ୍କୁ ବିଶଦ ଭାବେ ବୁଝାଇଦେଇଥିଲେ। ଅଧିକାରୀ ଜଣକ କହିଥିଲେ, ଭାରତରେ ଲିଙ୍ଗ ନିରୂପଣ ନିଷେଧ ହୋଇଥିବାରୁ ସେମାନେ ରେଜିଷ୍ଟ୍ରେଶନ୍ ଫି ବାବଦରେ ୧୦,୦୦୦ ଟଙ୍କା ନେଉଛନ୍ତି। ତା' ପରେ ବିଭିନ୍ନ ପ୍ୟାକେଜ୍ ଅନୁସାରେ ରୋଗୀଙ୍କୁ ଦୁବାଇ, ବ୍ୟାଙ୍କକ୍ ଓ ସିଙ୍ଗାପୁରକୁ ପଠାଉଛନ୍ତି। ସମ୍ପୃକ୍ତ ଅଧିକାରୀ ଏଥିରେ ରାଜି ହେବା ପରେ ଦୁବାଇରେ ☞ପୃଷ୍ଠା-୪

**ଆଇଭିଏଫ୍ ର୍‍ୟାକେଟର ପର୍ଦ୍ଦାଫାଶ**



- କ୍ଲିନିକ୍ ନାଁରେ ଚାଲିଥିଲା କଲ୍ ସେଣ୍ଟର
- ପୁଅ ଚାହୁଁଥିବା ଦମ୍ପତିଙ୍କୁ ଫୋନ୍ କରି ଫାନ୍ଦରେ ପକାଉଥିଲେ
- ଲକ୍ଷ ଲକ୍ଷ ଟଙ୍କା ନେଇ ବିଦେଶ ପଠାଉଥିଲେ
- ମିଳିତ ଅପରେଶନରେ ଧରାପଡ଼ିଲା ଖେଳ
- ୩୦୦ କମ୍ପ୍ୟୁଟର, ବହୁ ଆପତ୍ତିଜନକ ସାମଗ୍ରୀ ଓ ଦସ୍ତାବିଜ ଜବତ

# 'ମୋ ସରକାର' ଦେବ ଉନ୍ନତ ସେବା

- ଶୁଭାରମ୍ଭ କଲେ, ୯ ଲୋକଙ୍କ ସହ କଥାହେଲେ ମୁଖ୍ୟମନ୍ତ୍ରୀ
- ପ୍ରଥମ ପର୍ଯ୍ୟାୟରେ ୨୧ ଜିଲାରେ ଲାଗୁ ହେଲା
- ଆସନ୍ତା ୩୦ ତାରିଖ ସୁଦ୍ଧା ସବୁ ଜିଲାରେ କାର୍ଯ୍ୟକାରୀ ହେବ

ଭୁବନେଶ୍ୱର,୨।୧୦(ବ୍ୟୁରୋ)

ଥାନା ଓ ଡାକ୍ତରଖାନାରେ ମିଳୁଥିବା ସେବାକୁ ନେଇ ସର୍ବଦା ଲୋକଙ୍କ ମଧ୍ୟରେ ଅସନ୍ତୋଷ ରହୁଛି। ଅନେକ ସମୟରେ ଡାକ୍ତରଖାନା ଓ ଥାନା କର୍ମଚାରୀମାନେ ଜନସାଧାରଣଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଆସୁଛି। ଏଭଳି ସ୍ଥିତିରେ ପରିବର୍ତ୍ତନ ଆଣି ଉନ୍ନତ ସେବା ଯୋଗାଇବାକୁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏଣିକି ଥାନା ଓ ଡାକ୍ତରଖାନା ଆସୁଥିବା ଲୋକଙ୍କ ସହ ସିଧାସଳଖ ଫୋନ୍‌ରେ କଥାହେବେ ସଚିବଙ୍କଠାରୁ ଆରମ୍ଭ କରି ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ। ଏପରି ମହତ୍ ଲକ୍ଷ୍ୟ ନେଇ ବୁଧବାରଠାରୁ ଆରମ୍ଭ ହୋଇଛି 'ମୋ ସରକାର' ଯୋଜନା। ଅପରାହ୍ଣରେ କ୍ୟାପିଟାଲ ହସ୍ପିଟାଲ ଓ ଶହୀଦନଗର ଥାନାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମର ଆରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୯ ଜଣ ସାଧାରଣ ଲୋକଙ୍କ ସହ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱାସ୍ଥ୍ୟ ସେବା ବିଷୟରେ ମୁଁ ଆଜି ରୋଗୀ ଓ ଅଭିଯୋଗକାରୀଙ୍କ ସହ କଥା ହେଲି। ଆଲୋଚନା ସନ୍ତୋଷଜନକ ଥିଲା।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ ମେହେର୍ଦ୍ଦା ମଧ୍ୟ କେତେଜଣ ରୋଗୀଙ୍କ ସହ ସିଧାସଳଖ ଫୋନ୍‌ରେ କଥା ହୋଇଥିଲେ। ଡାକ୍ତରଖାନାରେ ସେମାନେ କିଭଳି ଭଲ ବ୍ୟବହାର ଓ ଚିକିତ୍ସା ପାଇବେ ତାହା ବୁଝାଇଥିଲେ। ସେହିଭଳି ଡାକ୍ତରମାନେ ହଇରାଣ କରିବେ ନାହିଁ କିମ୍ବା ଲାଞ୍ଚ ମାଗିବେ ନାହିଁ। ଔଷଧ ଓ ବିଭିନ୍ନ ☞ପୃଷ୍ଠା-୪



ଭୁବନେଶ୍ୱର ଶହୀଦନଗର ଥାନାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ମୋ ସରକାର' ଯୋଜନା ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

**ଆଜିର ସମ୍ପାଦକୀୟ**

**ଉଦ୍ଭିଦର ଇନ୍ଦ୍ରିୟ**

**ଆଜିର ମନ୍ତବ୍ୟ**

" ଗାନ୍ଧିଜୀଙ୍କ କଳ୍ପିତ ଭାରତରେ ସମ୍ବିଧାନ ଉପରେ ଆକ୍ରମଣ କରାଯାଉଛି।

-ସୀତାରାମ ୟେଚୁରୀ, ସିପିଏମ୍ ସାଧାରଣ ସମ୍ପାଦକ

## ନିଲାମ ହେବ ଓଡ଼ିଶାର ୭ ଖଣିଜ ବ୍ଲକ

ନୂଆଦିଲ୍ଲୀ,୨।୧୦

ଓଡ଼ିଶାର ୭ ଖଣିଜ ବ୍ଲକର ନିଲାମ କରାଯିବ। ଚଳିତ ମାସ ୨୨ଠାରୁ ନଭେମ୍ବର ୧ ମଧ୍ୟରେ ଏହାର ନିଲାମ କାର୍ଯ୍ୟ ଶେଷ କରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ବ୍ଲକଗୁଡିକରେ ୧୪୮.୦୧୧ ନିୟୁତ ଟନ୍ ଖଣିଜ ସମ୍ପଦ ରହିଛି। ବ୍ଲକଗୁଡିକ ମଧ୍ୟରେ ୪ ଚୂନପଥର, ୨ କ୍ରୋମାଇଟ ଏବଂ ଗୋଟିଏ ଗ୍ରାଫାଇଟ ଖଣି ସାମିଲ ରହିଥିବା ଖଣି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ନିୟମ ମୁତାବକ ଫାଷ୍ଟ କମ୍ ଫାଷ୍ଟ ସର୍ଭ ଭିତ୍ତିରେ ଲିଜ୍ ପ୍ରଦାନ ଲାଗି ବ୍ୟବସ୍ଥା କରାଯିବ ନାହିଁ ବୋଲି ଗତ ମାସରେ କେନ୍ଦ୍ର ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଥିଲେ। ନିୟମ ଅନୁସାରେ ଖଣିଗୁଡିକର ନିଲାମ ହେବ ବୋଲି ସେ ଜୋର ଦେଇଥିଲେ। ଫେଡେରେଶନ ଅଫ ଇଣ୍ଡିଆନ ମିନେରାଲ ଇଣ୍ଡଷ୍ଟ୍ରିଜ( ଫିମି) ପକ୍ଷରୁ ପୁରୁଣା ପ୍ରଣାଳୀ ଲାଗୁ କରାଇବା ନେଇ ଆଲୋଚନା ହେବା ପରେ ସରକାର ନିଲାମ ନିୟମ ନେଇ ଏଭଳି ସ୍ପଷ୍ଟୀକରଣ ରଖିଛନ୍ତି। ସରକାରଙ୍କ ଏହି ପକ୍ଷକୁ ଆଧାରରେ ଖଣି ସଚିବ ଅନିଲ ମୋକିମ କହିଛନ୍ତି, ଖଣି ନିଲାମ ଏକ ସ୍ୱଚ୍ଛ ଧାରା। ଏହି ଧାରାକୁ ଆଗେଇ ନେବା ଲାଗି ରାଜ୍ୟ ସରକାରଗୁଡିକ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ୬୫ ଖଣି ନିଲାମ ହୋଇ ସାରିଥିବା ବେଳେ ଏଗୁଡିକ ମଧ୍ୟରୁ ୯ଟି କାର୍ଯ୍ୟକ୍ଷମ ହୋଇଥିବା ମନ୍ତ୍ରଣାଳୟ ପ୍ରକାଶ କରିଛି।








NECC NATIONAL EGG CO-ORDINATION COMMITTEE 02.10.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 64 | 111 | 121 |
| CTC | 62 | 109 | 119 |
| DKL | 61 | 107 | 117 |
| BDK | 60 | 106 | 116 |
| BLS | 60 | 106 | 116 |
| ANG | 62 | 109 | 119 |
| BHM | 60 | 106 | 116 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers



"M B"

Great Eastern™
The Trusted One

# ଆଣନ୍ତୁ ଘରକୁ ଉତ୍ସବ ଗ୍ରେଟ ଇଷ୍ଟର୍ଣ୍ଣ ସହ




**Free Gifts** with every purchase*: Mixi | Head Phones | Travel Bag | Mobile Phone | Electric Kettle | BT Speaker | Iron | 2.1 Speaker | Micro Oven

STORES OPEN 10 AM TO 10 PM | SEE EXPERIENCE AND THEN BUY | FREE HOME DELIVERY UPTO 100 KMS

FESTIVE COMBO — 32(80cm) LED WITH 565L SIDE BY SIDE REFRIGERATOR — 54% OFF — MRP ₹119990 — Festive Price ₹55000 — Net Savings ₹64990

55(140cm) SAMSUNG UA55NU7100 — 44% OFF — Free BT Speaker @ ₹6990/- — NETFLIX|HOTSTAR|YOUTUBE, ULTRA HD (4K), 20 W, 100 HZ — CASH BACK ₹4500 — MRP ₹109900 — Festive Price ₹61000* — Net Savings ₹48900

55(140cm) LG 55UK6360 — 36% OFF — Free BT Headset Worth @ ₹2999/- — 4K UHD IPS DISPLAY, MAGIC REMOTE, DTS — CASH BACK ₹4200 — MRP ₹84990 — Festive Price ₹55990 — Net Savings ₹29000

55(140cm) Haier LE55B9500U — 31% OFF — Free BT Speaker @ ₹6990/- — 20 W, 100 HZ — CASH BACK ₹3200 — MRP ₹59990 — Festive Price ₹42500 — Net Savings ₹17490

49(124cm) Panasonic 49FX650D — 53% OFF — Free BT Speaker @ ₹6990/- — 4K, HEXACHROME DRIVE, HDR, NETFLIX PRIME — CASH BACK ₹4350 — MRP ₹109900 — Festive Price ₹57990 — Net Savings ₹51910

43(109cm) Skyworth 43M20 — 33% OFF — Free 2.1 Speakers @ ₹5990/- — FULL HD IPS, SMART QUADCORE, DTS — CASH BACK ₹1500 — MRP ₹30000 — Festive Price ₹20000 — Net Savings ₹10000

32(80cm) TCL 32S6500S — 56% OFF — 3 YEARS WARRANTY — NETFLIX|HOTSTAR|YOUTUBE, ANDROID TV, HDMI 2, USB 1 — MRP ₹29990 — Festive Price ₹12990 — Net Savings ₹17000

40(99cm) Haier LE40K6500 — 37% OFF — Free 2.1 Speakers @ ₹5990/- — FULL HD, SMART TV, HDMI X 2, USB X1 — MRP ₹40990 — Festive Price ₹26000 — Net Savings ₹14990

32(80cm) innotrics — 53% OFF — IPS PANEL, HDMI X 2, USB X 2, AV X 2, PC 1, 365 DAYS REPLACEMENT WARRANTY — MRP ₹16990 — Festive Price ₹7990* — Net Savings ₹9000

INVERTER SPLIT AC — 45% OFF — CASH BACK ₹2250 — Festive Price starting from ₹30000 — Net Savings ₹24500

REFRIGERATORS — 30% OFF — FREE Headphone, MWO, MIXI — Festive Price starting from ₹12700 — Net Savings ₹6130

WASHING MACHINE — 24% OFF — FREE IRON, ELECTRIC KETTLE, FLASK — Festive Price starting from ₹8590 — Net Savings ₹2710

MICRO OVEN — 25% OFF — FREE BOWL SET, BAG, FLASK — Festive Price starting from ₹9670 — Net Savings ₹3230

WATER PURIFIERS — 14% OFF — FREE TAWA SET, BAG — Festive Price starting from ₹9499 — Net Savings ₹1500

DSLR D3500 — 17% OFF — 24MP | 25600 ISO | FULL HD MOVIE — CASH BACK ₹2250 — MRP ₹36250 — Festive Price ₹30000 — Net Savings ₹6250

KITCHEN CHIMNEY — 38% OFF — FREE BAG — Festive Price starting from ₹8490 — Net Savings ₹2000

One Box Music system — FREE BAG — MRP ₹17990 — Festive Price starting from ₹13200 — Net Savings ₹4800

VACUUM CLEANER — FREE BAG — MRP ₹3299 — Festive Price starting from ₹2500 — Net Savings ₹800

FESTIVE COMBI — 3 jar mixer grinder, Sandwich toaster, Iron — Festive Price ₹2590

*T&C - Pictures are indicative. Offer & Free Gift applicable on selected models and brands. Offer valid till stocks last.

FESTIVE TREATS — HDFC BANK
**Buy with EASY EMI**
Get 10% Cashback on Debit Cards | 10X Reward Points on Credit Cards
Additional up to 10% CashBack on select brands

SAMSUNG upto 15% CASH BACK ON — ICICI Bank, HDFC BANK, AXIS BANK
LG upto 10% CASH BACK ON — ICICI Bank, HDFC BANK, AXIS BANK
HITACHI upto 10% CASH BACK ON — AXIS BANK
Panasonic upto 10% CASH BACK ON — ICICI Bank, HDFC BANK, AXIS BANK
BAJAJ FINSERV EMI upto ₹9500* GIFT VOUCHER

Free home delivery within 100 Kms* | Extended warranty across products* | Free in-home installation & demo* | Best exchange value*

Great Eastern™ RETAIL — 59 STORES ACROSS INDIA — GreatEasternRetail — crm@geapl.in — 6290824380 — www.greateastern.co.in

UPTO 7.5% EXTRA CASHBACK* — SBI card
*Min. Trxn.: ₹20,000; Max. Cashback: ₹4,500 per card account. Also valid on EMI Trxns. Validity: 22 Sep – 31 Oct '19. T&C Apply.

**BALASORE** Vivekananda Marg, Beside City Life ✆ 629 190 5174

BHUBANESHWAR Bapuji Nagar Near Bazar Kolkata ✆ 629 190 5175 | Patia Near Big Bazar ✆ 629 190 5170 CUTTACK Badambadi In front of Palamandap ✆ 629 190 5172 CDA Sector VI ✆ 629 190 5173
BERHAMPUR Bada Bazar In front of Ganesh Market ✆ 629 190 5171 ROURKELA Bisra Road Opposite Hotel Brindaban ✆ 629 190 5176 JAJPUR Kamal Bhawan Chorda Bypass, Jajpur Road ✆ 629 190 5177

ODISHA | WEST BENGAL | ANDHRA PRADESH | RAJASTHAN | UTTAR PRADESH

virtual frame




■ ଯୁକ୍ତ ୨ ନାମଲେଖାରେ ଅନିୟମିତତା ପ୍ରସଙ୍ଗ

# ଅସୁବିଧାରେ ପକାଯାଇଥିବା ପିଲାଙ୍କ ତାଲିକା ସଂଗ୍ରହ

■ ମନ୍ତ୍ରୀଙ୍କ ତାଗିଦ୍ ପରେ ବଢ଼ିଲା ତତ୍ପରତା

■ ଏତେବଡ଼ ଭୁଲ୍ ପରେ କାର୍ଯ୍ୟାନୁଷ୍ଠାନ ନ ହେବା ନେଇ ଉଠୁଛି ପ୍ରଶ୍ନ

ଭୁବନେଶ୍ୱର,୨।୧୦(ବ୍ୟୁରୋ)

ସାଏମ୍ଏସ(ଷ୍ଟୁଡେଣ୍ଟ ଏକାଡେମିକ ମ୍ୟାନେଜମେଣ୍ଟ ସିଷ୍ଟମ୍) ପକ୍ଷରୁ ଯୁକ୍ତ୨ ନାମ ଲେଖାରେ ହୋଇଥିବା ଅନିୟମିତତା ଘଟଣାର ସମାଧାନ କରିବା ପାଇଁ ତତ୍ପରତା ପ୍ରକାଶ ପାଇଛି। ଉପରକୁ ସାଏମ୍ଏସ କର୍ତ୍ତୃପକ୍ଷ ଦୋଷ ଲୁଚାଉଥିବା ବେଳେ ଭିତରେ ଅସୁବିଧାରେ ପଡିଥିବା ଛାତ୍ରୀଛାତ୍ରଙ୍କ ସମସ୍ୟା ଦୂର କରିବା ପାଇଁ ଲାଗିପଡିଛନ୍ତି। ବୁଧବାର ଗାନ୍ଧୀ ଜୟନ୍ତୀରେ ଛୁଟି ଥିବା ସତ୍ତ୍ୱେ ସାଏମ୍ଏସ ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ ଅଫିସର ଇନଚାର୍ଜ ଭାଗୀରଥି କାଣ୍ଡି ତ୍ରୁଟି ଯୋଗୁ ଅସୁବିଧାରେ ପଡିଥିବା ଛାତ୍ରୀଛାତ୍ରମାନଙ୍କ ତାଲିକା କଲେଜ ଗୁଡିକରୁ ସଂଗ୍ରହ କରିଥିବା ଜଣାପଡିଛି। କେମିତି ଏହି ଦୋଷତ୍ରୁଟିକୁ ସମାଧାନ କରିବେ ସେନେଇ କାଣ୍ଡି ପୂରା ତତ୍ପର ଥିବା କେତେଜଣ କଲେଜ କର୍ତ୍ତୃପକ୍ଷ କହିଛନ୍ତି। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକ ସୁନ୍ଦରଲାଲ ସିଲ୍ ମଧ୍ୟ ତାଙ୍କୁ ବାରମ୍ବାର ଟେଲିଫୋନ କରି ପରିସ୍ଥିତି ସମ୍ପର୍କରେ ବୁଝୁଥିବା ଜଣାପଡିଛି। ଗତ ୨୯ ତାରିଖରେ ଏନେଇ ଧରିତ୍ରୀରେ ଏକ ଖବର ପ୍ରକାଶିତ ହୋଇଥିଲା। ରାଜ୍ୟର ଅଧିକାଂଶ କଲେଜରେ ଯୁକ୍ତ୨ ପିଲାଙ୍କ ନାମ ଲେଖାଯିବା ପରେ ପରବର୍ତ୍ତୀ ସମୟରେ ସେମାନଙ୍କୁ ଟଙ୍କା ଫେରାଇ ନେବାକୁ କୁହାଯାଇଥିଲା। ସାଏମ୍ଏସର ଭୁଲ୍ ଯୋଗୁ ପିଲାମାନଙ୍କ ଭବିଷ୍ୟତ ସହ ଖେଳିବାର ଏକ ଷଡଯନ୍ତ୍ର କରିଦିଆଯାଇଥିଲା। ଏନେଇ ଧରିତ୍ରୀ ହାତରେ କିଛି ତଥ୍ୟ ଲାଗିବା ପରେ ପୂରା ଘଟଣା ଜଣାପଡିଥିଲା। ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଉଭୟ ସିଲ୍ ଏବଂ କାଣ୍ଡିଙ୍କୁ ବିଭାଗୀୟ ମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଫୋନ୍ କରି ଘଟଣା ସମ୍ପର୍କରେ ପଚରାଯିବା ସହ ତାଗିଦ କରାଯାଇଥିଲା। ଏହାର ଦିନକ ପରେ ଅର୍ଥାତ୍ ୧ ତାରିଖ ଦିନ ଖୋଦ୍ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଭୟଙ୍କୁ ପୁନର୍ବାର ଡକାଇ ତାଗିଦ କରିଥିବା ତାଙ୍କ କାର୍ଯ୍ୟାଳୟ ତରଫରୁ ସୂଚନା ମିଳିଥିଲା। ଘଟଣାକୁ ତୁରନ୍ତ ସମାଧାନ କରିବା ପାଇଁ ମନ୍ତ୍ରୀ ସେମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର କେତେଜଣ କଲେଜ ଅଧ୍ୟାପକଙ୍କ କହିବା କଥା ହେଲା, ଯଦି ଆମେ ଗୋଟିଏ ପିଲାର ନାମ ଲେଖାଇବା ବେଳେ ସାମାନ୍ୟ ଭୁଲ୍ କରିଦେଉଛୁ ସେହି ଜାଗାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ମାତ୍ର ସାଏମ୍ଏସ ପକ୍ଷରୁ ଏତେବଡ ଘଟଣା ଘଟିଯିବା ପରେ ମଧ୍ୟ କାହିଁକି କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ ତାହା ଜଣାପଡୁନାହିଁ। ଏହା ପଛରେ ନିଶ୍ଚିତଭାବେ କିଛି ବଡ ରହସ୍ୟ ଲୁଚି ରହିଥିବା ସେମାନେ ସନ୍ଦେହ କରୁଛନ୍ତି। ତେବେ କେତେଜଣ ଅଭିଭାବକ କହିଛନ୍ତି, ଏଥିରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ୫-ଟି କଥା କହୁଛନ୍ତି ତାହା ଏହି ସ୍ଥାନରେ ମଧ୍ୟ କାର୍ଯ୍ୟକାରୀ ହେବାର ଆବଶ୍ୟକତା ଥିବା ସେମାନେ ଦାବି କରିଛନ୍ତି।

■ କିଟ୍‌ରେ ୩୯ତମ ବିଶ୍ୱ କବି ସମ୍ମିଳନୀ ଉଦ୍‌ଘାଟିତ

# ପରିବର୍ତ୍ତନରେ କବିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨।୧୦(ବ୍ୟୁରୋ)

କବିତା ମାଧ୍ୟମରେ ସମାଜରେ ପରିବର୍ତ୍ତନ ଆସିପାରେ। ଜାତିସଂଘର ମୁଖ୍ୟାଳୟ କାନ୍ଥରେ ଖୋଦେଇ ହୋଇଥିବା ଊନବିଂଶ ଶତାବ୍ଦୀର କବି ଭୀମ ଭୋଇଙ୍କ 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ' କବିତା ଆଜି ସାରା ବିଶ୍ୱକୁ ପ୍ରଭାବିତ କରିଛି। ଓଡ଼ିଶା ସଂସ୍କୃତିର ଗନ୍ତାଘର ହୋଇଥିବାବେଳେ କାବ୍ୟ କବିତାରେ ଓଡ଼ିଶାର ଏକ ଉଚ୍ଚ ପରମ୍ପରା ରହିଛି। ସାରଳା ଦାସଙ୍କଠାରୁ ଆରମ୍ଭ କରି ଜଗନ୍ନାଥ ଦାସ, ଭୀମ ଭୋଇଙ୍କ ଠାରୁ ଆରମ୍ଭ କରି ବଳଦେବ ରଥ, ଗଙ୍ଗାଧର ମେହେରଙ୍କଠାରୁ ରାଧାନାଥ ରାୟ, ମାୟାଧର ମାନସିଂହ ଏବଂ କୁନ୍ତଳା କୁମାରୀ ସାବତଙ୍କଠାରୁ ଆରମ୍ଭ କରି ସଚ୍ଚି ରାଉତରାୟଙ୍କ ପର୍ଯ୍ୟନ୍ତ ଆମର ମହାନ୍ କବିମାନେ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଏହି ମହାନାୟକଙ୍କ କବିତା ଆଜି ସାମାଜିକ ପରିବର୍ତ୍ତନ ଆଣିବାରେ ସହାୟକ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। କିଟ୍‌ରେ ଅନୁଷ୍ଠିତ ୩୯ତମ 'ବିଶ୍ୱ କବି ସମ୍ମିଳନୀ'କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଗାନ୍ଧିଜୀଙ୍କ ଶାନ୍ତି ଓ ଅହିଂସା ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ କବିମାନଙ୍କୁ ଆହ୍ୱାନ କରିଥିଲେ।

ସମ୍ମିଳନୀରେ ଅନ୍ୟତମ ଅତିଥିଭାବେ ଯୋଗଦେଇ ଇଣ୍ଡିଆନ୍ କାଉନ୍‌ସିଲ ଫର୍ କଲଚରାଲ୍ ରିଲେଶନ୍‌ସର ମହାନିର୍ଦ୍ଦେଶକ ଅଖିଳେଶ ମିଶ୍ର କହିଥିଲେ, ବିଶ୍ୱରେ ଶାନ୍ତି ଓ ଭ୍ରାତୃତ୍ୱଭାବ ସୃଷ୍ଟି କରି କବିତା ଆମକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିପାରେ। କବିତା ଏକ ସମ୍ପର୍କର ସେତୁ। ଭାରତୀୟ କବିତା ବହୁ ପ୍ରାଚୀନ ହୋଇଥିବାବେଳେ ଋଗ୍‌ବେଦ ସବୁଠାରୁ ପ୍ରାଚୀନ କବିତା ବୋଲି ସେ କହିଥିଲେ। ବିଶ୍ୱ କବି ସମ୍ମିଳନୀର ପ୍ରଥମ ଉପସଭାପତି ଡ. ଅର୍ନଷ୍ଟ କାହାନ ଏହି ସମ୍ମିଳନୀର କଳେବର ଓ ମାନ ଦିନକୁ ଦିନ ବୃଦ୍ଧି ପାଉଥିବା କହିଥିଲେ। କବିତା ମାଧ୍ୟମରେ ବିଶ୍ୱ ଭ୍ରାତୃଭାବ ଓ ଶାନ୍ତି ପ୍ରତିଷ୍ଠା କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ସେ କହିଥିଲେ। ବିଶ୍ୱ କବି ସମ୍ମିଳନୀର ସଭାପତି ଡ. ମଉରସ ୟଙ୍ଗ୍ ଭାରତ ହେଉଛି କବିତାର ଭୂମି ବୋଲି କହିଥିଲେ। ୩୯ତମ ବିଶ୍ୱ କବି ସମ୍ମିଳନୀର ସଭାପତି ଅଚ୍ୟୁତ ସାମନ୍ତ ଏହି ଅବସରରେ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ୱାର୍ଲଡ୍ ଏକାଡେମୀ ଅଫ୍ ଆର୍ଟସ ଆଣ୍ଡ୍ କଲଚର ସାଧାରଣ ସଂପାଦିକା ଡ. ମାରିଆ ଇଉଜେନିଆ ସୋବେରାନିସ୍ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଶ୍ୱ କବି ସମ୍ମିଳନୀ ପକ୍ଷରୁ ବିଶିଷ୍ଟ ସାହିତ୍ୟିକ ତଥା କବି ପଦ୍ମଭୂଷଣ ରସ୍କିନ୍ ବଣ୍ଡ୍, ବିଶିଷ୍ଟ ଚିତ୍ରକର ଗଣେଶ ହାଲୋଇଙ୍କୁ ସମ୍ମାନସୂଚକ ଡିଲିଟ୍ ପ୍ରଦାନ କରାଯାଇଥିବାବେଳେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକଙ୍କୁ ସମ୍ମାନସୂଚକ ଡିପ୍ଲୋମା ପ୍ରଦାନ କରାଯାଇଥିଲା। ଗାନ୍ଧୀବାଦୀ ତଥା ନୃତତ୍ତ୍ୱବିତ୍ ଆଚାର୍ଯ୍ୟ ଭାବାନନ୍ଦଙ୍କୁ ସାହିତ୍ୟ ପାଇଁ ଗାନ୍ଧୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ୮୨ ଦେଶର କବି ପ୍ରତିନିଧିମାନେ କିଟ୍ ପରିସରରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଅନାବରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ କିସ୍‌ରେ 'କରମ୍‌ଚାନ୍ଦ' ଗାନ୍ଧୀ ପାଠାଗାର ଲୋକାର୍ପଣ କରାଯାଇଥିଲା।



ବିଶ୍ୱ କବି ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି।


ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ନିମନ୍ତ୍ରିତ ଅତିଥିମାନେ।




Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^Offer starts 29th September 2019 & is for limited period only. *Exchange benefit or Festive Cash benefit is applicable on specific models only & both cannot be clubbed. #Finance scheme is at the sole discretion of the Financier subject to its respective T&Cs. ##Additional benefit of ₹2100/- on Service & GoodLife on paying ₹399/-. **Paytm's offer is subject to their applicable terms & conditions. For more details, please contact your nearest Authorized Hero Outlet. ^As per cumulative dispatch numbers till 15th September 2019. ^^Terms and Conditions apply.

HeroMotoCorpIndia | @HeroMotoCorp | HeroMotoCorpLimited | TheHeroMotoCorp | heromotocorp.com

**Authorised Dealers: Bhubaneswar:** Rohan Hero - 7799766422; Bharat Hero - 7799766378; DD Hero - 7799566329; **Balasore**: Neelam Hero - 7799766393; **Baripada:** Aditya Hero - 7799766370; **Bhadrak:** Sanjib Hero - 7799766380; **Chandikhol:** S. K. Hero - 7799766362; **Cuttack:** JMG Hero - 7799766366, Sunny Hero - 7799766401, Essen Hero - 7799766425; **Jagatsinghpur:** Trishul Hero - 7799766383; **Jajpur Road:** Soumik Hero - 7799766410; **Jaleswar:** Sai Hero - 7799766407; **Jatni:** Vishal Hero - 7799766398; **Keonjhar:** Supreme Hero - 7799766360; **Nayagarh:** Bhagabati Hero - 7799766417; **Puri:** Sanjib Hero- 8448389695; **Behrampur:** Lakshmi Hero - 7799766350; **Jeypore:** Supreme Hero - 7799766340; **Phulbani:** Narayani Hero - 7799766373; **Raygada** Ajit Hero - 7799766358; **Bargarh:** Aakash Hero - 7799766396; **Bhawanipatna:** Arundhati Hero - 7799766385; **Bolangir:** Arundhati Hero - 7799766327; **Jharsuguda:** Vijaylaxmi Hero - 7799766368; **Rourkela:** Dua Hero -7799766391; **Sambalpur:** Sri Shyam Hero - 7799766356; **Sonepur:** Jai Jawan Hero - 7799766419; **Sundergarh:** Robotech Hero: 8448183659; **Angul:** Parbati Hero - 7799766342; **Dhenkanal:** Som Hero - 7799766347; **Talcher:** Tarini Hero - 7799766374.

JWT.5726.2019ODI

ଧରିତ୍ରୀ
DHARITRI
ଗୁରୁବାର, ୩ ଅକ୍ଟୋବର, ୨୦୧୯

**କିଛି ତଥ୍ୟ**
ବୁଧବାର ଆରମ୍ଭ ହୋଇଥିବା ଡକ୍ୟୁମେଣ୍ଟେଶନ ଆଇଡେଣ୍ଟିଫିକେଶନ ନମ୍ବର (ଡିନ) ସିଷ୍ଟମରେ ୧୭,୫୦୦ ନମ୍ବର ଜେନେରେଟ୍ ହୋଇଛି। – **ସିବିଡିଟି**



## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ପ୍ରିନ୍ସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




ଭୁବନେଶ୍ୱରର ପୂଜା ପ୍ରସ୍ତୁତି
ଦେଖନ୍ତୁ ଭିଡିଓ
YouTube /dharitrilive

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଜଗନ୍ନାଥ ପ୍ରସାଦ ପଣ୍ଡା


ଦୀପାଞ୍ଜଳି ପଣ୍ଡା

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଅଷ୍ଟମସ୍ଥ ଚନ୍ଦ୍ରଙ୍କ ସହ ବୃହସ୍ପତିଙ୍କ ସମ୍ପର୍କ ଆପଣଙ୍କୁ ଅର୍ଥ, ସମ୍ମାନ ଦାନରେ କୁଣ୍ଠା ପ୍ରକାଶ କରିବେ ନାହିଁ। ଗତକାଲିର ଯୋଜନା ମୁତାବକ କାମରେ ଲାଗିପଡ଼ନ୍ତୁ, ଅବଶ୍ୟ ଟେନସନ୍ କିଛିମାତ୍ରାରେ କମିଯିବ। ନିଜ ଲୋକମାନଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ସଭାସମିତି, ସଙ୍ଗଠନ, ରାଜନୀତି କ୍ଷେତ୍ରରେ ଉନ୍ନତମାନର ସୁଫଳ ପାଇବେ।

**ବୃଷ**
ବୁଧ ଷଷ୍ଠଭାବସ୍ଥ ଯୋଗୁ ଯେକୌଣସି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିପାରିଲେ ଭଲ। ବନ୍ଧୁବର୍ଗଙ୍କ ସକାଶେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବାର ଅପଚେଷ୍ଟା କରି ଧରାପଡ଼ିଯାଇପାରନ୍ତି।

**ମିଥୁନ**
ରାହୁ ରାଶିରେ ଅବସ୍ଥାନ କରିଥିବାରୁ ପରିସ୍ଥିତିକୁ ଆଖିଆଗରେ ରଖି ଯେସାକୁ ତେସା ନୀତିରେ କାମ କରିବାକୁ ମନସ୍ଥ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟରେ ଉନ୍ନତି କରିବେ କିନ୍ତୁ ଋଣ ପରିଶୋଧର ମାର୍ଗ ଉନ୍ମୁକ୍ତ ହୋଇପାରିବ ନାହିଁ। କଳା, ସାହିତ୍ୟ, ପ୍ରଶାସନିକ ସ୍ତରରେ ଏପରି କି ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**କର୍କଟ**
ଆଜିର ଚନ୍ଦ୍ର ଷଷ୍ଠାଧିପତିଙ୍କ ସହ ସଂଯୁକ୍ତ କାରଣରୁ ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ନ ଘଟିଲେ ମଧ୍ୟ ଭାଗ୍ୟାଧିପତି ହେତୁ ଅସୁବିଧା ହେବନି। ଆନୁଷ୍ଠାନିକ କାମ, ବନ୍ଧୁ ସମ୍ପର୍କ, କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଭୁଲ୍ ବୁଝାମଣା ଓ ସନ୍ଦେହ ଜନିତ ପାରିବାରିକ ସମସ୍ୟା ଗୁରୁତର ହୋଇପାରେ।

**ସିଂହ**
ରବିଙ୍କ ଦୁର୍ବଳତା ଆପଣଙ୍କ ଦୁର୍ବଳ ସ୍ୱାସ୍ଥ୍ୟକୁ ନିର୍ଦ୍ଦେଶିତ କରୁଥିଲେ ମଧ୍ୟ ଅନ୍ୟମାନଙ୍କ ସହାୟତାରେ ଆଶା ପୂରଣ ହୋଇପାରିବ। ଦୀର୍ଘଦିନ ହେଲା ଯେତେ ଚେଷ୍ଟା କଲେ ମଧ୍ୟ ଆର୍ଥିକ ସ୍ୱଚ୍ଛଳତା ନ ରହିବା କାରଣରୁ ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ନୀଚସ୍ଥ ଶୁକ୍ର ପ୍ରଭାବରେ ଯାହା କଲେ ମଧ୍ୟ ସୁଫଳ ମିଳିବ ନାହିଁ।

**କନ୍ୟା**
ମୁଖଭାବସ୍ଥ ବୁଧ ଆପଣଙ୍କୁ ପ୍ରଭାବଶାଳୀ କଥା ମାଧ୍ୟମରେ ସମସ୍ୟା ସମାଧାନ ଦିଗରେ ଅନୁଧାବିତ କରିପାରନ୍ତି। ପାରିବାରିକ ଜୀବନରେ ଉଚିତ ବୁଝାମଣା ହୋଇପାରେ। ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ କିନ୍ତୁ ନିର୍ଦ୍ଦିଷ୍ଟ ସମୟରେ ଦୂରେଇ ରହିଯିବାର ସୂଚନା ରହିଛି। ଆତ୍ମୀୟସ୍ୱଜନଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତା ବଢ଼ିପାରେ।

**ତୁଳା**
ଆଜିର ଅନୁକୂଳ ଗ୍ରହସ୍ଥିତି ଆପଣଙ୍କୁ ଆର୍ଥିକ ଅଭିବୃଦ୍ଧି, ସାମାଜିକ ସମ୍ମାନ ସହ କାର୍ଯ୍ୟସିଦ୍ଧିର ସୂଚନା ପ୍ରଦାନ କରେ। ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡ଼ିପାରନ୍ତି। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ କିନ୍ତୁ ସଭାସମିତିରେ ଯୋଗଦେଇ ଲାଭବାନ ହେବେ। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ।

**ବିଛା**
ରାଶିରେ ଗୁରୁଚାନ୍ଦ୍ରୀ ଯୋଗ ଆପଣଙ୍କ ସମସ୍ତ ସୁଖ, ସୁବିଧା ସହ ଅଭିଳାଷ ପୂରଣ କରିବାରେ ସାହାଯ୍ୟ କରିବ। ଶନିଙ୍କ କୁପ୍ରଭାବରୁ ନିଜ ଅବହେଳାରୁ ହାତମୁଠାରୁ କେତେକ ସୁଯୋଗ ଖସିଯାଇପାରେ। କେତେକ କ୍ଷେତ୍ରରେ ମନକଥା ମନରେ ମାରି ରହିବେ, ମୁହଁ ଖୋଲିବାର ରାସ୍ତା ପାଇବେ ନାହିଁ। ଅବଶ୍ୟ ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ।

**ଧନୁ**
ଶନିଙ୍କ ପ୍ରଭାବରୁ ପ୍ରତ୍ୟେକ କାର୍ଯ୍ୟ ବିଳମ୍ବରେ ସମ୍ପନ୍ନ ହେବ। କିନ୍ତୁ ଆଜି ପୂର୍ବାଷାଢ଼ା ନକ୍ଷତ୍ର ସ୍ଥଗିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ଏବଂ ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରି ସଫଳତା ପାଇବେ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ। ମାତ୍ର ଦେହ ଭଲ ରହିଲେ ମଧ୍ୟ ରକ୍ତଚାପ କିମ୍ବା ଡାଇବେଟିସ୍ ରୋଗରେ କଷ୍ଟ ପାଇପାରନ୍ତି।

**ମକର**
ସମସ୍ତ ଗ୍ରହ ଏକପାଖିଆ ରହିଥିବାରୁ କୌଣସି କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇ ନ ପାରେ। ଭାରସାମ୍ୟ ଅଭାବରୁ ଆଜି ଯେତେ ସୁବିଧାରେ ଚଳିବା ପାଇଁ ଚେଷ୍ଟା କଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବା ଅନୁଭବ କରିବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**କୁମ୍ଭ**
ଶନିଙ୍କ ଶୁଭଦୃଷ୍ଟିରୁ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ବିଚାରଧାରା ଠିକ୍ ରହି ନ ପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ ତଥାପି ନିକଟସ୍ଥ ବନ୍ଧୁମାନେ ଖୁସି ହେବନାହିଁ। ଭ୍ରମଣହେତୁକ କ୍ଳାନ୍ତି ଦେଖାଦେଇପାରେ ଫଳତଃ ସ୍ୱାସ୍ଥ୍ୟହାନିର ଆଶଙ୍କା ରହିବ। ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି।

**ମୀନ**
ଦେବଗୁରୁଙ୍କ କୃପାରୁ କୌଣସି କାମ ଅଟକି ରହିବ ନାହିଁ ଏବଂ ପ୍ରତ୍ୟେକ ସ୍ତରରେ ସମ୍ମାନିତ ହେବେ। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିବ କିନ୍ତୁ ଅର୍ଥାଭାବ ଓ ପାରିବାରିକ ସମସ୍ୟା ହେତୁ ଉଦାସୀନ ରହିବେ। ଜମିଜମା କାରବାର, ଆଲୋଚନା, ସଭାସମିତି, କଳା, ସାହିତ୍ୟାଦି କ୍ଷେତ୍ରରେ ସୁଫଳ ପାଇବେ।

ଆଜି ଆଶ୍ୱିନ ଶୁକ୍ଳ ୫ମୀ ଯୁକ୍ତ ଷଷ୍ଠୀ ଗୁରୁବାର, ଅକ୍ଟୋବର ୩ ତାରିଖ, ବିଶ୍ୱ ପ୍ରକୃତି ଦିବସ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶି ନକ୍ଷତ୍ର-ଦିବା ଘ୧୨।୫୬ମି. ପର୍ଯ୍ୟନ୍ତ ଅନୁରାଧା/ବିଛା, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ନବାନ୍ନ ପାଇଁ ଶୁଭଦିନ, ସକାଳ ଘ୭।୧୬ମି. ମଧ୍ୟେ ଘ୧।୩୦ମି. ଗତେ, ଘ୩।୦୩ମି. ମଧ୍ୟେ ଅମୃତ ବେଳା। ଦିବା ଘ୭।୧୨ମି. ମଧ୍ୟେ ଘ୧୧।୫୩ମି. ଗତେ, ଘ୧।୨୮ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧।୦୪ମି. ଗତେ ଘ୨।୩୩ମି. ମଧ୍ୟେ ରାହୁକାଳ।

ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ ଗାନ୍ଧୀ ଜୟନ୍ତୀ ବିଶେଷାଙ୍କ ଉନ୍ମୋଚିତ

# ଗାନ୍ଧୀ ବିଚାରଧାରା ଥିଲା, ଅଛି, ରହିବ: ମୁଖ୍ୟମନ୍ତ୍ରୀ


ଉତ୍କଳ ପ୍ରସଙ୍ଗ ଓଡ଼ିଶା ରିଭ୍ୟୁ ଗାନ୍ଧୀ ଜୟନ୍ତୀ ବିଶେଷାଙ୍କକୁ ଉନ୍ମୋଚନ କରାଯାଉଛି।

ଭୁବନେଶ୍ୱର, ୨।୧୦(ବ୍ୟୁରୋ)

ଗାନ୍ଧୀ ବିଚାରଧାରାର ମହତ୍ତ୍ୱ ଥିଲା, ଅଛି ଏବଂ ରହିବ। ସେ ସବୁ ଜାତି, ସମ୍ପ୍ରଦାୟ, ଅଞ୍ଚଳ ଓ ଜାତୀୟ ସଂହତିର ପ୍ରତୀକ ଥିଲେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ବୁଧବାର ଗାନ୍ଧୀ ଜୟନ୍ତୀ ଅବସରରେ ଇନଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସଠାରେ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ସଂହତି ଶିବିରରେ ମୁଖ୍ୟଅତିଥି ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଏହି ବକ୍ତବ୍ୟ ରଖିଛନ୍ତି। କେବଳ ଭାରତର ସ୍ୱାଧୀନତା ନୁହେଁ, ସୁସ୍ଥ ସମାଜ ଏବଂ ସଶକ୍ତ ଭାରତ ଗଢ଼ିବା ତାଙ୍କର ମୂଳ ଲକ୍ଷ୍ୟ ଥିଲା। ଦାରିଦ୍ର୍ୟ, ହିଂସା, ଅନ୍ୟାୟ ଓ ଅସମାନତା କବଳରୁ ଭାରତକୁ ମୁକ୍ତ କରିବାକୁ ଗାନ୍ଧୀ ସ୍ୱପ୍ନ ଦେଖୁଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଅହିଂସାକୁ ସମ୍ବିଧାନର ମୁଖବନ୍ଧରେ ସାମିଲ କରିବାକୁ ମୁଁ ଦାବି କରି ଆସିଛି। ଏହି ଉଦ୍ଦେଶ୍ୟରେ ସ୍ୱାଧୀନତା ସଂଗ୍ରମୀ ଭବାନୀ ଚରଣ ପଟ୍ଟନାୟକଙ୍କ ନେତୃତ୍ୱରେ ହୋଇଥିବା ଏକଲକ୍ଷ ଦସ୍ତଖତ ଅଭିଯାନକୁ ମୁଖ୍ୟମନ୍ତ୍ରୀ ଗ୍ରହଣ କରିଥିଲେ। ଏହି ଦସ୍ତଖତକୁ ରାଷ୍ଟ୍ରପତିଙ୍କୁ ପରେ ଦିଆଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗାନ୍ଧିଜୀଙ୍କ ଉପରେ 'ମହାତ୍ମା' ପୁସ୍ତକ ଉନ୍ମୋଚନ ହୋଇଥିଲା। କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସାଂସଦ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ଦେବୀ ମିଶ୍ର, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ 'ବୈଷ୍ଣବ ଜନ ତୋ' ଗୀତ ସୁନ୍ଦର ଭାବେ ପରିବେଷଣ କରିଥିଲେ। ସଭା କାର୍ଯ୍ୟ ସହ 'ଗାନ୍ଧିଜୀ ଓ ଓଡ଼ିଶା' ଶୀର୍ଷକ ଏକ ଫଟୋଚିତ୍ର ପ୍ରଦର୍ଶନୀ କରାଯାଇଥିଲା। ଗାନ୍ଧୀ ବିତାଇଥିବା ଓଡ଼ିଶାର ସମୟଗୁଡ଼ିକ ଏଥିରେ ସ୍ଥାନିତ ହୋଇଛି। ପ୍ରଦର୍ଶନୀ ଉଦ୍‌ଘାଟନ ବେଳେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ, ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶ ପାଉଥିବା ମାସିକ ପତ୍ରିକା ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁ ଗାନ୍ଧୀ ଜୟନ୍ତୀ ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### କେନ୍ଦ୍ରାପଡ଼ାରୁ ହଟିବେ ...

ରାଜ୍ୟ କିମ୍ବା କେନ୍ଦ୍ର ସରକାର ଦୀର୍ଘ ୧୪ ବର୍ଷ ହେବ କୌଣସି ପଦକ୍ଷେପ ନେଇ ନାହାନ୍ତି। ଅନ୍ୟ ପକ୍ଷରେ ଯେଉଁମାନଙ୍କୁ ଦେଶାନ୍ତର ନୋଟିସ ଦିଆଯାଇଛି ସେମାନଙ୍କ ମଧ୍ୟରୁ କେତେଜଣ କୋର୍ଟରେ ଦ୍ୱାରସ୍ଥ ହୋଇଥିବା ବେଳେ ଅନ୍ୟମାନେ ରାଜନୈତିକ ଛତ୍ରଛାୟା ତଳେ ଆଶ୍ରୟ ନେଇଛନ୍ତି। ବିଶେଷ କରି ରାଜନୈତିକ ଫାଇଦା ଉଠାଇବା ପାଇଁ ବିଭିନ୍ନ ସମୟରେ ଅନୁପ୍ରବେଶକାରୀଙ୍କୁ ଭୋଟ ପରିଚୟ ପତ୍ର, ରାଶନକାର୍ଡ ଦିଆଯାଇଛି। ଏପରି କି ଅନୁପ୍ରବେଶକାରୀ ଜାଣିବା ପରେ ମଧ୍ୟ ଜିଲାପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ ସୁବିଧା ଯୋଗାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ଅନୁପ୍ରବେଶକାରୀଙ୍କୁ ରୋକିବାକୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଏହି ଜିଲାରେ ସେମାନଙ୍କ ସଂଖ୍ୟା ବେଳକୁ ବେଳ ଆଶାତୀତ ଭାବେ ବୃଦ୍ଧି ପାଇ ଚାଲିଛି। ସେମାନେ ମୁଖ୍ୟତଃ ଜଳ ପଥ ଓ କଲିକତା ବାଟ ଦେଇ ଓଡ଼ିଶାକୁ ପ୍ରବେଶ କରୁଛନ୍ତି। ଆସାମରେ ଏନଆରସି ଲାଗୁ ହେବା ପରେ ସମଗ୍ର ଦେଶରେ ଏହାକୁ ଲାଗୁ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଘୋଷଣା କରିଛନ୍ତି।

### 'ମୋ ସରକାର' ଦେବ...

ପ୍ରକାର ପରୀକ୍ଷା ମାଗଣାରେ ହେବ। କୌଣସି ରୋଗୀଙ୍କୁ ଘରୋଇ ଡାକ୍ତରଖାନା, ଘରୋଇ ଔଷଧ ଦୋକାନ କିମ୍ବା ଘରୋଇ ନିଦାନକେନ୍ଦ୍ର ଆଦିକୁ ଯିବା ପାଇଁ କେହି ବାଧ୍ୟ କରିପାରିବେ ନାହିଁ ବୋଲି ସେ ଲୋକଙ୍କୁ କହିଥିଲେ। ଏହି ଅବସରରେ ସେ କହିଛନ୍ତି, ରାଜ୍ୟର ୨୧ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ୩ ମେଡିକାଲ କଲେଜ ଓ ହସ୍ପିଟାଲ (କଟକ, ବ୍ରହ୍ମପୁର ଓ ବୁର୍ଲା)ରେ 'ମୋ ସରକାର' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ମୋବାଇଲ ନମ୍ବର ମୋ ସରକାର ପୋର୍ଟାଲରେ ପଞ୍ଜୀକୃତ କରାଯିବ। ପ୍ରତିଦିନ ୧୦ଜଣ ରୋଗୀ ଓ ସମ୍ପର୍କୀୟଙ୍କ ସହ ସିଧାସଳଖ ଆଲୋଚନା ହେବ। ଡାକ୍ତରଖାନାରେ କେହି ହଇରାଣ କରୁଛନ୍ତି କି। ଡାଏଲିସିସ ହେଉଛି କି ନାହିଁ। କେହି ପଇସାପତ୍ର ମାଗୁଛନ୍ତି କି। ଏଭଳି ଅନେକ ପ୍ରଶ୍ନର ଉତ୍ତର ରଖିବେ ଲୋକେ। ଯେଉଁଠୁ ଅନୁକୂଳ ମତ ଆସିବ ସେହି ଡାକ୍ତରଖାନାର ସମ୍ପୃକ୍ତ ଡାକ୍ତର ଓ କର୍ମଚାରୀଙ୍କୁ ପୁରସ୍କୃତ କରାଯିବ। ଏପରି କି ଅଧିକାରୀଙ୍କ ପଦୋନ୍ନତି ମଧ୍ୟ ଆଗୁଆ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ପ୍ରତିକୂଳ ମତାମତକୁ ଯାଞ୍ଚ କରାଯାଇ ସତ୍ୟତା ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍‌ଲାଇନ ବ୍ୟବସ୍ଥା ନ ଥିବାରୁ ଅବଶିଷ୍ଟ ଜିଲାରେ ଏହା ଆରମ୍ଭ ହୋଇପାରିନି। ଆସନ୍ତା ୩୦ ତାରିଖ ସୁଦ୍ଧା ସମସ୍ତ ଜିଲାରେ 'ମୋ ସରକାର' କାର୍ଯ୍ୟକ୍ରମ ଚାଲିବ। ଏଥିପାଇଁ ମୋ ସରକାର ପୋର୍ଟାଲରେ ନମ୍ବର ପଞ୍ଜୀକୃତ କରିବାକୁ ହେବ। ଯଦି ହୋଇ ନାହିଁ, ତେବେ ରୋଗୀ କିମ୍ବା ସେମାନଙ୍କ ସମ୍ପର୍କୀୟ ୧୪୫୪୫ ନିଃଶୁଳ୍କ ନମ୍ବରକୁ ଫୋନ କରି ଜଣାଇ ପାରିବେ ବୋଲି ସଚିବ ମେହେର୍ଦ୍ଦା କହିଛନ୍ତି।

ଅନ୍ୟପକ୍ଷରେ ଡିଜିପି ବି.କେ. ଶର୍ମା କହିଛନ୍ତି, ମତାମତ ଦେଉଥିବା ଲୋକଙ୍କ ପରିଚୟ ସମ୍ପୂର୍ଣ୍ଣ ଗୋପନ ରଖାଯିବ। ପ୍ରତିଦିନ ରାଜ୍ୟର ୩୪ ପୋଲିସ ଜିଲା ତରଫରୁ ୩୪୦ ଫୋନ୍ କଲ୍ କରାଯିବ। ଏଥିମଧ୍ୟରୁ ରେଞ୍ଜ୍ ଡିଆଇଜି ଓ ଆଇଜି ୬୦ଜଣଙ୍କ ସହ କଥା ହୋଇ ମତ ନେବେ। ଏଥିସହ ପ୍ରତି ଜିଲା ପୋଲିସ ମୁଖ୍ୟାଳୟ ତରଫରୁ ୨୦ କଲ୍ କରାଯିବ ବୋଲି ସେ କହିଥିଲେ।

ଦୁଇ କାର୍ଯ୍ୟକ୍ରମସ୍ଥଳରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଅଶୋକ ପଟ୍ଟନାୟକ, ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତଥିଲେ। ସୂଚନାଯୋଗ୍ୟ, ଚଳିତବର୍ଷ ଅଗଷ୍ଟ ୧୫ରେ ମୁଖ୍ୟମନ୍ତ୍ରୀ 'ମୋ ସରକାର' କାର୍ଯ୍ୟକ୍ରମ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ୫-ଟି ପରିସରରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି। ୨୦୨୦ ମାର୍ଚ୍ଚ ୫ ତାରିଖ ସୁଦ୍ଧା ସମସ୍ତ ବିଭାଗରେ ମୋ ସରକାର ଯୋଜନା କାର୍ଯ୍ୟକାରୀ କରାଯିବ।

### ଲିଙ୍ଗ ଚୟନ ପାଇଁ...

ଆଇଭିଏଫ୍ ପଦ୍ଧତିରେ ପୁଅ ପାଇବା ଲାଗି ଉଭୟଙ୍କ ମଧ୍ୟରେ ୮.୫ ଲକ୍ଷ ଟଙ୍କା ଛିଣ୍ଡିଥିଲା। ତେବେ ଲିଙ୍ଗ ନିରୂପଣ ଭାରତରେ କରାଯାଉ ନ ଥିବାରୁ ଷ୍ଟାର୍ଟ-ଅପ୍ ମାଲିକ କିଛି ବେଆଇନ କାର୍ଯ୍ୟ କରିନାହାନ୍ତି ବୋଲି ଦାବି କରୁଛନ୍ତି। ଇତିମଧ୍ୟରେ ମିଳିତ ଅପରେଶନରେ ସାମିଲ ଥିବା ଏନ୍‌ସିଡବ୍ଲ୍ୟୁ ପଶ୍ଚିମ ଦିଲ୍ଲୀରେ ଚାଲିଥିବା ଏପରି ୧୦୦ କ୍ଲିନିକକୁ ଚିହ୍ନଟ କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବାକୁ ନିଷ୍ପତ୍ତି ନେଇଛି। ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷା ରେଖା ଶର୍ମା କହିଛନ୍ତି, ଦିଲ୍ଲୀରେ ଆଇଭିଏଫ୍ ଏବଂ ଅଲ୍‌ଟ୍ରାସାଉଣ୍ଡ କ୍ଲିନିକ ନାମରେ ଚାଲିଥିବା ବେଆଇନ କାରବାରକୁ ରୋକିବା ଲାଗି ସେ ଆକସ୍ମିକ ପରିଦର୍ଶନ କରିବେ। ଚଢ଼ାଉ କରାଯାଇଥିବା କ୍ଲିନିକର ରେଜିଷ୍ଟ୍ରେଶନକୁ ରଦ୍ଦ କରାଯାଇଛି। ମିଳିଥିବା ପ୍ରମାଣଗୁଡ଼ିକୁ ସାଇବରକ୍ରାଇମ୍ ଓ ଅନ୍ୟ ଅଧିକାରୀମାନେ ଯାଞ୍ଚ କରୁଛନ୍ତି। ବିନା ସାଇନ୍‌ବୋର୍ଡରେ ଦୁଇବର୍ଷ ହେଲା ଚାଲିଥିବା ଉକ୍ତ କ୍ଲିନିକରୁ ତଦନ୍ତକାରୀମାନେ ୨୦୦ରୁ ୩୦୦ ଲାପଟପ୍ ଜବତ କରିଛନ୍ତି। ପ୍ରି-କନ୍‌ସେପ୍‌ଶନ୍ ଆଣ୍ଡ ପ୍ରି-ନାଟାଲ ଡାଇଗ୍ନୋଷ୍ଟିକ୍ ଟେକ୍ନିକ୍ ଆକ୍ଟ, ୧୯୯୪ ଅନୁସାରେ ଲିଙ୍ଗ ନିରୂପଣ ଭାରତରେ ବେଆଇନ। ଏହାକୁ ଅବଜ୍ଞା କଲେ ୩ ବର୍ଷ ଜେଲ୍ ଦଣ୍ଡ ସହ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାର ନିୟମ ରହିଛି। ଅନ୍ୟପକ୍ଷରେ ଆମେରିକା, ମେକ୍ସିକୋ, ଥାଇଲାଣ୍ଡ, ସିଙ୍ଗାପୁର ଓ ଦୁବାଇ ଭଳି ଦେଶରେ ଏହା ଉପରେ କିଛି କଟକଣା ନାହିଁ। ତେଣୁ ଗର୍ଭଧାରଣ କରିବାରେ ଅକ୍ଷମ ଓ ସନ୍ତାନ ଚାହୁଁଥିବା ଦମ୍ପତି ଏହାକୁ ବେଆଇନ ଘୋଷଣା କରି ନ ଥିବା ଦେଶଗୁଡ଼ିକୁ ଯାଉଛନ୍ତି। ବିଦେଶ ଯାଇ ଲିଙ୍ଗ ନିରୂପଣ ଏବଂ ଆବଶ୍ୟକ ସ୍ଥଳେ ଭ୍ରୂଣହତ୍ୟା କରିବା ନେଇ ଏକ ନୂଆ ଟ୍ରେଣ୍ଡ ଏବେ ବଢ଼ିବାରେ ଲାଗିଛି, ଯାହାକୁ 'ରିପ୍ରଡକ୍ଟିଭ୍ ଟୁରିଜମ୍' କୁହାଯାଉଛି।

**classifieds Everyday** 0674-2580101, 2549302

**real estate**

**SALE**

ଭୁବନେଶ୍ୱର Patrapada yellowzone BDA plot ଏବଂ Tamandoରେ plot କିଣନ୍ତୁ, 9348767829. D-66795

ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952. D-66774

Gharabari boundary plot near Kalinganagar DAV School, Sum hospital (Nuagoan) (size-2024) sqft. 1950/-, Patrapada 600mtr distance from NH- sqft. 2200/-. 9937044887, 8249240653. D-66790

ଭୁବନେଶ୍ୱର ପାତ୍ରପଡ଼ା NH side Amber ପଛପଟେ 3200 sqft. gharabari yellowzone plot boundary ଥାଇ sqft. 2650/-ରେ ମିଳୁଅଛି। 7894207092. D-66794

1800sqft. residential plot for sale at Nakhara and Pahal with boundary wall. Mob: 8249485093, 7855071231. D-14625

**PURCHASE**

Sthitiban gharabari land requires in around Bhubaneswar. Contact: 9937816565, 9937568585. D-68115

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**GENERAL SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66767

A company want to purchase paper egg tray. Interested parties contact- 9778733339. D-14606

Colour TV, 14inch, new look, working condition 3000/-. Contact: 8895805042. D-67082

**packers & movers**

Shivam logistic packers movers. Household/ car relocation countrywide. 9777044177, 9338461133. D-14523

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-68107

Rejuvenate and ayurvedic full body massage by smart therapist. 9114402304. D-68108

Monalisa Massage Club: All types body massage with hiprofile smart lady rooms service available- 9708545108. D-14592

Experience full body massage with us (expert). Call: 7377048581, 06742597822. D-68110

Full body herbal massage with refreshment expert therapist. 7381239385, 06742540855. D-68109

Herbal full body massage by smart / expert therapist. Contact: 8338067247. D-68111

Summer special mesmerizing offer expert therapeutic refreshing massage appointment. 9668374480. D-68112

Refresh your mind and soul with best therapy at Orchid Salon/ Spa. 9937287222. D-66972

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

**astrology**

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଲୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

**AFFIDAVIT**

Before Executive Magistrate, Cuttack I Kabita Bhoi changed my name Kabita Bhoi to Sabita Das after my marriage Sukant Das. Above mentioned my both names are one name also. Hence I shall be known as Sabita Das in all purpose. D-14569

# ସାମାଜିକ ସେବା ଶାଖା ଆରମ୍ଭ କରିବ ବିଜେଡି


ଜନସମ୍ପର୍କ ପଦଯାତ୍ରାରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

**ଭୁବନେଶ୍ୱର/ପୁରୁଣା ଭୁବନେଶ୍ୱର, ୨।୧୦(ବ୍ୟୁରୋ/ଡି.ଏନ୍.ଏ.)**

ମହାତ୍ମା ଗାନ୍ଧୀ ଥିଲେ ସେବା ଓ ସଂଗ୍ରାମର ପ୍ରତୀକ। ତାଙ୍କର ୧୫୦ତମ ଜୟନ୍ତୀ ଅବସରରେ ବିଜେଡି ସୋସିଆଲ ସର୍ଭିସ ୱିଙ୍ଗ୍(ସାମାଜିକ ସେବା ଶାଖା) ଆରମ୍ଭ କରିବାକୁ ଯାଉଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଏହି ଘୋଷଣା କରିଛନ୍ତି। ଭୁବନେଶ୍ୱର(ଏକାମ୍ର) ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କାରଗିଲ ପଡିଆରୁ ଦଳୀୟ ଜନସମ୍ପର୍କ ଯାତ୍ରାର ଶୁଭାରମ୍ଭ କରି ନବୀନ ଏହା କହିଛନ୍ତି। ଦଳୀୟ ସେବା ଶାଖାଟି ମୁଖ୍ୟତଃ ପରିବେଶ ସୁରକ୍ଷା, ବୃକ୍ଷରୋପଣ, ରକ୍ତଦାନ ଏବଂ ସ୍ୱାସ୍ଥ୍ୟ ସହାୟତା ଉପରେ ଗୁରୁତ୍ୱ ଦେବ। ଓଡ଼ିଶାବାସୀଙ୍କୁ ସୁସ୍ଥ ରଖିବା ସହ ସାରା ରାଜ୍ୟରେ ସବୁଜିମା ସୃଷ୍ଟି କରିବା ଶାଖାର ମୁଖ୍ୟ ଉଦ୍ଦେଶ୍ୟ ହେବ ବୋଲି ବିଜେଡି ସଭାପତି କହିଛନ୍ତି।

ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପରେ ବିଜେଡି ସଭାପତି ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ମଧ୍ୟରେ ସାମାଜିକ କାର୍ଯ୍ୟକ୍ରମ ତାଙ୍କର ସବୁଠୁ ଅଧିକ ପସନ୍ଦ ବୋଲି ନବୀନ କହିବା ସହ ଦଳୀୟ ନେତା ଓ କର୍ମୀଙ୍କୁ ଏଥିରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ରକ୍ତଦାନ କାର୍ଯ୍ୟକ୍ରମ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କିଛିବର୍ଷ ତଳେ ଆରମ୍ଭ କରାଯାଇଥିବା ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଏକ ସଫଳ ରକ୍ତଦାନ ଆନ୍ଦୋଳନରେ ପରିଣତ ହୋଇପାରିଛି। ପ୍ରତିବର୍ଷ ହେଉଥିବା ଜନସମ୍ପର୍କ ଯାତ୍ରା ଲୋକମାନଙ୍କ ସହ ଯୋଡି ହେବା ପାଇଁ ଏକ ସୁଯୋଗ। ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ବୁଝିବା ସହ ଭଲ ସରକାରୀ ଯୋଜନା ସେମାନଙ୍କ ନିକଟରେ ପହଞ୍ଚାଇବା ଉପରେ ବିଜେଡି ସଭାପତି କାର୍ଯ୍ୟକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ସାଧାରଣ ନିର୍ବାଚନରେ ରାଜ୍ୟବାସୀ ବିଜେଡି ଉପରେ ଭରସା କରିଥିବାରୁ ମୁଖ୍ୟମନ୍ତ୍ରୀ ଜନତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହା ତାଙ୍କୁ ରାଜ୍ୟବାସୀଙ୍କ ନିକଟରେ ଋଣୀ କରାଇଥିବା ସେ କହିଛନ୍ତି। ରାଜଧାନୀ ତଥା ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଏହି କାର୍ଯ୍ୟକ୍ରମ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ, ବରିଷ୍ଠ ନେତା ଅରୂପ ପଟ୍ଟନାୟକ, ଦେବୀ ପ୍ରସାଦ ମିଶ୍ର, ପ୍ରଦୀପ୍ତ ପାଣିଗ୍ରାହୀ, ବିଜେଡି ନେତା ପ୍ରିୟଦର୍ଶୀ ମିଶ୍ର, ବିଜୟ କୁମାର ମହାନ୍ତି ଏବଂ ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି ଅମରେଶ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ। ପଦଯାତ୍ରାରେ ବିଜେଡି ସଭାପତିଙ୍କ ସହ ସ୍ଥାନୀୟ ବାସିନ୍ଦା ଏବଂ ଭୁବନେଶ୍ୱର ମହାନଗର ନିଗମର ପୂର୍ବତନ କର୍ପୋରେଟରମାନଙ୍କୁ ଦେଖିବାକୁ ମିଳିଥିଲା।

## 'ମୋ ବସ୍'ରେ ବିନା ମୂଲ୍ୟରେ ମିଳିଲା ଓଡ଼ିଆ ଖବରକାଗଜ

# ଧରିତ୍ରୀ ପଢ଼ିଲେ ଯାତ୍ରୀ

**ଭୁବନେଶ୍ୱର, ୨।୧୦(ବ୍ୟୁରୋ)**


ମୋ ବସ୍‌ରେ ଜଣେ ମହିଳା ଯାତ୍ରୀ ଧରିତ୍ରୀ ପଢୁଛନ୍ତି।

ଗାନ୍ଧୀ ଜୟନ୍ତୀ ବୁଧବାରଠାରୁ 'ମୋ ବସ୍'ରେ ମିଳିଲା ଓଡ଼ିଆ ଖବରକାଗଜ। ଯାତ୍ରୀଙ୍କ ଆବଶ୍ୟକତାକୁ ପୂରଣ କରିବା ସହ ସୁସମ୍ପର୍କ ସ୍ଥାପନ ପାଇଁ କ୍ୟାପିଟାଲ ରିଜିଅନ୍ ଟ୍ରାନ୍ସପୋର୍ଟ ଲିମିଟେଡ୍ (କ୍ରୁଟ୍) ପକ୍ଷରୁ 'ମୋ ବସ୍'ରେ ଏବେ ଇଂଲିଶ ସହ ଓଡ଼ିଆ ଖବରକାଗଜ ବିନା ମୂଲ୍ୟରେ ଉପଲବ୍ଧ କରାଯାଇଛି। 'ନ୍ୟୁଜ୍‌ପେପରସ୍ ଅନ୍ ହୁଇଲ୍ସ' ଅଭିଯାନର ଅଂଶ ସ୍ୱରୂପ ଯାତ୍ରା ସମୟରେ ଲୋକେ ଦୈନିକ ବିଭିନ୍ନ ଖବର ଜାଣିବାର ସୁଯୋଗ ପାଇବେ। କ୍ରୁଟ୍‌ର ମହାପ୍ରବନ୍ଧକ ଦୀପ୍ତି ମହାପାତ୍ର କହିଛନ୍ତି, ପୂର୍ବରୁ ବସ୍‌ଗୁଡ଼ିକରେ ଇଂଲିଶ ଖବରକାଗଜ ମିଳୁଥିଲା। ଦେଇଥିବା ପ୍ରତିଶ୍ରୁତି ମୁତାବକ ଏବେ ଯାତ୍ରୀଙ୍କୁ ଓଡ଼ିଆ ଖବରକାଗଜ ଯୋଗାଇ ଦେଇଛି। ପ୍ରାଥମିକ ଭାବେ ଓଡ଼ିଆ ଦୈନିକ 'ଧରିତ୍ରୀ' ଓ 'ପ୍ରମେୟ' ଖବରକାଗଜ ଯାତ୍ରୀଙ୍କୁ ପଢ଼ିବାକୁ ଦିଆଯାଇଥିଲା। ରାଜ୍ୟ ଓ ଜାତୀୟ ତଥା ଆନ୍ତର୍ଜାତିକ ସ୍ତରର ତାଜା ଖବର ଜାଣିବାକୁ ପାଇଥିଲେ ମୋ ବସ୍ ଯାତ୍ରୀ। ଏହି ସେବା ଦ୍ୱାରା ଓଡ଼ିଆ ଭାଷାର ପ୍ରଚାରପ୍ରସାର ସହିତ ଯାତ୍ରୀଙ୍କ ମଧ୍ୟରେ ପଢିବାର ଅଭ୍ୟାସକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ମହାପାତ୍ର କହିଛନ୍ତି।

# ଗାନ୍ଧୀପାର୍କରୁ କଂଗ୍ରେସର ଅହିଂସା ଯାତ୍ରା


ଭୁବନେଶ୍ୱର ନାଲ୍‌କୋ ଛକସ୍ଥିତ ମହାତ୍ମା ଗାନ୍ଧୀପାର୍କଠାରେ ଏକାଠି ହୋଇଥିବା କଂଗ୍ରେସ ନେତୃବୃନ୍ଦ।

**ଭୁବନେଶ୍ୱର, ୨।୧୦(ବ୍ୟୁରୋ)**

ଓଡିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ବୁଧବାର ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଓ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ୧୧୫ତମ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳନ କରାଯାଇଛି। ଏହି ଉପଲକ୍ଷେ ସକାଳ ୮ଟା ସମୟରେ ଭୁବନେଶ୍ୱର ନାଲ୍‌କୋ ଛକସ୍ଥିତ ମହାତ୍ମା ଗାନ୍ଧୀପାର୍କଠାରେ ଗାନ୍ଧିଜୀଙ୍କ ପ୍ରିୟ ଭଜନ ରାମଧୁନ୍, ବୈଷ୍ଣବଜନ ଗାନ କରାଯାଇଛି। ଏହାପରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ କଂଗ୍ରେସ ନେତୃବୃନ୍ଦ ମାଲ୍ୟାର୍ପଣ କରିଛନ୍ତି। ସେଠାରୁ 'ଅହିଂସା ପଦଯାତ୍ରା' ବାହାରି ଜୟଦେବ ବିହାର, କଳିଙ୍ଗ ଷ୍ଟାଡିୟମ୍, ୧୨୦ ବାଟାଲିୟନ, ଇନ୍ଦିରା ଗାନ୍ଧୀ ପାର୍କ, ଲୋୟର ପିଏମ୍‌ଜି ଦେଇ ହଜାର ହଜାର ଛାତ୍ର, ଯୁବକ, ମହିଳା, କଂଗ୍ରେସ କର୍ମୀ କଂଗ୍ରେସ ଭବନଠାରେ ପହଞ୍ଚିଥିଲେ। କଂଗ୍ରେସ ଭବନଠାରେ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ଏହି ଅବସରରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ 'ଗାନ୍ଧୀ – ଶାସ୍ତ୍ରୀ ଜୟନ୍ତୀ' ସମାରୋହକୁ ନିଖିଳ ଭାରତ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ତଥା ଓଡିଶା ପ୍ରଭାରୀ ଜିତେନ୍ଦ୍ର ସିଂହ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଗାନ୍ଧୀ ଓ ଶାସ୍ତ୍ରୀଙ୍କର ଆଦର୍ଶରେ ଯୁବ,ଛାତ୍ର ପିଢ଼ି ଅନୁପ୍ରାଣିତ ହୋଇ କାର୍ଯ୍ୟ କଲେ ଗଣତନ୍ତ୍ର ସୁଦୃଢ ହୋଇପାରିବ ବୋଲି ଜିତେନ୍ଦ୍ର କହିଛନ୍ତି। ପିସିସି ସଭାପତି କହିଛନ୍ତି, ଗାନ୍ଧୀଙ୍କ ଅହିଂସା ନୀତି ଓ ଆଦର୍ଶକୁ ସାରା ବିଶ୍ୱ ସମ୍ମାନ ଦେଉଥିଲା ବେଳେ ବର୍ତ୍ତମାନ କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିବିଶେଷ ନିଜକୁ ମହାତ୍ମା ବଖାଣିବା ଅତ୍ୟନ୍ତ ଲଜ୍ଜାକର କଥା। ଯୁବପିଢି ଗାନ୍ଧୀ ଆଦର୍ଶରୁ ବିଚ୍ୟୁତ ନ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ଶେଷରେ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଜପାର ଗାନ୍ଧୀ ସଂକଳ୍ପ ପଦଯାତ୍ରା

ଫୁଲନଖରା,୨।୧୦(ଡି.ଏନ୍.ଏ): ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀରେ ରାଜ୍ୟ ଭାଜପା ପକ୍ଷରୁ ଗାନ୍ଧୀ ସଂକଳ୍ପ ପଦଯାତ୍ରା ଆରମ୍ଭ ହୋଇଛି। ଏହାକୁ କଟକ ଜିଲା ତେଲଙ୍ଗାପେଣ୍ଠ ଗାନ୍ଧୀ ସ୍ମୃତିପୀଠରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ତେଲଙ୍ଗାପେଣ୍ଠ, କୋଠସାହି, ବଢେଇ ସାହି, ନଛିପୁର, ଅମଣିଆଗୋରଡା, ସଇନ୍ଧା ହୋଇ ବାଲିସାହିରେ ଶେଷ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ଏକ ସଭାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଯୋଗଦେଇ କହିଥିଲେ, ସମାଜର ଅନ୍ତିମ ପାହାଚରେ ଥିବା ବ୍ୟକ୍ତିଙ୍କ ପାଖରେ ସମସ୍ତ ଯୋଜନାର ଲାଭ ପହଞ୍ଚାଇବା ଗାନ୍ଧିଜୀଙ୍କ ବିଚାରର ମୂଳମନ୍ତ୍ର ଥିଲା। ଭାଜପା ସରକାର ସବୁବେଳେ ଗରିବଙ୍କ ପାଇଁ ସମର୍ପିତ। ଗାନ୍ଧିଜୀଙ୍କ ସ୍ୱପ୍ନକୁ ସାର୍ଥକ କରିବା ପାଇଁ କେନ୍ଦ୍ର ସରକାର ଅଙ୍ଗୀକାରବଦ୍ଧ ବୋଲି ସେ କହିଥିଲେ। ଏହି ସଭାରେ ଭାଜପା ରାଜ୍ୟ ସଭା ସଦସ୍ୟ ଅଶ୍ୱିନୀ ବୈଷ୍ଣବ, ପୀତାମ୍ବର ଆଚାର୍ଯ୍ୟ, ଦିଲୀପ ନାୟକ, ନୟନ କିଶୋର ମହାନ୍ତି, ଗୋଲଖ ମହାପାତ୍ର, ସମୀର ମହାନ୍ତି, ପ୍ରକାଶ ବେହେରା, ଶାରଦା ପ୍ରଧାନ, ଲେଖାଶ୍ରୀ ସାମନ୍ତସିଂହାର, ପ୍ରତାପ ରାଉତରାୟ, ରାଜକୁମାରୀ ସ୍ୱାଇଁ, କ୍ଷୀରୋଦ ଚନ୍ଦ୍ର ଦଳାଇ ପ୍ରମୁଖ ଯୋଗଦେଇଥିଲେ।


ପଦଯାତ୍ରାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

## ଜିଲା ଚିଠି
## ଝାରସୁଗୁଡ଼ା



# ରେଳ ଷ୍ଟେଶନର ଦୁର୍ଭାଗ୍ୟ

ଝାରସୁଗୁଡ଼ା ଜିଲାରେ ଯେଉଁ ତିନୋଟି ପ୍ରମୁଖ ରେଳ ଷ୍ଟେଶନ ରହିଛି ସେଥିମଧ୍ୟରୁ ବେଲପାହାଡ଼ ଅନ୍ୟତମ। ମାତ୍ର ଆଜି ପର୍ଯ୍ୟନ୍ତ ସେହି ଷ୍ଟେଶନର ଯେପରି ଉନ୍ନତି ହେବା କଥା ହୋଇପାରିନି। ଯାତ୍ରୀମାନଙ୍କ ପାଇଁ ଆନୁଷଙ୍ଗିକ ସୁବିଧା ସୁଯୋଗ ବି ନାହିଁ। ଅଞ୍ଚଳବାସୀ ରେଳ ଷ୍ଟେଶନର ଉନ୍ନତି ଓ ବିଭିନ୍ନ ଟ୍ରେନ ରହଣି ପାଇଁ ଦୀର୍ଘଦିନରୁ ଦାବି କରିଆସୁଛନ୍ତି। ହେଲେ ରେଳ ବିଭାଗ ନିଜେ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିପାରୁନି। ବେଲପାହାଡ଼ ରେଳ ଷ୍ଟେଶନ ଦକ୍ଷିଣ ପୂର୍ବ ମଧ୍ୟ ରେଳବାଇ ବିଳାସପୁର ଡ଼ିଭିଜନ ଅଧୀନରେ ରହିଛି। ଏହି ଷ୍ଟେଶନ ମାଧ୍ୟମରେ ବିଭିନ୍ନ ଖଣି ଓ ଶିଳ୍ପାନୁଷ୍ଠାନରୁ ଦୈନନ୍ଦିନ ଲକ୍ଷାଧିକ ଟଙ୍କା ମୂଲ୍ୟର ଉତ୍ପାଦ ବିଭିନ୍ନ ରାଜ୍ୟକୁ ପରିବହନ ହେଉଛି। କେବଳ ବେଲପାହାଡ଼ ଖୋଲାମୁହାଁ କୋଇଲା ଖଣି(ବିଓସିଏମ)ରୁ ପରିବହନ ହେଉଥିବା କୋଇଲା ଯୋଗୁ ରେଳ ଷ୍ଟେଶନ ମାଧ୍ୟମରେ ରେଳ ଡ଼ିଭିଜନକୁ ବାର୍ଷିକ ପ୍ରାୟ ୧୨ ଶହ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରାଜସ୍ୱ ମିଳିପାରୁଛି। ଟିଆର୍‌ଏଲ କ୍ରୋସାକି ରିଫ୍ରାକ୍ଟୋରିଜ୍‌ରୁ ଉତ୍ପାଦିତ ଇଟା ପରିବହନ ବାବଦକୁ ମଧ୍ୟ ବହୁ କୋଟି ଟଙ୍କା ରାଜସ୍ୱ ମିଳୁଛି। ତଥାପି ଷ୍ଟେଶନର ଉନ୍ନୀତକରଣ ହୋଇପାରୁନାହିଁ। ଷ୍ଟେଶନରେ ଯାତ୍ରୀମାନଙ୍କ ସୁବିଧା ପାଇଁ ନା ଅଛି ଭଲ ପ୍ଲାଟଫର୍ମ ନା ଅଛି ପାନୀୟ ଜଳ ବ୍ୟବସ୍ଥା। ସ୍ୱଚ୍ଛ ଶୌଚାଳୟର ସୁବିଧା ନାହିଁ କି ଆଲୋକ ବ୍ୟବସ୍ଥା ବି ନାହିଁ। ଅଞ୍ଚଳବାସୀ ବାରମ୍ବାର ଦାବି କଲା ପରେ ମଧ୍ୟ ଏଯାଏଁ ଷ୍ଟେଶନରେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନଙ୍କ ଯାତାୟାତ ପାଇଁ ର୍‍ୟାମ୍ପ ବ୍ୟବସ୍ଥା ହୋଇପାରୁନି। ପ୍ଲାଟଫର୍ମର ଉଚ୍ଚତା ବୃଦ୍ଧି ହେଉନି। ଫୁଟ୍ ଓଭରବ୍ରିଜ ଓ ଯାତ୍ରୀ ପ୍ରତୀକ୍ଷାଳୟର ନବୀକରଣ କରାଯାଉନି। ରେଳ ମନ୍ତ୍ରଣାଳୟ ଏପର୍ଯ୍ୟନ୍ତ ଦେଶର ୧୧ ଶହରୁ ଊର୍ଦ୍ଧ୍ୱ ରେଳ ଷ୍ଟେଶନକୁ ଆଦର୍ଶ ଷ୍ଟେଶନ ଯୋଜନାରେ ସାମିଲ କରି ଉନ୍ନତୀକରଣ ପାଇଁ ପଦକ୍ଷେପ ନେଇଛନ୍ତି। ହେଲେ ଏ କ୍ଷେତ୍ରରେ ବେଲପାହାଡ଼ ରେଳ ଷ୍ଟେଶନକୁ ଉପେକ୍ଷା କରାଯାଇଛି। ବେଲପାହାଡ଼ ଷ୍ଟେଶନରେ ଏକ୍ସପ୍ରେସ ଓ ପାସେଞ୍ଜରକୁ ମିଶାଇ ମୋଟ ୧୭ଟି ଟ୍ରେନର ଷ୍ଟପେଜ ବ୍ୟବସ୍ଥା ରହିଛି। ଏଥିମଧ୍ୟରୁ କେତେଟି ପାସେଞ୍ଜର ଟ୍ରେନ ବାରମ୍ବାର ବାତିଲ ହେଉଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଞ୍ଚଳବାସୀ ଆହୁରି ଅଧିକ ୨ଟି ଟ୍ରେନ ସାଉଥ-ବିହାର ଓ ଆଜାଦହିନ୍ଦ୍ ଏକ୍ସପ୍ରେସର ଷ୍ଟପେଜ ସହିତ ଅଧିକାଂଶ ପାସେଞ୍ଜର ଟ୍ରେନ ରହଣି ଓ ସଂପ୍ରସାରଣ ପାଇଁ ଦାବି କରିଆସୁଛନ୍ତି। ଏ ନେଇ ଗତ ୧୫ ବର୍ଷ ଧରି ରେଳବାଇ ଉଚ୍ଚ ଅଧିକାରୀଙ୍କ ନିକଟରେ ଦାବି କଲା ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏଥିପାଇଁ ଅଞ୍ଚଳବାସୀ ଗତ ବର୍ଷ ନଭେମ୍ବର ମାସରେ ୬ ଦଫା ଦାବି ନେଇ ରେଳରୋକୋ ଆନ୍ଦୋଳନ କରିଥିଲେ। ଆନ୍ଦୋଳନକୁ ସମର୍ଥନ ଜଣାଇ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ସେତେବେଳେ ରେଳ ବିଭାଗର ଉଚ୍ଚ ଅଧିକାରୀ ଆଲୋଚନା କରିବା ପାଇଁ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ କୌଣସି ଦାବି ପୂରଣ ହେବା ଦୂର କଥା, ରେଳବାଇ ପୋଲିସ ପକ୍ଷରୁ ୧୬ କୋଟିରୁ ଊର୍ଦ୍ଧ୍ୱ ରାଜସ୍ୱ କ୍ଷତି ହୋଇଥିବା ଦର୍ଶାଯାଇ ୯ ଜଣ ଆନ୍ଦୋଳନକାରୀଙ୍କ ବିରୋଧରେ କେଶ ରୁଜୁ କରାଯାଇଥିଲା। ଉକ୍ତ ଆନ୍ଦୋଳନର ଯଥାର୍ଥତା ପ୍ରତି ଅନେକ ଜନ ପ୍ରତିନିଧି ଓ ରାଜନୈତିକ ନେତା ସମର୍ଥନ ଜଣାଇଛନ୍ତି। ଏହି ପ୍ରସଙ୍ଗ ଭୁବନେଶ୍ୱରରୁ ଦିଲ୍ଲୀ ପର୍ଯ୍ୟନ୍ତ ଯାଇଛି। ସବୁଠି ସମସ୍ୟା ସମାଧାନ କରିବା ପାଇଁ ପ୍ରତିଶ୍ରୁତି ମିଳିଛି। ମାତ୍ର ଅଞ୍ଚଳବାସୀଙ୍କ ଦୁର୍ଭାଗ୍ୟ ରେଳ ଷ୍ଟେଶନରେ ଆଜି ପର୍ଯ୍ୟନ୍ତ ଏକ ଟିକେଟ କାଉଣ୍ଟର ନିର୍ମାଣ ଓ ଘରୋଇ ସଂସ୍ଥାର ପାନୀୟ ଜଳ ପ୍ରକଳ୍ପ ସ୍ଥାପନ ବ୍ୟତୀତ ବିଶେଷ କିଛି ଉନ୍ନତିମୂଳକ କାର୍ଯ୍ୟ ପରିଲକ୍ଷିତ ହୋଇନାହିଁ।

– ରଞ୍ଜନ କୁମାର ମହାପାତ୍ର








DSPL-106

## ଆନନ୍ଦମୟ ପୂଜା ଓ ପର୍ବପର୍ବାଣୀ ପାଇଁ ଆପଣଙ୍କ ଭକ୍ତି, ଏକତା ସହ କିଛି ସଚେତନତା

**ପୂଜା, ମେଳା, ସଭାସମିତି କିମ୍ବା ସେହିପରି କୌଣସି କାର୍ଯ୍ୟକ୍ରମ ମାନଙ୍କରେ ଅସ୍ଥାୟୀ ପେଣ୍ଡାଲ, ମଞ୍ଚ, ସାଜସଜ୍ଜା ଇତ୍ୟାଦି କରିବା ପୂର୍ବରୁ ନିମ୍ନଲିଖିତ ସତର୍କତା ଅବଲମ୍ବନ କରନ୍ତୁ–**

- ନିକଟରେ ବିଦ୍ୟୁତ୍ ଖୁଣ୍ଟ ଏବଂ ତାର ଥିଲେ, ଅତିକମରେ ୧୦ ଫୁଟ ଦୂରତା ରଖି କାର୍ଯ୍ୟ କରନ୍ତୁ। ବିଦ୍ୟୁତ୍ ଖୁଣ୍ଟ, ଷ୍ଟେ ତାରକୁ ସାଜସଜ୍ଜା କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ । ବିଦ୍ୟୁତ୍ ତାର ତଳେ କୌଣସି ପେଣ୍ଡାଲ କିମ୍ବା ସାଜସଜ୍ଜା କାର୍ଯ୍ୟ କରନ୍ତୁ ନାହିଁ ।
- ଲାଇଟ, ପଙ୍ଖା ଓ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ନିମନ୍ତେ ବ୍ୟବହୃତ ବିଦ୍ୟୁତ୍ ତାରରେ ଯଥା ସମ୍ଭବ କୌଣସି ପ୍ରକାର ଜଏଣ୍ଟ ରଖନ୍ତୁ ନାହିଁ । ଆବଶ୍ୟକ ସ୍ଥଳେ ବିଦ୍ୟୁତ କୁପରିବାହୀ ଟେପ୍ ବ୍ୟବହାର କରନ୍ତୁ । ଜଏଣ୍ଟ ରୁ ସ୍ପାର୍କ ହୋଇ ନିଆଁ ଲାଗିବା ଏବଂ ବିଦ୍ୟୁତ୍ ଆଘାତର ସମ୍ଭାବନା ଥାଏ ।
- ସମସ୍ତ ବିଦ୍ୟୁତ୍ ଉପକରଣ ଗୁଡିକୁ ଆବଶ୍ୟକ ମୁତାବକ ଆର୍ଥିଙ୍ଗ୍ କରନ୍ତୁ ଏବଂ ଏହା ସଠିକ୍ ରୂପେ କାର୍ଯ୍ୟ କରୁଛି ବୋଲି ନିଶ୍ଚିତ ହୁଅନ୍ତୁ ।
- ଅସ୍ଥାୟୀ ସର୍ଭିସ୍ କନେକ୍ସନ୍ ନିମନ୍ତେ ଆବଶ୍ୟକ କ୍ଷମତା ବିଶିଷ୍ଟ ଏବଂ ସୁରକ୍ଷିତ ISI ମାର୍କା ତାର ବା କେବୁଲ୍ ବ୍ୟବହାର କରନ୍ତୁ ଏବଂ ଅଧିକ ଲୋଡ୍ କରନ୍ତୁ ନାହିଁ।
- ୧୦୦ କିମ୍ବା ତଦୁର୍ଦ୍ଧ ଜନ ସାଧାରଣଙ୍କର ସମାଗମ ହେବା ସ୍ଥାନରେ ବିଦ୍ୟୁତ୍ ବ୍ୟବହାର ହେବାକୁ ଥିଲେ ବିଦ୍ୟୁତ୍ ନିରୀକ୍ଷକଙ୍କ ଅନୁମତି ଅନିର୍ବାର୍ଯ୍ୟ ଅଟେ।



ବିଦ୍ୟୁତ ବ୍ୟବହାର ରେ ସହଜ ହୁଏ ଜୀବନ,
ଅସାବଧାନ ହେଲେ ନେଇ ଯାଏ ଜୀବନ।

- ଉପଯୁକ୍ତ କ୍ଷମତା ଏବଂ କେବଳ ISI ମାର୍କା ତାର, ସର୍କିଟ୍ ବ୍ରେକର୍/ଫିଉଜ୍, ମେନ୍ ସୁଇଚ୍, ଚେଞ୍ଜଓଭର୍ ଇତ୍ୟାଦି ବ୍ୟବହାର କରନ୍ତୁ।
- ଖୋଲାରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ ଉପଯୁକ୍ତ IP65/IP66/IP55 ଇତ୍ୟାଦି ମାନକ ଥିବା ଉପକରଣ ବ୍ୟବହାର କରନ୍ତୁ।
- ପର୍ଯ୍ୟାପ୍ତ ସଂଖ୍ୟାର ଅଗ୍ନି ନିର୍ବାପକ ଉପକରଣ, ଶୁଖିଲା ବାଲି (ବାଲ୍ଟିରେ) ପ୍ରଭୃତି ଷ୍ଟେଜ୍ ନିକଟରେ ଏବଂ ମେନ୍ ସୁଇଚ୍ ପ୍ୟାନେଲ୍ ଥିବା ସ୍ଥାନରେ ରଖନ୍ତୁ। ଆବଶ୍ୟକ ସ୍ଥଳେ ଫାୟାର୍ ଡିଟେକ୍ସନ୍ ଆଣ୍ଡ ଆଲାର୍ମ୍ ସିଷ୍ଟମ୍ ର ବ୍ୟବହାର କରନ୍ତୁ।
- ଅସ୍ଥାୟୀ ପେଣ୍ଡାଲ୍ କରିବା ପୂର୍ବରୁ ବିଦ୍ୟୁତ୍ ବିତରଣ ବିଭାଗ, ବିଦ୍ୟୁତ୍ ନୀରିକ୍ଷକ ଓ ଅଗ୍ନି ନିର୍ବାପକ ବିଭାଗ ଇତ୍ୟାଦିକୁ ସୂଚନା ଦିଅନ୍ତୁ ଏବଂ ଆବଶ୍ୟକୀୟ ଅନୁମତି ନିଅନ୍ତୁ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର୍ ସୁଇଚ୍ ରହିବା ଅନିର୍ବାର୍ଯ୍ୟ ଅଟେ।
- କେବଳ ଲାଇସେନ୍ସ ପ୍ରାପ୍ତ ସଂସ୍ଥା ଏବଂ କୁଶଳୀ କାରିଗରଙ୍କ ଦ୍ୱାରା ବୈଦ୍ୟୁତିକ କାର୍ଯ୍ୟ କରାନ୍ତୁ ।

ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍)-ତଥା-ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ
ଶକ୍ତି ବିଭାଗ, ଓଡିଶା ସରକାର
04004/13/0012/1920

ଯେଉଁ ଶକ୍ତି ସବୁ ସାଧନ କରିପାରିବ– ତାହା ଅଛି। କିନ୍ତୁ ତାହା ଆମ ଭିତରେ ଏକ ଗୁପ୍ତ କୋଠରି ଭିତରେ ଲୁଚିକରି ଅଛି। ଏବଂ ସେହି ରୁଦ୍ଧ ପ୍ରକୋଷ୍ଠର ଚାବି ଅଛି ଈଶ୍ୱରଙ୍କ ହାତରେ। ଆସ– ଈଶ୍ୱରଙ୍କୁ ଖୋଜି ପାଇବା ଓ ତାଙ୍କଠାରୁ ସେ ଚାବି ହାସଲ କରିବା। –ଶ୍ରୀଅରବିନ୍ଦ



ପରିବେଶ ପରିଚିନ୍ତା

# ଉଦ୍ଭିଦର ଇନ୍ଦ୍ରିୟ

ମାନେକା ଗାନ୍ଧୀ

ଆମେ ଦିନେ ନିଶ୍ଚୟ ଜାଣିବାକୁ ପାଇବା ଯେଉଁ ଗଛଗୁଡ଼ିକୁ ଆମେ ମାରିଦେଉଛୁ, ଯେଉଁ ଘାସକୁ ଆମେ ବଗିଚାରୁ ଉପାଡ଼ି ପକାଉଛୁ, ଯେଉଁ ଉଦ୍ଭିଦକୁ ଆମେ କାଟିପକାଉଛୁ ଏବଂ ଯେଉଁ ଫୁଲଗୁଡ଼ିକୁ ଆମେ ଆଣି ଫୁଲଦାନିରେ ସଜାଉଛୁ– ସେ ସମସ୍ତଙ୍କର ଆମ ପରି ଇନ୍ଦ୍ରିୟ ଦ୍ୱାରା ଅନୁଭବ ଶକ୍ତି ଓ ବୁଦ୍ଧିମତ୍ତା ଅଛି। ସେମାନେ ନିର୍ଜୀବ ଓ ନିଷ୍କ୍ରିୟ ନୁହନ୍ତି, ବରଂ ଉଚ୍ଚ ବିବର୍ତ୍ତିତ ସତ୍ତା। ଭାରତରେ ଏପରି ଲୋକ ଅଛନ୍ତି ଯେଉଁମାନେ ସେମାନଙ୍କ ସହ ଏକାକାର ହୋଇଯାଇଛନ୍ତି। ପ୍ରତ୍ୟେକ ଧର୍ମରେ ସମସ୍ତ ଗୁରୁ ଅଦ୍ୱୈତ ସିଦ୍ଧାନ୍ତର କଥା କହିଛନ୍ତି– ସମସ୍ତଙ୍କ ଭିତରେ ସେଇ ଏକ ଐଶୀ ସତ୍ତା ବିଦ୍ୟମାନ, ସମସ୍ତେ ସମାନ। ଏହି ବୋଧ ଆମ ଭିତରେ ଆସିଲେ ହିଁ ଆମେ ମୁକ୍ତି ପାଇପାରିବା ଏବଂ ତାହା ସୁଖଶାନ୍ତିର ଏକମାତ୍ର ମାର୍ଗ।

ସିଡ୍‌ନୀ ବିଶ୍ୱବିଦ୍ୟାଳୟର ଡ. ମୋନିକା ଗାଗ୍‌ଲିଆନୋ 'ଦସ୍ ସ୍ୱୋକ୍ ଦ ପ୍ଲାଣ୍ଟ' ନାମରେ ଏକ ପୁସ୍ତକ ରଚନା କରିଛନ୍ତି, ଯାହାକୁ ନର୍ଥ ଆଟ୍‌ଲାଣ୍ଟିକ୍ ବୁକ୍ସ ପ୍ରକାଶ କରିଛି। ସେ ବୈଜ୍ଞାନିକ ପ୍ରମାଣ ମାଧ୍ୟମରେ ଉଦ୍ଭିଦର ବିଭିନ୍ନ ଇନ୍ଦ୍ରିୟ ବିଷୟରେ ଦର୍ଶାଇଛନ୍ତି। ମୁଁ ତାଙ୍କର ଦୁଇଟି ଗବେଷଣା ବିଷୟରେ ଏଠାରେ ଉଲ୍ଲେଖ କରୁଛି। ମିମୋସା ପୁଦିକା (ଲାଜକୁଳୀ ଲତା) ହେଉଛି ଏକ ସମ୍ବେଦନଶୀଳ ଉଦ୍ଭିଦ। ପିଲାବେଳେ ଆପଣ ଏହାର ପତ୍ରକୁ ଛୁଇଁଥିବେ ଓ ଛୁଇଁବା ମାତ୍ରେ ଏହା ମୁଦି ହୋଇଯାଏ। ଏହା ଏକ ପ୍ରତିରକ୍ଷାମୂଳକ ବ୍ୟବସ୍ଥା ହୋଇପାରେ ବା କୀଟପତଙ୍ଗଙ୍କୁ ଭୟଭୀତ କରି ଦୂରେଇ ରଖିବା ପାଇଁ ଲାଜକୁଳୀ ଏପରି କରିଥାଏ। ଯେତେବେଳେ ଏହି ଗଛକୁ ଉପରୁ ତଳେ ପକେଇ ଦିଆଯାଏ ବା ହଲେଇ ଦିଆଯାଏ, ସେତେବେଳେ ତା'ର ସବୁ ପତ୍ର ବନ୍ଦ ହୋଇଯାଏ। ଗାଗ୍‌ଲିଆନୋ ୫୬ଟି ଲାଜକୁଳୀ ଗଛ ପାତ୍ରରେ ଲଗାଇଥିଲେ ଓ ଏଗୁଡ଼ିକୁ ସେ ପ୍ରତି ପାଞ୍ଚ ସେକେଣ୍ଡ ବ୍ୟବଧାନରେ ୧୫ ସେଣ୍ଟିମିଟର ଉପରୁ ତଳକୁ ପକାଇଲେ। ପ୍ରତିଥର ଏହାକୁ ୬୦ ଥର ପକାଗଲା। ପ୍ରଥମେ ପ୍ରଥମେ ଲାଜକୁଳୀ ତଳେ ପଡ଼ିବା ମାତ୍ରେ ତା'ର ପତ୍ରଗୁଡ଼ିକ ମୁଦିହୋଇଗଲା। କିନ୍ତୁ ୪, ୫ ବା ୬ ଥର ପଡ଼ିବା ପରେ କିଛି ଲାଜକୁଳୀ ତାଙ୍କ ପତ୍ର ଖୋଲିବାକୁ ଆରମ୍ଭ କଲେ। ସତେ ଯେମିତି ସେମାନେ ଅନୁଭବ କଲେ ଯେ ସେମାନଙ୍କ ସହ କିଛି ଖରାପ ଘଟୁନାହିଁ ଏବଂ ଏପରି ଘଟଣାକୁ ସେମାନେ ଉପେକ୍ଷା କରିପାରିବେ। ଶେଷକୁ ସବୁ ଲାଜକୁଳୀ ପତ୍ର ଖୋଲିଗଲା ଏବଂ ତା'ପରେ ଯେତେଥର ସେମାନଙ୍କୁ ତଳେ ପକାଇଲେ ମଧ୍ୟ ଆଉ ପତ୍ର ମୁଦିହେଲା ନାହିଁ। ସେମାନେ କ'ଣ କ୍ଲାନ୍ତ ହୋଇପଡ଼ି ଏପରି କଲେ ? ନା, କାରଣ ଯେତେବେଳେ ସେମାନଙ୍କୁ ହଲେଇ ଦିଆଗଲା ସେମାନେ ପୁଣି ମୁଦିହୋଇଗଲେ। ଗୋଟିଏ ନୂଆ ଉତ୍ତେଜନା ପ୍ରତି ସେମାନେ ଅଭ୍ୟସ୍ତ ହୋଇଯାଇଥିଲେ। ଗୋଟିଏ ସପ୍ତାହ ପରେ ଗାଗ୍‌ଲିଆନୋ ପୁଣି ଗଛଗୁଡ଼ିକୁ ତଳେ ପକାଇ ଉକ୍ତ ପରୀକ୍ଷାର ପୁନରାବୃତ୍ତି କଲେ। କିନ୍ତୁ ଦେଖାଗଲା ଲାଜକୁଳୀ ଲତାଗୁଡ଼ିକ ଆଉ ମୁଦିହେଲେ ନାହିଁ। ଅର୍ଥାତ୍ ପୂର୍ବର ଅନୁଭୂତି ସେମାନଙ୍କର ମନେଥିଲା। ଏପରି କି ୨୮ ଦିନ ପରେ ବି ସେମାନଙ୍କର ପୂର୍ବ ଶିକ୍ଷାକୁ ମନେ ରଖିଥିଲେ।

ମଣିଷମାନେ ଭାବନ୍ତି ଯେ ମସ୍ତିଷ୍କରୁ ବୁଦ୍ଧି ବାହାରେ। କିନ୍ତୁ ଲାଜକୁଳୀ ଲତାର ତ ମସ୍ତିଷ୍କ ନାହିଁ, ତେଣୁ ତା'ର କୋଷଗୁଡ଼ିକ ହିଁ ମସ୍ତିଷ୍କର କାମ କରୁଥାଇପାରେ। ସ୍ମରଣଶକ୍ତି ହେଉଛି ବୁଦ୍ଧିମତ୍ତାର ଏକ ଅଂଶ। କିନ୍ତୁ ଏହା କିପରି କାମ କରେ ତାହା ଆମେ ଏଯାଏ ଭଲଭାବେ ଜାଣିନୁ। ଆମେ ଭାବୁ ପ୍ରାଣୀର ସ୍ମରଣଶକ୍ତି ସ୍ନାୟୁକୋଷର ଚଳନପଥର ନେଟ୍‌ୱାର୍କ ଦେଇ କାମ କରେ। କିନ୍ତୁ କୌଣସି କଥା ମନେରଖିବା ପାଇଁ ଉଦ୍ଭିଦକୁ ହୁଏତ ସ୍ନାୟୁକୋଷର ଆବଶ୍ୟକତା ପଡୁ ନ ଥାଇପାରେ। ରୋଗ ପ୍ରତିରୋଧକାରୀ କୋଷଗୁଡ଼ିକ କ୍ଷତିକାରୀ ଜୀବାଣୁମାନଙ୍କ ସଂସ୍ପର୍ଶରେ ଆସିବାର ଅନୁଭୂତିକୁ ମନେରଖିଥାନ୍ତି। ପରେ ଅନୁରୂପ ଜୀବାଣୁ ସଂସ୍ପର୍ଶରେ ଆସିଲେ ସେମାନଙ୍କର ପୂର୍ବ ଅନୁଭୂତି ମନେପଡ଼ିଯାଏ। ଉଦ୍ଭିଦ କ୍ଷେତ୍ରରେ ପୀଡ଼ନ ପରି ଅନୁଭୂତି ଗୁଣସୂତ୍ର ଚାରିପଟେ ଥିବା ଆଣବିକ ବେଷ୍ଟନୀକୁ ବଦଳାଇଦେଇପାରେ ଏବଂ ଏହା ସ୍ଥିର କରେ କେଉଁ ଜିନ୍‌ଗୁଡ଼ିକୁ ଚୁପ୍ କରାଇ ଦେବାକୁ ହେବ। ବୈଜ୍ଞାନିକମାନେ ଏବେ ଜାଣିଲେଣି ଯେ ଆଘାତ, କ୍ଷୁଧା ପରି ଘଟଣା ପ୍ରାଣୀର ମସ୍ତିଷ୍କକୁ ବଦଳାଇ ଦିଏ ଏବଂ ଏହା ସନ୍ତାନକୁ ମଧ୍ୟ ସଂଚାରିତ ହୁଏ। ଉଦ୍ଭିଦ କ୍ଷେତ୍ରରେ ମଧ୍ୟ ତାହା ହିଁ ଘଟେ।

ଆଉ ଏକ ପରୀକ୍ଷାରେ ଗାଗ୍‌ଲିଆନୋ ଏକ ପରଜୀବୀ ଲତା କସ୍‌କାଟା ୟୁରୋପିଆ (ନିର୍ମୂଳୀ ଲତା)କୁ ସମ୍ଭାବ୍ୟ ପୋଷକ ଉଦ୍ଭିଦ ପାଖରେ ରଖିଦେଲେ। ଏହି ନିର୍ମୂଳୀ ଲତା ପୋଷକ ଉଦ୍ଭିଦ ଦେହରେ ମାଡ଼ି ସେଥିରୁ ରସ ସଂଗ୍ରହ କରି ବଢ଼ିବାକୁ ଲାଗିଲା। ଏହି ଲତା ସବୁବେଳେ ଗନ୍ଧ ଦ୍ୱାରା ବାରି ସବୁଠାରୁ ଭଲ ପୋଷକ ଉଦ୍ଭିଦକୁ ତା'ର ପୁଷ୍ଟି ପାଇଁ ବାଛିଥାଏ। ଏହା ସବୁବେଳେ ହିସାବ କରି କେତେ ବେଢ଼ା ଗୁଡ଼େଇ ହେଲେ ତା'ର ପୋଷକ ଉଦ୍ଭିଦଠାରୁ ଆବଶ୍ୟକ ପୋଷଣ ପାଇପାରିବ ତାହା ସ୍ଥିର କରିଥାଏ।

ଏହି ପୁସ୍ତକରେ ଏହିପରି ଅନେକ ଗବେଷଣା ତଥ୍ୟ ସନ୍ନିବେସିତ ହୋଇଛି। ତେବେ ଏହା କେବଳ ବିଜ୍ଞାନସମ୍ମତ ନୁହେଁ, ତା'ଠୁ ବି ଅଧିକା। ଦୁନିଆକୁ ନୂଆ ଦୃଷ୍ଟିରେ ଦେଖିବା ପାଇଁ ଗାଗ୍‌ଲିଆନୋ ଆମକୁ ଆହ୍ୱାନ କରିଛନ୍ତି। ଆମେ ଉଦ୍ଭିଦ ଭିତରେ କିଛି ବୁଦ୍ଧିମତ୍ତା ବା ସମ୍ବେଦନା ନାହିଁ ବୋଲି ଧରିନେଇଛୁ। ଏଥିରେ ଆମେ ଉଦ୍ଭିଦର ବିବର୍ତ୍ତନୀୟ ଇତିହାସକୁ ଉପେକ୍ଷା କରିଥାଉ। ସେମାନଙ୍କର ବୁଦ୍ଧିମତ୍ତାକୁ ଅବଜ୍ଞା କରିବା ହେଉଛି ଆମର ଅହମିକା। ପ୍ରତ୍ୟେକ ପାର୍ଥିବ ପରିବେଶରେ ଉଦ୍ଭିଦ ରହିଛନ୍ତି ଏବଂ ଏମାନେ ପୃଥିବୀର ମୋଟ ଜୈବତତ୍ତ୍ୱର ୯୯ ପ୍ରତିଶତ ଅଧିକାର କରିଛନ୍ତି। ତେଣୁ ସେମାନଙ୍କୁ ଅବଜ୍ଞା କରିବା ଆମର ଅଜ୍ଞତା ଛଡ଼ା ଆଉ କିଛି ନୁହେଁ।

ଅନେକ ବର୍ଷ ତଳେ ଇଟାଲିର ଡାମନହରଠାରେ ଡେଭ୍‌ଲପ୍‌ମେଣ୍ଟ ଅଲ୍‌ଟର୍ନେଟିଭ୍‌ସର ସଦସ୍ୟ ଡ. ଅଶୋକ ଖୋସଲାଙ୍କୁ ଭେଟିଥିଲି, ଯେଉଁ ସଂସ୍ଥାର ମୁଖ୍ୟ ଥିଲେ ଫାଲ୍‌କୋ ନାମକ ଜଣେ ଋଷିପ୍ରତିମ ବ୍ୟକ୍ତି। ଏଠାରେ ବହୁ ବୈଜ୍ଞାନିକ କାମ କରନ୍ତି ଏବଂ କିପରି ଭଲରେ ବଞ୍ଚିବାକୁ ହେବ, ତା' ଉପରେ ସେମାନେ ଗବେଷଣା କରନ୍ତି। ସେମାନେ ଏକ ମେଶିନ ରଖିଛନ୍ତି, ଯାହାକୁ ଗଛ ଦେହରେ ଲଗାଇଦେଲେ ସେଥିରୁ ମଣିଷ ଶୁଣିବା ଭଳି ଗଛର ସ୍ୱର ଶୁଣାଯାଏ। ଅର୍ଥାତ୍ ଗଛ କଥା କହୁଥିବାର ଆପଣ ଶୁଣିପାରିବେ। ତେବେ ଆପଣ ତାହା ବୁଝି ନ ପାରିଲେ ବି ନିଶ୍ଚୟ ଅନ୍ୟ ଗଛ ତାହା ବୁଝିପାରୁଥିବେ। ଅର୍ଥାତ୍ ଉଦ୍ଭିଦମାନେ ପରସ୍ପର ସହ ଭିନ୍ନ ଏକ ଭାଷାରେ ଭାବର ଆଦାନ ପ୍ରଦାନ କରିପାରନ୍ତି। ଉଭୟ ଗଛରେ ମେଶିନ ଲଗାଇଦେଲେ ସେମାନେ ତାଙ୍କ ଭାଷାରେ କଥା ହେଉଥିବାର ଆପଣ ଶୁଣିପାରିବେ। ଭିନ୍ନ ପ୍ରଜାତିର ଉଦ୍ଭିଦର ଭାଷା ଭିନ୍ନ ହେଲେ ମଧ୍ୟ ସେମାନେ ତାହା ସହଜରେ ଶିଖିନେଇ ପାରନ୍ତି।

ପିଟର ଟମ୍ପକିନ୍ସ ଓ ଖ୍ରୀଷ୍ଟୋଫର ବାର୍ଡଙ୍କ ଦ୍ୱାରା ରଚିତ 'ଦି ସିକ୍ରେଟ୍ ଲାଇଫ୍ ଅଫ୍ ପ୍ଲାଣ୍ଟସ୍' ପୁସ୍ତକରେ ସିଆଇଏର ପଲିଗ୍ରାଫ୍ ବିଶେଷଜ୍ଞ କ୍ଲେଭ୍ ବ୍ୟାକ୍‌ଷ୍ଟରଙ୍କ ଦ୍ୱାରା ୧୯୬୬ରେ କରାଯାଇଥିବା ଗବେଷଣା ବର୍ଣ୍ଣିତ ହୋଇଛି। ସେ ଏକ ଡ୍ରାକେନା ଗଛର ପତ୍ରରେ ଗାଲ୍‌ଭାନୋମିଟର ଲଗାଇ ଏହି ପରୀକ୍ଷା କରିଥିଲେ। ସେ ଦେଖିଲେ ଯେ ଡ୍ରାକେନା ଗଛ ନିଆଁରେ ଜଳୁଛି ବୋଲି ଖାଲି କଳ୍ପନା କରିବା ମାତ୍ରେ ପଲିଗ୍ରାଫ୍ ମେଶିନର ସୂଚୀ ଉପରତଳ ହେବାକୁ ଲାଗିଲା। ଅର୍ଥାତ୍ ସେଥିରେ କିଛି ବୈଦ୍ୟୁତିକ କାର୍ଯ୍ୟକଳାପ ଘଟିଲା, ଯାହା ମାନସିକ ଚାପର ସୂଚକ। ତା'ହେଲେ ଡ୍ରାକେନା ଗଛ କ'ଣ ତାଙ୍କ ହୃଦୟର ଭାବନା ବୁଝିପାରିଲା ? ଗଛମାନେ କ'ଣ ଚିନ୍ତା କରିପାରନ୍ତି ? ବ୍ୟାକ୍‌ଷ୍ଟର ଓ ତାଙ୍କ ସାଥୀମାନେ ପିଆଜ, କମଳା, କଦଳୀ ପ୍ରଭୃତି ଅନେକ ଗଛରେ ଏହି ପରୀକ୍ଷା କରି ଦେଖିଲେ ଯେ ମଣିଷର ଭାବନା ଉପରେ ବି ଗଛମାନେ ପ୍ରତିକ୍ରିୟା ପ୍ରକାଶ କରନ୍ତି। ମଣିଷ ଗଛର ପାଖରେ ଥିଲେ କିମ୍ବା ଗଛ ସହ ଅତି ପରିଚିତ ମଣିଷ ଟିକିଏ ଦୂରରେ ଥିଲେ ବି ତାଙ୍କ ଭାବନା ପ୍ରତି ଗଛଗୁଡ଼ିକ ପ୍ରତିକ୍ରିୟା ପ୍ରକାଶ କଲେ। ଗୋଟିଏ ଗଛ ଆଗରେ ଜଣେ ଲୋକ ଆଉ ଏକ ଗଛକୁ ଦଳିଦେବା ପରେ ଦେଖୁଥିବା ଗଛଠାରେ ବୈଦ୍ୟୁତିକ ପ୍ରତିକ୍ରିୟା ପ୍ରକାଶ ପାଇଲା। ସେହି ଦଳିଦେଇଥିବା ଲୋକଟି ସହ ଆଉ ୬ଜଣ ଲୋକ ସମୟାନ୍ତରରେ ଉକ୍ତ ଗଛ ପାଖକୁ ଆସିଲେ। ଦେଖାଗଲା ଗଛକୁ ମାରିଦେଇଥିବା ଲୋକଟି ହିଁ କେବଳ ଉକ୍ତ ଗଛ ପାଖକୁ ଆସିଲେ ତା'ଠାରେ ବୈଦ୍ୟୁତିକ ପ୍ରତିକ୍ରିୟା ପ୍ରକାଶ ପାଉଛି। ଅନ୍ୟ ଲୋକମାନେ ପାଖକୁ ଆସିଲେ କିଛି ପ୍ରତିକ୍ରିୟା ପ୍ରକାଶ ପାଉନାହିଁ। ଏଥିରୁ ଉଦ୍ଭିଦର ସ୍ମୃତିଶକ୍ତି ଅଛି ବୋଲି ପ୍ରମାଣିତ ହେଲା। ଗଛମାନେ ଯେ ମଣିଷଠାରୁ ଭିନ୍ନ ନୁହନ୍ତି, ଏଥିରୁ ପ୍ରମାଣିତ ହେଉଛି।

Email: gandhim@nic.in

## ପୁନଶ୍ଚ ଗାନ୍ଧିଜୀ

ହରିହର ଶତପଥୀ

ଆଜିକାଲି ପୂର୍ବାପେକ୍ଷା ଗାନ୍ଧିଜୀଙ୍କ ଚର୍ଚ୍ଚା ବେଶି ହେଉଥିବା ସମସ୍ତେ ଜାଣନ୍ତି। ଚଳିତବର୍ଷ କେନ୍ଦ୍ର ସରକାରଙ୍କ ଗାନ୍ଧୀ କିଡ୍‌ସ ଓ ରାଜସ୍ଥାନ ସରକାରଙ୍କ ଗାନ୍ଧୀ ବିଭାଗ ଖୋଲିବା ପ୍ରସ୍ତାବ ପରେ ଏହା ଆହୁରି ଜୋର ଧରିଛି। ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ତ ଆଉପାଦେ ଆଗେଇ ଯାଇ ସମ୍ବିଧାନରେ ଗାନ୍ଧିଜୀଙ୍କ ଅହିଂସାକୁ ଅନ୍ତର୍ଭୁକ୍ତ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ଗଣମାଧ୍ୟମରେ ବହୁ ଲେଖା ପ୍ରକାଶିତ ହେଉଥିବା ଦେଖିବାକୁ ମିଳୁଛି। ଏଇ କେତେଦିନ ତଳେ ଭୁବନେଶ୍ୱରବାସୀ ଗାନ୍ଧିଜୀଙ୍କ ବାର୍ତ୍ତା ଶୁଣି ସୋସିଆଲ ମିଡ଼ିଆରେ ଆଲୋଚନା କରି ଗଦ୍‌ଗଦ ହୋଇଥିବା ଦେଖିବାକୁ ମିଳିଥିଲା। ଏସବୁ ଦେଖି ବେଳେ ବେଳେ ମନକୁ ପ୍ରଶ୍ନ ଆସୁଛି ସତରେ କ'ଣ ଇତିହାସ କଡ଼ ଲେଉଟାଇବ ? ଗାନ୍ଧୀ ଯୁଗ ପୁଣି ଫେରିଆସିବ ?

ମୋହନଦାସ କରମଚାନ୍ଦ ଗାନ୍ଧୀ ନାମକ ଯେଉଁ ସନ୍ଥ ଜଣକ ସାବରମତି ଆଶ୍ରମରେ, ଦିଲ୍ଲୀର ବିରଳାଭବନଠାରେ ଅଥବା ବ୍ରିଟିଶ ସରକାରଙ୍କ ଜେଲ୍ କୋଠରିରେ ରହି ଦେଶର ମଙ୍ଗଳ ପାଇଁ ତପସ୍ୟାରତ ଥିଲେ ସେହି ସମୟରେ ତାଙ୍କ ପୁଣ୍ୟ ପ୍ରତାପରୁ ଭାରତର ହଜାର ହଜାର ଗ୍ରାମରେ ଗୋଟିଏ ଗୋଟିଏ ଜୀବନ୍ତ ଗାନ୍ଧିଜୀଙ୍କର ଅବତରଣ ହୋଇଥିଲା। ସେହି ଗାଁ ଗାନ୍ଧୀମାନେ ନିଜ ଗାଁ ସହିତ ପାଖ ଗାଁଗୁଡ଼ିକରେ କିପରି ଶିକ୍ଷା, ସ୍ୱାସ୍ଥ୍ୟର ଉନ୍ନତି ହେବ ତାହାର ଚିନ୍ତା କରୁଥିଲେ। ଘର ସାମ୍ନାରେ ପଡ଼ିଥିବା ରାସ୍ତାଠାରୁ ପୋଖରୀ ପର୍ଯ୍ୟନ୍ତ ସଫା କରିବା ପାଇଁ ସାଧାରଣ ଲୋକଙ୍କ ସହ ମିଶି ଶ୍ରମଦାନ କରୁଥିଲେ। ସରକାରଙ୍କୁ ତାଙ୍କର ଅପେକ୍ଷା କି ଉପେକ୍ଷା ନ ଥିଲା। ସମାଜରେ ଛୁଆଁ ଅଛୁଆଁ ଦୂର କରିବାରେ ତାଙ୍କର ଆନ୍ତରିକ ଉଦ୍ୟମରେ ଲେଶମାତ୍ର ଛନ୍ଦକପଟ ନ ଥିଲା।

ଗାନ୍ଧିଜୀଙ୍କ ଅବର୍ତ୍ତମାନରେ ଏହି ଗାଁ ଗାନ୍ଧୀମାନଙ୍କର କ୍ରମେ କ୍ରମେ ଅସ୍ତ ହେବାକୁ ଲାଗିଲା। ନୂତନ ପିଢ଼ି ଆଉ ମାହାତ୍ମା ଗାନ୍ଧୀଙ୍କ ସମ୍ପର୍କରେ କିଛି ଜାଣିପାରିଲେନି। ସ୍କୁଲ କଲେଜରେ ତାଙ୍କ ଦର୍ଶନ ଧୀରେ ଧୀରେ ସଙ୍କୁଚିତ ହେବାକୁ ଲାଗିଲା। ପିଲାମାନେ ଅଧ୍ୟୟନ ବେଳେ 'ଆଲୁଅ ଲିଭିଗଲା' ଭଳି କେତେକ ଶବ୍ଦ ଆଉ ଭାବ ବ୍ୟତିରେକେ ବିଶେଷ କିଛି ଜାଣିପାରିଲେ ନାହିଁ। ଆହୁରି ଦୁଃଖଦାୟକ ଘଟଣା ହେଲା ଯେଉଁମାନେ ଆଲୁଅ ଲିଭିଗଲା ବୋଲି ଚିତ୍କାର କରୁଥିଲେ ସେମାନେ ପରବର୍ତ୍ତୀ ସମୟରେ ପୁଣି ଯେପରି ଆଲୁଅ ନ ଜଳିବ ତା'ର ବ୍ୟବସ୍ଥା କରିବାକୁ ଲାଗିଲେ ଓ ସେଥିରେ ସଫଳ ମଧ୍ୟ ହେଲେ। ଭାରତୀୟ ଜନତା ମହାଭାରତ ଯୁଗରୁ ଶିଖିଛନ୍ତି ଗୋଟିଏ କଥା ସେଇଟା ହେଲା– ମହାଜନୋ ଯେନ ଗତଃ ସ ପନ୍ଥାଃ। ମହାତ୍ମାଙ୍କ ପରେ ସମାଜରେ ଯେଉଁମାନେ ବଡ଼ ଦେଖାଗଲେ ସେମାନଙ୍କୁ ଅନୁସରଣ କରିବା ସାର ହେଲା। ଫଳତଃ ବୈଜ୍ଞାନିକ ଆଇନଷ୍ଟାଇନଙ୍କ ଭବିଷ୍ୟବାଣୀ ସତ ହେଲା। ସେ ଗାନ୍ଧିଜୀଙ୍କ ଉପରେ ମତବ୍ୟକ୍ତ କରିବାକୁ ଯାଇ କହିଥିଲେ ଯେ, ସମୟ ଆସିବ ଯେତେବେଳେ ଲୋକମାନେ ପ୍ରଶ୍ନ କରିବେ– ଗାନ୍ଧିଜୀଙ୍କ ପରି ସତରେ କ'ଣ ଜଣେ ରକ୍ତମାଂସର ଦେହଧାରୀ ମଣିଷ ଥିଲେ ? ସତକୁ ସତ କାଳକ୍ରମେ ମାହାତ୍ମା ଗାନ୍ଧୀ କିଛି ଲୋକଙ୍କ ପାଇଁ ସତ ହୋଇ ରହିଲେନି, ସେ ହୋଇଗଲେ 'ମିଛ ମହାତ୍ମା'। ଏପରି ସମୟରେ ଗାନ୍ଧୀଙ୍କ ବିଷୟରେ ବିଶେଷ ଆଲୋଚନା ହେବା ନିଶ୍ଚୟ କିଛିଟା ଆଶାର ସଞ୍ଚାର କରୁଛି।

ଆଶା ସହିତ ଆଶଙ୍କା ମଧ୍ୟ ମନକୁ ଆସୁଛି। କାରଣ ଆଜି ଯେଉଁମାନେ ଜୋର୍‌ରେ ଗାନ୍ଧୀ, ଗାନ୍ଧୀ ବୋଲି ଚିତ୍କାର କରୁଛନ୍ତି ସେମାନଙ୍କ ମଧ୍ୟରୁ ବହୁଲୋକ ଅଛନ୍ତି ଯେଉଁମାନେ ଅତୀତରେ ଗାନ୍ଧିଜୀଙ୍କୁ ଘୃଣା କରୁଥିଲେ। ସେହି ଭିତରେ ଅନେକେ ଅଛନ୍ତି ଯେଉଁମାନେ ମାହାତ୍ମା ଗାନ୍ଧୀ ନୁହେଁ ଅନ୍ୟ କେଉଁ ଗାନ୍ଧୀଙ୍କ ସମର୍ଥକ। ମୁଷ୍ଟିମେୟ କେତେ ଲୋକ ଅଛନ୍ତି ଯେଉଁମାନେ ପ୍ରକୃତରେ ମହାତ୍ମାଙ୍କ ଆଦର୍ଶରେ ଅନୁପ୍ରାଣିତ। ସେମାନେ ନିଃସଙ୍ଗ, 'ଏକ୍‌ଲା ଚଲୋ'ର ପଥିକ। ନାମ ଓ ଯଶ ପ୍ରାପ୍ତିର ବହୁ ଦୂରରେ ଥାଇ ସେମାନେ ନୀରବ ସାଧନା କରୁଛନ୍ତି।

ମହାତ୍ମା ଗାନ୍ଧୀ କଂଗ୍ରେସ ଦଳର ପୃଷ୍ଠପୋଷକ, ପାଳକ ଥିଲେ। କିନ୍ତୁ ରାଜନୀତିର ଗଣ୍ଡି ମଧ୍ୟରେ ସୀମିତ ନ ଥିଲେ। ସମାଜର ବହୁବିଧ ସମସ୍ୟା ପ୍ରତି ସଚେତନ ଥିଲେ ଓ ତଦନୁଯାୟୀ ରଚନାତ୍ମକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ଏବେ ଯେଉଁମାନେ ଗାନ୍ଧିଜୀଙ୍କ ଭକ୍ତ ବୋଲି ନିଜକୁ ଦର୍ଶାଉଛନ୍ତି ତନ୍ମଧ୍ୟରୁ ଶତକଡ଼ା ନବେଭାଗ କେବଳ ଗାନ୍ଧିଜୀଙ୍କ ରାଜନୈତିକ ଦିଗ ଉପରେ ଆଲୋଚନା ଆଉ କାର୍ଯ୍ୟ କରୁଛନ୍ତି। ଏକ ନକାରାତ୍ମକ ଚିନ୍ତାଧାରା, ପ୍ରତିକ୍ରିୟାର ଫଳସ୍ୱରୂପ ସେମାନେ ଗାନ୍ଧୀଙ୍କ ପ୍ରତି ଆନ୍ତରିକତା ଦେଖାଉଛନ୍ତି। ଦେଶ ଭିତରେ ହିନ୍ଦୁତ୍ୱର ସମର୍ଥକ ସଂଖ୍ୟା ବୃଦ୍ଧିକୁ ପ୍ରତିହତ କରିବାକୁ ହେଲେ ଗାନ୍ଧିଜୀଙ୍କୁ ଅସ୍ତ୍ର ରୂପେ ପ୍ରୟୋଗ କରିବା ହିଁ ହେଉଛି ଏକମାତ୍ର ପନ୍ଥା ବୋଲି ଏମାନେ ବିଚାର କରନ୍ତି।

ଅବଶ୍ୟ ଗତ କେତେବର୍ଷ ହେଲା ବିଶେଷତଃ ମହାରାଷ୍ଟ୍ରରେ 'ଗାନ୍ଧୀ ବଧ' ନାଟକ ଅଭିନୀତ ହେବା ପ୍ରସଙ୍ଗରେ କିଛି ଲୋକ ନାଥୁରାମ ଗଡ୍‌ସେଙ୍କ ମହତ୍ତ୍ୱ ପ୍ରତିପାଦନ କରିବା ପାଇଁ ଅପଚେଷ୍ଟା କରୁଛନ୍ତି। ନାଥୁରାମ କେବଳ ଏକ ହତ୍ୟାକାରୀ ଥିଲେ। ସେ କୌଣସି ବିଚାର ଓ ଦର୍ଶନର ପ୍ରବର୍ତ୍ତକ ନ ଥିଲେ। ତେଣୁ ଭାରତୀୟ ସମାଜରେ ସେ ଗ୍ରହଣୀୟ ହୋଇନାହାନ୍ତି। ଏମିତି ଦେଖିବାକୁ ଗଲେ ରାମାୟଣରେ ରାବଣର ବୈଶିଷ୍ଟ୍ୟ ମଧ୍ୟ ବର୍ଣ୍ଣନା କରାଯାଇଛି। ରାବଣଠାରୁ ନାଥୁରାମଙ୍କ ପର୍ଯ୍ୟନ୍ତ ସମସ୍ତ ଚରିତ୍ର ଦେଶ, ସମାଜ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇସାରିଛନ୍ତି। ତେଣୁ ପୁନଶ୍ଚ ଗାନ୍ଧୀଙ୍କ ବିଷୟରେ ଆଲୋଚନା ହେଉ, କିନ୍ତୁ ସକାରାତ୍ମକ ଭାବରେ। ଗାନ୍ଧୀ ଦର୍ଶନର ପ୍ରାସଙ୍ଗିକତା ଥିଲା, ଆଜି ଅଛି ଓ ଆଗକୁ ବି ରହିବ। ତେଣୁ ଗାନ୍ଧୀ ଦର୍ଶନ କେବଳ ଆମ ଭାଷଣର ବିଷୟ ନ ହୋଇ ଆଚରଣର ବିଷୟ ହେଉ।

ମଣ୍ଡଳ, ବଲାଙ୍ଗୀର, ମୋ– ୮୬୩୭୨୨୪୯୨୨

## ଏଇ ଭାରତରେ

ପରିବେଶ ସଚେତନତାର ଝଲକ ଦେଖିବାକୁ ମିଳିଛି ଇନ୍ଦୋରସ୍ଥିତ ସେଣ୍ଟ୍ ରାଫାୟଲ୍ସ ହାୟର ସେକେଣ୍ଡାରୀ ସ୍କୁଲ୍‌ରେ। ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ସ୍କୁଲ୍‌ର ଛାତ୍ରୀମାନେ 'ପ୍ଲାଷ୍ଟିକ୍‌ମୁକ୍ତ ଭାରତ' ଅଭିଯାନ ଆରମ୍ଭ କରିଛନ୍ତି ଏକ ନିଆରା ଉପାୟରେ। ଇନ୍ଦୋରକୁ ପ୍ଲାଷ୍ଟିକ୍‌ମୁକ୍ତ କରିବା ପାଇଁ ଦୋକାନୀମାନଙ୍କୁ ସେମାନେ ପେପର୍ ବ୍ୟାଗ୍ ବାଣ୍ଟିଛନ୍ତି। ଇନ୍ଦୋର ନଗର ନିଗମ ଅଧ୍ୟକ୍ଷ ଆଶିଷ ସିଂ ଓ ଅନ୍ୟ କର୍ମଚାରୀମାନଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ସ୍କୁଲ୍ ପରିସରରେ ୬ଷ୍ଠରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀମାନେ ଉପସ୍ଥିତ ରହି ଇନ୍ଦୋରକୁ ପ୍ଲାଷ୍ଟିକ୍‌ମୁକ୍ତ କରିବା ପାଇଁ ମଧ୍ୟ ଶପଥ ନେଇଛନ୍ତି। ଛାତ୍ରୀମାନେ ୮୦ ହଜାର ପେପର୍ ବ୍ୟାଗ ତିଆରି କରି ତାହାକୁ ସହରର ୧୩ଟି ମୁଖ୍ୟ ବଜାରରେ ଦୋକାନୀ ଓ ଫୁଟ୍‌ପାଥ୍ ବିକ୍ରେତାଙ୍କୁ ବାଣ୍ଟିଛନ୍ତି। ଏହି ଅଭିଯାନରେ ୧ ହଜାର ଛାତ୍ରୀ ସାମିଲ ହୋଇ ପଲିଥିନ୍ ଓ ପ୍ଲାଷ୍ଟିକ୍ ବ୍ୟାଗ ପରିବର୍ତ୍ତେ ଏହାକୁ ବ୍ୟବହାର କରିବା ପାଇଁ ଲୋକମାନଙ୍କୁ ସଚେତନ କରିଛନ୍ତି। ଛାତ୍ରୀମାନେ ଶିକ୍ଷକଙ୍କ ସହ ଦୁଇଟି ବସ୍‌ରେ ପେପର୍ ବ୍ୟାଗଗୁଡ଼ିକୁ ନେଇ ବାଣ୍ଟିଥିଲେ। 'ପ୍ଲାଷ୍ଟିକ୍ ଫ୍ରି ଇନ୍ଦୋର' ସନ୍ଦେଶ ଦେବା ଲାଗି କେତେଜଣ ବିଦ୍ୟାର୍ଥୀ ଗାନ୍ଧିଜୀଙ୍କ ବେଶରେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଇନ୍ଦୋରକୁ ପଲିଥିନମୁକ୍ତ ସହର କରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ କରାଯାଇଛି ବୋଲି ସ୍କୁଲ୍‌ର ଅଧ୍ୟକ୍ଷ ଜାନ୍‌ସୀ ଜୋଶେଫ୍ କହିଛନ୍ତି।

## ଚିରନ୍ତନୀ

ଖୋଜୁଥିଲୁ ଦିନେ କିଶୋର–କୁସୁମ–ପଥେ
ଲଭିବାକୁ ପରା ମଳୟ ପରଶେ ମୋତେ ?
ମୁଁ ସେହି ଜୀବନ ନୁହେଁ ନୁହେଁ ଆନ କେହି
ବାସ୍ତବ ରୂପ ଦେଖ ମୋର ଆଖି ଫେଇ।
କଠୋର ସତ୍ୟ ଏ ଧରାର ମୁହିଁ ଏକା
ସମ୍ମୁଖେ ତୋର ଦେଲି ବହୁବାର ଦେଖା
ଭୟରେ ମୋ ତହୁଁ କଲୁ ସଦା ପଳାୟନ
କଳ୍ପନା ତଳେ ଲୁଚାଇ ରଖିଲୁ ମନ।

(ଜୀବନର ସ୍ପର୍ଶ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 2 | 1 | | 7 | E | 9 | | | | | | | | |
| | 5 | A | | | 1 | E | D | | | | | | | |
| 4 | | D | | 6 | 3 | | 1 | | | | | E | | |
| B | | | 2 | 4 | | A | | 0 | | | | 8 | | 3 |
| | | | | | | 3 | | B | | 0 | | | 2 | |
| | | | | | | | 2 | | | | 6 | | 5 | 7 |
| | D | 2 | | | | | | 1 | A | | | | | |
| 7 | | | | | 4 | 0 | | | | 3 | | | | |
| | | | D | B | | | | | 0 | 8 | E | C | 6 | 4 |
| | | | | 8 | A | | B | | | | D | | | 0 |
| 9 | | | | 1 | | 8 | | | 4 | | | | B | |
| 0 | | 4 | 9 | | | | 3 | | | | C | | D | |
| | | | | E | | | 0 | 6 | | | | 5 | 1 | |
| | 6 | | 8 | | 7 | D | | | 9 | | | | 3 | |
| C | | E | | | | 5 | | | | D | 0 | 4 | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 8 | B | C | 2 | 4 | D | 1 | 7 | 3 | E | 5 | 0 | 9 | 6 |
| 5 | 2 | 4 | 6 | 0 | D | 9 | 8 | A | B | 1 | 7 | E | 3 | C |
| E | D | 1 | 5 | 9 | 7 | 3 | 2 | B | C | 6 | 0 | 4 | A | 8 |
| 0 | 9 | C | 3 | 1 | 8 | 6 | E | 5 | 4 | D | A | B | 7 | 2 |
| 3 | 6 | 7 | E | A | B | 0 | C | 4 | 2 | 9 | 8 | 1 | D | 5 |
| 8 | A | E | 1 | 3 | 5 | B | 7 | 2 | 9 | C | D | 6 | 0 | 4 |
| B | 5 | D | 0 | 7 | 6 | A | 9 | C | 1 | 2 | 4 | 3 | 8 | E |
| 9 | 7 | 0 | D | B | C | 4 | 3 | 6 | A | 8 | E | 5 | 2 | 1 |
| 2 | C | 6 | 4 | E | 9 | 8 | D | 1 | 5 | 0 | 3 | 7 | B | A |
| 4 | 1 | 3 | A | 8 | 2 | E | 5 | 0 | 7 | B | 6 | 9 | C | D |
| D | 3 | 5 | 8 | C | 1 | 2 | 6 | 9 | 0 | 4 | B | A | E | 7 |
| C | E | 9 | 7 | 4 | A | 1 | B | 3 | D | 5 | 2 | 8 | 6 | 0 |
| 6 | B | A | 2 | D | 0 | 5 | 4 | 8 | E | 7 | 9 | C | 1 | 3 |
| 7 | 0 | 8 | B | 5 | E | C | A | D | 6 | 3 | 1 | 2 | 4 | 9 |
| 1 | 4 | 2 | 9 | 6 | 3 | 7 | 0 | E | 8 | A | C | D | 5 | B |

ଗତକାଲିର ଉତ୍ତର

# ସୀମାରେଖା ଆରପାରେ



ଡ. ସୁବାସ ଚନ୍ଦ୍ର ପାତ୍ର

ସରକାରୀ ଚାକିରି ହେଉ ଅବା ଘରୋଇ, ସାମାଜିକ ଜୀବନ ହେଉ ଅବା ବ୍ୟକ୍ତିଗତ, କାର୍ଯ୍ୟଧାରାକୁ ଶୃଙ୍ଖଳିତ ତଥା ସୁସଂହତ କରିବା ପାଇଁ କିଛି ନୀତି, କିଛି ସୀମାରେଖା ନିର୍ଦ୍ଧାରଣ କରାଯାଇଥାଏ। ଆପାତ ଦୃଷ୍ଟିରୁ ବ୍ୟବସ୍ଥାଟି ଠିକ୍ ଜଣା ପଡୁଥିଲେ ହେଁ ପରବର୍ତ୍ତୀ ସମୟରେ ସୀମା ନାମରେ ମଣିଷ ଶଗଡ଼ଗୁଳାରେ ଚାଲିବାକୁ ଲାଗେ। ଏହି କ୍ରମରେ ଚାକିରି ହେଉ ଅବା ଜୀବନ ସବୁକିଛି ଭାରି ଅନାକର୍ଷଣୀୟ, ଗତାନୁଗତିକ ପରିଲକ୍ଷିତ ହୁଏ। ମଣିଷ ସେତେବେଳେ ଆନ୍ଦୋଳିତ ଅନୁଭବ କରେ ଯେତେବେଳେ ସେ ଜାଣିବାକୁ ପାଏ ତଥାକଥିତ ସୀମାରେଖା ଓ ନୀତି ବାହାରକୁ ଯାଇ କିଏ କିଛି ନୂଆ କରି ଦେଖାଉଛି। ସରକାରୀ ଅଧ୍ୟାପକ ହୁଅନ୍ତୁ ବା ଡାକ୍ତର ବା ପ୍ରଶାସକ ଯେ ଯାଏ ସେ ସରକାରଙ୍କ ନୀତିନିୟମ ସାଧୁତାର ସହ ପାଳନ କରୁଛି ସେପର୍ଯ୍ୟନ୍ତ ସେ ଜଣେ ଶୃଙ୍ଖଳିତ କର୍ମଚାରୀ; ଭଲ ତଥା ଦକ୍ଷ କିନ୍ତୁ ବିରଳ ନୁହେଁ। ବିରଳତା ଆସେ ଯେତେବେଳେ ମଣିଷ କିଛିଟା ଏହି ସୀମାରେଖା ବାହାରକୁ ଚାଲିଯାଏ, ନିୟମକୁ ଅବମାନନା କରି ନୁହେଁ ବରଂ ବିବେକର ଆହ୍ୱାନରେ, ନିଜର ଆତ୍ମାର ଆହ୍ୱାନରେ। କେତୋଟି ସତ୍ୟ ଘଟଣା ଉପରେ ଦୃଷ୍ଟି ନିକ୍ଷେପ କରାଯାଇପାରେ। ଷାଠିଏ ସତୁରି ଦଶକର କଥା। ସେତେବେଳେ ପାଠଶାଳା ଭିତରକୁ ଦୋକାନ ପଶି ନ ଥିଲା। ରସାୟନ ବିଜ୍ଞାନର ଜଣେ ପ୍ରଥିତଯଶା ଅଧ୍ୟାପକ ସେ। ସବୁବେଳେ ସେ କ୍ଲାସରେ କହନ୍ତି "ଅନର୍ସ ପାଠ କ'ଣ କ୍ଲାସରେ ୪୫ ମିନିଟ ଭିତରେ ସରେ ? ସେ ପୁଣି ଆଜି ଅଛି, କାଲି ନାହିଁ। ପାଠ ସମୁଦ୍ର ପରି, ବହୁତ ବ୍ୟାପକ, ଗଭୀର। ତାକୁ ଆୟତ୍ତ କରିବାକୁ ଦୀର୍ଘ ସମୟ ଦରକାର, ଧାରାବାହିକତା ଦରକାର। ମୁଁ ଘରେ ଗୋଟିଏ ବ୍ଲାକବୋର୍ଡ ଟାଙ୍ଗିଛି। ଯେଉଁମାନେ ଚାହଁ, ଆସିବ।" ବର୍ଷ ପରେ ବର୍ଷ ବିନା ପାରିଶ୍ରମିକରେ ସେ ନିରୋଳା ଜ୍ଞାନ ଦାନ ହିଁ କରୁଥିଲେ। ତା'ର ପ୍ରତିଫଳନ ଘଟୁଥିଲା ମହାବିଦ୍ୟାଳୟର ପରୀକ୍ଷା ଫଳରେ, ମହାବିଦ୍ୟାଳୟର ସୁନାମ ଅର୍ଜନରେ। ନିୟମକୁ ଆପାତ ବିରୋଧ କରୁଥିବା କାମ ଏତିକିରେ ଅଟକି ନ ଥିଲା। ଅନିବାର୍ଯ୍ୟ କାରଣବଶତଃ (ତନ୍ମଧ୍ୟରେ ଦାରିଦ୍ର୍ୟ) ବିଚକ୍ଷଣ ପିଲାଟିଏ ଫର୍ମ ପୂରଣ କରି ନ ଥିଲେ, ହଷ୍ଟେଲରେ ପଶି ତା' କାନମୋଡ଼ି ଚାପୁଡ଼ା ଦେଇ କଲେଜକୁ ଘେନି ଆସୁଥିଲେ ଏବଂ ପକେଟରୁ ପଇସା ଦେଇ ତା'ପାଇଁ ଫର୍ମ ପୂରଣ କରୁଥିଲେ। ଖାଲି ଅଧ୍ୟାପନା ନୁହେଁ ସବୁ ବୃତ୍ତିରେ ଏ ପ୍ରକାର ବିରଳତା ଦେଖିବାକୁ ମିଳିବ। ଜଣେ ସରକାରୀ ଡାକ୍ତର। କର୍ତ୍ତବ୍ୟ ନିର୍ଘଣ୍ଟ ବାହାରେ ନିଜ ଘରେ ଡାକ୍ତରବାବୁ ରୋଗୀ ଦେଖୁଥିଲାବେଳେ ଫୋନଟିଏ ମିଳିଲା। ପିଲାଟିର ବାପା ଡାକ୍ତରଙ୍କ ଅଳ୍ପ ପରିଚିତ। ପିଲାଟି କହୁଛି, "ମୋ ଦେହ ଅସୁସ୍ଥ, ଭୟଙ୍କର ଡାଇରିଆ। ମୋତେ ଟିକେ ସାହାଯ୍ୟ କରନ୍ତୁ।" ଡାକ୍ତରବାବୁ ତାକୁ ଔଷଧ ଲେଖିବାକୁ କାଗଜ କଲମ ଧରିବାକୁ କହିଲେ, ନଚେତ୍ ପାଖ ଔଷଧ ଦୋକାନ ଯାଇ ସେଠୁ ଫୋନ କରିବାକୁ କହିଲେ। ପିଲାଟି କହିଲା, ମୁଁ ପାଇଖାନା କବାଟ ପାଖରେ ପଡ଼ିଛି। ମୋ ପାଖରେ କଲମ ନାହିଁ କି ମୁଁ କୁଆଡ଼େ ଯାଇପାରିବିନି। "ଆଉ ଖାଦ୍ୟ ?" "ମୁଁ ଘରେ ଏକା, ବାପା ମା' ନାହାନ୍ତି।" ଦେଖୁଥିବା ରୋଗୀମାନଙ୍କୁ ଟିକେ ବସିବାକୁ କହି ଡାକ୍ତରବାବୁ ଚାଲି ଆସିଥିଲେ ସେ ପିଲା ଘରକୁ ଜୀବନର ବାର୍ତ୍ତାବହ ହୋଇ, ଔଷଧ ଓ ପଥ୍ୟ ଧରି। ଦିନକ ପରେ ବାପା, ମା' ଫେରିଲା ପରେ ପିଲାଟି ଖାଲି କହିଥିଲା, "ଡାକ୍ତରବାବୁଙ୍କ ଯୋଗୁ ମୁଁ ବଞ୍ଚି ରହିଛି।" ଡାକ୍ତରବାବୁ ଯାହା କଲେ ତାହା ତାଙ୍କୁ ସରକାର ବା ସରକାରଙ୍କ ନୀତିନିୟମ କହି ନ ଥିଲା। ଅବଶ୍ୟ ଏ ଦୁଇଟି ଘଟଣା ବେଶ୍ ପୁରୁଣା। ଏବେ ସଦ୍ୟତମ ଘଟଣା ଦୁଇଟି ଦେଖାଯାଉ। ଅଳ୍ପ କେତେଦିନ ତଳର କଥା। ନବରଙ୍ଗପୁର ଜିଲାପାଳ ସରକାରୀ କାର୍ଯ୍ୟ ସାରି ଅଫିସ ଫେରୁଥାନ୍ତି। ରାସ୍ତାରେ ଏକ ଦିବ୍ୟାଙ୍ଗ ଦମ୍ପତିଙ୍କୁ ଦୁଃସ୍ଥିତି ମଧ୍ୟରେ ଦେଖିବାକୁ ପାଇଲେ। ରାସ୍ତାକଡ଼ରେ ଗାଡ଼ି ରଖି ସେ ଦମ୍ପତିଙ୍କୁ ଭେଟିଲେ। ସେମାନଙ୍କ ଦୁଃଖସୁଖ ବୁଝିବା ସହ କିପରି ସେମାନେ ସରକାରୀ ଘର ତଥା ଅନ୍ୟାନ୍ୟ ସୁବିଧା ପାଇବେ ତା' ବାଟ ବତେଇ ସେ ନିଜ ବାଟରେ ଚାଲିଗଲେ। ଅଧିକ ଆକର୍ଷଣୀୟ ଲାଗେ ମେଘାଳୟର ସେ ଆଇଏଏସ୍ ଅଧିକାରୀ ଜଣଙ୍କର ଉଲ୍ଲେଖଯୋଗ୍ୟ ବ୍ୟବହାର। ନିଜର ସାଧାରଣତ୍ୱ ପ୍ରତିପାଦନ କରିବା ପାଇଁ ପିଠିରେ ବାଉଁଶ ଟୋକେଇଟିଏ ବାନ୍ଧି ସ୍ତ୍ରୀଙ୍କ ସହ ପାଖାପାଖି ୧୦/୧୫ କି.ମି. ଚାଲିଚାଲି ଯାଆନ୍ତି ସପ୍ତାହକୁ ଥରେ ସହରର ନିକଟସ୍ଥ ଏକ ନିର୍ଦ୍ଦିଷ୍ଟ ହାଟକୁ ପରିବା ଓ ଫଳ କିଣିବା ପାଇଁ। ପରିବା ଓ ଫଳ କିଣିବା ସହ ପଲିଥିନ ମୁକ୍ତ ଜୀବନ ଜିଇବା ପାଇଁ ଲୋକଙ୍କୁ ବୁଝେଇ ଫେରନ୍ତି ଏବଂ ଏ ଯିବା ଆସିବାକୁ ଏକ ବ୍ୟାୟାମ ହିସାବରେ ମଧ୍ୟ ବ୍ୟବହାର କରନ୍ତି ନିଜକୁ ଫିଟ୍ ରଖିବା ପାଇଁ। କେତେଜଣ ଆଇଏଏସ୍ ଅଧିକାରୀଙ୍କ କ୍ଷେତ୍ରରେ ଏକଥା କହିହେବ ? ତା' ଛଡ଼ା ଏ କଥା କରିବା ପାଇଁ କୌଣସି ସରକାରୀ ନିୟମ ତାଙ୍କୁ ବାଧ୍ୟ କରିନାହିଁ। କେତେ ଗ୍ରହଣୀୟ ହେବ ସରକାରୀ ଯୋଜନାମାନ ଯେତେବେଳେ ତୃଣମୂଳସ୍ତରରେ ସରକାରଙ୍କ ପ୍ରତିନିଧି ଏହି ବାବୁ ବା ସାହେବ ବା ହାକିମମାନେ ଲୌହ ପରଦା ଭିତରୁ ବାହାରି ଆସି ନିଜକୁ 'ଜନତାଙ୍କ ପାଇଁ' ବୋଲି ସାବ୍ୟସ୍ତ କରିବେ। ଖାଲି ଚାକିରି ନୁହେଁ ଜୀବନରେ ମଧ୍ୟ ଯେଉଁମାନେ ପ୍ରତ୍ୟାଶିତ ଚଳଣିର ଧାରା, ଜୀବନଯାତ୍ରା ଓ ଦୃଷ୍ଟିଭଙ୍ଗୀରୁ ହଟି କିଛି ଭିନ୍ନ କରି ବସନ୍ତି ସେହିମାନେ ହିଁ ଉଦାହରଣ ହୁଅନ୍ତି, ଆଦର୍ଶ ସାଜନ୍ତି। ଥିଲେ ଜଣେ ହରି ମଉସା। ଅତି ପରିଣତ ବୟସରେ ବି ନିଜ ପରିବାରର ତଥା ଅନ୍ୟମାନଙ୍କର ଖୁସି ହିଁ ଥିଲା ତାଙ୍କର କାମ୍ୟ। ଘର ଘର ବୁଲି ନିଜ ବାଡ଼ିରେ ଫଳିଥିବା ପରିବା ଓ ବିଲଗାଡ଼ିଆରୁ ଧରା ହୋଇଥିବା ମାଛ ବାଣ୍ଟି ଦେଇ ଆସିବା, ପୁଣି ମାଛଖଟା ପାଇଁ କାଳେ ଓଉ ଦରକାର ହେବ ତାକୁ ପରେ ପଠାଇବା– ଏ ସବୁ କରିବା ପାଇଁ ତାଙ୍କୁ କୌଣସି ସାମାଜିକ ସମ୍ବିଧାନ ବରାଦ କରି ନ ଥିଲା। ସମ୍ପୂର୍ଣ୍ଣ ନଇଁ ପଡ଼ିଥିଲେ ହରି ମଉସା। ଚାଲିଲା ବେଳେ ହାତ ଲାଗିଯାଉଥିଲା ମାଟିରେ। ଲୋକେ କହୁଥିଲେ ଧରଣୀ ମା'କୁ କୃତଜ୍ଞତା ଜଣାଇବାକୁ ସେ ମାଟିକୁ ପ୍ରଣାମ କରିକରି ଚାଲୁଥିଲେ। ଦିନେ ଉଦୁଉଦିଆ ଖରାରେ ସେ ଅନ୍ତର୍ଦ୍ଧାନ ହେଲେ। ପୁଅମାନେ ଖୋଜାଖୋଜି କରି ପରାସ୍ତ ଅନୁଭବ କରୁଥିଲା ବେଳେ ହାଜର ହେଲେ ମଉସା। ଅନ୍ତର୍ଦ୍ଧାନର କାରଣ ଥିଲା ଏହିପରି– "ମହାପାତ୍ର ବାବୁଙ୍କ କୋଠାଘର ତିଆରି ହେଉଛି ତ, ଦୁଇ ଚାରିଟା ଇଟା ଓ ପଥର ଭାଙ୍ଗି ଦେଇ ଆସିଲି।" "ତାଙ୍କର କ'ଣ ମୂଲିଆ ନ ଥିଲେ ?" "ସେ କଥା ନୁହଁ। ଆମର ତ ବନ୍ୟା, ବାତ୍ୟାଞ୍ଚଳ। ଇଟା ଦୁଇଟା ଭାଙ୍ଗି ଦେଇଥିଲେ ସେମାନେ ବନ୍ୟା ବା ବାତ୍ୟା ବେଳେ ମୋ ପୁଅ, ନାତିକୁ ଆଶ୍ରୟ ଦେବେ ଏହିକଥା ଭାବି ଯେ ବୁଢ଼ାଟା ଘର ତିଆରି ବେଳେ ଚାରିଟା ଇଟା ଭାଙ୍ଗି ଦେଇଥିଲା।" ହରି ମଉସାଙ୍କ କାମ କେଉଁ ପୂର୍ବପୁରୁଷ ବା ସମାଜ ନିର୍ଦ୍ଧାରିତ ମାର୍ଗ ? ଜୀବନକୁ ବା ଆପଣେଇଥିବା ବୃତ୍ତିକୁ ସୁବିନ୍ୟସ୍ତ କରିବା ପାଇଁ କିଛି ନୀତି, ନିୟମ, ସୀମାରେଖା ରହିବା ବାଞ୍ଛନୀୟ। କିନ୍ତୁ ଅନେକ ସମୟରେ ସେ ନୀତି ବା ନିୟମ ମଣିଷକୁ ଶୃଙ୍ଖଳିତ କରିବା ପରିବର୍ତ୍ତେ ତାକୁ ବନ୍ଦୀ କରେ। ଆଉ ଅପାରଗ ଲୋକଙ୍କ ପାଖରେ ନିୟମ ଏକ ଢାଲ। ତା'ରି ଆଢୁଆଳରେ ସେ ତା'ର ନିକମାପଣ ଜାରି ରଖେ। ଭାରି ସୁରକ୍ଷିତ ମଣେ ନିଜକୁ। ତେଣୁ ବ୍ୟବସ୍ଥାକୁ ଅଧିକ ଜନମନସ୍କ ତଥା ଜୀବନମନସ୍କ କରିବା ପାଇଁ ଯଦି କିଏ ମହତ୍ ଉଦ୍ଦେଶ୍ୟ ରଖି ସୀମାରେଖା ବାହାରକୁ ଚାଲିଯାଏ ତାଙ୍କୁ ସାମାଜିକ ତଥା ଆନୁଷ୍ଠାନିକ ସ୍ତରରେ ପ୍ରଶଂସା କରିବା ସହିତ ଏକ ଉଦାହରଣ ରୂପେ ଅନ୍ୟମାନଙ୍କ ଆଗରେ ଉପସ୍ଥାପନା କରିବା ଆବଶ୍ୟକ।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ଜେଲ ରୋଡ, ବାଲେଶ୍ୱର,
ମୋ– ୯୪୩୭୩ ୭୬୨୧୯

## ପାଠକ ଶ୍ରେଷ୍ଠ ବିଚାରକ

### ମଧୁର ଅତୀତ

ମହାଶୟ,

ପୁରାତନ ଓ ଆଧୁନିକ ଯୁଗର ସନ୍ଧିକ୍ଷଣରେ ଜନ୍ମିଥିବା ଓ ବର୍ତ୍ତମାନର ଅତ୍ୟାଧୁନିକ ଜୀବନଶୈଳୀରେ ବଞ୍ଚିଥିବା ମଣିଷମାନେ ବଡ ଭାଗ୍ୟବାନ୍, କାରଣ ସେମାନେ ଦେଖିଥିବା ପରିବାର, ସମାଜ ଓ ପରିବେଶ ବର୍ତ୍ତମାନଠାରୁ ଢେର୍ ଉନ୍ନତ ଓ ସମୃଦ୍ଧ ଥିଲା। ସେତେବେଳେ ଯୌଥ ପରିବାରରେ ପିଲାମାନଙ୍କର ଲାଳନ ପାଳନ ହେଉଥିଲା। ସନ୍ଧ୍ୟାବେଳେ ଜେଜେମାଠାରୁ ଶାସ୍ତ୍ରପୁରାଣରୁ ଗପ ଶୁଣି ଗୁରୁଜନମାନଙ୍କୁ ଭକ୍ତି କରିବା ଶିଖୁଥିଲେ। ସନ୍ଧ୍ୟାବେଳେ ସବୁ ଭାଇଭଉଣୀ ଅଗଣାରେ ଡିବି ବା ଲଣ୍ଠନ ଆଲୁଅରେ ପାଠ ପଢୁଥିଲେ। ଆଗେ ବିଦ୍ୟାଳୟରେ ଦଣ୍ଡବିଧାନ ଥିଲେ ମଧ୍ୟ ପାଠର ଚାପ ନ ଥିଲା। ପୂନେଇଁ ପର୍ବରେ ବିଶେଷ କରି ରଜପର୍ବରେ ଗାଁ ଦାଣ୍ଡ କିମ୍ବା ଆମ୍ବତୋଟାରେ କବାଡ଼ି, ବୋହୂଚୋରି, ଚୋରପୋଲିସ ଖେଳ ଖେଳୁଥିଲେ ଗାଁର ସବୁ ପିଲା। ତାହା ଆଜି ସାତ ସପନ। ଆଜି ସେହି ମଧୁର ଅତୀତ ଆମ୍ଭମାନଙ୍କୁ ଭାବ ବିହ୍ୱଳ ଓ ଆନମନା କରୁଛି। ଏହି ପରିପ୍ରେକ୍ଷୀରେ ଧରିତ୍ରୀରେ ପ୍ରକାଶିତ ପ୍ରକାଶ ତ୍ରିପାଠୀଙ୍କ ଆଲେଖ୍ୟ 'ଆମ ଜୀବନର ସୁନେଲି ଅତୀତ' ପ୍ରଣିଧାନଯୋଗ୍ୟ।

ଭଗବାନ ଦାସ, ହରି ନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### କଲେଜ ଛାତ୍ର କ'ଣ ଶିଖୁଛନ୍ତି

ସ୍ୱାଧୀନତା ଦିବସ ପୂର୍ବଦିନ ଓଡ଼ିଶାର ବିଭିନ୍ନ ଓଡ଼ିଆ ନ୍ୟୁଜ ଚ୍ୟାନେଲ ଓଡ଼ିଶାର ବିଭିନ୍ନ କଲେଜ ଛାତ୍ରୀଛାତ୍ରଙ୍କୁ ପ୍ରଶ୍ନ ପଚାରିଲେ: ଭାରତ କେବେ ସ୍ୱାଧୀନ ହେଲା, ଲବଣ ସତ୍ୟାଗ୍ରହ କ'ଣ ଇତ୍ୟାଦି। କେହି ଉତ୍ତର ଦେଇ ପାରି ନ ଥଲେ। ଏହାଠାରୁ ଲଜ୍ଜାଜନକ ଘଟଣା କ'ଣ ଥାଇପାରେ ? ଅଥଚ କଲେଜରେ ନିର୍ବାଚନ ବନ୍ଦ ଘୋଷଣା ପରେ ଛାତ୍ରଗୋଷ୍ଠୀ ନାରାବାଜି ଆରମ୍ଭ କରିଦେଲେ।

କହ୍ନେଇଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୩ ଅକ୍ଟୋବର ୧୯୯୪

- ୧୯୯୪ ମସିହା ପାଇଁ 'ସନ୍ ଅଫ୍ ଇଣ୍ଡିଆ' ସମ୍ମାନ ଓଡ଼ିଶାର ରାଜ୍ୟପାଳ ବି. ସତ୍ୟନାରାୟଣ ରେଡ୍ଡୀଙ୍କୁ ପ୍ରଦାନ କରାଯାଇଛି।
- ଉତ୍ତରପ୍ରଦେଶର ମୁଜାଫର ନଗର ସହରଠାରୁ ୪ କି.ମି. ଦୂର ରାମନଗରରେ ଆନ୍ଦୋଳନକାରୀଙ୍କୁ ଘଉଡାଇବା ପାଇଁ ପୋଲିସର ଗୁଳିଚାଳନାରେ ୧୦ ଜଣଙ୍କ ମୃତ୍ୟୁ।

■ଆଉ ଆଶ୍ରୟସ୍ଥଳ ସାଜିବନି ଜିଲାପାଳଙ୍କ କାର୍ଯ୍ୟାଳୟ ବାରଣ୍ଡା

# ଆରମ୍ଭ ହେଲା ରେଷ୍ଟଶେଡ୍ ନିର୍ମାଣ

ବାରିପଦା ଅଫିସ,୨ା୧୦

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାର ଅପହଞ୍ଚ ଇଲାକାରୁ ପ୍ରତିଦିନ ଜିଲାପାଳଙ୍କୁ ସାକ୍ଷାତ କରି ଗୁହାରି ତଥା ଅଭିଯୋଗ କରିବା ପାଇଁ ଲୋକେ ଆସିଥାନ୍ତି। ମାତ୍ର ଏଠାରେ ଖରା କିମ୍ବା ବର୍ଷାରେ ମୁଣ୍ଡ ଗୁଞ୍ଜିବାକୁ ଲୋକେ ଜାଗା ପାଇ ନ ଥାନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏକ ଗଛ ମୂଳ ପିଣ୍ଡି ଖରା ଦିନେ ଲୋକଙ୍କ ଆଶ୍ରୟସ୍ଥଳ ପାଲଟୁଥିବା ବେଳେ ବର୍ଷା ଦିନେ ଜିଲାପାଳଙ୍କ କାର୍ଯ୍ୟାଳୟର ବାରଣ୍ଡା ଲୋକଙ୍କ ଆଶ୍ରୟସ୍ଥଳ ପାଲଟି ଥାଏ। ଏନେଇ ଗତ ଜୁଲାଇ ୨ ତାରିଖରେ 'ଧରିତ୍ରୀ'ରେ ଏକ ସ୍ୱତନ୍ତ୍ର ତଥ୍ୟ ଓ ମତାମତ ଭିତ୍ତିକ ରିପୋର୍ଟ ପ୍ରକାଶ ପାଇଥିଲା। ଏହା ପରେ ଜିଲାର ମାନବାଧିକାର କର୍ମୀ ଓ ବୁଦ୍ଧିଜୀବୀମାନେ ତୁରନ୍ତ ଆଶ୍ରୟସ୍ଥଳ ନିର୍ମାଣ କରିବାକୁ ଦାବି କରିଥିଲେ। ଏହି ଘଟଣାରେ ଜିଲା ପ୍ରଶାସନ ତତ୍ପରତା ଦେଖାଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏକ ରେଷ୍ଟଶେଡ୍ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲା। ନିଷ୍ପତ୍ତି

## 'ଧରିତ୍ରୀ'ରେ ଖବର ପ୍ରକାଶନ ପରେ ତତ୍ପରତା ଦେଖାଇଲା ପ୍ରଶାସନ



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରେଷ୍ଟଶେଡ୍ ନିର୍ମାଣ କାର୍ଯ୍ୟ ଚାଲିଛି।

ମୁତାବକ ପୂର୍ତ୍ତ ବିଭାଗର ଅନୁଦାନରେ ଏହି ରେଷ୍ଟଶେଡ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ମୟୂରଭଞ୍ଜ ଗଡଜାତ ରାଜ୍ୟ ୧୯୪୮ ଅକ୍ଟୋବର ୧୭ ତାରିଖରେ ୟୁନିୟନ ଅଫ ଇଣ୍ଡିଆରେ ମିଶିବା ପରେ ୧୯୪୯ ଜାନୁୟାରୀ ପହିଲାରେ ଏହା ଓଡ଼ିଶା ରାଜ୍ୟରେ ବିଲୀନ ହୋଇଥିଲା। ସେହି ସମୟରେ ମୟୂରଭଞ୍ଜରେ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓଙ୍କ ଶାସନ ଚାଲିଥିଲା। ମିଶ୍ରଣ ପରେ ମୟୂରଭଞ୍ଜର ସମସ୍ତ ସମ୍ପତ୍ତି ତଥା ତଥା ରକ୍ଷଣାବେକ୍ଷଣ ଦାୟିତ୍ୱ ଓଡ଼ିଶା ସରକାରଙ୍କ ହାତରେ ନ୍ୟସ୍ତ ହୋଇଥିଲା। ସେବେଠାରୁ ମୟୂରଭଞ୍ଜ ମହାରାଜା ରାଜ୍ୟ ଶାସନ ପାଇଁ ବ୍ୟବହାର କରୁଥିବା ବିଭିନ୍ନ ଭବନରେ ଜିଲା କାର୍ଯ୍ୟାଳୟମାନ ରାଜ୍ୟ ସରକାର ଆରମ୍ଭ କରିଥିଲେ। ଇତି ମଧ୍ୟରେ ଦୀର୍ଘ ବର୍ଷ ବିତିଯାଇଛି। ୧୯୪୯ ଏପ୍ରିଲ ପହିଲାରୁ ଜିଲାରେ ଅଦ୍ୟାବଧି ୫୨ ଜଣ ଜିଲାପାଳ ଜିଲାର ପ୍ରଶାସନିକ ଦାୟିତ୍ୱ ସମ୍ଭାଳିଲେଣି ମାତ୍ର ଜିଲାର ଜନସାଧାରଣଙ୍କ ସମସ୍ୟା ସମାଧାନ ହୋଇ ପାରୁନାହିଁ। ଜିଲାବାସୀ ବିଭିନ୍ନ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇ ଆସୁଛି। ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଜନ ସାଧାରଣ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଥିବା ଜିଲାରେ ଏବେ ମୁଖ୍ୟ ସମସ୍ୟା ପାଲଟିଛି।

## ବିଶୋଇରେ ଶସ୍ୟ ମେଳା

ବିଶୋଇ,୨ା୧୦(ଡି.ଏନ.ଏ)

ବିଶୋଇ ବ୍ଲକ ଅନ୍ତର୍ଗତ କୁଦରସାହି ଗ୍ରାମରେ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତଥା ଜିଲା ଗ୍ରାମ୍ୟ ସ୍ୱରାଜ ପକ୍ଷରୁ କ୍ଷୁଦ୍ର ଶସ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ମିଲେଟ ମିଶନର ଜିଲା ସଂଯୋଜକ ଅଶ୍ୱିନୀ ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ମୁଖ୍ୟବ୍ୟକ୍ତା ଭାବରେ ସହସଂଯୋଜକ ଦିବାକର ମହାପାତ୍ର ଏବଂ ସମ୍ମାନନୀୟ ଅତିଥି ଭାବରେ ବ୍ଲକ ସଂଯୋଜକ ନିରଞ୍ଜନ ପଣ୍ଡା, ବିଶୋଇ ଜନ ସହକାରୀ କୃଷି ଅଧିକାରିଣୀ ଗାୟତ୍ରୀ ଟୁଡୁ, ମଣଦାର ସହକାରୀ କୃଷି ଅଧିକାରିଣୀ ପ୍ରିୟଦର୍ଶିନୀ ମହାନ୍ତ, ସ୍ୱୟଂ ସହାୟିକା ଗୋଷ୍ଠୀ କର୍ମୀ ସଞ୍ଜୁଲତା ମହାନ୍ତ ପ୍ରମୁଖ ଯୋଗଦେଇ କ୍ଷୁଦ୍ର ଶସ୍ୟର ଚାହିଦା ଓ ଉପକାରିତା ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ। ଜିଲାର ବାଙ୍ଗିରିପୋଷି, ବିଶୋଇ ଓ ଯଶିପୁର ବ୍ଲକକୁ ମିଲେଟ ମିଶନର କାର୍ଯ୍ୟ ପରିସରଭୁକ୍ତ କରାଯାଇଛି। ଏହି ବ୍ଲକରେ ବର୍ଷକୁ ଅତି କମ୍‌ରେ ୫୦୦ ଏକର ଜମିରେ ମାଣ୍ଡିଆ ଜାତୀୟ ଫସଲ ଚାଷ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବିଶୋଇ ସିଆରପି ରାମଲାଲ ସେଠୀ, ଏନବି ପୋଖରିଆ ସିଆରପି ଦେବଦତ୍ତ ମହାନ୍ତ, ବାଉତିବେଡା ସିଆରପି ଗୌତମ ଗିରି, ଲୁହାକାନି ସିଆରପି ସୁବ୍ରତ ଚନ୍ଦ୍ର ଧଳଙ୍କ ସମେତ ନୋଡାଲ ଶିବିରର ସମସ୍ତ କର୍ମକର୍ତ୍ତା ଓ କୁଦରସାହି ଏବଂ କଟାସର ଅଙ୍ଗନୱାଡି କର୍ମୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବାରିପଦାସ୍ଥିତ ମା' ଅମ୍ବିକାଙ୍କ କୁଷ୍ମାଣ୍ଡବେଶ।

## ଗ୍ରୀଲ୍ ଭାଙ୍ଗି ଟଙ୍କା, ସୁନା ଲୁଟ୍

ରାଇରଙ୍ଗପୁର,୨ା୧୦(ଡି.ଏନ.ଏ)– ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅଧୀନ ବିକାଶନଗର ବସ୍ତି ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଗ୍ରୀଲ ଭାଙ୍ଗି ମଙ୍ଗଳବାର ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ନଗଦ ୪ ହଜାର ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ଗୃହ ମାଲିକ ଛୋଟରାୟ ଟୁଡୁଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୧୧୮/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ଛୋଟରାୟ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ତାଙ୍କ ଘରେ ପଶି ଲୁଟପାଟ କରିଥିଲେ। ଟାଉନ ଥାନା ଅଧିକାରୀ ରଞ୍ଜନ କୁମାର ସେଠୀ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚଳାଇଥିବା କହିଛନ୍ତି।

# ଧାନ ଫସଲ ନଷ୍ଟ କଲେ ହାତୀପଲ

ଚିତ୍ରଡା,୨ା୧୦(ଡି.ଏନ୍.ଏ.)

ରାସଗୋବିନ୍ଦପୁର ବନାଞ୍ଚଳ ଅଧୀନ ମୋରଡ଼ା ବ୍ଲକର ଘୋଳମୁହାଁ ଗ୍ରାମରେ ହାତୀପଲ ପଶି ବ୍ୟାପକ ଧାନ ଫସଲ ନଷ୍ଟ କରିଛନ୍ତି। ଏହି ହାତୀପଲ ଝାଡଖଣ୍ଡର ଦଲମା ଜଙ୍ଗଲରୁ ପଶ୍ଚିମବଙ୍ଗ ହୋଇ ଗତ ମାସ ୧୪ ତାରିଖରେ ରାସଗୋବିନ୍ଦପୁର ରେଞ୍ଜରେ ପ୍ରବେଶ କରିଥିଲେ। ଏଥିରେ ୫୦ରୁ ଉର୍ଦ୍ଧ୍ୱ ହାତୀ ଥିବା ବନାଞ୍ଚଳ ଅଧିକାରୀ କହିଛନ୍ତି। ହାତୀପଲ ଫେରିଲା ବେଳକୁ ଧାନ ଫସଲ ଖାଇବା ସହ ପାଦରେ ଦଳି ନଷ୍ଟ କରୁଛନ୍ତି। ପ୍ରାୟ ୧ଏକରରୁ ଅଧିକ ଧାନ ଫସଲ ନଷ୍ଟ ହୋଇଥିବାରୁ ଚାଷୀମାନେ ହତାଶ ହୋଇ ପଡିଛନ୍ତି। କ୍ଷତିଗ୍ରସ୍ତ ଚାଷୀ ସେକ ମୁସତୋଫା, ଜଗନ୍ନାଥ ମାଝି, ରାମଚନ୍ଦ୍ର ହେମ୍ବ୍ରମ, ମଧୁସୂଦନ ଚପେୟାର, ଶ୍ୟାମ ଚପେୟାର, ସିଂରାଇ ଟୁଡୁ, ପାର୍ବତୀ ମାର୍ଣ୍ଡି, ଗିର୍ଥ ମାଝି ପ୍ରମୁଖ ବୁଧବାର ପୂର୍ବାହ୍ନରେ ବନାଞ୍ଚଳ ଅଧିକାରୀଙ୍କଠାରେ ଲିଖିତ ଅଭିଯୋଗ କରି କ୍ଷତିପୂରଣ ଦାବି କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଯଥାଶୀଘ୍ର ସହାୟତା ମିଳିବ ବୋଲି ବନାଞ୍ଚଳ ଅଧିକାରୀ କହିଛନ୍ତି।



## ବିଜେଡିର ସଭ୍ୟ ସଂଗ୍ରହ ଓ ଜନ ସମ୍ପର୍କ ପଦଯାତ୍ରା

ଖୁଣ୍ଟା,୨ା୧୦ (ଡି.ଏନ୍.ଏ.)

ବାରିପଦା ନିର୍ବାଚନ ମଣ୍ଡଳୀ ଅଧୀନ ଖୁଣ୍ଟା ବ୍ଲକ ବିଜେଡି ପକ୍ଷରୁ ଗାନ୍ଧିଜୟନ୍ତୀ ଅବସରରେ ବୁଧବାର ଭୋଲାଗଡ଼ିଆଠାରେ ସଭ୍ୟ ସଂଗ୍ରହ ଓ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭୋଲଗାଡ଼ିଆ ହାଟସ୍ଥଳିରୁ ପଦଯାତ୍ରା ବାହାରି ମିନି ଷ୍ଟାଡିୟମରେ ପହଞ୍ଚିଥିଲା। ସେଠାରେ ବ୍ଲକ ଅଧ୍ୟକ୍ଷ ପୁଷ୍ପଲତା ମାର୍ଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପର୍ଯ୍ୟବେକ୍ଷକ ଭାବେ ଡା ଦେବାଶିଷ ମାର୍ଣ୍ଡିଙ୍କ ସମେତ ରାଜ୍ୟ ମହିଳା ସାଧାରଣ ସମ୍ପାଦିକା ସୀମା ଦାସ , ଜିଲା ଯୁବ ବିଜେଡିର ସଭାପତି ଜୀତେନ୍ଦ୍ର ମହାନ୍ତି, ବ୍ଲକ ଯୁବ ସଭାପତି ଲାଲାଜୀ ରଥ ଓ ବହୁ ମହିଳା ପୁରୁଷ କର୍ମୀ ଉପସ୍ଥିତ ଥିଲେ।

UTKAL UNIVERSITY
VANI VIHAR, BHUBANESWAR - 751004, ODISHA, INDIA
Category I University with graded Autonomy by MHRD
WALK-IN-INTERVIEW
No. Estt-II / 1183 (Pt.) / 28531/ 2019 Dated: 01.10.2019
Interested candidates having B.Sc. Nursing from any recognized Institution may attend the **walk-in-interview on 22.10.2019 at 11.00 AM** for engagement of one Nurse in the University Health Centre, Utkal University with a consolidated remuneration of ₹ 13,500/- per month. The engagement is purely temporary for a period of one year. Candidates are required to come with their Bio-data along with self attested copies of certificates and original certificates and report between 10.00 AM to 11.00 AM in the University Health Centre for verification.
No TA / DA will be paid for the purpose.
Sd/- REGISTRAR

୧୪ତମ ଜନ୍ମଦିନ ଶୁଭେଚ୍ଛା



ଅମିୟ ପ୍ରସାଦ ପ୍ରିୟଦର୍ଶୀ ନାୟକ (ପ୍ରିନ୍ସ)
ଜଗତ୍‌ସିଂହପୁର(ପ୍ରହରାଜପୁର–ମଣ୍ଡାସାହି)
ତୁମର ଚଲାପଥ କୁସୁମିତ ହେବା ସହ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ, ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥ, ମା' ତାରିଣୀ ଓ ସାଇବାବାଙ୍କ ନିକଟରେ ପ୍ରାର୍ଥନା।
ଶୁଭେଚ୍ଛା ସହ:
ଜେଜେମା', ଦାଦା, ଖୁଡ଼ୀ, ପିଇସା, ପିଇସୀ, ବାପା ଓ ମମି।
Ph: 9556972120, 9937796500
ଧ–୧୪୫୮୧

# ସ୍ୱଚ୍ଛତା ପାଇଁ ସଚେତନ କଲେ ବ୍ୟାଙ୍କ କର୍ମଚାରୀ




ବ୍ୟାଙ୍କ କର୍ମଚାରୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ବାରିପଦା ଅଫିସ,୨ା୧୦

ଗାନ୍ଧୀ ଜୟନ୍ତୀ ଅବସରରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ବାରିପଦା ଆଞ୍ଚଳିକ ବ୍ୟବସାୟ କାର୍ଯ୍ୟାଳୟ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା ଏବଂ ପ୍ଲାଷ୍ଟିକ ଆବର୍ଜନା ମୁକ୍ତ ରାଷ୍ଟ୍ର ଗଠନ ନିମନ୍ତେ ଜନ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ବ୍ୟାଙ୍କ କର୍ମଚାରୀମାନେ ବାରିପଦା ଜଗନ୍ନାଥ ମନ୍ଦିରଠାରୁ ବିମଳା ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ ରାସ୍ତାରେ ଥିବା ଆବର୍ଜନା ସଫା କରଥିଲେ। ଏହି କାର୍ଯ୍ୟକ୍ରମରେ ବାରିପଦା ଆଞ୍ଚଳିକ ବ୍ୟବସାୟ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀକାନ୍ତ ଦାସ, ମୁଖ୍ୟ ପ୍ରବନ୍ଧକ ସୁଦର୍ଶନ ବେହେରା, ସୁଶାନ୍ତ କୁମାର ମହାପାତ୍ର, ପ୍ରନେଶ କୁମାର ବାର୍ଲା, ବାରିପଦା ଶାଖାର ମୁଖ୍ୟ ପ୍ରବନ୍ଧକ ରଶ୍ମି ରଞ୍ଜନ ନାୟକ ଏବଂ ଅବସରପ୍ରାପ୍ତ କର୍ମଚାରୀ ସଞ୍ଜୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କୁ ସଚେତନ କରିଥିଲେ।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଅମ୍ବିକା ଚରଣ ପଟ୍ଟନାୟକ
Plot- 4971/10, V.S.S Nagar, Bhubaneswar
ଆବିର୍ଭାବ: ୩୧।୦୩।୧୯୩୭
ତିରୋଧାନ:୦୩।୧୦।୨୦୧୮
ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ଆମମାନଙ୍କୁ ଦୁଃଖ ସାଗରରେ ଛାଡ଼ି ଚାଲିଗଲ କେଉଁ ଅଜଣା ଦୁନିଆକୁ। ତୁମର ସେହି ହସ ହସ ମୁହଁ, ସ୍ନେହଭରା କଥା, ସମୟୋଚିତ ଶିକ୍ଷା ଆଜି ମଧ୍ୟ ଅଲିଭା ହୋଇ ରହିଅଛି ଆମମାନଙ୍କ ମନରେ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, କନ୍ୟା, ବନ୍ଧୁ ଓ ପରିବାରବର୍ଗ।
ଧ–୧୪୬୨୩

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ସ୍ୱ କୃଷ୍ଣଚନ୍ଦ୍ର ପାଣିଙ୍କ



ଆବିର୍ଭାବ : ତା.୧୫-୦୫-୧୯୨୭ ମସିହା
ତିରୋଧାନ:ତା.୨୨-୦୯-୨୦୧୯ ରିଖ ରବିବାର
ଧ–୧୪୬୨୪

## ଉଦଳାରେ ନିଯୁକ୍ତି ମେଳା

ଉଦଳା,୨ା୧୦(ଡି.ଏନ.ଏ)

ଉଦଳା ବ୍ଲକ ପରିସରରେ ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ କର୍ମ ନିଯୁକ୍ତି ଯୋଜନାରେ ଦୁଇଦିନିଆ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ବାରିପଦା, ବାଲେଶ୍ୱର, ଭୁବନେଶ୍ୱର ଏବଂ କଟକରୁ ୧୧ଟି ସଂସ୍ଥା ଯୋଗଦେଇ ନିଯୁକ୍ତି ଲାଗି ୪୫୫ ଜଣ ପ୍ରାର୍ଥୀଙ୍କୁ ମନୋନୀତ କରିଥିଲେ। ତେବେ ବ୍ଲକ ଅଞ୍ଚଳରେ ପାଖାପାଖି ୨୦ ହଜାରରୁ ଅଧିକ ବେକାର ଯୁବକଯୁବତୀ ରହିଥିବା ବେଳେ ମାତ୍ର ଅଳ୍ପ ସଂଖ୍ୟକ ପ୍ରାର୍ଥୀ ନିଯୁକ୍ତି ମେଳାରେ ଯୋଗଦେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ନିଯୁକ୍ତି ମେଳା ବାବଦରେ ଭୀମତାଳି ଅଞ୍ଚଳର ଯୁବକ ରାମଦାସ ସୋରେନ୍, ଚନ୍ଦନ ବେହେରାଙ୍କୁ ପଚାରିବାରୁ ସେ ଏ ନେଇ କୌଣସି ଖବର ପାଇ ନ ଥିବା କହିଛନ୍ତି। ବ୍ଲକ ଉପାଧ୍ୟକ୍ଷ ପରେଶ ବେହେରାଙ୍କୁ ପଚାରିବାରୁ ବ୍ଲକରେ ମନଇଚ୍ଛା କାର୍ଯ୍ୟ ଚାଲିଥିବା କହିଛନ୍ତି। ଏଥିନେଇ ପଞ୍ଚାୟତ ସମିତି ବୈଠକରେ ବିଡିଓଙ୍କୁ ଜବାବ ମଗାଯିବ ବୋଲି ସେ କହିଛନ୍ତି।

## ସାପ କାମୁଡ଼ାରେ ମହିଳା ମୃତ

ବଡସାହି,୨ା୧୦(ସ୍ୱ.ପ୍ର)

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ଧୋବାଧୋବଣୀ ଗ୍ରାମରେ ସାପ କାମୁଡାରେ ଜନୈକା ମହିଳାଙ୍କର ମୃତ୍ୟୁ ଘଟିଛି । ମୃତକ ହେଲେ ସେହି ଗ୍ରାମର ଜିତରାୟ ସିଂଙ୍କ ସ୍ତ୍ରୀ କାଲ (୩୮) । ଏଥିନେଇ ପୋଲିସ୍ ଏକ ଅପମୃତ୍ୟୁ ମାମଲା (ନଂ.୪୫/୧୯) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। କାଲ ଓ ତାଙ୍କ ପୁଅ ବସରୁ ଓହ୍ଲାଇ ଘରକୁ ଫେରୁଥିବା ବାଟରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା । ଉଭୟ ମିଶି ସାପଟିକୁ ମାରିଦେବା ପରେ ଘରକୁ ଫେରିଥିଲେ। କିଛି ସମୟ ପରେ ସେ ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ବାରିପଦା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।



## ସଂକ୍ଷେପରେ

### ‘ସନ୍ତୁଳନ ରକ୍ଷା ଲାଗି ବୃକ୍ଷରୋପଣ ଅପରିହାର୍ଯ୍ୟ’

**ଭଣ୍ଡାରିପୋଖରୀ, ୨।୧୦(ଡି.ଏନ୍.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ପଞ୍ଚାୟତ ଜଗନ୍ନାଥପ୍ରସାଦ ଖେଳପଡିଆଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଗଗନ ବିହାରୀ ସେଠୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ପ୍ରସନ୍ନ ବାରିକ, ଗଦାଧର ମଳିକ ଯୋଗ ଦେଇଥିଲେ। ପାରିବେଶିକ ସନ୍ତୁଳନ ବଜାୟ୍ ରଖିବା ଲାଗି ବୃକ୍ଷ ରୋପଣ ଅପରିହାର୍ଯ୍ୟ। ବୃକ୍ଷ ମନୁଷ୍ୟର ପରମ ବନ୍ଧୁ। ଏହାକୁ ଦୃଷ୍ଟିରେ ରଖି ସମସ୍ତେ କିଛି ନା କିଛି ବୃକ୍ଷ ଜୀବନରେ ଲଗାଇଲେ ସୁସ୍ଥ ପରିବେଶ ସୃଷ୍ଟି ହୋଇପାରିବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅନ୍ୟ ସ୍ଥାନରେ ଯଥା ସ୍ଥାନୀୟ ଆନିକଟ, ଡାକ୍ତରଖାନା ପରିସର ଓ ଗ୍ରାମ ରାସ୍ତା ପାର୍ଶ୍ୱଗୁଡିକରେ ଆମ୍ବ, ପଣସ, ପିଜୁଳି, ଆକାଶୀ ଗଛ ଲଗାଯାଇଥିଲା। ଯୁବନେତା ସାଇପ୍ରସାଦ ମହାପାତ୍ର, ୱାର୍ଡ ସଭ୍ୟା ପୁଷ୍ପଲତା ମଲ୍ଲିକ, ଅନିଲ ବାରିକ, ସରୋଜ ବାରିକ, ମାନସ ରାଉତ ପ୍ରମୁଖ ଯୋଗ ଦେଇ ଚାରାରୋପଣ କରିଥିଲେ।

### ଗୁରୁ ବାଦଲ ସିକ୍‌ଦାରଙ୍କୁ ସମ୍ବର୍ଦ୍ଧନା

**ଭଦ୍ରକ ଅଫିସ, ୨।୧୦:** ଓଡ଼ିଶା ସିଟିଜେନ୍ ଆୱାର୍ଡ ବିଜେତା ବାଦଲ ସିକ୍‌ଦାରଙ୍କୁ ଭଦ୍ରକରେ ସମ୍ବର୍ଦ୍ଧନା ଦିଆଯାଇଛି। ବଂଶୀବଲ୍ଲଭ ଗୋସ୍ୱାମୀଙ୍କ ରଚିତ ମୋଗଲ ତାମ୍‌ସା ଲୋକ ନାଟକକୁ ଏକ ନୂତନ ଶୈଳୀରେ ନାଟ୍ୟ ରୂପାନ୍ତର କରି ପୁରସ୍କୃତ ହୋଇଥିବା ନାଟ୍ୟ ନିର୍ଦ୍ଦେଶକ ସିକ୍‌ଦାରଙ୍କୁ ସମତାର ସ୍ୱର ସବୁଜ, ସଞ୍ଚାର ଓ ରୂପାୟନ ଭଳି ସଙ୍ଗଠନ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡ. ଶଶଧର ଦାସ ଅଧ୍ୟକ୍ଷତା କରିଥିଲେ। ବରେଣ୍ୟ ଅତିଥି ଭାବରେ ଶିଶୁ ସାହିତ୍ୟିକ ଡ. ମନୀନ୍ଦ୍ର ମହାନ୍ତି, ଡା. ଦୁର୍ଯ୍ୟୋଧନ ଦାସ, ସାହିତ୍ୟିକ ଅଜୟ ନାୟକ, ରୂପାୟନର ଭଦ୍ରକ ଶାଖା ସଭାପତି ପ୍ରମୋଦ ରାୟ, ସମତାର ସ୍ୱର ସବୁଜର ସମ୍ପାଦକ ଦୁର୍ଗେଶ ନାୟକ, ସଞ୍ଚାରର ସମ୍ପାଦକ ଶୁଭେନ୍ଦୁ ଲେଙ୍କା ପ୍ରମୁଖ ଯୋଗ ଦେଇ ସିକ୍‌ଦାରଙ୍କ କଳା ପ୍ରତିଭାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।

# ମଦ ବିରୋଧୀ ପ୍ରତୀକ ଧାରଣା

**ଭଦ୍ରକ ଅଫିସ/ଭଣ୍ଡାରିପୋଖରୀ/ବନ୍ତ, ୨।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ବୁଧବାର ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଓ ମଦମୁକ୍ତ ଯୁବ ବାହିନୀ ପକ୍ଷରୁ ପ୍ରତୀକ ଗଣଧାରଣା ଦିଆଯାଇଥିଲା। ମଦ ବିରୋଧୀ ନାରା ଦେଇ କର୍ମକର୍ତ୍ତା ଧାରଣାରେ ସାମିଲ ହୋଇଥିଲେ। ରାଜ୍ୟ ସରକାର ମଦ ବିକ୍ରିକୁ ପ୍ରୋତ୍ସାହିତ କରିବା ପାଇଁ ସର୍ବାଧିକ ବିକ୍ରେତାଙ୍କୁ ପୁରସ୍କାର ଘୋଷଣାକୁ ସେମାନେ ନିନ୍ଦା କରିଥିଲେ। ବନ୍ତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମଦବିରୋଧୀ ଗଣଧାରଣା ସାଙ୍ଗକୁ ପ୍ରତୀକ ଅନଶନ କରାଯାଇଥିଲା। ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର କର୍ମକର୍ତ୍ତା ଓ ଶତାଧିକ ମହିଳା ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିଥିଲେ। ପରେ ବ୍ଲକ ଅଫିସ୍ ସମ୍ମୁଖରେ



ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ନିଶା ନିବାରଣ ପାଇଁ ଧାରଣା ଦିଆଯାଇଛି।

ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସୁରଜ ମହାନ୍ତି, ସାର୍ଥକ ବିଶ୍ୱାଳ, ଡା. ମୁରଲୀଧର ସୁତାର, ସମ୍ବିତ୍ ପଣ୍ଡା, ସଞ୍ଜୟ ଜେନା, ଦିବ୍ୟଜ୍ୟୋତି ବିଶ୍ୱାଳ, ତ୍ରିଲୋଚନ ପଣ୍ଡା, ମିନାକ୍ଷୀ ନାୟକ, କଳ୍ପନା ପଣ୍ଡା, ଚୁନିଲତା ମହାପାତ୍ର, କାମିନୀ ଜେନା ନେତୃତ୍ୱ ନେଇଥିଲେ।

ଭଣ୍ଡାରିପୋଖରୀ ବ୍ଲକ ଛକଠାରେ ମଦମୁକ୍ତ ସଚେତନତା ସଭା ସହ ପ୍ରତୀକ ଧାରଣା ଦିଆଯାଇଥିଲା। ସମ୍ପାଦକ ବିରଞ୍ଚି ନାରାୟଣ ଲେଙ୍କା ସଭାପତିତ୍ୱ କରିଥିଲେ। ମଦମୁକ୍ତ ଯୁବବାହିନୀ ସଦସ୍ୟା ପୁଷ୍ପଲତା ଜେନା, ରୁଦ୍ରପ୍ରତାପ ରାଉତ, ଶ୍ରୀଧର ସ୍ୱାଇଁ, ମନ୍ଦାକିନୀ ସାମଲ, ମମିତା ଭାରତୀ, ସୁଜାତା ଦାସ, ମୋନାଲିସା ପ୍ରଧାନ, ଶାନ୍ତିଲତା ସାହୁ, ଚନ୍ଦ୍ରମଣି ସାହୁ, ଦୟାନିଧି ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ମଦମୁକ୍ତ ଯୁବବାହିନୀ, ସବୁଜ ବାହିନୀ ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର କର୍ମକର୍ତ୍ତା ଭଣ୍ଡାରିପୋଖରୀ ହାଇସ୍କୁଲଠାରୁ ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନ ଦେଇ ବ୍ଲକ ଛକଠାରେ ପହଞ୍ଚିଥିଲେ। ସେହିପରି ଭଦ୍ରକ ନୂଆବଜାରସ୍ଥିତ ଗାନ୍ଧୀପଡ଼ିଆ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଯୁବଗୋଷ୍ଠୀ ଧାରଣା ଦେଇଥିଲେ। ଆଇନଜୀବୀ, ନିଶା ନିବାରଣ ଅଭିଯାନର ଜିଲା ସଭାପତି ନିରାକର ଜେନା, ସମ୍ପାଦକ ଗିରିଧାରୀ ନାଥ, ରାଜ୍ୟ ସଂଯୋଜକ ଖଗେଶ୍ୱର ବଳ, ସୁଧାଂଶୁ ଶେଖର ସାମନ୍ତ, ଯୁବବାହିନୀ ନେତା ରଶ୍ମିରଞ୍ଜନ ସାହୁ, ପ୍ରଫୁଲ୍ଲ ସାମଲ, ଅଗଣୀ ଚରଣ ଜେନା, କୁଳମଣି ବେହେରା, ଉମାକାନ୍ତ ବାରିକ, ରୀନା ମହାନ୍ତି ଓ ଅନଙ୍ଗ ମଞ୍ଜରୀ ନାୟକ ପ୍ରମୁଖ ଅନଶନରେ ସାମିଲ ହୋଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯିଏ ଖୁଆଇଛି ମାଣ୍ଡିଆ ଜାଉ,**
**ହାତ ଧରି ସିଏ ହଗେଇ ନେଉ।**

ମାଣ୍ଡିଆ ଜାଉ ଟିକେ ଅଧିକ ପରିମାଣର ଖାଇଦେଲେ କେତେକଙ୍କ ପେଟ ଖରାପ ହୋଇଯାଇଥାଏ। ଅନ୍ୟ ଅର୍ଥରେ ଯାହା ପାଇଁ ବା ଯାହା ଯୋଗୁ ଅନ୍ୟ ଜଣେ ଅସୁବିଧାରେ ପଡ଼େ ତଥା କଷ୍ଟ ଭୋଗ କରେ ତା'ର ସୁଖ ସୁବିଧା ପ୍ରତି ଦୃଷ୍ଟିଦେବା ଉକ୍ତ ବ୍ୟକ୍ତି ପକ୍ଷେ ଜରୁରୀ ହୋଇଯାଏ। ଏପରିକି ବିପଦ ଆପଦରେ ତା'ପାଖେ ପାଖେ ରହିବା ନେଇ ସେ ଏକରକମ ବାଧ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯିଏ କହୁଛି ଏତେ ବଡ଼ କଥା**
**ସିଏ କୋଉ ପୁରୁଷରେ ଲେଖା ?**

କିଛି ବ୍ୟକ୍ତି ଅନେକ ବଡ଼ ବଡ଼ କଥା କହି ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିଥାନ୍ତି। ନିଜେ ଯେତେ ନୁହେଁ କି ଯାହା ନୁହେଁ ତା'ଠୁ ଅଧିକ ଦେଖେଇ ହୋଇଥାନ୍ତି। ତେବେ ମଣିଷ କେତେ ଦକ୍ଷ ବା ଯୋଗ୍ୟ ତାହା ତାଙ୍କ କାର୍ଯ୍ୟଶୈଳୀରୁ ହିଁ ଜଣାପଡ଼ିଥାଏ। ଦକ୍ଷତା ନ ଥିବା ବ୍ୟକ୍ତି ଅନ୍ୟ ଆଗରେ ନିଜର ଆତ୍ମବଡ଼ିମା ଦେଖାଇବା ଦ୍ୱାରା ପରିହାସର ପାତ୍ର ହେଉଥିବା ସ୍ଥଳେ ମଣିଷର ଯୋଗ୍ୟତା ଆକଳନ କରାଯିବା ଅର୍ଥରେ ଏଭଳି ତାତ୍ସଲ୍ୟଭରା ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ସଖୀ କେନ୍ଦ୍ର ଉଦ୍‌ଘାଟିତ

**ଭଦ୍ରକ ଅଫିସ,୨।୧୦**

ଭଦ୍ରକ ଜିଲାପାଳଙ୍କ ପୁରୁଣା କାର୍ଯ୍ୟାଳୟ ନିକଟରେ ସଖୀ କେନ୍ଦ୍ର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ଜିଲାପାଳ ଜ୍ଞାନରଞ୍ଜନ ଦାସ ଓ ମୁଖ୍ୟଅତିଥି ଭାବେ ବିଧାୟକ ସଞ୍ଜୀବ ମଲ୍ଲିକ ଯୋଗଦେଇ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏହି କେନ୍ଦ୍ର ଦ୍ୱାରା ନିର୍ଯ୍ୟାତିତା ମହିଳା ଓ ଯୁବତୀ ବହୁ ସୁବିଧା ସୁଯୋଗ ପାଇବେ। ସେମାନଙ୍କୁ ପୋଲିସ, ଡାକ୍ତରୀ ଓ ଆଇନଗତ ସହାୟତା, ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ, ଆଶ୍ରୟ ଭଳି ବିଭିନ୍ନ ସୁବିଧା ଉପଲବ୍ଧ କରାଯିବ। ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ସ୍ଥାନୀୟ ଫେଲୋସିପ୍ ନାମକ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ଏହାକୁ ପରିଚାଳନା କରିବ। ଫେଲୋସିପ୍‌ର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିକାଶ ଦାସ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଉପଜିଲାପାଳ ପୀତାମ୍ବର ସାମଲ, ସିଡିଏମ୍‌ଓ ଡ. ଆର୍ଯ୍ୟ ମିଶ୍ର, ଡିଏସ୍‌ଡବ୍ଲ୍ୟୁ ଆଶାଲତା ମହାନ୍ତି, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡ. ସୁଦର୍ଶନ ବାରିକ, ପୂର୍ବତନ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପଦ୍ମନ ରାୟ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଫେଲୋସିପ୍ ସମ୍ପାଦକ ଏସ୍.ଏମ୍ ଫାରୁକ୍ ଧନ୍ୟବାଦ ଅର୍ପଣ କରିଥିଲେ।


ଉଦ୍‌ଘାଟନୀ ଉତ୍ସବରେ ଜିଲାପାଳ ଓ ଅନ୍ୟମାନେ।

## ବରିଷ୍ଠ ନାଗରିକ ଦିବସ

**ଭଦ୍ରକ ଅଫିସ, ୨।୧୦**

ଭଦ୍ରକ ପଞ୍ଚାୟତ ସମିତି ତରଫରୁ ଟାଉନହଲ ପରିସରରେ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ଜ୍ଞାନରଞ୍ଜନ ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉପଜିଲାପାଳ ପୀତାମ୍ବର ସାମଲ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ହରେନ୍ଦ୍ର ଦେହୁରୀ, ବ୍ଲକ ଅଧ୍ୟକ୍ଷ ରଘୁନାଥ ଧଳ, ଅବସରପ୍ରାପ୍ତ ଡିଏସ୍‌ପି ରଙ୍ଗବଲ୍ଲଭ ଜେନା, ଉପାଧ୍ୟକ୍ଷା ଜ୍ୟୋତ୍ସ୍ନାମଞ୍ଜରୀ ରାଉତ, ସମାଜସେବୀ ଲଲାଟେନ୍ଦୁ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବରିଷ୍ଠ ନାଗରିକମାନଙ୍କୁ ଉଚିତ ସମ୍ମାନ ଦେବାକୁ ମତବ୍ୟକ୍ତ କରିଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଆରଡ଼ି, ୨।୧୦ (ଡି.ଏନ.ଏ.)**

ଧାମନଗର ବ୍ଲକ ପାଳସାହି ପଞ୍ଚାୟତ ଅଧୀନ ଗାନ୍ଧିଘାଟ ଶାସନଠାରେ ବୁଧବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦଳୀୟ ନେତା ଓ କର୍ମୀମାନେ ଧୂଷୁରୀରୁ ଏକ ବାଇକ୍ ରାଲିରେ ଆସି ଗାନ୍ଧିଘାଟଠାରେ ପହଞ୍ଚିଥିଲେ। ମହାତ୍ମା ଗାନ୍ଧୀ ଓ ଅନ୍ୟ ମହାପୁରୁଷଙ୍କୁ ମାଲ୍ୟାର୍ପଣ ପରେ ସେମାନେ ଗାନ୍ଧିଘାଟ ଶାସନ ଓ ସାଆଁଳପୁର ଗାଁକୁ ପଦଯାତ୍ରା କରି ଜନସଚେତନତା ସୃଷ୍ଟି କରିଥିଲେ। ପରେ ଗାନ୍ଧିଘାଟଠାରେ ସଭା ହୋଇଥିଲା। ପୂର୍ବତନ ବିଧାୟକ ରାଜୁ ଦାସ, ବ୍ଲକ ଚେୟାରମ୍ୟାନ ଅଶୋକ ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ରଘୁନାଥ ଲେଙ୍କା, ରାମଚନ୍ଦ୍ର ସାହୁ, ଅନୀଲ ଦାସ, ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଜନହିତକର କାର୍ଯ୍ୟକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଆହ୍ୱାନ ଦିଆଯାଇଥିଲା।


ପଦଯାତ୍ରାରେ ସାମିଲ ବିଜେଡି କର୍ମକର୍ତ୍ତା।

# ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ ପାଳିତ

**ଆରଡ଼ି/ପଦ୍ମପୁର, ୨।୧୦ (ଡି.ଏନ.ଏ.)**

ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ ଅବସରରେ ଆରଡ଼ି ନିକଟସ୍ଥ ମଠଡିହ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ପାର୍ଶ୍ୱବର୍ତ୍ତୀ ଗାଁଗୁଡ଼ିକୁ ପଦଯାତ୍ରା କରି ସଚେତନ କରାଇଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବନିତା ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶିକ୍ଷୟିତ୍ରୀ ସୁରମା ସୁନ୍ଦରୀ ସାହୁ, ମିନତିଲତା ପାକଳ, ଶିକ୍ଷକ ଅଭିରାମ ପଣ୍ଡା, ରଞ୍ଜୀବ ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେହିପରି ଆଖଣ୍ଡଳମଣି ସରକାରୀ ଉଚ୍ଚ ବିଦ୍ୟାଳୟ, ଦୋହରା ପାଟଣା ପ୍ରାଥମିକ, ଏସ୍‌ଡି ପାଟଣା ସରକାରୀ ଉ.ପ୍ରା., କୋଇଲଖା ଉ.ପ୍ରା., ବୋଡୋଳ ଉନ୍ନୀତ ଉ.ପ୍ରା., ଉପର ଦୁମୁକା ନୋଡାଲ ଉ.ପ୍ରା., ଶ୍ୟାମସୁନ୍ଦରପୁର ନୋଡାଲ ଉ.ପ୍ରା. ବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ କରାଯାଇଥିଲା।

ବାସୁଦେବପୁର ବ୍ଲକ ଅଧୀନ ବିରସ, ବିଦେଇପୁର, ବାଲିମୁଣ୍ଡା, ନାୟକାଣିଡିହୀ, କରଞ୍ଜଆଡିଆ, ରାଜଘରପୋଖରୀ, ପଦ୍ମପୁର ଅଞ୍ଚଳରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିରସ ଶିଶୁବିହାରଠାରେ ଛାତ୍ରୀଛାତ୍ର ବିଦ୍ୟାଳୟ ପରିସର ଓ ବିରସ ପଦ୍ମପୁର ରାସ୍ତାର ଉଭୟପାର୍ଶ୍ୱରେ ସଫେଇ କରିଥିଲେ। ପ୍ରଧାନଆଚାର୍ଯ୍ୟ ବଳରାମ ନାୟକ ଓ ସମ୍ପାଦକ ଜଗବନ୍ଧୁ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜଘରପୋଖରୀ ପଞ୍ଚାୟତଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଆଜାଦ ହିନ୍ଦ କ୍ଲବର କର୍ମକର୍ତ୍ତା। ବିଦେଇପୁର ପଞ୍ଚାୟତ ଡିହ ମଳିକସାହିଠାରେ ଅଙ୍ଗନୱାଡି କେନ୍ଦ୍ରଠାରେ ସ୍ୱଚ୍ଛ ଭାରତ ଅଭିଯାନ ସହ ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଥିଲା। ବିରସଠାରେ ସରପଞ୍ଚ ଦୟାନିଧି ଦାସ, ସମିତିସଭ୍ୟ ସତ୍ୟରଞ୍ଜନ କୁଅଁର, ବିଜେଡି ସଭାପତି ବିଜୟ ନାୟକ, ଯୁବନେତା ନିରଞ୍ଜନ ଦାସ ପ୍ରମୁଖ ପଞ୍ଚାୟତ ପରିସର ଓ ଧାମରା–ବାସୁଦେବପୁର ରାସ୍ତାପାର୍ଶ୍ୱ ସଫେଇ କରିଥିଲେ। ନାୟକାଣିଡିହୀଠାରେ ସରପଞ୍ଚ ବଂଶୀଧର ବିଶ୍ୱାଳ ଓ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବିଚିତ୍ରାନନ୍ଦ ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନାୟକାଣିଡିହୀ ଥାନାଧିକାରୀ ଉମାଶଙ୍କର ନାୟକ, ସାମାଜିକ କର୍ମୀ କମଳାକାନ୍ତ ସାହୁ, ରାଜକିଶୋର ଦାସ, ଅଦ୍ୱୈତ ମହାପାତ୍ର, ବରେନ୍ଦ୍ର ମହାପାତ୍ର, ଏସ୍‌ଆଇ ଦିଲୀପ କୁମାର ଦେହୁରୀ, ନିରୋଦ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ନାୟକାଣିଡିହୀ ମଣ୍ଡଳ ସଭାପତି ସତ୍ୟରଞ୍ଜନ ସାମନ୍ତ ଅନ୍ୟ ଏକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କର୍ମୀ ଓ ସ୍ଥାନୀୟ ମହିଳା ସଫେଇ କରିଥିଲେ।

# ‘ଏକତା ରହିଲେ ସମସ୍ୟା ଦୂରେଇ ଯିବ’



ସଭାରେ ଉପସ୍ଥିତ ଅତିଥି।

**ଭଦ୍ରକ ଅଫିସ, ୨।୧୦**

ଭଦ୍ରକ ଜିଲା ଔଷଧ ବ୍ୟବସାୟୀ ସଂଘର ୨୦ତମ ବାର୍ଷିକ ସାଧାରଣ ଅଧିବେଶନ ମୋଟେଲ ଛକସ୍ଥିତ ପାନ୍ଥନିବାସଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସଂଘର ରାଜ୍ୟ ସଭାପତି ପି.ସତ୍ୟନାରାୟଣ ଯୋଗଦେଇ ପୂର୍ବତନ ସାଧାରଣ ସମ୍ପାଦକ ଚୌଧୁରୀ ପ୍ରବୀର ଦାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଉଦ୍‌ଘାଟନ କରିଥିଲେ। ଔଷଧ ବ୍ୟବସାୟୀମାନେ ବିଭିନ୍ନ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ସେ କହିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାପାତ୍ର ଔଷଧ ବ୍ୟବସାୟୀମାନେ ଏକତା ବଜାୟ ରଖିଲେ ସମସ୍ୟା ଆପେ ଦୂରେଇ ଯିବ ବୋଲି ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସଂଘର ଉତ୍ତରାଞ୍ଚଳ ଉପସଭାପତି ଉମାକାନ୍ତ ମହାପାତ୍ର, ଗଞ୍ଜାମ ଜିଲା ସଭାପତି ବିଷ୍ଣୁପ୍ରସାଦ ପଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସଂଘର କର୍ମକର୍ତ୍ତା ମନୋନୟନ ହୋଇଥିଲା। ପୁନର୍ବାର ସଭାପତି ଭାବେ ବୀରକିଶୋର ରାଉତ, ସମ୍ପାଦକ ଦୀପକ ଆଚାର୍ଯ୍ୟ ଏବଂ କୋଷାଧ୍ୟକ୍ଷ ଭାବେ ଆଶିଷ ଅମିତାଭ ମହାପାତ୍ର ମନୋନୀତ ହୋଇଥିଲେ। ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଧୀରେନ୍ଦ୍ର ସାହୁ, ଦେବାଂଶୁ କର, ସଞ୍ଜୀବ ପଣ୍ଡା, ସୁବ୍ରତ ଦୀକ୍ଷିତ, ଅମିୟ ନାୟକ, ଦେବେନ୍ଦ୍ର ବେହେରା, ପ୍ରଦୀପ ସେନାପତି, ବିକାଶ ସାହୁ ଓ ଗୁରୁପ୍ରସାଦ ମହାନ୍ତିଙ୍କୁ ଚୟନ କରାଯାଇଥିଲା।

CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍‌ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

BUSINESS

GTL Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ। ଜଣଙ୍କୁ ଚାକିରି ମିଳିବ। ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
ମହିଳା ମାନଙ୍କ ପାଇଁ ବିଶେଷ ରିହାତି।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8227843135

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
ମହାଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ Reg No. MH32820D788
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
7894582823
H.No. 10, Mandi Road, Bathinda Punjab.

ନବରାତ୍ରିର ଶୁଭ ଅବସରରେ ଋଣ ଧମାକା
ଭାରତର Govt. Regd. ନଂ.1 କମ୍ପାନୀ
DURGA FINANCE LTD.
Reg. No. U6519TN198PLC008555
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଓ ସମସ୍ତ ଋଣ
3-4 ଦିନରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ବ୍ୟବସାୟିକ ସୁଯୋଗ ପାଇଁ ଯୋଗାଯୋଗ କରନ୍ତୁ
9499218733
7302958798
H.No. 12, Sohana, Distt. Mohali

Telnet Towers Co.
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇ-ୱେ ପାର୍ଶ୍ୱ ଜମିରେ
ଡିଜିଟାଲ ମଲ୍ଟିମିଡିଆ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 70 ଲକ୍ଷ
ଭଡ଼ା: 60 ହଜାର
+ ଏଗ୍ରିମେଣ୍ଟ
09625373491, 07827396829
www.telnettowers.com
Add.: Hamiltonganj, Uttar Latabari (WB)

ଋଣ ଧମାକା!!! ଆଗେ ଆସନ୍ତୁ ଆଗେ ପାଆନ୍ତୁ
NATIONAL FINANCE
ଭାରତର ନଂ.1 କମ୍ପାନୀ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ | 50% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
095283-08829
ADDRESS: T-51, GAUTAMPURI, DELHI

ASTROLOGY

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7750840136
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ୩ ଅଗ୍ରଣୀ ହିତାଧିକାରୀ ପୁରସ୍କୃତ

**ଧାମନଗର, ୨।୧୦(ଡି.ଏନ.ଏ.):** ଧାମନଗର ଏନ୍ଏସି ଅଫିସ୍‌ରେ କାର୍ଯ୍ୟନିର୍ବାହୀ ଅଧିକାରୀ ଯତିନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଅଙ୍ଗୀକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂତନ ଏନ୍ଏସି ଅଞ୍ଚଳରେ ୯ ଶହ ଆବାସ ବଣ୍ଟା ଯାଇଥିବାବେଳେ ନିର୍ଦ୍ଦିଷ୍ଟ ସମୟରେ ଶେଷ କରିଥିବା ଓ କାର୍ଯ୍ୟରେ ଅଗ୍ରଣୀ ହିତାଧିକାରୀଙ୍କୁ ସଭାକୁ ଆମନ୍ତ୍ରଣ କରାଯାଇଥିଲା। ଶତାଧିକ ହିତାଧିକାରୀ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ଦୁଇମାସ ଭିତରେ ଅତି ସୁନ୍ଦର ଭାବେ ଘର ତିଆରି କରିଥିବା ତିନି ହିତାଧିକାରୀ କୁଇମୁର ନିଶା, ଗଙ୍ଗାଧର ମଲ୍ଲିକ ଏବଂ ବିଜୟ କୁମାର ଭୂୟାଁ ପୁରସ୍କୃତ ହୋଇଥିଲେ। ଅଧିକାରୀ ଅଙ୍ଗୀକାର ଯୋଜନା ଅଧୀନରେ ସରକାର ରଖିଥିବା ୭ ନିୟମ ବିଷୟରେ ବୁଝାଇଥିଲେ। ଜଳ ଓ ଶକ୍ତି ସଂରକ୍ଷଣ, ପଲିଥିନ ବ୍ୟବହାର ନିଷିଦ୍ଧକୁ କଡ଼ାକଡ଼ି ଭାବେ ପାଳନ, ସ୍ୱଚ୍ଛତା ରକ୍ଷା, ନୂତନ ଘର ଚାରିପାଖରେ ଗଛ ଲଗାଇବା ଓ ଉଜ୍ଜ୍ୱଳା ଯୋଜନାରେ ଲାଭ ଉଠାଇବା ସମ୍ପର୍କରେ ସେ ଅବଗତ କରାଇଥିଲେ। ମ୍ୟାନେଜର ଜନ୍ମେଜୟ ପଣ୍ଡା, କର୍ମଚାରୀ ଧନେଶ୍ୱର ଧଳ, ସୁଶାନ୍ତ ବଳ, ରଶ୍ମିରଞ୍ଜନ ସାହୁ ଓ ସୁଷମାରାଣୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

### ମଦ ପିଇ ଗାଡ଼ି ଚାଳନା, ଜଣେ ଗିରଫ

**ବନ୍ତ, ୨।୧୦ (ଡି.ଏନ୍.ଏ.):** ଭଦ୍ରକ ଜିଲା ବନ୍ତସ୍ଥିତ ଆଇଟିଆଇ ଛକ ନିକଟରେ ମଦ ପିଇ ଗାଡ଼ି ଚଳାଉଥିବା ଜଣେ ବାଇକ ଆରୋହୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କ୍ଷେଣ୍ଟତୀରା ପଞ୍ଚାୟତ ଚାରିପୋଖରିଆ ଗ୍ରାମର ପରୀକ୍ଷିତ ବେହେରା। ଏ ନେଇ ପୋଲିସ ଦଫା ୧୭୭, ୧୮୨, ୧୮୫ରେ ଏମ୍‌ସି ମାମଲା (ନଂ .୩/୧୯) ରୁଜୁ କରିଛି। ପ୍ରକାଶ ଯେ, ଦୁଇଦିନ ତଳେ ମଦ ପିଇ ଗାଡ଼ି ଚଳାଉଥିବା ଅଭିଯୋଗରେ ଏରଝାଟିଆ ଗ୍ରାମର ଜଣେ ବାଇକ୍ ଚାଳକଙ୍କୁ ପୋଲିସ ଗିରଫ କରିଥିଲା।

# ବଦଳୁନି ଭିତ୍ତିଭୂମି: ଗୋଟିଏ ଗୃହରେ ୫ଶ୍ରେଣୀ

**ପଦ୍ମପୁର, ୨।୧୦(ଡି.ଏନ.ଏ.)**

- ଭୁଶୁଡ଼ି ପଡୁଛି ଶିକ୍ଷା ବ୍ୟବସ୍ଥା
- ଭଙ୍ଗାଗୃହରେ ରନ୍ଧା ଯାଉଛି ମଧ୍ୟାହ୍ନ ଭୋଜନ
- ବାରମ୍ବାର ଅଭିଯୋଗ ସତ୍ତ୍ୱେ ଚେତୁନି ପ୍ରଶାସନ

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସୁଗୋ ପଞ୍ଚାୟତର କଲ୍ୟାଣପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ କୋଠରିରେ ୫ ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ବସାଇ ପାଠ ପଢାଯାଉଛି। ବାରମ୍ବାର ଦାବି କରାଯିବା ସତ୍ତ୍ୱେ ଭିତ୍ତିଭୂମିର ବିକାଶ ହେଉ ନାହିଁ। ଆବଶ୍ୟକ ଗୃହ ନ ଥିବାରୁ ଉକ୍ତ ଶ୍ରେଣୀଗୃହରେ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟ ସହ ପିଲାଙ୍କର ମଧ୍ୟାହ୍ନ ଭୋଜନ ପାଇଁ ଉଦ୍ଦିଷ୍ଟ ସାମଗ୍ରୀ ରଖାଯାଉଛି। ଏଥିଲାଗି ଶିକ୍ଷାଦାନରେ ବିଭିନ୍ନ ସମସ୍ୟା ଉପୁଜିଛି।

ଏହି ବିଦ୍ୟାଳୟରେ କୋଟ ୩୮ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଭିତ୍ତିଭୂମି ସୁବିଧା ନ ଥିବାରୁ ଅଭିଭାବକମାନେ ବିଦ୍ୟାଳୟରେ ପିଲାଙ୍କୁ ପାଠ ପଢାଇବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ବିଦ୍ୟାଳୟର ରୋଷେଇ ଘର ନ ଥିବାରୁ ଏକ ଭଙ୍ଗାଗୃହରେ ଅସ୍ୱାସ୍ଥ୍ୟକର ପରିବେଶରେ ମଧ୍ୟାହ୍ନ ଭୋଜନ ରୋଷେଇ କରାଯାଉଛି। ପୂର୍ବରୁ ଥିବା ପୁରୁଣା ଶ୍ରେଣୀଗୃହ ଜରାଜୀର୍ଣ୍ଣ ହୋଇପଡିବାରୁ ଏହାକୁ ପରିତ୍ୟକ୍ତ ଘୋଷଣା କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ଲତା ନାୟକ ଶ୍ରେଣୀଗୃହ ଅଭାବ ସମସ୍ୟା ନେଇ ବ୍ଲକ ଓ ଜିଲା ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିବା କହିଛନ୍ତି। ଏ ବାବଦରେ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ପ୍ରଣୟ କୁମାର ମହାପାତ୍ରଙ୍କୁ ପଚାରିବାରୁ କହିଛନ୍ତି, ବିଦ୍ୟାଳୟ ଗୃହ ନିର୍ମାଣ ଦାୟିତ୍ୱ ଏବେ ପଞ୍ଚାୟତିରାଜ ବିଭାଗକୁ ହସ୍ତାନ୍ତର କରାଯାଇଛି। କଲ୍ୟାଣପୁର ଶିକ୍ଷାନୁଷ୍ଠାନ ସମସ୍ୟା ସମ୍ପର୍କରେ ଶିକ୍ଷା ବିଭାଗ ଅବଗତ ରହିଛି ଏବଂ ଶୀଘ୍ର ଏହାର ପ୍ରତିକାର କରାଯିବ ବୋଲି ସେ କହିଛନ୍ତି।


ଗୋଟିଏ ଶ୍ରେଣୀଗୃହରେ ଛାତ୍ରୀଛାତ୍ରମାନେ ପଢୁଛନ୍ତି।

## ମହାସରସ୍ୱତୀ ବେଶରେ ମା’


ଆଖଣ୍ଡଳମଣି ପୀଠରେ ମା’ ଦୁର୍ଗାଙ୍କ ମହାସରସ୍ୱତୀ ବେଶ।

# ଗ୍ରାମସଭା ବର୍ଜନ, ଧାରଣା

**ବନ୍ତ, ୨।୧୦(ସ୍ୱ.ପ୍ର.)**

### ସମ୍ପୂର୍ଣ୍ଣ ହେଲାନି ପଞ୍ଚାୟତ ଗୃହ ନିର୍ମାଣ

ବନ୍ତ ବ୍ଲକ ବିଟିପୁର ପଞ୍ଚାୟତ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଦାବିରେ ବୁଧବାର ଗାନ୍ଧୀ ଜୟନ୍ତୀ ଅବସରରେ ସରପଞ୍ଚ ଓ ୱାର୍ଡସଭ୍ୟମାନେ ଧାରଣାରେ ବସିଥିଲେ। ନିର୍ମାଣ କାର୍ଯ୍ୟ ସରିବାରେ ବିଳମ୍ବ ହୋଇଥିବାରୁ ଗାନ୍ଧୀ ଜୟନ୍ତୀରେ ଗ୍ରାମସଭା ବର୍ଜନ କରି ଧାରଣାରେ ବସିବେ ବୋଲି ସେମାନେ ଲିଖିତ ଭାବେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ଅଧିକାରୀଙ୍କୁ ଜଣାଇଥିଲେ। ସେହି ଅନୁସାରେ ପୂର୍ବାହ୍ନ ୧୦ଟାରୁ ସରପଞ୍ଚ ସତ୍ୟବାନ ଦାଶଙ୍କ ନେତୃତ୍ୱରେ ନାଏବ ସରପଞ୍ଚ ସୌଦାମିନୀ ନାୟକ, ୱାର୍ଡସଭ୍ୟ ଝରଣା ବାରିକ, ସରସ୍ୱତୀ ଦାସ, କବିତା ଦାସ, ଭାରତୀ ଜେନା, ଦେବଜାନୀ ଦେହୁରୀ, ରାଜୀବ ଲୋଚନ ରାୟ, ପ୍ରମୋଦ ଜେନା, ରମେଶ ମହାନ୍ତି ପ୍ରମୁଖ ଅସ୍ଥାୟୀ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣାରେ ସାମିଲ ହୋଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ଅଧିକାରୀ ଧାରଣାସ୍ଥଳକୁ ଆସି ନ ଥିବା ଜଣାଯାଇଛି।



ଧାରଣାରେ ବସିଛନ୍ତି ସରପଞ୍ଚ ଏବଂ ୱାର୍ଡ ସଭ୍ୟାସଭ୍ୟ।

## ସମ୍ମାନ ଶ୍ରେଣୀରେ ସ୍ୱାଗତ ଉତ୍ସବ

**ଚାନ୍ଦବାଲି,୨।୧୦(ଡି.ଏନ.ଏ.)**

ଚାନ୍ଦବାଲି କଲେଜ ସମାଜ ବିଜ୍ଞାନ ବିଭାଗ ପକ୍ଷରୁ ପ୍ରଥମ ବର୍ଷ ସମାଜ ବିଜ୍ଞାନ ସମ୍ମାନର ଛାତ୍ରୀଛାତ୍ରଙ୍କୁ କଲେଜ ପରିସରରେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଛି । ଅଧକ୍ଷ ଅକ୍ଷୟ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ୱାଗତ ଉତ୍ସବରେ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ସୁଧାଂଶୁ ଶେଖର ମହାନ୍ତି ସଂଯୋଜନା କରିଥିଲେ। ପ୍ରାଧ୍ୟାପକ ରାଜକୁମାର ରାୟ, ଶଶଧର ପଣ୍ଡା, ବିଷ୍ଣୁମୋହନ ସ୍ୱାଇଁ, ଡକ୍ଟର ତରଣୀସେନ ପଣ୍ଡା, ମାୟାଧର ମହାନ୍ତି, ବ୍ରଜକିଶୋର ସାହୁ, ଅମିତାଭ ଭୂୟାଁ, ଆଶିଷ ଶୁଭ ଦର୍ଶନ ମହାନ୍ତି, ଲିନା ମହାନ୍ତି, ପ୍ରଭାତି ବାରିକ, ବିଭୁତି ଭୂଷଣ ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ପକ୍ଷରୁ ପ୍ରଫୁଲ୍ଲ ବାରିକ, ଚନ୍ଦନ ଦଳାଇ, ପ୍ରଳୟ ଜେନା, ଅନୀମା ରାଉଳ, ସ୍ମୃତିରେଖା ଆଚାର୍ଯ୍ୟ, ଚନ୍ଦ୍ରମା ସେଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ‘ଆଶାକର୍ମୀଙ୍କୁ ମିଳୁ ମାସିକ ୨୦ ହଜାର ଦରମା’

**ତିହିଡ଼ି, ୨।୧୦ (ଡି.ଏନ.ଏ.)**

ତିହିଡ଼ିସ୍ଥିତ ଟାଉନ ହଲ୍‌ରେ ବୁଧବାର ଆଶାକର୍ମୀ ସଂଘର ଭଦ୍ରକ ଜିଲା ୨ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାନେତ୍ରୀ ମମତା ଜେନା ରକ୍ତପତାକା ଉତ୍ତୋଳନ କରିଥିଲେ। ଶହୀଦ ବେଦୀରେ ପୁଷ୍ପଗୁଚ୍ଛ ପ୍ରଦାନ ପରେ ଆଶାକର୍ମୀଙ୍କ ଏକ ଶୋଭାଯାତ୍ରା ତିହିଡ଼ି ବଜାର ପରିକ୍ରମା କରିଥିଲା। ପରେ ଜିଲା ସଭାନେତ୍ରୀ ଜେନାଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ନେତା ଲୋଭାକାନ୍ତ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଆଶାକର୍ମୀଙ୍କୁ ମାସିକ ୨୦ ହଜାର ଟଙ୍କା ଦରମା ଦିଆଯାଉ ବୋଲି ଦାବି କରିଥିଲେ। ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଦିବ୍ୟସିଂହ ନାୟକ, ନିରଞ୍ଜନ ପାଣି, ସୀତା ଦାସ, ମଳୟ ଭୋଇ, ଦିଲୀପ ନାୟକ, ବିଷ୍ଣୁ ଦାଶ, ସବିତା ରାଉଳ, ଉର୍ବସୀ ନାୟକ ଯୋଗଦେଇ ସମାନ କାମକୁ ସମାନ ମଜୁରି, ଆଶାଗୃହ ନିର୍ମାଣ, ବୀମା, ପେନ୍‌ସନ ଉପରେ ଦାବି ରଖିଥିଲେ। ଅନ୍ନପୂର୍ଣ୍ଣା ଦାସ, ବାସନ୍ତୀ ମହାନ୍ତି, ଅମୀୟଚାନ୍ଦ ନାୟକ, ସବିତା ନାୟକ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ପରେ ଏକ ୨୫ ଜଣିଆ ଜିଲା କମିଟି ଗଠିତ ହୋଇଥିଲା। ସଭାନେତ୍ରୀ ଭାବେ ମମତା ଜେନା ଏବଂ ସମ୍ପାଦିକା ଭାବେ ସେବତୀ ରାଉଳ ମନୋନୀତ ହୋଇଥିଲେ। ଶ୍ରମିକ ନେତା ପ୍ରଫୁଲ୍ଲ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ

**ବନ୍ତ,୨।୧୦(ସ୍ୱ.ପ୍ର.)**

ଆଗରପଡ଼ା ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ସେଠାକାର କର୍ମଚାରୀ ଭବନରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଥିଲା। ସଂଘର ସଭାପତି ଇଂ. ମଧୁସୂଦନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ପ୍ରଫୁଲ୍ଲ ସାମଲ ମୁଖ୍ୟଅତିଥି, ଆଗରପଡା ଥାନାଧିକାରୀ ମୋନାଲିସା କର ମୁଖ୍ୟବକ୍ତା ଏବଂ ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ ଦାଶ, ସଂଘ ସମ୍ପାଦକ ପ୍ରଭାସ ଚନ୍ଦ୍ର ବେଜ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୧୦ ବରିଷ୍ଠ ନାଗରିକଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଗାନ୍ଧୀ ଜୟନ୍ତୀରେ ସଚେତନତା ସଭା, ଶୋଭାଯାତ୍ରା

**ଭଦ୍ରକ ଅଫିସ, ୨।୧୦**

ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ବୁଧବାର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ସଚେତନତା ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଜ୍ଞାନରଞ୍ଜନ ଦାସ ପତାକା ଦେଖାଇ ସ୍କୁଲ ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା ଶୁଭାରମ୍ଭ କରିଥିଲେ। ଗାନ୍ଧୀପଡ଼ିଆରୁ ପଦଯାତ୍ରା ବାହାରି ନଗର ପରିକ୍ରମା କରି ସଂସ୍କୃତି ଭବନଠାରେ ପହଞ୍ଚିଥିଲା। ବିଧାୟକ ସଞ୍ଜୀବ ମଲ୍ଲିକ ଏବଂ ଜିଲାପାଳ ଦାସ ଆୟୋଜିତ ଚିତ୍ରକଳା ଓ ଗାନ୍ଧୀ ସ୍ମାରକୀ ସ୍ମୃତି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ସଂସ୍କୃତି ଭବନରେ ଅନୁଷ୍ଠିତ ସାଧାରଣ ସଭାରେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଉପଜିଲାପାଳ ପୀତାମ୍ବର ସାମଲଙ୍କ ସହ ଭଦ୍ରକ ସହରର ମାନ୍ୟଗଣ୍ୟ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ଶ୍ୟାମସୁନ୍ଦର ବେହେରା, ରାମହରି ଗୋସ୍ୱାମୀ ଓ ଗୌରୀଶ୍ୟାମ ଗୋସ୍ୱାମୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ତାମ୍ରଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କୁଇଜ୍ ପ୍ରତିଯୋଗିତାକୁ ସହାୟକ ଜିଲାପାଳ ସୌମ୍ୟଶ୍ରୀ ପାଣିଗ୍ରାହୀ ଏବଂ ସମସ୍ତ କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲଖ ବେହେରା ପରିଚାଳନା କରିଥିଲେ। ସେହିପରି ଜିଲା କଂଗ୍ରେସ ପକ୍ଷରୁ ପଦଯାତ୍ରା ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକାରୀ ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଗାନ୍ଧୀ ବାଳାଶ୍ରମରୁ ପଦଯାତ୍ରାରେ ବାହାରିଥିଲେ। ସହରର ବିଭିନ୍ନ ସ୍ଥାନରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିଭଳି ଜିଲା ଭାଜପା ପକ୍ଷରୁ ଗଣ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସଭାପତି ବଦ୍ରିନାରାୟଣ ଧଳ, ଡ. ପ୍ରଦୀପ ନାୟକ, ବିଧାୟକ ବିଷ୍ଣୁ ସେଠୀ ଓ ଶତାଧିକ ଦଳୀୟ ନେତା ସାମିଲ ହୋଇ ସହର ପରିକ୍ରମା କରିଥିଲେ। ପରେ ଗାନ୍ଧୀପଡ଼ିଆଠାରେ ସାଧାରଣ ସଭା ହୋଇଥିଲା। ଭଗତ ସେନା ପକ୍ଷରୁ ବିଭିନ୍ନ ସ୍ଥାନରେ ସଫେଇ କରାଯାଇଥିଲା। ଭଦ୍ରକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଥିଲା।

**ଭଣ୍ଡାରିପୋଖରୀ, (ଡି.ଏନ.ଏ.):** ଭଣ୍ଡାରିପୋଖରୀ କଲେଜ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ବଜାର ପରିକ୍ରମା କରିବା ସହ ବିଭିନ୍ନ ସ୍ଥାନରେ ସଫେଇ କରିଥିଲେ। ଅଧକ୍ଷ ଭରତ କରଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତହସିଲଦାର ମୃତ୍ୟୁଞ୍ଜୟ ଭୂୟାଁ ଛାତ୍ରୀଛାତ୍ରଙ୍କୁ ପ୍ଲାଷ୍ଟିକ ବର୍ଜନ ପାଇଁ ଶପଥ କରାଇଥିଲେ। ଜେଏନ୍ ପବ୍ଲିକ ସ୍କୁଲରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ମଣିନାଥପୁରସ୍ଥିତ ନରେନ୍ଦ୍ର ପରିଡ଼ା ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ, ମଞ୍ଜୁରି ବଳଦେବଜୀଉ ଉଚ୍ଚ ବିଦ୍ୟାଳୟ, ନାଆଁମୀ ମହାବିଦ୍ୟାଳୟ, ଶାରଦା ବିଦ୍ୟାମନ୍ଦିର, ବିବେକାନନ୍ଦ ପବ୍ଲିକ ସ୍କୁଲ, ଷୋଳମପୁର ଓ ରହଣିଆ ଶିଶୁମନ୍ଦିରଠାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭଣ୍ଡାରିପୋଖରୀ ମହିଳା କଂଗ୍ରେସ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ କରାଯାଇଥିଲା। ସଭାନେତ୍ରୀ ସବିତା ଚନ୍ଦ ଅଧକ୍ଷତା କରିଥିଲେ। ବ୍ଲକ ଅଧକ୍ଷା ମଞ୍ଜୁଶ୍ରୀ ବେହେରା, କଂଗ୍ରେସ ନେତା ସୁବ୍ରତ ଦାସ, ରଜନୀକାନ୍ତ ଚନ୍ଦ, ପୀତାମ୍ବର ନାୟକ, ସମିତିସଭ୍ୟା ସବିତା ମହାପାତ୍ର ଯୋଗଦେଇ ସଫେଇ ଓ ଚାରାରୋପଣ କରିଥିଲେ।

**ବାସୁଦେବପୁର, (ଡି.ଏନ.ଏ.):** ଇରମ ରଥପଦାଠାରେ ଶହୀଦ ମେମୋରିଆଲ ସଂଗ୍ରାମୀ ମହାସଂଘ ପକ୍ଷରୁ କଳସ ଶୋଭାଯାତ୍ରା ସହ ପତାକା ଉତ୍ତୋଳନ କରାଯାଇଥିଲା। କବି ବନମାଳୀ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସମ୍ପାଦିକା ସରସ୍ୱତୀ ଦାଶଙ୍କ ସମେତ ଶହୀଦ ଓ ସଂଗ୍ରାମୀ ପରିବାର ସଦସ୍ୟଙ୍କ ସମେତ ୩୦ ଊର୍ଦ୍ଧ୍ୱ ବ୍ୟକ୍ତି ଉପସ୍ଥିତ ଥିଲେ। ପୌରପାଳିକା ପକ୍ଷରୁ ସହର ସମେତ ଡାକ୍ତରଖାନା, ବ୍ଲକ, ତହସିଲ, ଥାନା ଆଦି ସରକାରୀ କାର୍ଯ୍ୟାଳୟରେ ସଫେଇ କରାଯାଇଥିଲା। ପୌର ନିର୍ବାହୀ ଅଧିକାରୀ ତାପସ ରଞ୍ଜନ ଜେନାଙ୍କ ସହ କର୍ମଚାରୀମାନେ ପରିଚାଳନା କରିଥିଲେ। ବିଡିଓ ପ୍ରଣବ ବେହେରା, ଯୁବବାହିନୀ ସଦସ୍ୟ, ପୌର ଓ ବ୍ଲକ କର୍ମଚାରୀ ପ୍ଲାଷ୍ଟିକ ବର୍ଜନ ସଂକଳ୍ପ ନେଇଥିଲେ। ସେହିପରି ତୃପ୍ତି ମହିଳା ମହାବିଦ୍ୟାଳୟରେ ସଚେତନତା ସଭା କରାଯାଇଥିଲା।

**ଧାମନଗର (ଡି.ଏନ.ଏ.):** ଧୂଷୁରୀ ଥାନା ଓ ଧାମନଗର ପ୍ରେସ କ୍ଲବ ପକ୍ଷରୁ ସଡ଼କ ସୁରକ୍ଷା ନେଇ ଥାନା ପରିସରରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ବ୍ଲକ ଅଧକ୍ଷ ଅଶୋକ ନାୟକ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଆଇଆଇସି ପ୍ରଫୁଲ୍ଲ ସିଂ, ଏଏସ୍‌ଆଇ ବିଭୂତି ଭୂଷଣ ସ୍ୱାଇଁ, ସମରେନ୍ଦ୍ର ବାରିକ, ଆରଡି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ, ଆଇନଜୀବୀ ଦେବାଶିଷ ସାମଲ, ପ୍ରେସ କ୍ଲବ ସାଧାରଣ ସମ୍ପାଦକ ପ୍ରଦୀପ ମହାପାତ୍ର, ଉପସଭାପତି କିଶାନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଧାମନଗର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା କରାଯାଇଥିଲା। ବ୍ଲକ ବିଜେଡି ସଭାପତି ରଘୁନାଥ ଲେଙ୍କା, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ବ୍ଲକ ଅଧକ୍ଷ ନାୟକ, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ପ୍ରଦୀପ ମଲ୍ଲିକ, ନାରୀନେତ୍ରୀ ସୁରତୀ ନାୟକଙ୍କ ସହ ଶତାଧିକ କର୍ମୀ ସାମିଲ ଥିଲେ। ସେହିପରି ବ୍ଲକ ଅଧକ୍ଷ ନାୟକ, ଏନ୍ଏସି କାର୍ଯ୍ୟନିର୍ବାହୀ ଯତିନ୍ଦ୍ର ମିଶ୍ର, ବିଡିଓ ଦୁର୍ଗାଚରଣ ମୁର୍ମୁଙ୍କ ଉପସ୍ଥିତିରେ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ବ୍ଲକ କଂଗ୍ରେସ ପକ୍ଷରୁ ବୟାଙ୍ଗଡିହୀ ମେଳଣ ମଣ୍ଡପରେ ରମେଶ ବେହେରାଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୋଠାର ସ୍ଥିତ ମା’ ଶାରଦା ଦେବୀ ମହାବିଦ୍ୟାଳୟରେ କାର୍ଯ୍ୟକ୍ରମ ହୋଇଥିଲା।

**ବନ୍ତ,(ସ୍ୱ.ପ୍ର./ଡି.ଏନ.ଏ.):** ବନ୍ତ ବ୍ଲକ କାଦବରାଙ୍ଗ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ପ୍ଲାଷ୍ଟିକ ବର୍ଜନ ସଚେତନତା କାର୍ଯ୍ୟକ୍ରମ, ପାନପଦୀ ପ୍ରକଳ୍ପ ବିଦ୍ୟାଳୟରେ ସଚେତନତା ଶୋଭାଯାତ୍ରା, ନିଲୋକ ହାଇସ୍କୁଲର ଛାତ୍ରୀଛାତ୍ର ବଜାର ପରିକ୍ରମା କରି ବିଦ୍ୟାଳୟ ପରିସର, ବଜାର, ରାସ୍ତାଘାଟ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଶୁଭେନ୍ଦୁ ମାଝୀ, ସୁଧାକର ପଣ୍ଡା, ସନାତନ ନାୟକ, ଚିତ୍ରାବତୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛୟାଳସିଂ ପଞ୍ଚାୟତ ମଗୁଲି ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସଚେତନତା କାର୍ଯ୍ୟକ୍ରମ, ପଳସା ସରସ୍ୱତୀ ଶିଶୁମନ୍ଦିରରେ ପ୍ଲାଷ୍ଟିକ ବର୍ଜନ ନେଇ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା।

**ତିହିଡ଼ି,(ଡି.ଏନ.ଏ.):** ତିହିଡ଼ି ମନ୍ଦୋଦରୀ କଲ୍ୟାଣ ମଣ୍ଡପରେ କଳିଙ୍ଗ କଳାକାର ସଂଘ ପକ୍ଷରୁ ଆୟୋଜିତ ସଭାରେ ସଭାପତି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ବିଦ୍ୟୁତ୍‌ଲତା ନାୟକ, ମୁଖ୍ୟବକ୍ତା ଡ. ଲକ୍ଷ୍ମୀଧର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଜୁ ଯୁବବାହିନୀ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରକୁ ବ୍ଲକ ଅଧକ୍ଷା ନାୟକ ଉଦ୍‌ଘାଟନ କରିଥିଲେ। ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସମାଜିକ କର୍ମୀମାନେ ପଦଯାତ୍ରାରେ ପୀରହାଟ ବଜାରରୁ ବାହାରି ଗାନ୍ଧୀ ସ୍ମୃତି ପୀଠ ଚାରବାଟିଆଠାରେ ପହଞ୍ଚି ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ତିହିଡ଼ି ଡିଗ୍ରୀ କଲେଜ ଛାତ୍ରୀଛାତ୍ର ଶୋଭାଯାତ୍ରାରେ କଲେଜରୁ ବାହାରି ତିହିଡ଼ି ବଜାର ପରିକ୍ରମା କରିଥିଲେ। ସେହିପରି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ଖଗେଶ୍ୱର ତ୍ରିପାଠୀ ଓ ବିସ୍ମୟ ବିହାରୀ ସାହୁଙ୍କ ନେତୃତ୍ୱରେ ମହିଳାମାନେ ନିଶା ନିବାରଣ ସ୍ଲୋଗାନ ଦେଇ ବ୍ଲକ ଛକରୁ ପୁରୁଣାହାଟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ।

**ଚାନ୍ଦବାଲି,(ଡି.ଏନ.ଏ.):** ଚାନ୍ଦବାଲିରେ ଗାନ୍ଧୀ ଜୟନ୍ତୀ କମିଟି ପକ୍ଷରୁ ଅହିଂସା ଦିବସ ପାଳନ ଅବସରରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରଭାତ ଫେରି, ଚାନ୍ଦବାଲି ସହରକୁ ପାଷ୍ଟିକ ମୁକ୍ତ ଓ ନିଶା ନିବାରଣ ପାଇଁ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଫେଇ ଓ ବୈତରଣୀ ନଦୀ କୂଳ ସଂଲଗ୍ନ ମୁଖ୍ୟରାସ୍ତା ନିକଟରେ ଚାରାରୋପଣ କରାଯାଇଥିଲା। ଏହି ଅବସରରେ ଏକ ରକ୍ତଦାନ ଶିବିର ସହିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ନିଶାମୁକ୍ତ ରାଷ୍ଟ୍ର ଗଠନ ଲାଗି ପ୍ରତୀକ ଧାରଣା ଦିଆଯିବା ସହ ବିଜୁ ସ୍ମୃତି ଭବନ ପରିସରରେ ଆଲୋଚନା ଚକ୍ର, ସମ୍ବର୍ଦ୍ଧନା ସଭା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ହୋଇଥିଲା। ‘ଜାତୀୟ ଶାନ୍ତି ଓ ସଂହତି ପାଇଁ ଗାନ୍ଧୀବାଦ ଏକମାତ୍ର ବିକଳ୍ପ’ ଶୀର୍ଷକ ଆଲୋଚନ ଚକ୍ରରେ ପ୍ରଫୁଲ୍ଲ ସାମନ୍ତରା, ଅମିୟ ପାଣ୍ଡବ, ଅଶୋକ ରାୟ, ଉପେନ୍ଦ୍ର ରାଉଳ ଓ ଜୟନ୍ତ ଦାଶ ପ୍ରମୁଖ ବକ୍ତା ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କଳା, ସାହିତ୍ୟ, ଶିକ୍ଷା, ଚିକିତ୍ସା କ୍ଷେତ୍ରରେ ବ୍ୟକ୍ତିବିଶେଷ, ପତ୍ରକାର ଓ ଅଗ୍ରଣୀ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ଗ୍ରାମ ଉତ୍‌ଥାନ ଚାନ୍ଦବାଲି ଶାଖା ପକ୍ଷରୁ ଏନ୍ଏସିର ଗଜିଗିରି ଗାଁରେ ସ୍ୱଚ୍ଛତା ହିଁ ସେବା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ସେହିଭଳି ବ୍ଲକ କଂଗ୍ରେସ କମିଟି ପକ୍ଷରୁ କାର୍ଯ୍ୟାଳୟ ପରିସରରେ ସଚେତନତା, ସଫେଇ, ସହରର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ନୁରୁ ମହମ୍ମଦ ଇସମାଇଲ, ଦିଗମ୍ବର ଦାସ, ବୃନ୍ଦାବନ ମହାଳିକ ପ୍ରମୁଖ ଯୋଗ ଦେଇଥିଲେ। ଚାନ୍ଦବାଲି କଲେଜ ପରିସରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ ଅବସରରେ ଗଣଦୌଡ଼, ମଶାଲ ଶୋଭାଯାତ୍ରା, ତର୍କ ପ୍ରତିଯୋଗିତା, କଲେଜ ପରିସର ସଫେଇ ଓ ସଭା ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ଅକ୍ଷୟ ମହାନ୍ତି, ପ୍ରାଧ୍ୟାପକ ସୁଧାଂଶୁ ଶେଖର ମହାନ୍ତି, ରତ୍ନାକର ଦଳାଇ, ନିମାଇଁ ପଟ୍ଟନାୟକ ଓ ସୁବାସ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।


ଭଦ୍ରକ ସଂସ୍କୃତି ଭବନଠାରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



ବନ୍ତ ନିଲୋକ ହାଇସ୍କୁଲ ପକ୍ଷରୁ ସଚେତନତା ରାଲିରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।


**OFFICE OF THE MUNICIPAL COUNCIL, BHADRAK**

**BHADRAK-756100 (ODISHA)**
**Tel. No.06784-251519 (O), Fax No.06784-251221**
**E-mail : eobdkmunicipality@gmail.com**

**No.8585** **Date: 01.10.2019**

**TENDER CALL NOTICE**

The Executive Officer, Bhadrak Municipality on behalf of Bhadrak Municipal Council Bhadrak invites sealed tenders from only reputed manufactures Companies / Authorized dealer for supply Cow Cather van 2 wheeled length 12’ X 8’, 3 side wall 6ft height with all arrangement. The tender schedule, terms and conditions specification & other necessary documents can be downloaded from the sight of official website of Bhadrak Municipality **www.bhadrakmunicipality.com** and District Website **http://bhadrak.nic.in** w.e.f. dt- 03.10.2019.

The downloading & receipt of the tender schedules shall start from date 03.10.2019 & close on date -11.10.2019 at 1 P.M. The tender shall be received in the office of the Executive Officer, Bhadrak Municipality through registered post / Speed Post only. Addressed to the Executive Officer, Bhadrak Municipality, Bhadrak on or before dt- 11.10.2019 at 1 pm. The authority will not be held responsible for the postal delay, if any in delivery of the documents & non receipt of the same in time. The seal tenders will be opened on dt- 11.10.2019 at 3 P.M. in the office of the Executive Officer, Bhadrak Municipality, and Bhadrak in presence of the tenderer or their authorized representatives who may be present at the time of opening of the tender. The cost of tender paper Rs.600/- (Rupees six hundred) in shape of DD in favour of Executive Officer, Bhadrak Municipality. The tender should be accompanied with Xerox copy of Pan Card, GST certificate, authorized dealer certificate, failing which the tender should not be taken into the consideration. The tenderer should furnished EMD of Rs.2000/- (Rupees two thousand) only in shape of Demand Draft / Pay order in favour of Executive Officer, Bhadrak Municipality. The authority reserves the right to reject any or all the tender without assigning any reason thereof.

**Sd./- Executive Officer,**
**Bhadrak Municipality**



ସମସ୍ତ କଶ୍ମୀରୀ ଆମର। ସେମାନଙ୍କ ସୁରକ୍ଷା ପାଇଁ ମୋଦି ସରକାର ସମ୍ପୂର୍ଣ୍ଣ ଭାବେ ଉତ୍ତରଦାୟୀ।

–ରାମ ମାଧବ,
ଭାଜପା ସାଧାରଣ ସମ୍ପାଦକ





ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ନୂଆଦିଲ୍ଲୀର ରାଜଘାଟରେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।



ଗାନ୍ଧୀ ଜୟନ୍ତୀରେ ବିଜୟୱାଡ଼ା ପୌର କର୍ମଚାରୀମାନେ ସଚେତନତା ସୃଷ୍ଟି ପାଇଁ ଥରୁଟିଏ ବ୍ୟବହାର ହେଉଥିବା ପ୍ଲାଷ୍ଟିକ୍ ସାମଗ୍ରୀଗୁଡ଼ିକୁ ଏକ ସ୍ଥାନରେ ଏକତ୍ରିତ କରିଛନ୍ତି।



ଗାନ୍ଧୀ ଜୟନ୍ତୀ ଅବସରରେ କଂଗ୍ରେସର ପଦଯାତ୍ରା ପରେ ମଞ୍ଚାସୀନ ନେତା ଗୁଲାମନବୀ ଆଜାଦ, ରାହୁଲ ଗାନ୍ଧୀ ଓ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳଙ୍କ ସହ ଅଧ୍ୟକ୍ଷା ସୋନିଆ ଗାନ୍ଧୀ।

# ସୁଧୁରୁନି କଶ୍ମୀର ସ୍ଥିତି

ଶ୍ରୀନଗର,୨।୧୦(ପି.ଟି.)

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ୫୯ଦିନରେ ପହଞ୍ଚିଥିଲେ ହେଁ ଏପର୍ଯ୍ୟନ୍ତ ଉପତ୍ୟକାର ସ୍ଥିତି ସୁଧୁରିନାହିଁ। ବୁଧବାର ସକାଳେ ଶ୍ରୀନଗରରେ କେତେକ ଦୋକାନ ଖୋଲିଥିଲେ ହେଁ ମୁଖ୍ୟ ବଜାର ଓ ଅନ୍ୟ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଛି। ଅଗଷ୍ଟ ୫ରୁ ଉପତ୍ୟକାରେ ସାଧାରଣ ଜୀବନଯାତ୍ରା ଗୁରୁତର ପ୍ରଭାବିତ ହୋଇଛି। ହନ୍ଦୱାଡ଼ା ଓ କୁପୱାଡ଼ାକୁ ଛାଡିଦେଲେ ରାଜ୍ୟର ଅନ୍ୟ ଅଞ୍ଚଳରେ ମୋବାଇଲ ସେବା ଏବେ ବି ବନ୍ଦ ରହିଛି। ଉପତ୍ୟକାରେ ଇଣ୍ଟରନେଟ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଛି। ରାଜ୍ୟରେ ହିଂସା ସୃଷ୍ଟି ପାଇଁ ଦେଶବିରୋଧୀ ତତ୍ତ୍ୱ ମୋବାଇଲ ଓ ଇଣ୍ଟରନେଟ ସେବାର ଅପବ୍ୟବହାର କରିପାରନ୍ତି ବୋଲି ପ୍ରଶାସନ କହୁଛି।

ତେବେ ପ୍ରଶାସନ କହିବା ଅନୁଯାୟୀ ଜମ୍ମୁ-କଶ୍ମୀରର କୌଣସି ସ୍ଥାନରେ ଆଉ କଟକଣା ନାହିଁ। ଆଇନଶୃଙ୍ଖଳା ବଜାୟ ରଖିବା ଲାଗି ଅସୁରକ୍ଷିତ ଅଞ୍ଚଳରେ ସୁରକ୍ଷା ବଳ ମୁତୟନ ହୋଇଛନ୍ତି। କିଛି ଦିନ ହେଲା ସକାଳ ୭ଟା ୩୦ରୁ ୧୦ଟା ୩୦ ପର୍ଯ୍ୟନ୍ତ କେତେକ ଦୋକାନ ଖୋଲୁଥିବାବେଳେ ଏହି



ସମୟସୀମାକୁ ବୁଧବାର ୧୧ଟା ପର୍ଯ୍ୟନ୍ତ ବଢ଼ାଇଦିଆଯାଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସାଧାରଣ ପରିବହନ ୫୯ଦିନ ହେଲା ବନ୍ଦ ରହିଛି। ତେବେ ଘରୋଇ କାର, ଟ୍ୟାକ୍ସି ଓ ଅଟୋରିକ୍ସା ସହରର କେତେକ ଅଞ୍ଚଳରେ ଚାଲୁଥିବା ଦେଖାଯାଇଛି। ଅନେକ ଉଚ୍ଚସ୍ତରୀୟ ବିଚ୍ଛିନ୍ନତାବାଦୀ ରାଜନେତାଙ୍କୁ ଅଟକ ରଖାଯାଇଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏବଂ ମେହବୁବା ମୁଫ୍ତିଙ୍କ ଭଳି ମୁଖ୍ୟସ୍ରୋତର ନେତାଙ୍କୁ ଅଟକ କିମ୍ବା ଗୃହବନ୍ଦୀ ରଖାଯାଇଛି। ଅନ୍ୟତମ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଲୋକ ସଭା ସଦସ୍ୟ ଫାରୁକ ଅବ୍ଦୁଲ୍ଲାଙ୍କୁ ବିବାଦୀୟ ଜନସୁରକ୍ଷା

**୩୭୦ ଉଚ୍ଛେଦକୁ ଦୁଇ ମାସ**

**ଏବେ ବି ବ୍ୟବସାୟ ପ୍ରତିଷ୍ଠାନ, ମୋବାଇଲ, ଇଣ୍ଟରନେଟ ସେବା ବନ୍ଦ**

ଆଇନରେ ଗିରଫ କରାଯାଇଛି।

ତେବେ ଅଟକ ଥିବା କେତେଜଣଙ୍କ ଉପରୁ କଟକଣା ହଟାଇଦିଆଯାଇଥିବା ସେମାନେ ସୂଚନା ଦେଇଛନ୍ତି। ଅଟକ ଥିବା ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ରାମନାନ୍ ଭାଲାଙ୍କ ଉପରୁ କଟକଣା ଉଠିଥିବା ସେ ଗଣମାଧ୍ୟମକୁ କହିଛନ୍ତି। ସେହିପରି ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ନେତା ତଥା ପୂର୍ବତନ ବିଧାୟକ ଦେବେନ୍ଦର ସିଂ ରାଣା ମଧ୍ୟ ଅଟକରୁ ମୁକ୍ତ ହୋଇଥିବା କହିଛନ୍ତି। ତେବେ ତାଙ୍କୁ କୌଣସି ରାଜନୈତିକ କାର୍ଯ୍ୟରେ ଭାଗ ନ ନେବାକୁ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ସିର ଜାଭେଦ ରାଣା, ଏସ.ଏସ. ସଲଥିଆ, ସାଜ୍ଜଦ କିଚ୍‌ଲୁ, କଂଗ୍ରେସର ବିକର ରସୁଲ, ଜମ୍ମୁ-କଶ୍ମୀର ନ୍ୟାଶନାଲ ପାନ୍ଥର୍ସ ପାର୍ଟିର ହର୍ଷଦେବ ସିଂ ଅନୁରୂପ ଦାବି କରିଛନ୍ତି। ତେବେ ସେମାନେ ଆଦୌ ଅଟକ ନ ଥିଲେ ବୋଲି ଜମ୍ମୁ ଡିଭିଜନାଲ କମିଶନର ସଞ୍ଜୀବ ବର୍ମା କହିଛନ୍ତି।

## ‘ନୀରବ ରହିବା ଭଲ’

**ପୁଣେ,୨।୧୦:** ଜମ୍ମୁ-କଶ୍ମୀରର ବର୍ତ୍ତମାନର ସ୍ଥିତିକୁ ନେଇ ନୀରବତା ଅବଲମ୍ବନ କରିବା ଭଲ ବୋଲି ଜମ୍ମୁ-କଶ୍ମୀରର ଶେଷ ରାଜା ହରି ସିଂଙ୍କ ପୁଅ ତଥା ବରିଷ୍ଠ କଂଗ୍ରେସ ନେତା କରଣ ସିଂ କହିଛନ୍ତି। ପୁଣେରେ ଏମ୍‌ଆଇଟି ୱାର୍ଲ୍ଡ ପିସ୍ ୟୁନିଭର୍ସିଟି ପକ୍ଷରୁ ଆୟୋଜିତ ବିଜ୍ଞାନ, ଧର୍ମ ଓ ଦର୍ଶନ ଉପରେ ବିଶ୍ୱ ପାର୍ଲାମେଣ୍ଟର ପଞ୍ଚମ ସଂସ୍କରଣ ଅବସରରେ ଜମ୍ମୁ-କଶ୍ମୀର ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ, ଜମ୍ମୁ-କଶ୍ମୀର ତାଙ୍କ ପୂର୍ବପୁରୁଷ ପ୍ରତିଷ୍ଠା କରିଥିଲେ। ୧୯୪୭ ଅକ୍ଟୋବରରେ ଜମ୍ମୁ-କଶ୍ମୀରକୁ ଭାରତରେ ମିଶ୍ରଣ ଲାଗି ଚୁକ୍ତିନାମା ସ୍ୱାକ୍ଷର ହେଲାବେଳେ ସେ ସେଠାରେ ଉପସ୍ଥିତ ଥିଲେ। ଧର୍ମ ନାମରେ ଦେଶରେ ଅତ୍ୟାଚାର ବୃଦ୍ଧି ପାଉଥିବା ପ୍ରଶ୍ନର ଉତ୍ତରରେ କରଣ



କରଣ ସିଂ

ସିଂ କହିଥିଲେ, ଦୁଃଖର କଥା ହେଉଛି ଧର୍ମ ନାମରେ ଆତଙ୍କବାଦର ପ୍ରସାର କରାଯାଉଛି। ଆମେ ଏଭଳି ଏକ ଘଡ଼ସନ୍ଧି ମୁହୂର୍ତ୍ତ ମଧ୍ୟରେ ଗତି କରୁଛୁ, ଯେଉଁଠି ଅତୀତ ବିଲୁପ୍ତ ଓ ଭବିଷ୍ୟତ ସମ୍ପର୍କରେ ଅନେକ ପ୍ରଶ୍ନ ଅସମାହିତ। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ବରିଷ୍ଠ କଂଗ୍ରେସ ନେତା କହିଥିଲେ, ମହାରାଜା ହରି ସିଂଙ୍କ ଶ୍ରୀନଗର ବାସଭବନକୁ ଏକଦା ବାପୁ ଆସିଥିଲେ ଓ ତାଙ୍କ ସହ ଦେଖାହୋଇଥିଲା।

## ୩୭୦ ଉଚ୍ଛେଦ ପରେ ୧୪୪ ନାବାଳକ ଅଟକ ଥିଲେ

ନୂଆଦିଲ୍ଲୀ,୨।୧୦(ପି.ଟି.)

କେନ୍ଦ୍ର ସରକାର ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ପରେ ଜମ୍ମୁ-କଶ୍ମୀରର ୧୪୪ ଜଣ ନାବାଳକଙ୍କୁ ବେଆଇନ ଭାବେ ଅଟକ ରଖାଯାଇଥିଲା। ସେମାନଙ୍କ ମଧ୍ୟରେ ୯ ଓ ୧୧ ବର୍ଷର ପିଲା ରହିଥିବା ଜମ୍ମୁ-କଶ୍ମୀର ହାଇକୋର୍ଟର ଜୁଭେନାଇଲ ଜଷ୍ଟିସ୍ କମିଟି ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ପରେ ସେମାନଙ୍କ ମଧ୍ୟରୁ ୧୪୨ ଜଣଙ୍କୁ ମୁକ୍ତ କରିଦିଆଯାଇଥିଲା। ଉକ୍ତ କମିଟି ରିପୋର୍ଟ ଅନୁଯାୟୀ ଦୁଇଜଣ ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଇଦିଆଯାଇଛି। ତେବେ କୌଣସି ଶିଶୁଙ୍କୁ ବେଆଇନ ଭାବେ ଅଟକ ରଖାଯାଇ ନ ଥିବା ରାଜ୍ୟ ପ୍ରଶାସନ ପକ୍ଷରୁ କୁହାଯାଇଛି। ପଥର ଫିଙ୍ଗିବା, ଦଙ୍ଗା ସୃଷ୍ଟି କରିବା, ସରକାରୀ ଓ ଘରୋଇ ସମ୍ପତ୍ତି ନଷ୍ଟ କରିବା ଅଭିଯୋଗରେ ସେମାନଙ୍କୁ ପର୍ଯ୍ୟବେକ୍ଷଣ ଗୃହରେ ଅଟକ ରଖାଯାଇଥିବା ପୋଲିସ କମିଟିକୁ ରିପୋର୍ଟ ଦେଇଛି।

ମଙ୍ଗଳବାର ସୁପ୍ରିମକୋର୍ଟରେ ମାମଲାର ଶୁଣାଣି ଚାଲିଥିବାବେଳେ ଶିଶୁ ଅଧିକାର କର୍ମୀ ଏନାକ୍ଷୀ ଗାଙ୍ଗୁଲି ଓ ଶାନ୍ତା ସିହ୍ନାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ହୁଜେଫା ଅହମ୍ମଦୀ ଉପରୋକ୍ତ ରିପୋର୍ଟ ସମ୍ପର୍କରେ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏହା ଉପରେ ଜବାବ ରଖିବାକୁ କୋର୍ଟଙ୍କ ଅନୁମତି ଚାହିଁଥିଲେ। ଜଷ୍ଟିସ୍

**ଜୁଭେନାଇଲ ଜଷ୍ଟିସ୍ କମିଟି ରିପୋର୍ଟ**

ଏନ୍.ଭି. ରମାନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ତାଙ୍କୁ ଅନୁମତି ଦେବା ସହ ମାମଲାର ପରବର୍ତ୍ତୀ ଶୁଣାଣି ୨ ସପ୍ତାହ ପରେ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ପୂର୍ବରୁ ଶିଶୁ ଅଧିକାର କର୍ମୀଙ୍କ ପିଟିଶନ ଉପରେ ସର୍ବୋଚ୍ଚ ଅଦାଲତ କେତେ ଶିଶୁ ଅଟକ ରହିଛନ୍ତି, ତାହା ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ସେପ୍ଟେମ୍ବର ୨୦ରେ ଜୁଭେନାଇଲ ଜଷ୍ଟିସ୍ କମିଟିକୁ ନିର୍ଦ୍ଦେଶ ଦେଇଥିଲେ। ଜଷ୍ଟିସ୍ ଅଲି ମହମ୍ମଦ ମାଗ୍ରେଙ୍କ ଅଧ୍ୟକ୍ଷତାରେ ଗଠିତ ୪ ଜଣିଆ କମିଟି ହାଇକୋର୍ଟ ରେଜିଷ୍ଟ୍ରାର ତଥା ବିଭିନ୍ନ ତଳ କୋର୍ଟରୁ ତଥ୍ୟ ସଂଗ୍ରହ କରି କରିଥିଲେ। ଏହାବ୍ୟତୀତ ପୋଲିସ ଓ ଅନ୍ୟ ସଂସ୍ଥାରୁ ମଧ୍ୟ ତଥ୍ୟ ସଂଗ୍ରହ କରାଯାଇଥିଲା। ତେବେ ବେଆଇନ ଭାବେ କୌଣସି ନାବାଳକଙ୍କୁ ଅଟକ ରଖାଯିବା ଅଭିଯୋଗକୁ ଜମ୍ମୁ-କଶ୍ମୀର ପୋଲିସ ଡିଜି ସମ୍ପୂର୍ଣ୍ଣ ଖଣ୍ଡନ କରିଥିଲେ। ପୋଲିସ ରିପୋର୍ଟ ଅନୁଯାୟୀ ଜମ୍ମୁ-କଶ୍ମୀରରେ ଦୁଇଟି ନିରୀକ୍ଷଣ ଗୃହ ସ୍ଥାପନ କରାଯାଇ ଅଗଷ୍ଟ ୫ରୁ ୪୬ ଜଣଙ୍କୁ ଅଟକ ରଖାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୭ ଜଣଙ୍କୁ ଜାମିନ ମିଳିଥିବାବେଳେ ଅନ୍ୟମାନଙ୍କ ବିରୋଧରେ ତଦନ୍ତ ଚାଲିଛି।

## ‘କଂଗ୍ରେସରେ ଟିକେଟ ବିକ୍ରି ହେଉଛି’

ନୂଆଦିଲ୍ଲୀ,୨।୧୦

ହରିୟାଣା କଂଗ୍ରେସର ଗୋଷ୍ଠୀ ବିବାଦ ଦିଲ୍ଲୀରେ ପହଞ୍ଚିଛି। ହରିୟାଣା କଂଗ୍ରେସର ପୂର୍ବତନ ସଭାପତି ଅଶୋକ ତନ୍‌ୱର ନିଜ ସମର୍ଥକଙ୍କ ସହ ବୁଧବାର ଦଳର ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ୧୦ ଜନପଥ ବାସଭବନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନିର୍ବାଚନ ପରିଚାଳନା କମିଟି ମୁଖ୍ୟ ଭୂପିନ୍ଦର ସିଂ ହୁଡ୍ଡାଙ୍କ ବିରୋଧରେ ଟିକେଟ ବିକ୍ରିର ଅଭିଯୋଗ ଆଣିଛନ୍ତି। ହରିୟାଣା ବିଧାନସଭା ନିର୍ବାଚନ ପାଇଁ ଉକ୍ତ କମିଟି ଟିକେଟ ବିକ୍ରି କରୁଥିବା ନେଇ ଏଆଇସିସି କାର୍ଯ୍ୟାଳୟ ସାମ୍ନାରେ ସ୍ଲୋଗାନ ଦେବା ସହ ବିକ୍ଷୋଭ କରିଛନ୍ତି। କଂଗ୍ରେସକୁ ଧ୍ୱଂସ କରିବାକୁ



ଅଶୋକ ତନ୍‌ୱର

ଚାହୁଁଥିବା ଲୋକେ ତନ୍‌ୱରଙ୍କ ୧୫ ଜଣିଆ ପ୍ରାର୍ଥୀ ତାଲିକାକୁ ପ୍ରତ୍ୟାଖ୍ୟାନ କରିଦେଇଥିବା ସେ ଅଭିଯୋଗ ଆଣିଛନ୍ତି। ପ୍ରକାଶ ଯେ, ଗତମାସରେ ତନ୍‌ୱରଙ୍କୁ କଂଗ୍ରେସ ସଭାପତି ପଦରୁ ହଟାଇ ତାଙ୍କ ସ୍ଥାନରେ କୁମାରୀ ସେଲ୍‌ଜାଙ୍କୁ ନିଯୁକ୍ତ କରାଯାଇଥିଲା।

■ ଗାନ୍ଧୀ ଜୟନ୍ତୀରେ ପ୍ରଧାନମନ୍ତ୍ରୀଙ୍କ ଘୋଷଣା

## ଭାରତ ବାହ୍ୟ ମଳମୁକ୍ତ

ଅହମଦାବାଦ,୨।୧୦(ପି.ଟି.)

ଭାରତ ଏବେ ସମ୍ପୂର୍ଣ୍ଣ ବାହ୍ୟ ମଳମୁକ୍ତ ହୋଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଘୋଷଣା କରିଛନ୍ତି। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ଗୁଜରାଟର ଅହମଦାବାଦଠାରେ ‘ସ୍ୱଚ୍ଛ ଭାରତ ଦିବସ’ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ସେ କହିଥିଲେ, ୫ ବର୍ଷ ମଧ୍ୟରେ ୬୦ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ପାଇଖାନା ଯୋଗାଇଦିଆଯାଇଛି। ଭାରତର ଏହି ପଦକ୍ଷେପକୁ ସାରା ବିଶ୍ୱ ପ୍ରଶଂସା କରୁଛି। ୨୦୧୪ ଅକ୍ଟୋବର ୨ରେ ପ୍ରଧାନମନ୍ତ୍ରୀ ସ୍ୱଚ୍ଛ ଭାରତ ଅଭିଯାନର ଶୁଭାରମ୍ଭ କରିଥିଲେ। ୨୦୧୯ ଅକ୍ଟୋବର ୨ରେ ଭାରତ ସମ୍ପୂର୍ଣ୍ଣ ବାହ୍ୟ ମଳମୁକ୍ତ ହୋଇପାରିଛି। ଗାନ୍ଧିଜୀ ସ୍ୱଚ୍ଛତା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଥିଲେ। ଦେଶବାସୀ ତାହାକୁ ଆଗେଇନେବାକୁ ସେ ଚାହୁଁଥିଲେ। ଗ୍ରାମୀଣ ଭାରତ ଓ ଏହାର ଗ୍ରାମଗୁଡିକ ନିଜକୁ ବାହ୍ୟମଳମୁକ୍ତ ଘୋଷଣା କରିସାରିଛନ୍ତି। ୬୦ ମାସରେ ୧୧ କୋଟିରୁ ଅଧିକ ପାଇଖାନା ନିର୍ମାଣ ହୋଇଛି, ଯାହାକୁ ନେଇ ବିଶ୍ୱ ବିସ୍ମିତ ବୋଲି ମୋଦି କହିଛନ୍ତି। ପ୍ଲାଷ୍ଟିକ୍ ଏବେ ମାନବଜାତି ପାଇଁ ବଡ଼ ବିପଦ ଭାବେ ଉଭାହୋଇଛି। ୨୦୨୨ ସୁଦ୍ଧା ଦେଶକୁ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ କରିବା ଲକ୍ଷ୍ୟ ପୂରଣ କରିବାକୁ ହେବ।

### ସ୍ମାରକୀର ୧୦୦ ମିଟର ମଧ୍ୟରେ ପ୍ଲାଷ୍ଟିକ୍ ନିଷିଦ୍ଧ

**ନୂଆଦିଲ୍ଲୀ,୨।୧୦(ପି.ଟି.):** ଐତିହାସିକ ସ୍ମାରକ ସ୍ଥଳର ୧୦୦ ମିଟର ପରିଧି ମଧ୍ୟରେ ଗୋଟିଏ ଥର ବ୍ୟବହୃତ ପ୍ଲାଷ୍ଟିକ୍‌କୁ ଅନୁମତି ଦିଆଯିବ ନାହିଁ ବୋଲି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ପଟେଲ ବୁଧବାର ଘୋଷଣା କରିଛନ୍ତି। ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବର୍ଜନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଆହ୍ୱାନ ଦେବାର ଦିନକ ପରେ ପର୍ଯ୍ୟଟନ ମନ୍ତ୍ରୀ ଏଭଳି ଘୋଷଣା କରିଛନ୍ତି।

## ‘୩୧ରେ ବ୍ରେକ୍‌ଜିଟ ପାଇଁ ପ୍ରସ୍ତୁତ’



ବୋରିସ୍ ଜନ୍‌ସନ

ଲଣ୍ଡନ,୨।୧୦(ପି.ଟି.)

ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ନୂଆ ବ୍ରେକ୍‌ଜିଟ ଯୋଜନା ଆଣିବା ପୂର୍ବରୁ ୟୁରୋପୀୟ ସଂଘ (ଇୟୁ) ସହ ବୁଝାମଣା ପାଇଁ ଅନୁରୋଧ କରିଛନ୍ତି। ଏହାସହ ଯାହା ହୋଇଗଲେ ବି ଅକ୍ଟୋବର ୩୧ରେ ବିନା ଡିଲ୍‌ରେ ଇୟୁଠାରୁ ଅଲଗା ହେବା ପାଇଁ ବ୍ରିଟେନ ପ୍ରସ୍ତୁତ ବୋଲି ବୁଧବାର ଚେତାବନୀ ଦେଇଛନ୍ତି। ବ୍ରେକ୍‌ଜିଟ ପାଇଁ ସେ ଉଭୟ ପକ୍ଷ ମଧ୍ୟରେ ବୁଝାମଣାର ଏକ ବିକଳ୍ପ (ଉତ୍ତର ଆୟର୍ଲାଣ୍ଡ ସୀମା କିମ୍ବା ଏହା ନିକଟରେ ସୀମା ଶୁଳ୍କ ଯାଞ୍ଚ ପାଇଁ ଅନୁମତି ଦିଆ ନ ଯିବା) ପ୍ରସ୍ତାବ ମଧ୍ୟ ଦେଇଛନ୍ତି। ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ଆୟର୍ଲାଣ୍ଡ ଦ୍ୱୀପର ‘ଅଲ୍-ଆଇଲାଣ୍ଡ ରେଗୁଲେଟୋରି ଜୋନ୍’ ଏକକ ବଜାର ପାଇଁ ଇୟୁରେ ରହିବ। କିନ୍ତୁ ଏହା ଉପରେ ସୀମା ଶୁଳ୍କ ଲାଗୁ ହେବ ନାହିଁ। ଏହାର ପରିଣାମ ପାଇଁ ବ୍ରିଟେନ ପ୍ରସ୍ତୁତ ଅଛି ବୋଲି ମାଞ୍ଚେଷ୍ଟରରେ କଞ୍ଜର୍ଭେଟିଭ୍ ପାର୍ଟିର ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି।

[ ଇତିହାସର ଆଇନାରେ ]

**ଅକ୍ଟୋବର ୩ର ପ୍ରମୁଖ ଘଟଣା**

୨୦୧୦ ଅକ୍ଟୋବର ୩ରେ ଦିଲ୍ଲୀରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରଥମ ଥର ଲାଗି ଆରମ୍ଭ ହୋଇଥିଲା। ଏଥିରେ ମୋଟ ୬୦୮୧ ଖେଳାଳି ଭାଗ ନେଇଥିବାବେଳେ ୨୭୨ ଇଭେଣ୍ଟରେ ମୋଟ ୭୧ ଦେଶ ଭାଗ ନେଇଥିଲେ। ଏଥିରେ ଅଷ୍ଟ୍ରେଲିଆ ପ୍ରଥମସ୍ଥାନ ହାସଲ କରିଥିବାବେଳେ ଭାରତ ଦ୍ୱିତୀୟରେ ରହିଥିଲା। ଭାରତକୁ ମୋଟ ୩୮ ସ୍ୱର୍ଣ୍ଣ ପଦକ ସହ ୧୦୧ ମେଡାଲ ମିଳିଥିଲା।

୨୦୧୩ ଅକ୍ଟୋବର ୩ରେ ଲିବିୟାରୁ ଇଟାଲି ଅଭିମୁଖେ ଆସୁଥିବା ଏକ ଡଙ୍ଗା ଭାରସାମ୍ୟ ହରାଇ ଲାମ୍ପେଡୁସା ଉପଦ୍ୱୀପ ନିକଟରେ ବୁଡ଼ିଯିବାରୁ ସେଥିରେ ଥିବା ୧୩୪ ଯାତ୍ରୀଙ୍କ ପ୍ରାଣହାନି ଘଟିଥିଲା। ସୋମାଲିଆ, ଘାନା ଓ ଇରିଟ୍ରିଆରୁ ସର୍ବାଧିକ ଶରଣାର୍ଥୀ ସେଥିରେ ଯାତ୍ରା କରୁଥିଲେ।

## ୪୬୦ ଫୁଟ ବ୍ରିଜ୍ ଭୁଶୁଡ଼ିଲା: ୬ ମୃତ

**ତାଇପେଇ, ୨।୧୦:** ତାଇୱାନ୍‌ରେ ବୁଧବାର ଏକ ବ୍ରିଜ୍ ଭୁଶୁଡ଼ି ପଡ଼ିବାରୁ ୬ ଜଣଙ୍କ ମୃତ୍ୟୁ ଘଟିଛି। ୩ଟି ବୋଟ ଏହାଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବାବେଳେ ପ୍ରାଣ ହରାଇଥିବା ବ୍ୟକ୍ତିମାନେ ଇଣ୍ଡୋନେସିଆ ଓ ଫିଲିପାଇନ୍ସର ମତ୍ସ୍ୟଜୀବୀ ବୋଲି ଜଣାପଡ଼ିଛି। ପ୍ରାୟ ୧୪ଜଣ ଆହତ ହୋଇଥିବା ଖବର ମିଳିଛି। ବ୍ରିଜ୍ ଭୁଶୁଡ଼ିବା ପରେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି ବୋଲି ପରିବହନ ମନ୍ତ୍ରୀ ଲିନ୍ ଚିଆ-ଲୁଙ୍ଗ୍ ପ୍ରକାଶ କରିଛନ୍ତି। ଫିଲିପାଇନ୍ସ ଶ୍ରମମନ୍ତ୍ରୀ କହିଛନ୍ତି ଯେ, ଦେଶର ୨ ନାଗରିକ ଏଥିରେ ପ୍ରାଣ ହରାଇଥିବାବେଳେ ଜଣେ ନିଖୋଜ ଅଛନ୍ତି। ୧୪୦ ମିଟର(୪୬୦ ଫୁଟ)ର ଏହି ବ୍ରିଜ୍ ଭୁଶୁଡ଼ିବାର ଦୃଶ୍ୟ ସିସିଟିଭି ଫୁଟେଜ୍‌ରେ କଏଦ୍ ହୋଇଛି।



■ ଭାରତ ସପକ୍ଷରେ ବ୍ରିଟେନ କୋର୍ଟ ରାୟ

## ପାକିସ୍ତାନର ନୁହେଁ ନିଜାମଙ୍କ ସମ୍ପତ୍ତି

ଲଣ୍ଡନ,୨।୧୦(ପି.ଟି.)

ହାଇଦ୍ରାବାଦର ନିଜାମଙ୍କ ସମ୍ପତ୍ତି ଉପରେ ପାକିସ୍ତାନର ଦାବିକୁ ବ୍ରିଟେନ ହାଇକୋର୍ଟ ବୁଧବାର ଅଗ୍ରାହ୍ୟ କରିଦେଇଛନ୍ତି। ବହୁ ଦଶନ୍ଧି ଧରି ଲାଗି ରହିଥିବା ଏହି ବିବାଦର ରାୟ ଭାରତ ସପକ୍ଷରେ ଯାଇଛି। ୧୯୪୭ରେ ଦେଶ ବିଭାଜନ ବେଳେ ନିଜାମଙ୍କର ବିପୁଳ ପାଣ୍ଠି ଓ ଲଣ୍ଡନ ବ୍ୟାଙ୍କ ଆକାଉଣ୍ଟରେ ଥିବା ଜମାରାଶି ଉପରେ ପାକିସ୍ତାନ ଦାବି କରିଆସୁଥିଲା। ବ୍ରିଟେନର ନେଟଓ୍ୱେଷ୍ଟ ବ୍ୟାଙ୍କରେ ନିଜାମଙ୍କର ପାଖାପାଖି ୩୫ ନିୟୁତ ପାଉଣ୍ଡ ଜମା ରହିଛି। ଏହି ଆଇନଗତ



ଲଢ଼େଇରେ ଭାରତ ସରକାରଙ୍କ ସହ ନିଜାମଙ୍କ ବଂଶଧର ଯୁବରାଜ ମୁକାରାମ ଜାହ ଓ ତାଙ୍କ ସାନଭାଇ ମୁଫକରାମ ହାତ ମିଳାଇଥିଲେ। ଲଣ୍ଡନ ରୟାଲ କୋର୍ଟ ଅଫ୍ ଜଷ୍ଟିସ୍‌ର ବିଚାରପତି ମାର୍କସ୍ ସ୍ମିଥ୍ ତାଙ୍କ ରାୟରେ କହିଥିଲେ ସପ୍ତମ ନିଜାମଙ୍କ ସମ୍ପତ୍ତିର ହକ୍‌ଦାର ଯୁବରାଜ ଓ ଭାରତ। ଫରେନ୍ ଆକ୍ଟ ଅଫ ଷ୍ଟେଟ୍ ଡକ୍ଟ୍ରିନ୍ କାରଣରୁ ପାକିସ୍ତାନର ଦାବି ଯଥାର୍ଥ ନୁହେଁ।

୧୯୪୮ରେ ହାଇଦ୍ରାବାଦର ତତ୍କାଳୀନ ନିଜାମଙ୍କର ୧,୦୦୭,୯୪୦ ପାଉଣ୍ଡ ୯ ସିଲିଂ ନବଗଠିତ ପାକିସ୍ତାନର ବ୍ରିଟେନରେ ଥିବା ହାଇକମିଶନରଙ୍କ ପାଖକୁ ଟ୍ରାନ୍ସଫର ହୋଇଥିଲା, ଯାହାକୁ ନେଇ ବିବାଦ ଲାଗି ରହିଛି। ଏବେ ଉକ୍ତ ଅର୍ଥରାଶି ପରିମାଣ ୩୫ ନିୟୁତ ପାଉଣ୍ଡରେ ପହଞ୍ଚିଲାଣି। ଭାରତ ସମର୍ଥନ କରୁଥିବା ନିଜାମଙ୍କ ବଂଶଧର ଉକ୍ତ ଜମାରାଶି ସେମାନଙ୍କର ବୋଲି ଦାବି କରିଥିବାବେଳେ ପାକିସ୍ତାନ ଏହା ଉପରେ ନିଜର ଅଧିକାର ସାବ୍ୟସ୍ତ କରୁଥିଲା। ୧୯୪୮ରୁ ଲାଗି ରହିଥିବା ଏହି ବିବାଦର ଏକପ୍ରକାର ସମାଧାନ ହୋଇଯାଇଛି। ପାଣ୍ଠି ଉପରେ ଅଷ୍ଟମ ନିଜାମର ଅଧିକାର ରହିଥିବା କୋର୍ଟ କହିଛନ୍ତି। ବିବାଦ ଆରମ୍ଭ ହେବା ବେଳେ ଯୁବରାଜ ଶିଶୁ ଥିଲେ। ଏବେ ସେ ୮୦ ବର୍ଷରେ ପହଞ୍ଚିଥିବାବେଳେ ରାୟ ତାଙ୍କ ସପକ୍ଷରେ ଯାଇଥିବା ଓକିଲ ପଲ୍ ହେୱିଟ୍ କହିଛନ୍ତି।



ଲୋକଙ୍କ ମନୋଭାବରେ ପରିବର୍ତ୍ତନ ଆସିବା ସହ ଝିଅ ଜନ୍ମ ହେଲେ ପରିବାରରେ ଉତ୍ସବ ପାଳନ କରାଯିବା ଦରକାର।
-ଭୂମି ପେଡ୍‌ନେକର,
ବଲିଉଡ୍ ଅଭିନେତ୍ରୀ

# ସ୍ୱାମୀଙ୍କ ଶବ ମାଗିଲେ ୭ ସ୍ତ୍ରୀ

## ପୋଲିସ ନାକେଦମ୍

**ହରିଦ୍ୱାର :** ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ହରିଦ୍ୱାରର ରବିଦାସ ବସ୍ତିନିବାସୀ ପଓ୍ୱନ୍ କୁମାର ବିଷ ପିଇ ରବିବାର ଆତ୍ମହତ୍ୟା କରିବା ପରେ ତାଙ୍କ ମୃତଦେହକୁ ନେବା ଲାଗି ୭ ସ୍ତ୍ରୀ ଏକାବେଳେ ଦାବି କରିବା ପୋଲିସ ଲାଗି ମୁଣ୍ଡବିନ୍ଧାର କାରଣ ପାଲଟିଛି। ପ୍ରତ୍ୟେକ ମହିଳା ପଓ୍ୱନ୍‌ଙ୍କୁ ନିଜର ସ୍ୱାମୀ ବୋଲି ଦାବିକରିବା ସହ ତାଙ୍କ ମରଶରୀରକୁ ନେବା ଲାଗି ପରସ୍ପର ମଧ୍ୟରେ କଳି କରିଥିଲେ। ପ୍ରଥମେ ୫ ଜଣ ଓ ପରେ ୨ ଜଣ ଏଭଳି ୭ ମହିଳା ପୋଲିସ ଷ୍ଟେଶନରେ ପହଞ୍ଚି କଳି କରିବାରୁ ପୋଲିସ କାହାକୁ ଶବ ଦେଇ ନ ଥିଲା। ଆଉ କିଛି ମହିଳା ଏଭଳି ଦାବି କରିବାର ସମ୍ଭାବନା ଥିବାରୁ ପୋଲିସ ସମୟ ଗଡ଼ାଇ ଚାଲିଲା। ୭ ମହିଳାଙ୍କ ଏଭଳି ଅଜବ ଦାବି ଓ ପାଟିତୁଣ୍ଡକୁ ନେଇ ପୋଲିସ ଅଡୁଆରେ ପଡ଼ିଥିଲା। ପଓ୍ୱନ ଅତି ଗରିବ ଶ୍ରେଣୀର ଡ୍ରାଇଭର ଓ ତାଙ୍କର ସେଭଳି ସାଙ୍ଗସାଥୀ ନ ଥିବା ଜଣାପଡ଼ିଛି। ତେବେ ସେ କାହିଁକି ଏଭଳି ଆତ୍ମହତ୍ୟାର ବାଟ ବାଛିଲେ, ସେନେଇ ପୋଲିସ ତଦନ୍ତ ଜାରି ରଖିଥିବା ସିଟି ପୋଲିସ ଏସ୍‌ଏଚ୍‌ଓ ପ୍ରବୀଣ ସିଂ କୋଶିୟାରୀ ପ୍ରକାଶ କରିଛନ୍ତି। ତାଙ୍କ ଆତ୍ମହତ୍ୟାର କାରଣ ସମ୍ପର୍କରେ ଏହି ୭ ମହିଳା କିଛି ଜାଣି ନ ଥିବା କହିଛନ୍ତି। ପଓ୍ୱନ୍‌ଙ୍କ ମରଶରୀରକୁ ବ୍ୟବଚ୍ଛେଦ ଲାଗି ଜିଲା ହସ୍ପିଟାଲକୁ ପଠାଯାଇଥିବା ଜଣାପଡ଼ିଛି। ଏକ ଭଡ଼ା ଘରେ ରହୁଥିବା ପଓ୍ୱନ୍‌ଙ୍କ ଆର୍ଥିକ ଅନଟନ ସତ୍ତ୍ୱେ କିଭଳି ୭ ସ୍ତ୍ରୀ ହେଲେ, ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିହୋଇଛି। ୭ ମହିଳା ପଓ୍ୱନ୍‌ଙ୍କୁ ନିଜର ସ୍ୱାମୀ ବୋଲି କହି ତାଙ୍କ ମର ଶରୀରକୁ ନେବା ଲାଗି ଜିଦ୍ କରିବା ପଛର କାରଣ ମଧ୍ୟ ପୋଲିସ ତଦନ୍ତ ପରିସରରେ ରହିଥିବା ଜଣାପଡ଼ିଛି।






ଫିଲ୍ମ 'ଓ୍ୱାର୍' ଦେଖି କ'ଣ କହିଲେ ଦର୍ଶକ
ଦେଖନ୍ତୁ ଭିଡିଓ
YouTube /dharitrilive

# ପାଟନା ପାଇଁ ହ୍ରିତିକ୍‌ଙ୍କ ସମବେଦନା

**ନୂଆଦିଲ୍ଲୀ:** କ୍ରମାଗତ ବର୍ଷା ଓ ବନ୍ୟା ଯୋଗୁ ବିହାରର ୧୬ ଜିଲାରେ ବନ୍ୟା ସ୍ଥିତି ଉପୁଜିଛି। ତେବେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ରାଜଧାନୀ ପାଟନା। ଏଭଳି ସ୍ଥିତିରେ ବଲିଉଡ୍ ଅଭିନେତା ହ୍ରିତିକ୍ ରୋଶନ୍ ଚିନ୍ତା ପ୍ରକଟ କରି ନିଜ ଅଫିସିଆଲ ଟୁଇଟର ହ୍ୟାଣ୍ଡେଲରେ ପାଟନାବାସୀଙ୍କ ପାଇଁ ସମବେଦନା ଜଣାଇଛନ୍ତି। କିଛିଦିନ ତଳେ ରିଲିଜ୍ ହୋଇଥିବା ଫିଲ୍ମ 'ସୁପର୍ ୩୦'ରେ ହ୍ରିତିକ୍ ଜଣେ ବିହାରୀ ଶିକ୍ଷାବିତ୍ ଭୂମିକାରେ ନଜରକୁ ଆସିଥିଲେ। ଫିଲ୍ମ ଶୁଟିଂ ଓ ପ୍ରମୋଶନ ପାଇଁ ସେ ଅନେକ ଥର ବିହାର ଯିବାଆସିବା କରିଥିଲେ। ଏହା ଭିତରେ ହ୍ରିତିକ୍ ବିହାର ଓ ସେଠାକାର ଲୋକଙ୍କୁ ଅତି ନିଜର ଭାବନ୍ତି ବୋଲି ଅନେକ ଥର କହିଛନ୍ତି। ଏପଟେ ବୁଧବାର ଅକ୍ଟୋବର ୨ରେ ହ୍ରିତିକ୍‌ଙ୍କ ଫିଲ୍ମ 'ଓ୍ୱାର୍' ମଧ୍ୟ ରିଲିଜ୍ ହୋଇଯାଇଛି। ଫିଲ୍ମରେ ହ୍ରିତିକ୍ ଓ ଟାଇଗରଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିଛି।

# ଅଧିକ ସ୍ତନ୍ୟପାନ କରିଥିବା ଶିଶୁ ପରିବାର ପ୍ରତି ସମ୍ବେଦନଶୀଳ

ସ୍ତନ୍ୟପାନ କରୁଥିବା ଶିଶୁ ଓ ମା' ମଧ୍ୟରେ ସମ୍ପର୍କ ସୁଦୃଢ଼ ହୋଇଥାଏ। ଏନେଇ ବୋଇସ୍ ବିଶ୍ୱବିଦ୍ୟାଳୟର ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅଧିକ ଦିନ ଧରି ସ୍ତନ୍ୟପାନ କରିଥିବା ଶିଶୁ ମା'ଠାରୁ ଦୂରେଇ ରହିପାରେ ନାହିଁ। ମା' ଓ ଶିଶୁ ମଧ୍ୟରେ ସୃଷ୍ଟି ହେଉଥିବା ମମତା ଶିଶୁର ମସ୍ତିଷ୍କ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ। ସେ ପରିବାର ପ୍ରତି ସମ୍ବେଦନଶୀଳ ହୋଇଥାଏ। ଅପରପକ୍ଷରେ କମ୍ ଦିନ ସ୍ତନ୍ୟପାନ କରିଥିବା ଶିଶୁ ଓ ମା' ମଧ୍ୟରେ ବନ୍ଧନ ପ୍ରାୟତଃ ସୁଦୃଢ଼ ହୋଇପାରି ନ ଥାଏ। ଆଧୁନିକ ସଭ୍ୟତାରେ ପରିବର୍ତ୍ତିତ ଜୀବନ ଶୈଳୀରେ ଅନେକ ମା' ବିଭିନ୍ନ କାରଣରୁ ସେମାନଙ୍କର ଶିଶୁକୁ ଅଧିକ ଦିନ ସ୍ତନ୍ୟପାନ କରାଇପାରୁ ନାହାଁନ୍ତି। ଫଳରେ ଶିଶୁଟି ବଡ ହେବା ପରେ ମା' ସହିତ ତାହାର ସମ୍ପର୍କ ସେତେ ସୁଦୃଢ଼ ହୋଇ ପାରୁନାହିଁ। ଆମେରିକା ଭଳି ବିକଶିତ ରାଷ୍ଟ୍ରରେ ସ୍ତନ୍ୟପାନ ଅବଧି କମ୍ ରହିଥାଏ। ଫଳରେ ସେଠାରେ ସଂଯୁକ୍ତ ପରିବାର ଦେଖିବାକୁମିଳି ନଥାଏ। ଅନ୍ୟପକ୍ଷରେ ଭାରତରେ ସ୍ତନ୍ୟପାନ ଅବଧି ଅଧିକ ରହିଥିବାରୁ ଏଠାରେ ଅଭିବକ୍ତ ପରିବାର ଦେଖିବାକୁ ମିଳିଥାଏ। ତେବେ ଆଧୁନିକ ଚିନ୍ତାଧାରା ଯୋଗୁ ଏପରି ହେଉଥିବା ଗବେଷକ ସୂଚିତ କରିଛନ୍ତି। ଯାହାକି ମା', ଶିଶୁ ଓ ସଂଯୁକ୍ତ ପରିବାର ମଧ୍ୟରେ ଦୂରତା ବଢ଼ାଉଛି ବୋଲି ଏହି ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି।



# ଫୋର୍ବସ ଅଣ୍ଡର୍-୩୦ରେ ଉମଙ୍ଗ



**ଇନ୍ଦୋର:** ଆଧୁନିକତା ମଧ୍ୟରେ ଗାନ୍ଧୀଙ୍କ ଚିନ୍ତାଧାରାକୁ ପୁଣି ଲେଉଟାଇ ଆଣିବାରେ ମଙ୍ଗ ଧରିଥିବା ଉମଙ୍ଗ ଶ୍ରୀଧରଙ୍କ ଉଦ୍ୟମ ବେଶ୍ ପ୍ରଶଂସନୀୟ। ଅମଙ୍ଗ ଓ ତାଙ୍କ ଷ୍ଟାର୍ଟଅପ୍ ଡିଜିଟାଲ୍ ପ୍ରିଣ୍ଟର ଖଦି ବସ୍ତ୍ରକୁ କୁଟୀର ଶିଳ୍ପରୁ ବିଶ୍ୱ ବଜାରରେ ପହଞ୍ଚାଇ ଦେଇଛନ୍ତି। କେବଳ ଏତିକି ନୁହେଁ ଗାନ୍ଧିଜୀ ଯେଉଁ ଗ୍ରାମ ସ୍ୱରାଜ, କୁଟୀରଶିଳ୍ପ ଓ ନାରୀ ସଶକ୍ତୀକରଣର ସ୍ଲୋଗାନ୍ ଦେଇଥିଲେ ତାହାକୁ ଉମଙ୍ଗ ସାକାର କରିଛନ୍ତି ଓ ଆଗକୁ ନେବାରେ ସଫଳ ହୋଇଛନ୍ତି। ଉମଙ୍ଗ ଚମ୍ବଲ-ନର୍ମଦା କୂଳରେ ଥିବା ଏକ ପଛୁଆ ଗାଁର ଶହ ଶହ ମହିଳାଙ୍କୁ ହାତରେ ଚରଖା ଧରାଇ ସ୍ୱାବଲମ୍ବୀ କରାଇପାରିଛନ୍ତି। ମଧ୍ୟପ୍ରଦେଶ ଇନ୍ଦୋରର ଏକ ଛୋଟ ଗାଁ କିଶନଗଞ୍ଜ। ଏହି ଗାଁରେ ଜନ୍ମିତ ଅମଙ୍ଗ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ସ୍ନାତକ କରିବା ପରେ ୨୦୧୩ରେ ଏକ ଷ୍ଟାର୍ଟଅପ୍ ଆରମ୍ଭ କରିଥିଲେ। ପରେ ମଧ୍ୟପ୍ରଦେଶର ଜାବରାସ୍ଥିତ ଗାନ୍ଧୀ ସେବା ଆଶ୍ରମରେ ଏହାକୁ ନେଇ ୨୫୦ ଜଣ ମହିଳାଙ୍କୁ ନିଯୁକ୍ତି ଦେଇଥିଲେ। ଆଧୁନିକ ପ୍ରଭାବରେ ଲୁପ୍ତ ହୋଇଯାଉଥିବା ଖଦିକୁ ବଞ୍ଚାଇ ରଖିବା ଲାଗି ସେ ଏହି 'ଖାଡିଜି 'ବା ଖଦି ଡିଜିଟାଲ ଆରମ୍ଭ କରିଛନ୍ତି। ୨୦୨୦ ସୁଦ୍ଧା ଅମଙ୍ଗ ମଧ୍ୟପ୍ରଦେଶରେ ୧୦ଟି କେନ୍ଦ୍ର ସ୍ଥାପନ କରିବାର ମଧ୍ୟ ଯୋଜନା ରଖିଛନ୍ତି। ମହାରାଷ୍ଟ୍ର ଓ ପଶ୍ଚିମବଙ୍ଗରେ ବି କିଛି କେନ୍ଦ୍ର କାମ କରୁଛି। ଦୁଇ ବର୍ଷ ତଳେ ଏହି କମ୍ପାନୀରେ କାର୍ଯ୍ୟ କରୁଥିବା ମହିଳାଙ୍କ ମାସିକ ରୋଜଗାର ୪ ହଜାର ଥିଲା ଓ ଏବେ ଏହା ୧୫ ହଜାରରେ ପହଞ୍ଚିଛି । ପ୍ରତିଷ୍ଠିତ ଫୋର୍ବସ ମାଗାଜିନ୍ ୩୦ ବର୍ଷ ବୟସରୁ କମ୍ ଆଚିଭର୍ସଙ୍କ ତାଲିକାରେ ଉମଙ୍ଗଙ୍କୁ ସ୍ଥାନ ଦେଇଛି।

# ସଲ୍‌ମାନଙ୍କ ଫିଟ୍ ଇଣ୍ଡିଆ ବାର୍ତ୍ତା

**ନୂଆଦିଲ୍ଲୀ:** ଅକ୍ଟୋବର ୨ରେ ସାରା ଦେଶରେ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳନ କରାଯାଇଛି। ଏହି ଉପଲକ୍ଷେ ବଲିଉଡ୍ ସୁପରଷ୍ଟାର ସଲମାନ୍ ଖାନ୍ ନିଜ ଫ୍ୟାନ୍ସଙ୍କୁ ଦେଇଛନ୍ତି ଏକ ସ୍ୱତନ୍ତ୍ର ବାର୍ତ୍ତା। ଏକ ଭିଡିଓ ଶେୟାର କରି ଫ୍ୟାନ୍ସଙ୍କୁ ଗାନ୍ଧୀ ଜୟନ୍ତୀର ଶୁଭକାମନା ଜଣାଇବା ସହ ଫିଟ୍ ରହିବାକୁ ଅପିଲ୍ କରିଛନ୍ତି ସଲମାନ। ସଲମାନ୍ ନିଜ ବିଙ୍ଗ୍ ସଲମାନ ଖାନ୍ ଅଫିସିଆଲ୍ ଇନଷ୍ଟାଗ୍ରାମ୍ ପେଜ୍‌ରେ ଏହି ଭିଡିଓଟି ଶେୟାର କରିଛନ୍ତି। ଭିଡିଓରେ ସଲମାନ ନିଜ ଫ୍ୟାନ୍ସଙ୍କୁ ଗାନ୍ଧୀ ଜୟନ୍ତୀର ଅଭିନନ୍ଦନ ଜଣାଇ ଏହି ଦିବସକୁ ବେଶ୍ ଧୂମ୍‌ଧାମ୍‌ରେ ପାଳନ କରିବାକୁ କହିଛନ୍ତି। ଏହାସହ ସେ କହିଛନ୍ତି, ଯେପରି ସ୍ୱଚ୍ଛ ଭାରତ, ସ୍ୱଚ୍ଛ ଭାରତୀୟ ସେହିପରି ଫିଟ୍ ଇଣ୍ଡିଆ, ଫିଟ୍ ଇଣ୍ଡିଆନ୍। ସଲମାନ୍ ଏହି ଭିଡିଓଟି ପୋଷ୍ଟ କରି କେନ୍ଦ୍ରମନ୍ତ୍ରୀ କିରଣ୍ ରିଜିଜୁଙ୍କୁ ଟ୍ୟାଗ୍ ମଧ୍ୟ କରିଛନ୍ତି। ଏହାସହ କ୍ୟାପଶନ୍‌ରେ ଲେଖିଛନ୍ତି, "ଗାନ୍ଧୀ ଜୟନ୍ତୀ ଅବସରରେ ଭାଇ କହିଛନ୍ତି ଆପଣଙ୍କୁ ଏହି ମେସେଜ୍ ଦେବାକୁ ଆଉ ଚୁଲ୍‌ବୁଲ୍ ପାଣ୍ଡେ ଏବେ ପ୍ରସ୍ତୁତ।" ଫିଟ୍‌ଇଣ୍ଡିଆ ଅଭିଯାନକୁ ସଲମାନ୍ ଦୀର୍ଘ ସମୟରୁ ପ୍ରମୋଟ କରିଆସୁଛନ୍ତି। ଏବେ ଗାନ୍ଧୀ ଜୟନ୍ତୀ ଅବସରରେ ସେ ଏହି ଅଭିଯାନକୁ ବାର୍ତ୍ତା ମାଧ୍ୟମରେ ଲୋକଙ୍କ ନିକଟରେ ପହଞ୍ଚାଇବା ସହ ନିଜ ଅପ୍‌କମିଂ ଫିଲ୍ମ 'ଦବଙ୍ଗ୍-୩'ର ପ୍ରମୋଶନ କରିବାକୁ ମଧ୍ୟ ଭୁଲି ନାହାନ୍ତି।



# କୋମାରୁ ବର୍ତ୍ତି ଯାଇଥିଲେ ନିକ୍



**ଲସ୍ ଆଞ୍ଜେଲସ୍:** ଆମେରିକାର ପପ୍ ସିଙ୍ଗର ତଥା ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରାଙ୍କ ସ୍ୱାମୀ ନିକ୍ ଜୋନାସ୍ ଜଣେ ଇଣ୍ଟରନ୍ୟାଶନାଲ ଷ୍ଟାର। ପ୍ରିୟଙ୍କାଙ୍କୁ ବିବାହ କରିବା ପରେ ଭାରତରେ ବି ତାଙ୍କ ପ୍ରଶଂସକଙ୍କ ସଂଖ୍ୟା ବଢ଼ିଛି। ନିକଟରେ ଏକ ଇଣ୍ଟରଭ୍ୟୁରେ ନିକ୍ ନିଜ ବିଷୟରେ ଏଭଳି କଥା କହିଛନ୍ତି, ଯାହା ଶୁଣିବା ପରେ ତାଙ୍କ ପ୍ରଶଂସକମାନେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ନିକ୍ କହିଛନ୍ତି, ସେ ମାତ୍ର ୧୩ ବର୍ଷ ବୟସରୁ ସେ ଟାଇପ୍-୧ ଡାଇବେଟିସ୍‌ରେ ପୀଡ଼ିତ। ତାଙ୍କୁ ଏହି ରୋଗ ହୋଇଥିବା ଜାଣିବା ବେଳକୁ ଏ ସମ୍ପର୍କରେ ସେ ସଚେତନ ନ ଥିଲେ। ସେ ଭଲ ହୋଇପାରିବେ କି ନାହିଁ ବୋଲି ବାରମ୍ବାର ତାଙ୍କ ମା'ବାପାଙ୍କୁ ପଚାରୁଥିଲେ। ତାଙ୍କୁ ଲାଗୁଥିଲା କି ସେ ମରିଯିବେ। ଆଉ ସେ ଯାହା କରିବାକୁ ଚାହୁଁଛନ୍ତି ତାହା କେବେ କରିପାରିବେନାହିଁ। ସେ ଆହୁରି କହିଛନ୍ତି, ଯଦି ମତେ ଗୋଟିଏ ଦିନ ପୂର୍ବରୁ ମେଡିକାଲ ନିଆଯାଇ ନ ଥାନ୍ତା ତା'ହେଲେ ମୁଁ କୋମାକୁ ଚାଲିଯାଇଥାନ୍ତି। ଏବେ ବି ନିକ୍ ଡାଇବେଟିସ୍ ରୋଗରେ ପୀଡ଼ିତ। କିନ୍ତୁ ପରିସ୍ଥିତି ସହ ସେ ଖାପଖୁଆଇ ନେଇଛନ୍ତି ବୋଲି ନିକ୍ କହିଛନ୍ତି। ଉଲ୍ଲେଖଥାଉ କି, ପ୍ରିୟଙ୍କା ଚୋପ୍ରା ୨୦୧୮ ଡିସେମ୍ବର ୧ ରେ ନିକ୍‌ଙ୍କୁ ବିବାହ କରିଥିଲେ। ଯୋଧପୁରର ଏକ ହୋଟେଲରେ ସେମାନଙ୍କ ବିବାହ ହୋଇଥିଲା। ବାହାଘର ପରେ ପ୍ରିୟଙ୍କା 'ଦି ସ୍କାଏ ଇଜ୍ ପିଙ୍କ' ମାଧ୍ୟମରେ ବଲିଉଡ୍‌ରେ ପୁଣିଥରେ ପାଦ ଥାପିଛନ୍ତି। ତାଙ୍କର ଏହି ଫିଲ୍ମ ଆସନ୍ତା ୧୧ ଅକ୍ଟୋବରରେ ରିଲିଜ୍ ହେବ।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ବର୍ଷା ସହ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୧ | ୨୪.୦ |
| ଚାନ୍ଦବାଲି | ୩୩.୯ | ୨୫.୮ |
| କଟକ | ୩୪.୨ | ୨୩.୦ |
| ପାରାଦ୍ୱୀପ | ୩୩.୫ | ୨୬.୮ |
| ଭୁବନେଶ୍ୱର | ୩୩.୮ | ୨୪.୦ |
| ଗୋପାଳପୁର | ୩୩.୦ | ୨୫.୩ |
| ପୁରୀ | ୩୩.୪ | ୨୫.୬ |
| ଅନୁଗୋଳ | ୩୩.୧ | ୨୦.୦ |
| ବାରିପଦା | ୩୪.୬ | ୨୫.୦ |
| ଝାରସୁଗୁଡ଼ା | ୩୨.୬ | ୨୪.୬ |
| କେନ୍ଦୁଝର | ୩୨.୪ | ୨୩.୨ |
| ସମ୍ବଲପୁର | ୩୩.୪ | ୨୩.୦ |
| ସୁନ୍ଦରଗଡ଼ | ୨୭.୦ | ୧୭.୦ |
| ହୀରାକୁଦ | ୩୨.୪ | ୨୪.୭ |
| ତାଳଚେର | ୩୪.୧ | ୨୪.୩ |
| ଭବାନୀପାଟଣା | -- | ୨୨.୮ |
| ବଲାଙ୍ଗୀର | ୩୩.୫ | ୨୩.୦ |
| କୋରାପୁଟ | ୩୦.୦ | ୨୧.୦ |
| ଫୁଲବାଣୀ | ୩୨.୫ | ୨୨.୩ |
| ଟିଟିଲାଗଡ଼ | ୩୧.୦ | ୧୯.୬ |
| ମାଲକାନଗିରି | ୩୧.୦ | -- |
| ସୋନପୁର | ୩୧.୨ | ୨୧.୨ |
| ଦାରିଙ୍ଗିବାଡ଼ି | ୨୯.୫ | ୧୬.୦ |

ଡିଗ୍ରୀ ସେଲ୍‌ସିୟସ୍

# ପରିବେଶ ପ୍ରଦୂଷଣ ଏବଂ ବନ୍ୟପ୍ରାଣୀ



ପରିବେଶ ବାତାବରଣ ମଧ୍ୟରେ ବଢୁଥିବା ବିଭିନ୍ନ ପ୍ରାଣୀ, ପକ୍ଷୀ, ମାଛ, ଜଳଚର ପ୍ରାଣୀ ଓ ଜଳଜ ଉଦ୍ଭିଦକୁ ନେଇ ବନ୍ୟଜୀବନ ଗଠିତ। ପରିବେଶ କହିଲେ ବାୟୁ, ଜଳ, ମୃତ୍ତିକା, ପ୍ରାଣୀଜଗତକୁ ବୁଝାଇଥାଏ। ପରିବେଶ ପ୍ରଦୂଷଣ ହେଲେ କେବଳ ମନୁଷ୍ୟ ନୁହେଁ ପ୍ରାଣୀଜଗତ ମଧ୍ୟ କ୍ଷତିଗ୍ରସ୍ତ ହେବ ଏବଂ ଏହାର ସାମଗ୍ରିକ ପ୍ରଭାବ ପରିବେଶ ଉପରେ ପ୍ରତିଫଳିତ ହେବ। ଏହା ମଧ୍ୟ ସତ୍ୟ ଯେ, ପରିବେଶ ପ୍ରଦୂଷଣ ପାଇଁ ପ୍ରାଣୀଜଗତ ନୁହେଁ, ମନୁଷ୍ୟ ଦାୟୀ। ଆମ ରାଜ୍ୟରେ ମୁଖ୍ୟତଃ ପର୍ଯ୍ୟଟକମାନେ ନନ୍ଦନକାନନ, ସିମିଳିପାଳ, ସାତପଡା, ଭିତରକନିକା, ଗହୀରମଥା ଇତ୍ୟାଦି ସ୍ଥାନକୁ ବନ୍ୟପ୍ରାଣୀ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ଆସିଥାନ୍ତି। ସମଗ୍ର ପୃଥିବୀରେ ଏପରି ସ୍ଥାନ ବିରଳ ଏବଂ ଆମ ରାଜ୍ୟ ଏଥିପାଇଁ ପ୍ରସିଦ୍ଧି ଲାଭ କରିଛି। ବନ୍ୟଜୀବନ ଉପରେ ନିକଟସ୍ଥ ଜନବସତି ଅଧିବାସୀମାନଙ୍କର ଜୀବିକା ନିର୍ଭର କରିଥାଏ। ତେଣୁ ବ୍ୟବସାୟିକ ଅଥବା ଆମୋଦ ଦୃଷ୍ଟିକୋଣରୁ ପ୍ରାଣୀର ଶିକାର ଯୋଗୁ ସେମାନେ ପ୍ରାୟ ନିଶ୍ଚିହ୍ନ ହେବାକୁ ଲାଗିଲେଣି। ତେଣୁ ଅଭୟାରଣ୍ୟ ସୃଷ୍ଟି କରି ଆଇନ୍ ପ୍ରଣୟନ ଦ୍ୱାରା ସେମାନଙ୍କର ସୁରକ୍ଷା ପାଇଁ ଚେଷ୍ଟା କରାଯିବା ଆବଶ୍ୟକ। ବନ୍ୟଜୀବନ ଶିକାର ଦଣ୍ଡନୀୟ ହେବା ସହିତ କଡାକଡି ଭାବେ ପାଳନ କରାଯିବା ଦରକାର। ନିକଟରେ ନନ୍ଦନକାନନରେ ହାତୀମୃତ୍ୟୁ ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିଲା। ରେଳଧାରଣାରେ ହାତୀମୃତ୍ୟୁ ବାରମ୍ବାର ଘଟିବା ଦୁଃଖଦାୟକ। ଗୋଟିଏ ହାତୀ ଦିନକୁ ପ୍ରାୟ ୨.୫ରୁ ୩ କୁଇଣ୍ଟାଲ ଖାଦ୍ୟ ଆବଶ୍ୟକ କରିଥାଏ। ବ୍ୟାପକ ଜଙ୍ଗଲ କ୍ଷୟ ହେବା ଦ୍ୱାରା ହାତୀଙ୍କୁ ଖାଦ୍ୟ ମିଳୁନାହିଁ। ଏତଦ୍‌ବ୍ୟତୀତ ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ତାପମାତ୍ରା ବୃଦ୍ଧି ଘଟୁଛି, ଯାହାଦ୍ୱାରା ଜଙ୍ଗଲ ପରିବେଶ ଭାରସାମ୍ୟ ହରାଉଛି ଏବଂ ହାତୀମାନେ ଜଙ୍ଗଲରୁ ବାହାରି ଜନବସତି ଆଡକୁ ଧାଉଁଛନ୍ତି। ହାତୀ ବା ଅନ୍ୟ ବନଜୀବମାନଙ୍କ ଆବାସ ସ୍ଥଳୀ ଜଙ୍ଗଲ ସୁରକ୍ଷିତ ନ ରହିଲେ ସେମାନେ ସ୍ୱାଭାବିକ ଭାବେ ଇତଃସ୍ତତ ପଳାୟନ କରିବେ। ହାତୀ ମଣିଷ ଲଢେଇ ବାସ୍ତବିକ ପରିବେଶବିତ୍‌ମାନଙ୍କ ପାଇଁ ଚିନ୍ତାର ବିଷୟ। ଭୋଗବାଦୀ ସଭ୍ୟତାର ମନୁଷ୍ୟ ସବୁଜବନାନୀ ନଷ୍ଟ କରି କଂକ୍ରିଟ୍ ଜଙ୍ଗଲ ସୃଷ୍ଟି କରିବାରେ ଲାଗିଛି ଏବଂ ଜୀବଜନ୍ତୁଙ୍କର ଆବାସସ୍ଥଳୀ ଜଙ୍ଗଲ ଧ୍ୱଂସ କରିଚାଲିଛି। ଗଛକୁ ଜାତୀୟ ସମ୍ପତ୍ତି ଭାବେ ଘୋଷଣା କରାଯିବା ଉଚିତ। ୧୯୫୨ ମସିହାଠାରୁ ବନ୍ୟପ୍ରାଣୀ ସଂରକ୍ଷଣ ଓ ସୁରକ୍ଷା ପାଇଁ ଆମ ଦେଶରେ ଅକ୍ଟୋବର ମାସ ୨ ରୁ ୮ ତାରିଖ ମଧ୍ୟରେ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଉଛି। ଭାରତ ସରକାର ଏକ ବନ୍ୟପ୍ରାଣୀ ପରିଷଦ ଗଠନ କରିଛନ୍ତି। ବନ୍ୟପ୍ରାଣୀ ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ଜନସଚେତନତା ସୃଷ୍ଟି କରିବା ଏହାର ଲକ୍ଷ୍ୟ।

–ଡ. ମାନସ ରଞ୍ଜନ ସେନାପତି

# ଗୁଡୁଦାକୁ ମିଳିଲା ଲୋକକଳା ଗ୍ରାମ ମାନ୍ୟତା

**ବାଲେଶ୍ୱର ଅଫିସ,୨।୧୦**

ରାମଧୂନ ପରିବେଷଣ,ପ୍ରଭାତଫେରି ସାଙ୍ଗକୁ ବିଭିନ୍ନ ପ୍ରତିଯୋଗିତା, ସଚେତନତା ଶୋଭାଯାତ୍ରା, କର୍ମଶାଳା, ପ୍ରଦର୍ଶନୀ, ସର୍ବଧର୍ମ ପ୍ରାର୍ଥନା , ସାଧାରଣ ସଭା ଓ ପୂଜ୍ୟପୂଜା ଆଦି କାର୍ଯ୍ୟକ୍ରମ ମଧ୍ୟରେ ବାଲେଶ୍ୱରରେ ଜିଲାସ୍ତରୀୟ ୧୫୦ତମ ଗାନ୍ଧୀ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଏହି ଅବସରରେ ରେମୁଣା ବ୍ଲକର ଗୁଡୁଦା ଗ୍ରାମକୁ 'ଲୋକକଳା ଗ୍ରାମ' ଭାବେ ଲୋକାର୍ପଣ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ତଥା ମତ୍ସ୍ୟ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇଥିଲେ। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ରାଜ୍ୟ ସରକାରଙ୍କ ତରଫରୁ ଏହାକୁ ଆଜି ଠାରୁ ଲୋକକଳା ଗ୍ରାମ ରୂପେ ବିବେଚନା କରାଯିବ ବୋଲି ଘୋଷଣା କରିଥିଲେ। ଏଭଳି କାର୍ଯ୍ୟକ୍ରମ କଳା ଓ କଳାକାରଙ୍କ ବିକାଶ ଦିଗରେ ନିଶ୍ଚିତ ଭାବେ ସୁଯୋଗ ସୃଷ୍ଟି କରିପାରିବ ବୋଲି ସଭାରେ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ କହିଥିଲେ। ଆଜିଠାରୁ ପଲିଥିନ୍ ନିଷିଦ୍ଧ କରାଯାଇଥିବା ସେ ସୂଚନା ଦେଇ ପୃଥିବୀକୁ ବଞ୍ଚାଇ ରଖିବାକୁ ହେଲେ ପ୍ଲାଷ୍ଟିକ ବର୍ଜନ ଏକମାତ୍ର ବିକଳ୍ପ ବୋଲି କହିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା,ରେମୁଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ, ଜିଲା ପରିଷଦ ସଦସ୍ୟା ସରିତା ଗିରି, ସମିତିସଭ୍ୟ ପୁରୁଷୋତ୍ତମ ବେହେରା ଏବଂ ସରପଞ୍ଚ ବସନ୍ତ କୁମାର ପ୍ରଧାନ, ଜିଲା କଳାକାର ସଂଘର ଉପସଭାପତି ଚକ୍ରଧର ମହାପାତ୍ର, ବ୍ଲକ କଳାକାର ସଂଘର ଉପସଭାପତି ଦୀନବନ୍ଧୁ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ।

ସନ୍ଧ୍ୟାରେ ଗାନ୍ଧୀସ୍ମୃତି ଭବନଠାରେ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଗାନ୍ଧିବାଦୀ ଜୟଦେବ କମିଳା ଓ ସର୍ବେଶ୍ୱର ଦାସଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଏଥିସହିତ ସଂଗ୍ରାହକ ସୁଜିତ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କସ୍ତୁରବା ଆଦର୍ଶ ଗ୍ରାମ ପଞ୍ଚାୟତ, ନିର୍ମଳ ଗ୍ରାମ ଏବଂ ଶ୍ରେଷ୍ଠ ମହିଳା ଗ୍ରାମୋଦ୍ୟୋଗୀ ଭାବେ ମନୋନୀତ ମହିଳା ଏବଂ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ରଷ୍ଟା ଅନୁଷ୍ଠାନ ଆନୁକୂଲ୍ୟରେ ନାଟକ ''ସତ ମିଛର ଗାନ୍ଧୀ'' ପରିବେଷଣ କରାଯାଇଥିଲା। ଦିବସବ୍ୟାପୀ କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲା ପର୍ଯ୍ୟଟନ ଅଧିକାରୀ ଗଗନ କୁମାର ସାହୁଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି, ନାଗରିକ, ଛାତ୍ରୀଛାତ୍ର, ବିଭିନ୍ନ ଅନୁଷ୍ଠାର କର୍ମକର୍ତ୍ତା ଉପସ୍ଥିତ ରହି ଗାନ୍ଧିଜୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜନ୍ମ ଦିନରେ ସେମାନଙ୍କ ଆଦର୍ଶର ସ୍ମୃତିଚାରଣ କରିଥିଲେ।

ବୁଧବାର ଭୋର୍ ୪ଟା ସମୟରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସହର ମଧ୍ୟରେ ରାମଧୂନ ପରିବେଷଣ କରାଯିବା ପରେ ପୂର୍ବାହ୍ନରେ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କ ପକ୍ଷରୁ ପ୍ରଭାତଫେରି କରାଯାଇ ଥିଲା। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପ୍ରାଙ୍ଗଣରେ ସଫେଇ ସହ ବୃକ୍ଷରୋପଣ କରାଯାଇଥିଲା। ଜିଲାପାଳ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ସଫେଇ ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନା, ଉପଜିଲାପାଳ ନିଲୁ ମହାପାତ୍ର, ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବାହ୍ନ ୮ଟା ୩୦ମିନିଟ୍ ସମୟରେ ସ୍ଥାନୀୟ ଶହୀଦ ପାର୍କ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଏବଂ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା।

ପରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ପରିସରରେ ଆୟୋଜିତ ପୁରାତନ ଖବରକାଗଜ, ଗାନ୍ଧୀ ପୁସ୍ତକ ଓ ବିରଳ ଫଟୋଚିତ୍ର ପ୍ରଦର୍ଶନୀ ଏବଂ ଚିତ୍ର କର୍ମଶାଳାକୁ ଜିଲାପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି ଏବଂ ଜିଲାପାଳ ଚକ୍ରବର୍ତ୍ତୀ ଉଦ୍‌ଘାଟନ କରିଥିଲେ। କେନ୍ଦୁଝରରୁ ଆସିଥିବା ଲିମକା ବୁକ୍ ରେକର୍ଡ଼ଧାରୀ ସଂଗ୍ରାହକ ସୁଜିତ ପଟ୍ଟନାୟକ ଗାନ୍ଧୀଙ୍କ ଉପରେ ପର୍ଯ୍ୟବସିତ ପୁରାତନ ଖବରକାଗଜ ଓ ବିରଳ ଫଟୋଚିତ୍ର ପ୍ରଦର୍ଶନୀର ଆୟୋଜନ କରିଥିଲେ। ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟ ଆନୁକୂଲ୍ୟରେ 'ମହାତ୍ମା ଗାନ୍ଧୀଙ୍କ ପ୍ରତିଛବି' ଶୀର୍ଷକ ଚିତ୍ର କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ଗାନ୍ଧୀ ଜୟନ୍ତୀରୁ ୧୩ତାରିଖ ଯାଏ ଅନୁଷ୍ଠିତ ହେଉଥିବା ପର୍ଯ୍ୟଟନ ପର୍ବ ଅବସରରେ ଏସବୁ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ପରେ ମଞ୍ଚ ଉପରେ ସର୍ବଧର୍ମ ପ୍ରାର୍ଥନା ଓ ସାଧାରଣ ସଭା ହୋଇଥିଲା। ବାରବାଟୀ ବାଳିକା ହାଇସ୍କୁଲ ଶିକ୍ଷୟିତ୍ରୀ ଜରୀନା ବେଗମ 'କୋରାନ', ଖ୍ରୀଷ୍ଟିଆନ ହାଇସ୍କୁଲର ଶିକ୍ଷକ ସଂଗ୍ରାମ କେଶରୀ ସିଂ 'ବାଇବେଲ' ଏବଂ ବାଲିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରମାନେ ଗୀତା ପାଠ କରିଥିଲେ। ନୃତ୍ୟସଙ୍ଗୀତ କଳାମନ୍ଦିରର କଳାକାରମାନଙ୍କ ଦ୍ୱାରା ଗାନ୍ଧିଜୀଙ୍କ ଭଜନ ପରିବେଷଣ କରାଯାଇଥିଲା। ହ୍ୟାଣ୍ଡିକାପ୍‌ଡ ୱେଲଫେୟାର ଅନୁଷ୍ଠାନର ଛାତ୍ରୀମାନେ ଗାନ୍ଧିଜୀଙ୍କ ଉପରେ ଆଧାରିତ ସଙ୍ଗୀତ ପରିବେଷଣ କରିଥିଲେ। ବିଶେଷ ବକ୍ତା ଭାବେ କବି ପ୍ରଶାନ୍ତ ଦାସ ଯୋଗ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାସ ନିଆଲ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ରୋଟାରୀ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ବାମପଦାସ୍ଥିତ କୁଷ୍ଠାଶ୍ରମଠାରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।



ରେମୁଣା ବ୍ଲକର ଗୁଡୁଦା ଗ୍ରାମକୁ ଲୋକକଳା ଗ୍ରାମ ଭାବେ ଲୋକାର୍ପଣ ଉତ୍ସବରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଓ ଅନ୍ୟ ଅତିଥିଗଣ।

## ସଂକ୍ଷେପରେ

### ଦକ୍ଷତା ବିକାଶ ଲାଗି ଦିବ୍ୟାଙ୍ଗ ମହିଳାଙ୍କୁ ତାଲିମ



**ବାଲେଶ୍ୱର ଅଫିସ,୨।୧୦:** ବାଲେଶ୍ୱରସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବିଏଡିସି (ବସ୍ତି ଏରିଆ ଡେଭଲପମେଣ୍ଟ କାଉନ୍‌ସିଲ) ଆନୁକୂଲ୍ୟରେ ଦିବ୍ୟାଙ୍ଗ ମହିଳା ଓ ବାଳିକାମାନଙ୍କ ଦକ୍ଷତା ବିକାଶ ନିମନ୍ତେ ବୁଧବାର ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେମାନେ ବିୟୁଟି ପାର୍ଲର ଓ ମେହେନ୍ଦି ଟ୍ରେଡ଼ ଜରିଆରେ ରୋଜଗାରକ୍ଷମ ହୋଇ ଆତ୍ମନିର୍ଭରଶୀଳ ହୋଇ ପାରିବେ। ଏଥିଲାଗି ସ୍ଥାନୀୟ ଏକ ଘରୋଇ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ତାଲିମ କାର୍ଯ୍ୟକ୍ରମରେ ଜିଲାର ମୂକ, ବଧିର, ଶାରୀରିକ ଭିନ୍ନକ୍ଷମ ମହିଳାମାନେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ସାବତ ଯୋଗଦେଇ ଏଭଳି ତାଲିମର ଉପକାରିତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ତାଲିମ କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ମୌଖିକ ଓ ପ୍ରାକ୍ଟିକାଲ ଟ୍ରେନିଂ ପ୍ରଦାନ କରାଯାଇଥିଲା। ବିୟୁଟି ପାର୍ଲର ଟ୍ରେଡ଼ରେ ୫୦ ଜଣ ଦିବ୍ୟାଙ୍ଗ ଓ ମେହେନ୍ଦି ଟ୍ରେଡ଼ରେ ୫୦ ଜଣ ଦିବ୍ୟାଙ୍ଗ ମହିଳା ଟ୍ରେନିଂ ନେଇଥିଲେ। ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ ଦ୍ୱାରା ଅନୁମୋଦିତ ଏହି ଟ୍ରେନିଂ କାର୍ଯ୍ୟକ୍ରମରେ ଟ୍ରେନର ଭାବେ ଶୁଭଲକ୍ଷ୍ମୀ ପାଣିଗ୍ରାହୀ ଓ ଅନିତା ହାତୀ ଯୋଗ ଦେଇଥିଲେ। ଭାଗବତ ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ବିଦ୍ୟୁତ୍ ମରାମତି, ଏସି ମେଶିନ୍ ମରାମତି ଟ୍ରେଡ଼ରେ ଦିବ୍ୟାଙ୍ଗ ପୁରୁଷଙ୍କୁ ଟ୍ରେନିଂ ପ୍ରଦାନ କରାଯିବ ବୋଲି ସମ୍ପାଦକ ଗୋପାଳ କୃଷ୍ଣ କର ସୂଚନା ଦେଇଛନ୍ତି।

### ରକ୍ଷା ଲେଖା ବିଭାଗର ବାର୍ଷିକ ଉତ୍ସବ

**ବାଲେଶ୍ୱର ଅଫିସ,୨।୧୦:** ଭାରତ ସରକାରଙ୍କ ରକ୍ଷା ମନ୍ତ୍ରଣାଳୟ ଅଧୀନ ଡିଫେନ୍ସ ଆକାଉଣ୍ଟ୍‌ସ ନିୟନ୍ତ୍ରକ କାର୍ଯ୍ୟାଳୟରେ ୨୭୩ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବାଲେଶ୍ୱର ସହର ପୋଲିସ ଲାଇନ୍ ଛକ ନିକଟସ୍ଥ ରେଞ୍ଜ ଅଫିସର୍ସ ମେସ୍‌ରେ ଆୟୋଜିତ ଏହି ଉତ୍ସବରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ସପରିବାର ଅଂଶଗ୍ରହଣ କରିଥିଲେ। ସଂଯୁକ୍ତ ରକ୍ଷା ଲେଖା କାର୍ଯ୍ୟାଳୟର ମୁଖ୍ୟ ଅଧିକାରୀ ଡ. ପି.କେ. ଜେନା ଏଥିରେ ଯୋଗଦେଇ ସମସ୍ତଙ୍କୁ ଅଭିବାଦନ ଜଣାଇବା ସହିତ ଅଫିସ୍ ଅଟୋମେସନ ସମ୍ବନ୍ଧିତ ଟ୍ୟୁଲିପ୍, ଇ-ସୂଚନା, ନିଧି ଆଦି ପ୍ରୋଗ୍ରାମ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। କର୍ମଚାରୀମାନଙ୍କ ସାଧୁତା, ସଂହତି, ସମୟାନୁବର୍ତ୍ତିତା, ସ୍ୱଚ୍ଛତା ଓ କର୍ମନିପୁଣତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ଅଧିକାରୀ ଓ କର୍ମଚାରୀଙ୍କ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

### ସଚେତନତା ରାଲି, ରକ୍ତଦାନ ଶିବିର

**ସଜନାଗଡ଼, ୨।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଏନ୍‌ଏସି କଲ୍ୟାଣ ମଣ୍ଡପରେ ମଙ୍ଗଳବାର ୪୫ ତମ ଜାତୀୟ ରକ୍ତଦାନ ଦିବସ ପାଳିତ ହୋଇଥିଲା। ପୂର୍ବାହ୍ନ ୮ଟା ସମୟରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରୀଙ୍କ ଦ୍ୱାରା ସଚେତନତା ରାଲି କରାଯାଇଥିଲା। ଏହି ରାଲିକୁ ନୀଳଗିରି ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନା ଉଦ୍‌ଘାଟନ କରିଥିଲେ। ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ବ୍ଲଡ୍ ବ୍ୟାଙ୍କକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ନୀଳଗିରି ରକ୍ତ ଭଣ୍ଡାର ଏବଂ ନୀଳଗିରି ରକ୍ତଦାତା ସଂଘର ମିଳିତ ଆନୁକୂଲ୍ୟରେ ଶିବିର କରାଯାଇ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିର କାର୍ଯ୍ୟକର୍ତ୍ତାଙ୍କ ସମେତ ୫ ବର୍ଷ ଧରି ରକ୍ତସଂଗ୍ରହ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଅଶେଷ ସଙ୍କୁ ସମ୍ମାନିତ କରାଯାଇଥିଲା। ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ମୁଖ୍ୟଅତିଥି ଏବଂ ବାଲେଶ୍ୱର ମେଡ଼ିକାଲର ଅବସରପ୍ରାପ୍ତ ବିବିଓ ଡା. ମହେଶ କୁମାର ବିଶ୍ୱାଳ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ।

## ଦୁଇ ନାବାଳିକା ଅପହରଣ ନେଇ ଥାନାରେ ଅଭିଯୋଗ

**ବସ୍ତା,୨।୧୦(ସ୍ୱ.ପ୍ର.)**

ସିଂଲା ଥାନା ଅଞ୍ଚଳର ଦୁଇଜଣ ନାବାଳିକା ଅପହରଣ କରାଯାଇଥିବା ନେଇ ସେମାନଙ୍କ ପରିବାର ଥାନାରେ ଅଭିଯୋଗ କରିଛନ୍ତି। ଜଣେ ନାବାଳିକା ନବମ ଶ୍ରେଣୀରେ ପଢୁଥିବା ବେଳେ ଅନ୍ୟ ଜଣକ ଯୁକ୍ତ ୨ପ୍ରଥମ ବର୍ଷର ଛାତ୍ରୀ। ପୋଲିସ ଏ ନେଇ ଦୁଇଟି ଗାଁରୁ ଅଭିଯୁକ୍ତ ୨ ଯୁବକଙ୍କ ପରିବାର ଲୋକଙ୍କୁ ଥାନାକୁ ଆଣି ପଚାରାଉଚୁରା କରୁଥିବା କହିଛି। ତଦନ୍ତ ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୋଲିସ ସୂଚନା ଦେଇଛି।

## ରୂପ୍‌ସାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ରୂପ୍‌ସା,୨।୧୦(ଡି.ଏନ.ଏ.)**

ସଦର ବ୍ଲକ ଅନ୍ତର୍ଗତ ରସଲପୁର ପଞ୍ଚାୟତର ମନୁଡିହା ଛକ ଠାରେ ଶତାୟୁ ପୁରୁଷ ଫକୀର ଚରଣ ଜେନାଙ୍କ ଦ୍ୱାରା ନବନିର୍ମିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ବୁଧବାର ଉନ୍ମୋଚିତ ହୋଇଯାଇଛି। ସରପଞ୍ଚ ସୁବେଶ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏହାକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ଗାଁ ପରିକ୍ରମା କରିଥିଲେ।




ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

# 'ପବିତ୍ରତାର ଅନ୍ୟ ନାମ ସ୍ୱଚ୍ଛତା'

**ବାଲେଶ୍ୱର ଅଫିସ,୨।୧୦**

- ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ
- ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ
- ସ୍ୱଚ୍ଛତା ରକ୍ଷାରେ ସମାଜ ବିଜ୍ଞାନ ବିଭାଗ ପ୍ରଥମ

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ସୋମବାର ଗାନ୍ଧିଜୀଙ୍କ ଜୀବନ ଦର୍ଶନ ଓ ଗାନ୍ଧିବାଦୀ ଆଦର୍ଶ ସମ୍ପର୍କିତ ଉଭୟ ଇଂଲିଶ ଓ ଓଡ଼ିଆ ଭାଷାରେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ତର୍କ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ବିଶ୍ୱବିଦ୍ୟାଳୟର ପ୍ରତି ବିଭାଗର ପରିଷ୍କାର ପରିଚ୍ଛନ୍ନତାକୁ ଗୁରୁତ୍ୱ ଦେଇ ଏକ ୩ ଜଣିଆ କମିଟି ଦ୍ୱାରା ବିଭାଗଗୁଡ଼ିକର ସ୍ୱଚ୍ଛତାଭିତ୍ତିକ ମୂଲ୍ୟାୟନ କରାଯାଇଥିଲା। ଏଥିରେ ସମାଜ ବିଜ୍ଞାନ ବିଭାଗକୁ ୧ମ ସ୍ଥାନ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ୨ୟ ସ୍ଥାନ ଅଧିକାର କରିଥିଲେ।

ବୁଧବାର ବିଶ୍ୱବିଦ୍ୟାଳୟର ଉଭୟ କ୍ୟାମ୍ପସ୍‌ରେ ଗାନ୍ଧିଜୀଙ୍କ ଜୟନ୍ତୀ ପାଳନ ସହ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ସମସ୍ତ ଏନ୍‌ଏସ୍‌ଏସ୍ ସଦସ୍ୟ, ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, କୁଳପତିଙ୍କ ସମେତ ସମସ୍ତ ଅଧିକାରୀ, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀବୃନ୍ଦ ମିଳିତ ଭାବରେ ଉଭୟ କ୍ୟାମ୍ପସ୍ ପରିଷ୍କାର କରି ପରିବେଶକୁ ପ୍ଲାଷ୍ଟିକ ଓ ଆବର୍ଜନାମୁକ୍ତ କରିବା ଲାଗି ବାର୍ତ୍ତା ପ୍ରଚାର କରିଥିଲେ। ଦ୍ୱିତୀୟ ଅଧିବେଶନରେ ଗାନ୍ଧିଜୀଙ୍କର ଜୟନ୍ତୀ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୁଳପତି ପ୍ର. ମଧୁମିତା ଦାସ ସ୍ୱଚ୍ଛତା ପବିତ୍ରତାର ଅନ୍ୟନାମ କହି ପ୍ରଦୂଷଣ ସମସ୍ୟା ନେଇ ସ୍ୱଚ୍ଛତା ଆମ ଭିତରେ ସକାରାତ୍ମକ ଚିନ୍ତାଧାରା ସୃଷ୍ଟି କରିବ ବୋଲି କହିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ର. ସଚ୍ଚିଦାନନ୍ଦ ଦେହୁରୀ, କୁଳସଚିବ ଅମର ସିଂ ସୋରେନ୍, ଏଲ୍.ଏନ୍. ଦାସ, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡ. ପବିତ୍ର ମୋହନ ନାୟକ, ଡ. ଦେବଦତ୍ତ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ କୃତୀ ବିଦ୍ୟାର୍ଥୀଙ୍କୁ ଓ ବିଭାଗଗୁଡ଼ିକୁ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମରେ ସଫଳତା ପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ଡ. ସିପ୍ରା ସାଗରିକା। ଗବେଷିକା ସ୍ୱାଗତିକା ସାହୁ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ।

# ମଦମୁକ୍ତ ଓଡ଼ିଶା ଦାବିରେ ସଭା, ଧାରଣା

**ବାଲେଶ୍ୱର ଅଫିସ,୨।୧୦**

- ନିଶା ନିବାରଣ ଆନ୍ଦୋଳନକୁ ବ୍ୟାପକ କରିବାକୁ ଆହ୍ୱାନ
- ମହିଳାମାନେ ସଂଗଠିତ ହେବା ଉପରେ ଗୁରୁତ୍ୱାରୋପ

ନିଶା ନିବାରଣ ଆନ୍ଦୋଳନକୁ ବ୍ୟାପକ କରିବା ଲକ୍ଷ୍ୟ ନେଇ ବାଲେଶ୍ୱର 'ମିଳିତ ଓଡ଼ିଶା ନିବାରଣ ଅଭିଯାନ' (ମୋନା) ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିଆସୁଛି। ବୁଧବାର ପୂର୍ବାହ୍ନରେ ସ୍ଥାନୀୟ ଫକୀରମୋହନ ଗୋଲାଇଠାରେ ମଦମୁକ୍ତ ଓଡ଼ିଶା ଗଠନ ଦାବିରେ ମୋନା ପକ୍ଷରୁ ଗଣଧାରଣା ଦିଆଯାଇ ପଥପ୍ରାନ୍ତ ସଭା କରାଯାଇଥିଲା। ଆଇନଜୀବୀ ପ୍ରଭାକର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟକ ଭାବେ 'ମୋନା'ର ରାଜ୍ୟ ଉପସଭାପତି ଡ. ଅଦ୍ୱୈତ ଚରଣ ପାତ୍ର ଯୋଗଦେଇ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ନିଶା ନିବାରଣ ଆନ୍ଦୋଳନକୁ ବ୍ୟାପକ କରିବାକୁ ଗୁରୁତ୍ୱାରୋପ କରି ରାଜ୍ୟରେ ବାଲେଶ୍ୱର ଜିଲା ମଦମୁକ୍ତ ଓଡ଼ିଶା ଦାବିରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଥିବା କହିଥିଲେ। ପ୍ରଫେସର ଡ. ପ୍ରହ୍ଲାଦ ଚରଣ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇ ମଦ ବିରୋଧୀ ଆନ୍ଦୋଳନର ସାମାଜିକ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଡ. ହରିଶ୍ଚନ୍ଦ୍ର ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପୁରାଣରେ ନିଶାପାନ କରି ଯଦୁବଂଶ ନାଶ ହେବା ଠାରୁ ଫକୀରମୋହନଙ୍କ ନିଶା ନିବାରଣ ପାଇଁ ପେଟେଣ୍ଟ ମେଡିସିନ୍‌ର ଉଦାହରଣ ଦେଇ ମଦ ମୁକ୍ତି ପାଇଁ ମହିଳାମାନଙ୍କୁ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। ସାଧାରଣ ସମ୍ପାଦିକା ମମତା ମହାପାତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ମଦ ମୁକ୍ତ ଓଡ଼ିଶା ପାଇଁ ମହିଳାମାନେ ଦୃଢ଼ ଓ ସଂଗଠିତ ହେବା ଦରକାର ବୋଲି ଦେଇଥିଲେ। ଉପଦେଷ୍ଟା ସୁବ୍ରତ କର ମଦମୁକ୍ତ ଓଡ଼ିଶା ଗଠନ ନେଇ ବକ୍ତବ୍ୟ ରଖିବା ସହ ଏଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି କରିଥିଲେ।

କଲ୍ୟାଣୀ ନନ୍ଦ, ଜୟନ୍ତ ପାଣିଗ୍ରହୀ, ଗୀତାଞ୍ଜଳି ସିଂହ ଓ ଶୁଭସ୍ମିତା ସ୍ୱାଇଁ 'ବୈଷ୍ଣବ ଜନତୋ... ଓ ରାମଧୂନ୍ ଗାନ କରିବା ପରେ ଗାନ୍ଧିଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରଯାଇଥିଲା। ଗୌରାଙ୍ଗ ଚରଣ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ନାରାୟଣ ପ୍ରସାଦ ସାହୁ, ଡ. କେଶବ ଚରଣ ପଣ୍ଡା, ଅର୍ଚ୍ଚନା ନନ୍ଦୀ ଓ କୁମୁଦ ରଞ୍ଜନ ଗିରି ନିଶା ଯୋଗୁ ସମାଜରେ ହିଂସା, ଅତ୍ୟାଚାର, ନାରୀ ନିର୍ଯାତନା ଓ ସଡ଼କ ଦୁର୍ଘଟଣା ବୃଦ୍ଧି ଘଟୁଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ସଦସ୍ୟାସଦସ୍ୟ ଆଲୋଚନାରେ ଅଂଶଗ୍ରହଣ କରି 'ନିଶା ନିବାରଣ ଆଇନ୍-୧୯୫୬'କୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ।



ମୋନା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

### ମୋରମ ଖୋଲାକୁ ନେଇ ରାଜନୈତିକ ବିବାଦ

## ତଦନ୍ତ ବେଳେ ଫାର୍ମ ହାଉସରେ ଚଢ଼ାଉ, ଲକ୍ଷାଧିକ ଟଙ୍କାର କାଠ ଜବତ

**ଔପଦା, ୨।୧୦(ଡି.ଏନ.ଏ.)**

ସରକାରୀ ଓ ଜଙ୍ଗଲ ଜାଗାରେ ମୋରମ ଓ ମେଟାଲ ଉତ୍ତୋଳନକୁ ନେଇ ବାଲେଶ୍ୱର ଜିଲା ଔପଦା ଥାନା ଅଧୀନ ପାଇକପଡା ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ଏହି ଗ୍ରାମର ୨ ଗୋଷ୍ଠୀ ମଧ୍ୟରେ ଏନେଇ ଗଣ୍ଡଗୋଳ ଘଟି ଥାନାରେ ଅଭିଯୋଗ ହେବା ପରେ ଏହା ରାଜନୈତିକ ବିବାଦର ରୂପ ନେଇଛି। ପୋଲିସ ଏହାର ତଦନ୍ତ କରିବା ବେଳେ ଏକ କୁକୁଡା ଫାର୍ମ ହାଉସରେ ଚଢାଉ କରି ସେଠାରୁ ଲକ୍ଷାଧିକ ଟଙ୍କାର କାଠ ଜବତ କରିଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଖଇରା ଅତିରିକ୍ତ ତହସିଲଦାର ଭାନୁମତୀ ମାଝୀଙ୍କ ଉପସ୍ଥିତିରେ ବନ ବିଭାଗ କର୍ମଚାରୀ ଓ ପୋଲିସ ଚଢାଉ କରିଥିଲେ। ଔପଦା ବନଖଣ୍ଡ ରେଞ୍ଜର ତଥା ଏସିଏଫ ଲକ୍ଷ୍ମଣ ପ୍ରଧାନ ଏବଂ ଖଇରା ଥାନା ଏସଆଇ ଅଶ୍ୱନୀ କୁମାର ପ୍ରମୁଖ ଫାର୍ମରେ ପଡିଥିବା ଚାବି ଭାଙ୍ଗି ଭିତରେ ଗଚ୍ଛିତ ଥିବା ଶିଶୁ, ଶାଳ, ପିଆଶାଳ ତଥା କଇମ ପରି ବହୁ ମୂଲ୍ୟବାନ କାଠ ଜବତ କରିଥିଲେ। ଜବତ କାଠର ମୂଲ୍ୟ ୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଏ ନେଇ ବନ ବିଭାଗ ପକ୍ଷରୁ ଏକ ମାମଲା (ନଂ.୩୭/୧୯) ରୁଜୁ କରାଯାଇଛି। ବେଆଇନ ମୋରମ ଓ ମେଟାଲ ଚାଲାଣ ଘଟଣା ନେଇ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଘଟଣା ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୋରମ ମେଟାଲ ଖୋଳା ଗଣ୍ଡଗୋଳ କ୍ରମଶଃ ଜଟିଳ ରୂପ ନେଉଥିବାରୁ ଜିଲା ପ୍ରଶାସନ ଓ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଔପଦା ତହସିଲଦାର ପିତାମ୍ବର ଭୋଇ ବୁଧବାର ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ କରିଥିବା ଜଣାପଡ଼ିଛି।

### ଘରୁ ବାହାରିବାକୁ ରାସ୍ତା ନାହିଁ

## ୩ ପରିବାର ଲୋକଙ୍କ ଧାରଣା

**ବାହାନଗା,୨।୧୦(ଡି.ଏନ.ଏ.)**

ଘରୁ ବାହାରିବା ପାଇଁ କୌଣସି ରାସ୍ତା ନ ଥିବାରୁ ବାଲେଶ୍ୱର ଜିଲା ବାହାନଗା ବ୍ଲକ ଓଡଶାଳ ପଞ୍ଚାୟତର ଝଳଝଳିଆ ଗ୍ରାମର ୩ଟି ପରିବାର ବାରମ୍ବାର ତହସିଲ ପ୍ରଶାସନକୁ ଜଣାଇ କୌଣସି ସୁଫଳ ନ ପାଇବାରୁ ଶେଷରେ ବାହାନଗା ତହସିଲ ଅଫିସ ସାମ୍ନାରେ ନ୍ୟାୟ ପାଇଁ ଦିନତମାମ ଧାରଣା ଦେଇଥିଲେ। କୌଣସି ଅଧିକାରୀ ସେମାନଙ୍କ ସହ ଆଲୋଚନା ନ କରିବାରୁ ଗୋପାଳପୁର ସରପଞ୍ଚ ଯୋଗେଶ ଚନ୍ଦ୍ର ପତି ଓ ଅନ୍ୟ ନେତାମାନେ ପହଞ୍ଚି ଆଶ୍ୱାସନା ଦେବାରୁ ସେମାନେ ଧାରଣା ପ୍ରତ୍ୟାହାର କରିଛନ୍ତି। ୩ ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି କୁହାଯାଇଛି।

ଧାରଣା ଦେଇଥିବା ଏହି ୩ ପରିବାର ଅଭିଯୋଗ କରିଛନ୍ତି ଯେ, ବ୍ଲକ କାର୍ଯ୍ୟାଳୟ ତରଫରୁ ଗାଁରେ ପକ୍କା ରାସ୍ତା କରାଯିବା ବେଳେ କେତେକ ପରିବାର ଏହି ରାସ୍ତାକୁ ବ୍ୟକ୍ତିଗତ ଜମି ବୋଲି ଦର୍ଶାଇ ବାଡ ବସାଇଥିଲେ। ଫଳରେ ଠିକାଦାର ସଂସ୍ଥା ବାଡ ଘେରା ଯାଇଥିବା ସ୍ଥାନ ପାଖରୁ ଆଉ ଆଗକୁ କାମ କରି ପାରି ନ ଥିଲେ। ଏଥିଲାଗି ଗ୍ରାମର ୩ ପରିବାର ଘରୁ ନ ବାହାରି ପାରିବାରୁ ଏ ସମ୍ପର୍କରେ ବାହାନଗା ତହସିଲ୍ ଅଫିସ୍‌ରେ ଅଭିଯୋଗ କରିଥିଲେ। ସରକାରୀ ଜମିରେ ଥିବା ଏହି ରାସ୍ତାକୁ ମାପଚୁପ କରି ଜବରଦଖଲ ଉଚ୍ଛେଦ କରାଯାଉ ବୋଲି ସେମାନେ ଦାବି କରିଥିଲେ। ପରେ ତହସିଲ ପକ୍ଷରୁ ଅମିନ ଓ ଆରଆଇଙ୍କ ସମେତ ତହସିଲ କାର୍ଯ୍ୟାଳୟର ଜଣେ ବଡବାବୁ ଯାଇ ମାପଚୁପ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏପରିସ୍ଥଳେ ଅବରୋଧକାରୀମାନେ ରାସ୍ତା ଉପରେ ବସାଯାଇଥିବା ବାଡକୁ ଅଧିକ ମଜଭୁତ କରି ଦେଇଛନ୍ତି। ଏହି ଘଟଣାକୁ ନେଇ ଏହି ୩ ପରିବାର ପ୍ରଶାସନର ଦ୍ୱାରସ୍ଥ ହୋଇ ନ୍ୟାୟ ନ ପାଇବାରୁ ଶେଷରେ ବୁଦ୍ଧିରାମ ବେହେରାଙ୍କ ପରିବାରର ମହେଶ୍ୱର ବେହେରା, ବାସନ୍ତୀ ବେହେରା, ଗୀତାଞ୍ଜଳି ବେହେରା, ରଶ୍ମିତା ବେହେରା, ଶୁଭଶ୍ରୀ ବେହେରା, କମଳିନୀ ବେହେରା ପ୍ରମୁଖ ୩ ପରିବାର ଲୋକେ ବୁଧବାର ବାହାନଗା ତହସିଲ ଅଫିସ ଆଗରେ ଧାରଣା ଦେଇଥିଲେ। ତହସିଲଦାର କିମ୍ବା ଅତିରିକ୍ତ ତହସିଲଦାର କେହି ଆସି ସେମାନଙ୍କ କଥା ଶୁଣି ନ ଥିଲେ। ଗୋପାଳପୁର ସରପଞ୍ଚ ସେମାନଙ୍କୁ ବୁଝାଶୁଝା କରି କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିବାରୁ ସେମାନେ ଧାରଣା ପ୍ରତ୍ୟାହାର କରିଥିବା ପ୍ରକାଶ କରିଛନ୍ତି।



ତହସିଲ ଅଫିସ ଆଗରେ ୩ ପରିବାରର ସଦସ୍ୟ।

# ପ୍ଲାଷ୍ଟିକମୁକ୍ତ ସଚେତନତା ଶୋଭାଯାତ୍ରା

## ସ୍ୱତଃସ୍ଫୂର୍ତ୍ତ ଭାବେ ଯୋଗଦେଲେ ଲୋକେ

ବାହାନଗା,୨।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ସ୍ୱଚ୍ଛ ଭାରତ ଅଭିଯାନ ସଂଗଠନ ତରଫରୁ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ପ୍ଲାଷ୍ଟିକ ମୁକ୍ତ ଭାରତ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ବାହାନଗା ତହସିଲଦାର ଦେବଯାନୀ ଭୂୟାଁ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ରଙ୍କ ସମେତ ୪ ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ସାଧାରଣ ନାଗରିକ ଓ ଗୋପାଳପୁର ସ୍ୱଚ୍ଛ ଭାରତ ଅଭିଯାନ ସଂଗଠନର କର୍ମକର୍ତ୍ତା ଏଥିରେ ଯୋଗ ଦେଇଥିଲେ। ସଚେତନତା ସୃଷ୍ଟି ନିମନ୍ତେ ଶୋଭାଯାତ୍ରାକାରୀମାନେ ହାତରେ ପ୍ଲାକାର୍ଡ ଧରିଥିଲେ। ସଂଗଠନର କେତେକ କର୍ମକର୍ତ୍ତା ଧରିତ୍ରୀ ପେପରରେ ତିଆରି କରିଥିବା ବ୍ୟାଗ ଧରି ଲୋକଙ୍କୁ ସଚେତନ କରାଇଥିଲେ।

ଗୋପାଳପୁର ବଜାରରୁ ଶୋଭାଯାତ୍ରା ବାହାରି ଜୁଣିଆଁ ରାମ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଗୋପାଳପୁର ମହାବିଦ୍ୟାଳୟ, ଯାଗେଶ୍ୱରପଦାସ୍ଥିତ ଭଗବାନ ଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟ, ଗୋପାଳପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ବାହାନଗା ତହସିଲଦାର ଓ ତହସିଲ୍‌ର ସମସ୍ତ କର୍ମକର୍ତ୍ତା, ତାଳକୁରୁଣିଆଁ ପଞ୍ଚାୟତର ସମିତିସଭ୍ୟ, ଜନସାଧାରଣ, ପଣ୍ଡାଶୁଣି ପଞ୍ଚାୟତର ଜନସାଧାରଣ, ଓଡଶାଳ ପଞ୍ଚାୟତର ଜନସାଧାରଣ, ଗୋପାଳପୁର ବଜାର କମିଟିର ସଦସ୍ୟ ଓ ଦୋକାନୀମାନେ ଏଥିରେ ସାମିଲ ହୋଇଥିଲେ। ପ୍ଲାଷ୍ଟିକ ବର୍ଜନ ନିମନ୍ତେ ଆୟୋଜିତ ଶୋଭାଯାତ୍ରାରେ ସ୍ୱତଃସ୍ଫୂର୍ତ୍ତ ଭାବେ ଜନସାଧାରଣ ଯୋଗଦେବା ସମାଜ ପାଇଁ ଶୁଭଙ୍କର ବୋଲି ତହସିଲଦାର ଭୂୟାଁ ପ୍ରକାଶ କରିଥିଲେ।

ଶୋଭାଯାତ୍ରା ପୂର୍ବରୁ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପରେ ଏକ ସାଧାରଣ ସଭା ଗୋପାଳପୁର ବଜାରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ସ୍ୱଚ୍ଛ ଭାରତ ଅଭିଯାନ ସଂଗଠନର ଆବାହକ ସୁଦର୍ଶନ ମହାପାତ୍ର। ମୁଖ୍ୟ ଅତିଥି ଭାବେ ତହସିଲଦାର ଦେବଯାନୀ ଭୂୟାଁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପାଳପୁର ସରପଞ୍ଚ ଯୋଗେଶ ଚନ୍ଦ୍ର ପତି, ସଙ୍କର୍ଷଣ ଶିଅଳ, ସୀତାକାନ୍ତ ତ୍ରିପାଠୀ, ରମଣୀ କାନ୍ତ ମିଶ୍ର, ବରେନ୍ଦ୍ର ସେଠୀ, ବିଶ୍ୱମ୍ଭର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱଚ୍ଛ ଓଡିଶା ସ୍ୱସ୍ଥ ଓଡିଶା ଗଠନ ନିମନ୍ତେ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା ଲାଗି ସମସ୍ତେ ଶପଥ କରିଥିଲେ। ଏହି ପରିପ୍ରେକ୍ଷୀରେ ସଂଗଠନ ପକ୍ଷରୁ ହରୀଶ କୁମାର ଯେନାଙ୍କ ଦ୍ୱାରା ନିର୍ମିତ ଧରିତ୍ରୀ ପେପର ବ୍ୟାଗକୁ ସଚେତନତା ନିମନ୍ତେ ପ୍ରଦର୍ଶିତ କରାଯାଇଥିଲା।

ସେହିପରି ଯାଗେଶ୍ୱରପଦାଠାରେ ଥିବା ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ଗାନ୍ଧୀ ଜୟନ୍ତୀରେ ପ୍ଲାଷ୍ଟିକ୍ ମୁକ୍ତ ଭାରତ ଗଠନ ନିମନ୍ତେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରା କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ସୁଦର୍ଶନ ମହାଳିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ହାତରେ ବ୍ୟାନର ଓ ଧରିତ୍ରୀ ପେପର ବ୍ୟାଗ୍**



ପ୍ଲାଷ୍ଟିକ ବର୍ଜନ ଲାଗି ସଚେତନତା ଶୋଭାଯାତ୍ରା।

# ବିଭିନ୍ନ ସ୍ଥାନରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

ବାଲେଶ୍ୱର ଅଫିସ,୨।୧୦

ବାଲେଶ୍ୱର ଜିଲାରେ ବୁଧବାର ବିଭିନ୍ନ ସ୍ଥାନରେ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ଉତ୍ସବ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହୋଇଯାଇଛି। ସହରର କୁରୁଡ଼ା ସ୍ଥିତ ଡିପିଏମ୍ଆଇ ବାଲେଶ୍ୱର ଶାଖା, ସହଦେବଖୁଣ୍ଟା ଉନ୍ନୟନ ପରିଷଦ, ଜିଲା ଖବରଦାତା ସଂଘ, କ୍ଲିନ ବାଲେଶ୍ୱର ଇନିସିଏଟିଭ୍, ମାରୱାଡ଼ି ଯୁବ ମଞ୍ଚ, ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ, କାର୍ଯ୍ୟାଳୟ, ବିଦ୍ୟାଳୟ, ମହାବିଦ୍ୟାଳୟ ରେ ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଥିଲା। ଜିଲା ନାରୀ ସଂଘ ଦ୍ୱାରା ପରିଚାଳିତ ସୁଧାର ଗୃହର ଅନ୍ତେବାସିନୀ ଓ ଜରାନିବାସରେ ବୃଦ୍ଧାବୃଦ୍ଧଙ୍କୁ ଜିଲା ସମାଜ ମଙ୍ଗଳ ଅଧିକାରୀ କୁସୁମମାଳା ମିଶ୍ରଙ୍କ ଦ୍ୱାରା ବସ୍ତ୍ର ବଣ୍ଟନ କରାଯାଇଥିଲା।

### ◆ ଔପଦା

ଔପଦା ବ୍ଲକର ବିଭିନ୍ନ ସ୍ଥାନରେ ୧୫୦ତମ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଥିଲା। ଗଡ଼େଶ୍ୱର ସଂସ୍କୃତ ବିଦ୍ୟାଳୟ ଏବଂ ଔପଦା ମହାବିଦ୍ୟାଳୟର ଛାତ୍ରୀଛାତ୍ର, ପ୍ରଧାନଶିକ୍ଷକ ଗଣେଶ୍ୱର ସାହୁ ଓ ଅନ୍ୟ ସହକାରୀ ଶିକ୍ଷକଙ୍କ ସହ ଏକ ଶୋଭାଯାତ୍ରାରେ ବିଭିନ୍ନ ପ୍ଲାକାର୍ଡ଼ ଧରି ରାମଧୂନ୍ ଗାଇ ଔପଦା ବଜାର ପରିକ୍ରମା କରିବା ସହ ବଜାର ସଫେଇ କରିଥିଲେ। ସେମାନେ ସାଧାରଣ ଲୋକଙ୍କୁ ପ୍ଲାଷ୍ଟିକ୍ ପଲିଥିନ୍ ବ୍ୟବହାର ନ କରିବାକୁ ନିବେଦନ କରିଥିଲେ।

### ◆ ରେମୁଣା

ବାଲେଶ୍ୱର ବାଲ୍‌ଗୋପାଳପୁର ସ୍ଥିତ ଇମାମୀ ପେପରମିଲ୍ସ ଲିମିଟେଡ୍ ପକ୍ଷରୁ ଗାନ୍ଧୀଜୟନ୍ତୀ ଉପଲକ୍ଷେ କଲୋନୀ ନିକଟରେ ସ୍ୱଚ୍ଛ ଭାରତ ଅଭିଯାନ ତଥା ପଲିଥିନ୍ ମୁକ୍ତ ଭାରତ ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ପରିଚାଳକ ଏମ.ବି.ଏସ୍. ନାୟାର, ବରିଷ୍ଠ ସଭାପତି ଏସ୍.କେ. ଖୈତାନ୍, ବରିଷ୍ଠ ଉପସଭାପତି ଆଶିଷ୍ ଏ. ଗୁପ୍ତା, ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ପରେ ଶତାଧିକ କର୍ମଚାରୀ ଝାଡୁ ଧରି ମୁଖ୍ୟ ରାସ୍ତା ଏବଂ ପାର୍ଶ୍ୱରେ ଥିବା ଅଳିଆ ଆବର୍ଜନା ସଫା କରି ଇମାମୀ ନଗର ସ୍ଥିତ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଥିଲେ। ରେମୁଣା ଡିଗ୍ରୀ କଲେଜରେ ରେଡ଼କ୍ରସ୍ ୟୁନିଟ୍, ଏନ୍ଏସ୍ଏସ୍ ୟୁନିଟ୍ ଏବଂ ଏନ୍‌ସିସି ୟୁନିଟ୍‌ର ଛାତ୍ରୀଛାତ୍ରମାନେ କଲେଜ ପରିସରକୁ ପରିଷ୍କାର ପରିଚ୍ଛନ୍ନ କରିଥିଲେ।

### ◆ ଜଳେଶ୍ୱର

ଜଳେଶ୍ୱରର ବିଭିନ୍ନ ସଂଗଠନ ଓ ରାଜନୈତିକ ଦଳ ତରଫରୁ ଗାନ୍ଧୀଙ୍କର ଜୀବନାଦର୍ଶକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ସାଙ୍ଗକୁ ସଭା ସମିତି ଅନୁଷ୍ଠିତ ହୋଇଥିଲା। ବିଜୁ ଯୁବବାହିନୀ ତରଫରୁ ଫିଟ୍ ଇଣ୍ଡିଆ ଓ ସବୁଜ ବନାନୀ କାର୍ଯ୍ୟକ୍ରମରେ ଜଳେଶ୍ୱର ବ୍ଲକ ଓ ପୂର୍ତ୍ତ ବିଭାଗ ପରିସରରେ ସଫେଇ ଓ ଚାରାରୋପଣ କରାଯାଥିଲା। ଜଳେଶ୍ୱର ବ୍ଲକର ୨୭ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଭାଜପା ଜଳେଶ୍ୱର ନଗରମଣ୍ଡଳ ତରଫରୁ ବ୍ଲକ ଓ ଆଣ୍ଡିଆ ଗାନ୍ଧୀ ସେବାଶ୍ରମରେ ଫଳ ବଣ୍ଟନ କରାଯାଇଥିଲା। କଂଗ୍ରେସ ତରଫରୁ ପୂର୍ତ୍ତବିଭାଗ ଡାକ ବଙ୍ଗଳାଠାରେ ସଭା ଆୟୋଜନ କରାଯାଇଥିଲା। ରୋଟାରୀ ଓ ରୋଟ୍ରାକ୍ଟ କ୍ଲବ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ, ଭାରତୀୟ ଜୀବନ ବୀମା ନିଗମ ଓ ଜଳେଶ୍ୱର ଉପ କାରାଗାର ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ, ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ଜଳେଶ୍ୱର, ଅଖିଳ ଭାରତୀୟ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ନିଶା ନିବାରଣ ପାଇଁ ସଚେତନତା ଶୋଭା ଯାତ୍ରା କରାଯାଇଥିଲା।

### ◆ ବାଲିଆପାଳ

ଗାନ୍ଧୀ ଜୟନ୍ତୀରେ ବାଲିଆପାଳ ବ୍ଲକର ଖଗଡ଼ାପାଳସ୍ଥ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାଲିଆପାଳ ସରକାରୀ ହାଇସ୍କୁଲ, ମଇଁଷାମୁଣ୍ଡା ପ୍ରାଥମିକ ବିଦ୍ୟାଳୟ, ଦେଭୋଗ ଶ୍ରୀହରି ଚରଣ ହାଇସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ପକ୍ଷରୁ ପଦଯାତ୍ରା କରାଯାଇ ସ୍ୱଚ୍ଛ ପରିବେଶ ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। ବ୍ଲକ, ତହସିଲ, ସୁବର୍ଣ୍ଣରେଖା ମହାବିଦ୍ୟାଳୟ, କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ, ବାଲିଆପଳ ବାଳିକା ହାଇସ୍କୁଲ, ଲଙ୍ଗଳେଶ୍ୱର ହାଇସ୍କୁଲ ଓ ଭାଜପା ଶାଖା ପକ୍ଷରୁ ଜୟନ୍ତୀ ପାଳିତ ହୋଇଥିଲା।

### ◆ ସିମୁଳିଆ

ସିମୁଳିଆର ବିଭିନ୍ନ ସ୍ଥାନରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳିତ ହୋଇଥିଲା। ବିଭିନ୍ନ ସ୍କୁଲ ଓ କଲେଜର ପିଲା ମାନଙ୍କ ଦ୍ୱାରା ପ୍ରଭାତଫେରି, ରାସ୍ତା ଘାଟ ସଫେଇ, ବକ୍ତୃତା ପ୍ରତିଯୋଗିତା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିମୁଳିଆ ମହାବିଦ୍ୟାଳୟ, ଗୋପଗ୍ରାଣ ମହାବିଦ୍ୟାଳୟ, ମାର୍କୋଣା ଆବର୍ତ୍ତନ ଯୁକ୍ତଦୁଇ ବିଜ୍ଞାନ କଲେଜ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଉତ୍ସବ ପାଳିତ ହୋଇଥିଲା। ସେହିପରି ଚିତ୍ରାଙ୍କନ ଓ ପ୍ରବନ୍ଧ ରଚନା ପ୍ରତିଯୋଗିତା, ସଫେଇ, 'ପ୍ଲାଷ୍ଟିକ କୁ ନା' ସଚେତନତା କାର୍ଯ୍ୟକ୍ରମ, ରୋଗୀଙ୍କୁ ଫଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ◆ ଖଇରା

ଖଇରା ବ୍ଲକ ନଟାପଡ଼ା ଛକ ନିକଟସ୍ଥ ସରସ୍ୱତୀ ଶିଶୁ ମନ୍ଦିରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଥିଲା। ଏହି ଉପଲକ୍ଷେ ଜୁନିୟର ଓ ସିନିୟର ସ୍ତରରେ ବକ୍ତୃତା ପ୍ରତିଯୋଗିତା, ଚଳିତବର୍ଷ ୩ୟ ଓ ୫ମ ବୃତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଆୟୁଷ କୁମାର ପଣ୍ଡା ଓ ଚିନ୍ମୟୀ ନାୟକଙ୍କୁ ସମ୍ବର୍ଦ୍ଧନା, ପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ◆ ସୋର

ସୋରରେ ତଳନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭାରତୀୟ ବିଦ୍ୟା ନିକେତନ ବିଦ୍ୟାଳୟ, ସୋର ଅନନ୍ତପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଗାନ୍ଧି ପୁରବାଇ କନ୍ୟାଶ୍ରମରେ ଗାନ୍ଧୀ ଜୟନ୍ତୀରେ ସଚେତନତା ପଦଯାତ୍ରା, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୋର ଭାଜପା ପକ୍ଷରୁ ସଂକଳ୍ପଯାତ୍ରା ସହ ମ୍ୟୁନିସିପାଲିଟି ପକ୍ଷରୁ ଜାତୀୟ ରାଜପଥ ଦହିସଡ଼ା ନିକଟରେ ଅଳିଆ ଆବର୍ଜନା ପକାକୁ ନେଇ ଗଣଧାରଣା ଦିଆଯାଇଥିଲା।

## ରାଜ୍ୟ ସିନିୟର ଚେସ୍: ଭାଗନେଲେ ୧୦୫ ପ୍ରତିଯୋଗୀ

**ବାଲେଶ୍ୱର ଅଫିସ,୨।୧୦:** ବାଲେଶ୍ୱର ଜିଲା ଚେସ୍ ଆସୋସିଏଶନ୍ ସହାୟତା ଏବଂ ରାଜ୍ୟ ଚେସ୍ ଆସୋସିଏଶନ୍ ତତ୍ତ୍ୱାବଧାନରେ ସ୍ଥାନୀୟ ଏକ ଘରୋଇ କଲ୍ୟାଣମଣ୍ଡପ ପରିସରରେ ମଙ୍ଗଳବାର ଅପରାହ୍ନ ୫ଟା ସମୟରେ ୬୦ତମ ଓଡ଼ିଶା ରାଜ୍ୟ ଚେସ୍ ପ୍ରତିଯୋଗିତା ଆରମ୍ଭ ହୋଇଛି। ଓଡ଼ିଶାର ବିଭିନ୍ନ ଜିଲାରୁ ୧୦୫ ପ୍ରତିଯୋଗୀ ଭାଗ ନେଇଛନ୍ତି। ଏହି ପ୍ରତିଯୋଗିତା ୯ ରାଉଣ୍ଡ ଖେଳ ପରେ ଆସନ୍ତା ୫ ତାରିଖରେ ଶେଷ ହେବ। ରୋଟାରିୟାନ୍ ସଭାପତି ଉଦୟ୍ ରଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ପୂର୍ବତନ ଜାତୀୟସ୍ତରର ଖେଳାଳି ତଥା ଜିଲା ଚେସ୍ ସଭାପତି ଦେବାଶିଷ ଚକ୍ରବର୍ତ୍ତୀଙ୍କ ସହ ଗୋଟି ଚାଳନା କରି ପ୍ରତିଯୋଗିତା ଆରମ୍ଭ କରିଥିଲେ। ପୂର୍ବତନ କାଉନ୍‌ସିଲର ଚିତ୍ତରଞ୍ଜନ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ।

# ଅହିଂସା ଉପାୟରେ ମଦ ପ୍ରସାର ରୋକାଯିବ

ଖଇରା,୨।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗୋଳିହା ପଞ୍ଚାୟତ ଓ ଏହା ଆଖପାଖରେ ମଦ୍ୟପାନ ଜନିତ ରୋଗରେ ପଡି ଗତ ୫ ବର୍ଷରେ ୩୬ ଜଣ ଲୋକ ମୃତ୍ୟୁମୁଖରେ ପଡିଥିବା ବେସରକାରୀ ଭାବେ କୁହାଯାଉଛି। କେବଳ ୨୦୧୮-୧୯ରେ ୮ ଜଣ ମୃତ୍ୟୁମୁଖରେ ପଡିଛନ୍ତି। ଏଭଳି ମଦମୃତ୍ୟୁ ଘଟଣାକୁ ପ୍ରଶାସନ ସ୍ୱୀକାର କରୁ ନ ଥିଲେ ମଧ୍ୟ ବର୍ଷକୁ ବର୍ଷ ମୃତ୍ୟୁସଂଖ୍ୟା ବୃଦ୍ଧି ପାଉଥିବାରୁ ସ୍ଥାନୀୟ ସରପଞ୍ଚଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଲୋକେ ଅହିଂସା ନୀତିରେ ମଦ ପ୍ରସାରକୁ ରୋକିବା ଲାଗି ଅଣ୍ଟା ଭିଡିଛନ୍ତି। ଏହି ଅଞ୍ଚଳରେ ଚୋରା ମଦର ପ୍ରସାର ଘଟିବା ପରଠାରୁ ଅଧିକାଂଶ ପରିବାରରେ ପ୍ରାୟତଃ ଅଶାନ୍ତି ଲାଗି ରହୁଛି । ପତିରାଜପୁର ଦୋଳ ମେଳନ ପଡିଆ ହେଉ କି ମୁହଁରୁଆଁ ଛକ ଏହି ଅଞ୍ଚଳରେ ସନ୍ଧ୍ୟା ସମୟରେ ଝିଅ ବୋହୂମାନେ ଚାଲି ଚାଲି ଯିବାକୁ ସାହସ ଜୁଟାଇ ପାରୁ ନାହାନ୍ତି। ଏଣୁ ଏହି ଅଞ୍ଚଳକୁ ମଦମୁକ୍ତ ଇଲାକାରେ ପରିଣତ କରିବା ସକାଶେ ଗ୍ରାମବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି ଗାନ୍ଧୀ ଜୟନ୍ତୀରୁ ପ୍ରୟାସ ଆରମ୍ଭ ହୋଇଛି।

ବୁଧବାର ସକାଳେ ସରପଞ୍ଚ ପୁଷ୍ପଲତା ଘଡେଇଙ୍କ ନେତୃତ୍ୱରେ ଏକ ସଚେତନତା ରାଲି ପଞ୍ଚାୟତ ପରିକ୍ରମା କରିଥିଲା। ପରେ ପତିରାଜପୁର ଦୋଳ ମେଳନ ପଡ଼ିଆରେ ସଭା କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉଦୟ ଚରଣ ନାୟକ ଏଥିରେ ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଇରା ଥାନା ଆଇଆଇସି ଲୋପାମୁଦ୍ରା ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଅହିଂସା ଉପାୟରେ ମଦ ବିକ୍ରିକୁ ବନ୍ଦ କରିବାକୁ ଉଦ୍ୟମ କରାଗଲେ ଖଇରା ପୋଲିସ ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି କହିଥିଲେ। ଅବକାରୀ ବିଭାଗର ଇନ୍ସପେକ୍ଟର ଉଦେଲାଲ ନାୟକ ଓ ସୋର ସବ ଇନ୍ସପେକ୍ଟର କୁଳମଣି ମହାରଣା ଅନ୍ୟତମ ବକ୍ତା ଭାବେ ଯୋଗଦେଇ ସରପଞ୍ଚଙ୍କର ଏଭଳି ପଦକ୍ଷେପକୁ ସ୍ୱାଗତ କରିବା ସହ ଜିଲାରେ ଅବକାରୀ ବିଭାଗରେ କର୍ମଚାରୀଙ୍କ ସଂଖ୍ୟା ଆଶାନୁରୂପ ନ ଥିଲେ ବି ଯଥାସମ୍ଭବ ଫୋନ୍ ପହଞ୍ଚିବା ମାତ୍ରେ ବେଆଇନ୍ ମଦ ବିକ୍ରେତାଙ୍କୁ ଧରିବେ ବୋଲି କହିଥିଲେ। ଗୋଳିହା ପଞ୍ଚାୟତ ସଂଲଗ୍ନ ଅମରିଆ ପଞ୍ଚାୟତର ସରପଞ୍ଚ ନୟନା ପଲେଇ, ଝିଙ୍କିରିଆ ପଞ୍ଚାୟତ ସମିତି ସଭ୍ୟ କୈଳାସ ମାଝୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭୀଷ୍ମଚରଣ ନାୟକ, ଗୋଳିହା ପଞ୍ଚାୟତର ସମିତି ସଭ୍ୟା ପ୍ରମିଳା ନାୟକ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ।

## ନିଶା ନିବାରଣ ଅଭିଯାନ ପକ୍ଷରୁ ଧାରଣା

**କପ୍ତିପଦା,୨।୧୦(ଡ଼ି.ଏନ୍.ଏ):** ଗାନ୍ଧିଜୀଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ବୁଧବାର ଅଖିଳ ଭାରତୀୟ ଗଣତାନ୍ତ୍ରିକ ମହିଳା ସମିତି, ନିଶା ନିବାରଣ ଅଭିଯାନ ଆନୁକୁଲ୍ୟରେ ବ୍ଲକ୍ ସମ୍ମୁଖରେ ଧାରଣା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଆରତୀ ମହାକୁଡ, ନନ୍ଦିତା ନାଏକ, ସରସ୍ୱତୀ ଦେହୁରୀ, ଝୁନୁ ଗାଗରାଇ, କବିତା ସିଂ, ପଦ୍ମାବତୀ ବାରିକ, ସୁକାନ୍ତି ବିନ୍ଧାଣି ପ୍ରମୁଖ ଯୋଗ ଦେଇଥିଲେ।

## ବିଜେଡିର ପଦଯାତ୍ରା

**ରାସଗୋବିନ୍ଦପୁର,୨।୧୦(ଡି.ଏନ.ଏ):** ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ରାସଗୋବିନ୍ଦପୁର ବ୍ଲକ ସାରୁମଲା ପଞ୍ଚାୟତରେ ବିଜେଡି ପକ୍ଷରୁ ଜିଲା ଯୁବ ସାଧାରଣ ସମ୍ପାଦକ ଉତ୍ତମକୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଧାୟକ ରାଜକିଶୋର ଦାସ, ଜିଲା ବିଜେଡି ଉପସଭାପତି ଆଦିତ୍ୟ ପଣ୍ଡା, ବ୍ଲକ ସଭାପତି ବିଜୟକୁମାର ପରିଡା, ବବି ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଫୁଲମଣି ଟୁଡୁ, ସରପଞ୍ଚ ଲକ୍ଷ୍ମୀ ସିଂ, ସମିତିସଭା ମାଇନୋ ମୁର୍ମୁ, ବରିଷ୍ଠ ନେତା ବିନୋଦବିହାରୀ ଦାସ, ଅଶୋକ ସାହୁ, ଅରୁଣ ମହାନ୍ତି, ମନୋରଞ୍ଜନ ସିଂ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏଥିସହିତ ସ୍ୱଚ୍ଛତା ଓ ପ୍ଲାଷ୍ଟିକ ବର୍ଜନ କରାଯିବାକୁ ବକ୍ତାମାନେ ଗୁରୁତ୍ୱ ପ୍ରଦାନ କରିଥିଲେ। ପଦଯାତ୍ରାରେ ସାରୁମଲା ପଞ୍ଚାୟତ ସମେତ ବିଭିନ୍ନ ପଞ୍ଚାୟତରୁ ୩ ହଜାରରୁ ଊର୍ଦ୍ଧ୍ୱ ଜନ ସାଧାରଣ ଯୋଗ ଦେଇଥିଲେ।

## ଜନ ଶୁଣାଣି ଶିବିର

**କୋପ୍ତା ,୨।୧୦(ଡି.ଏନ୍.ଏ.):** ଶୁଳିଆପଦା ବ୍ଲକରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଠୁମ୍ପୁ ହେମ୍ବ୍ରମ୍ ଏହାକୁ ଉଦଘାଟନ କରିଥିଲେ। ବିଡିଓ ପରିକ୍ଷୀତ ଜେନା, ୫୩ ନଂ ଜିଲା ପରିଷଦ ସଦସ୍ୟ ସୁଧୀର କୁମାର ବେହେରା ପ୍ରମୁଖଙ୍କ ସମେତ ଲାଇନ ଡିପାର୍ଟମେଣ୍ଟର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ୧୬ ଟି ପଞ୍ଚାୟତର ସରପଞ୍ଚ, ସମିତିସଦସ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆରଏସଙ୍କ ସହିତ ସାଧାରଣ ଜନତା ଉପସ୍ଥିତ ଥିଲେ।

# ବିଜେଡିର ପଦଯାତ୍ରା



ପଦଯାତ୍ରାରେ ସାମିଲ ହୋଇଥିବା ବିଜେଡି ନେତା ଓ କର୍ମୀ।

ବଡସାହି,୨।୧୦(ସ୍ୱ.ପ୍ର)

ବଡସାହି ବ୍ଲକ୍ ବିଜୁ ଜନତା ଦଳ ପକ୍ଷରୁ ବୁଧବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବଡ଼ସାହି ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ବିଜେଡି ବ୍ଲକ ସଭାପତି ପ୍ରକାଶ ଚନ୍ଦ୍ର ଦଳେଇଙ୍କ ନେତୃତ୍ୱରେ ଏହି ପଦଯାତ୍ରା ବଡ଼ସାହି ବଜାର ଓ ଗ୍ରାମ ପରିକ୍ରମା କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର କୁମାର ଜେନା, ବୃନ୍ଦାବନ ଦାସ, ଅର୍ଜ୍ଜୁନ ଦଳେଇ, ସୁବ୍ରମଣ୍ୟମ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ସିଂ, ଜ୍ଞାନ ରଞ୍ଜନ ଦାଶ, ରାଜକିଶୋର ଆଚାର୍ଯ୍ୟ, ସରୋଜ କୁମାର ଦାଶ, ଦୀପକ କୁମାର ସାହୁ, ସୁଶାନ୍ତ ବଳ, ସୁରଥ ଦାଶ, ଜୟନ୍ତ କୁମାର ରାଉତ, ମାନସ ବେହେରା, ଜଗନ୍ନାଥ ମଲ୍ଲିକ, ଅଭିନ୍ନ ସୁନ୍ଦର ପାତ୍ର ପ୍ରମୁଖ ବଡ଼ସାହି ଡାକ୍ତରଖାନାରେ ଚିକିତ୍ସାଧୀନ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ପରେ ଦୁର୍ଗା ପଡ଼ିଆରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଯାମିନୀକାନ୍ତ ନାଏକଙ୍କ ନେତୃତ୍ୱରେ କିଛି କର୍ମୀ ବିଜେଡିରେ ଯୋଗଦାନ କରିଥିବା ବେଳେ ଏଥିରେ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## କ୍ରିକେଟ ଖେଳାଳି ଚୟନ ଶିବିର

ବାଙ୍ଗିରିପୋଷି,୨।୧୦(ଡି.ଏନ୍.ଏ.)- ବାଙ୍ଗିରିପୋଷି ବ୍ଲକ ଅଧୀନ ଅଁଳାଗୁଞ୍ଜା ବିଦ୍ୟାଳୟରେ କ୍ରିକେଟ ଖେଳାଳି ଚୟନ ଶିବିର ଗୌରୀଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ୮୦ ପ୍ରତିଯୋଗୀ ଭାଗ ନେଇଥିଲେ। ସେଥିମଧ୍ୟରୁ ବାଳକ ବିଭାଗର ୬ ଓ ବାଳିକା ବିଭାଗର ୨ଜଣ ଚୟନ ହୋଇ ଆଗାମୀ ୨୧ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ କ୍ରିକେଟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଓଷ୍ଟାର ବ୍ଲକ ସମ୍ପାଦକ ବିକାଶ କୁମାର ପଣ୍ଡା ଏବଂ ନୋଡାଲ ଖେଳଶିକ୍ଷୟିତ୍ରୀ ମିନତୀ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକର ସମସ୍ତ ଖେଳ ଶିକ୍ଷକ କ୍ରୀଡା ପରିଚାଳନା କରିଥିଲେ। ଏଥିରେ ଦ୍ୱାରଶୁଣି ସରକାରୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଓ ଗୋଲାମୁଣ୍ଡାକଟା ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଜୟ କୁମାର ମହାନ୍ତି ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ଦ୍ୱାରଶୁଣୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କମଳ କୁମାର ହୋତା ଓ ବାଙ୍ଗିରିପୋଷି ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସାଇବୁ ସୋରେନ କାର୍ଯ୍ୟକ୍ରମର ସଫଳତା ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ରାମଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ପ୍ରଧାନଶିକ୍ଷକ ଅଶୋକ କୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

# ଆନ୍ତଃ ମହାବିଦ୍ୟାଳୟ ଭଲିବଲ ଟୁର୍ଣ୍ଣାମେଣ୍ଟ

ବାରିପଦା ଅଫିସ,୨।୧୦

ମୟୂରଭଞ୍ଜ ଜିଲା ରାଗଧାସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ଡିଗ୍ରୀ ମହାବିଦ୍ୟାଳୟରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ୧୯ତମ ଆନ୍ତଃ ମହାବିଦ୍ୟାଳୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ୧୮ ଟି ମହାବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଶ୍ରୀରାମଚନ୍ଦ୍ର ଭଞ୍ଜ ଡିଗ୍ରୀ ମହାବିଦ୍ୟାଳୟ ଓ କୁଆମରାସ୍ଥିତ ସାରସ୍ୱତ ସ୍ନାତକ ଡିଗ୍ରୀ ମହାବିଦ୍ୟାଳୟ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ବର୍ଷା ଯୋଗୁ ଖେଳ ବାତିଲ ହେବାରୁ ଉଭୟ ଦଳକୁ ଯୁଗ୍ମ ବିଜେତା ଭାବେ ଘୋଷଣା କରାଯାଇଥିଲା।

ଉଦ୍‌ଯାପନୀ ଉତ୍ସବରେ ଏମ୍‌ପିସି ଅଟୋନମସ କଲେଜର ପୂର୍ବତନ ଅଧ୍ୟକ୍ଷା ଡ. ବନଜା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମୟୂରଭଞ୍ଜ ଆଥଲେଟିକ ଆସୋସିଏଶନର ସମ୍ପାଦକ କିଶୋର କୁମାର ବିଶ୍ୱାଳ ମୁଖ୍ୟବକ୍ତା, ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପୁଷ୍ପା ପାତ୍ର, ବିଭୁଦତ୍ତ ଦାସ ଓ ବାଙ୍ଗାଲୋର ସ୍ଥିତ ଟିସିଏସର ପରାମର୍ଶଦାତା ଇଞ୍ଜିନିୟର ଅମ୍ରିତ କୁମାର ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଅସିତ କୁମାରେ ପାଲ, ରାଜେଶ କୁମାର ଦାସ, କମଳାକାନ୍ତ ବେହେରା, ପ୍ରତିଭା ନାୟକ ଓ ଚାରୁଚନ୍ଦ୍ର ନାୟକ ଖେଳ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଅସୀମା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମହାବିଦ୍ୟାଳୟର ଅଧ୍ୟାପକ ଗୋପାଳ କୃଷ୍ଣ ମହାନ୍ତ ସ୍ୱାଗତ ଭାଷଣ ଓ ଅଧ୍ୟାପିକା ସରିତା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସଂସ୍କୃତ ସମ୍ମାନ ବିଭାଗର ଛାତ୍ର ମନୋଜ କୁମାର ସେଠୀ ୨୦୧୯ ଫାଇନାଲ ପରୀକ୍ଷାରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଟପ୍ପର ହୋଇଥିବାରୁ ତାଙ୍କୁ ମାନପତ୍ର ଦେଇ ମହାବିଦ୍ୟାଳୟ ପକ୍ଷରୁ ସମ୍ମାନିତ କରାଯାଇଥିଲା।




ଫାଇନାଲ ଖେଳରେ ଅଂଶ ଗ୍ରହଣ କରିଥିବା ଖେଳାଳି ଓ ଅତିଥିମାନେ ।

# ସ୍ୱଚ୍ଛତା ହିଁ ସେବା ସଚେତନତା ପଦଯାତ୍ରା

ଖୁଣ୍ଟା,୨।୧୦(ଡି.ଏନ୍.ଏ.)

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ବୁଧବାର ଗୋପବନ୍ଧୁନଗର ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ମନୋଜ କୁମାର ବେହେରାଙ୍କ ନେତୃତ୍ୱରେ ପଦଯାତ୍ରାକାରୀମାନେ ହାତରେ ବ୍ୟାନର ଓ ପ୍ଲାକାର୍ଡ ଧରି ଗୋପବନ୍ଧୁନଗର ବ୍ଲକ କାର୍ଯ୍ୟାଳୟରୁ ବାହାରି ଥିଲେ। ଏହି ପଦଯାତ୍ରା ଖୁଣ୍ଟା ମୁଖ୍ୟ ବଜାର ପୁରୁଣା ପାଣି ଛକଠାରୁ ବଙ୍ଗଳା ଛକ ପର୍ଯ୍ୟନ୍ତ ଯାଇଥିଲା। ବଜାରରେ ଦୋକାନୀମାନଙ୍କୁ ପଲିଥିନ ବ୍ୟବହାର ନ କରିବା ପାଇଁ ସଚେତନ କରିଥିଲେ। ରାସ୍ତା ଓ ହାଟସ୍ଥଳୀରେ ପଡିଥିବା ପ୍ଲାଷ୍ଟିକ ବୋତଲ ଓ ଆବର୍ଜନାଗୁଡିକୁ ସଫେଇ କରି ଆବର୍ଜନା କୁଣ୍ଡରେ ପକାଇଥିଲେ। ଏହି ପଦଯାତ୍ରାରେ ବ୍ଲକ କର୍ମଚାରୀ, ଜଳ ଓ ପରିମଳ ବିଭାଗର କର୍ମଚାରୀ, ସ୍ଥାନୀୟ ବଣିକ ସଂଘ , ସ୍ୱେଚ୍ଛାସେବୀ ସଂଗଠନ ଓ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ ।

# ଗାନ୍ଧୀ ଜୟନ୍ତୀରେ ସଫେଇ କଲେ ଛାତ୍ରୀ

ବାରିପଦା ଅଫିସ,୨।୧୦

ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଶାମାଖୁଣ୍ଟାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ବେତନଟୀ ବ୍ଲକର ସରକାରୀ ବାଳିକା ବିଦ୍ୟାଳୟ, ଶାଳବଣୀ ସାମିଲ ନଣ୍ଡାଶୋଳ ପରିସରରେ ପ୍ଲାଷ୍ଟିକ ହଟାଅ-ଦେଶ ବଞ୍ଚାଅ ଶୀର୍ଷକରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ସଫେଇ କାର୍ଯ୍ୟକ୍ରମ କରିଥିଲେ। ପରେ ବୃକ୍ଷରୋପଣ ସହିତ ପ୍ରବନ୍ଧ, ଚିତ୍ରକଳା, ବକ୍ତୃତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃଷି ବିଜ୍ଞାନ କେନ୍ଦ୍ର-୧ର ମୁଖ୍ୟ ବୈଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ ଯୋଗଦେଇ ଛାତ୍ରୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରବୀର କୁମାର ବେହେରା, ଶିକ୍ଷକ ସର୍ବେଶ୍ୱର ଲେଙ୍କା, ପଦ୍ମଚରଣ ମହାନ୍ତ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଶେଷରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଉପଖଣ୍ଡ ମାନ୍ୟତା ଦାବି ଜୋର ଧରିଲା

ବଡ଼ସାହି,୨।୧୦(ସ୍ୱ.ପ୍ର)

ବେତନଟୀକୁ ସବଡିଭିଜନ ମାନ୍ୟତା ପ୍ରଦାନ ଲାଗି ଦାବି ଜୋର ଧରିଛି। ଏଥିନେଇ ବୁଧବାର ମାଣତ୍ରୀ ଶୈବପୀଠରେ ବଡ଼ସାହି-ବେତନଟୀ ବିକାଶ ମଞ୍ଚ ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ଉପଖଣ୍ଡ ସବ୍‌ଡ଼ିଭଜନ ମାନ୍ୟତା ପାଇଁ ସରକାରଙ୍କ ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ବେତନଟୀ ପାଇଁ ସରକାର ଯଥାଶୀଘ୍ର ଦୃଷ୍ଟି ଦେବା ଜରୁରୀ ବୋଲି କାର୍ଯ୍ୟକାରିଣୀ ବୈଠକରେ ମତପ୍ରକାଶ ପାଇଥିଲା। ମଞ୍ଚର ଆବାହକ ବରିଷ୍ଠ ଖବରଦାତା ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକକୁ ଅରୁଣ କୁମାର ଓତା ପରିଚାଳନା କରିଥିଲେ। ମନୋଜ କୁମାର ପଣ୍ଡା ସ୍ୱାଗତ ଅଭିଭାଷଣ ଓ ବୈଜ୍ଞାନିକ ଡ଼. ଜଗନ୍ନାଥ ପାତ୍ର ପୂର୍ବ ବୈଠକର ବିବରଣୀ ଉପସ୍ଥାପନ କରିଥିଲେ। ବଡ଼ସାହି ବିଧାୟକ ସନାତନ ବିଜୁଳି, ଜିଲାପରିଷଦ ସଦସ୍ୟ ବ୍ରଜମୋହନ ବେହେରା, କୈଳାସ ଚନ୍ଦ୍ର ଅଗ୍ରୱାଲ, ପ୍ରକାଶ କରମହାପାତ୍ର, ମନୋରଞ୍ଜନ ବଳ, ବିମଳେନ୍ଦୁ ମହାପାତ୍ର, ସଞ୍ଜୟ ମିଶ୍ର, ନୀଳାଦ୍ରି ବିହାରୀ ଦଣ୍ଡପାଟ, ସୀତାନାଥ ବେହେରା, ସଞ୍ଜିତ ଦାସ, ବୀରେନ୍ଦ୍ର କୁମାର ବେହେରା ଓ ରାମଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଯଥାଶୀଘ୍ର ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଯାଇ ଦାବି ଉପସ୍ଥାପନ କରିବେ ବୋଲି ସିଦ୍ଧାନ୍ତ ହୋଇଥିଲା। ଏଥିନେଇ ପ୍ରତିନିଧି ଦଳ କମିଟି ମଧ୍ୟ ଗଠିତ ହୋଇଥିଲା। ମାଣତ୍ରୀ ମନ୍ଦିରର ପରିଚ୍ଛା ପ୍ରଦୀପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରେଣ୍ଡ

# ପୂଜାରେ ଫ୍ୟାଶନ





ଶାରଦୀୟ ଦୁର୍ଗାପୂଜା ପାଇଁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି ପର୍ବ। ମା'ଙ୍କୁ ସ୍ୱାଗତ କରିବାକୁ ଚାରିଆଡେ ଚାଲିଛି ସଜବାଜ। ପୂଜାମଣ୍ଡପଗୁଡିକ ନିଜକୁ ପ୍ରସ୍ତୁତ କରିନେଇଥିବା ବେଳେ ଘରେ ଘରେ ମଧ ଦେଖିବାକୁ ମିଳିଛି ପାର୍ବଣର ମାହୋଲ। ପୂଜା ବଜାର ହୋଇଉଠିଛି ଚଳଚଞ୍ଚଳ। ପୂଜା ଶପିଂ ପାଇଁ ସମସ୍ତଙ୍କ ମଧରେ ଉତ୍ସାହ ଥିବାବେଳେ ଗଦା ଗଦା ଅଫର୍ ଲୋକଙ୍କୁ ଆକୃଷ୍ଟ କରୁଛି। ତେବେ ଚଳିତ ପୂଜାରେ ଟ୍ରେଣ୍ଡରେ ଥିବା କିଛି ଫ୍ୟାଶନକୁ ନେଇ ଆମର ସ୍ୱତନ୍ତ୍ର ଉପସ୍ଥାପନା।



## ନୂଆ ଡିଜାଇନରେ ଖଦି

ଫ୍ରିଡମ୍ ଫ୍ୟାବ୍ରିକ୍ କୁହାଯାଉଥିବା ଖଦି ଏବେ ନୂଆ ଡିଜାଇନ୍ ଓ ନୁଆ ପ୍ରିଣ୍ଟ ଯୋଗୁ ଯୁବପିଢୀଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଅତ୍ୟାଧୁନିକ ଡିଜାଇନ୍‌ରେ ପ୍ରସ୍ତୁତ ଖଦି ବସ୍ତ୍ର ଏବେ ମିଲେନିଆଲ ଟ୍ରେଣ୍ଡ୍‌ରେ ପରିଣତ ହୋଇଛି। ସେହିଭଳି ଡିଜିଟାଲ ପ୍ରିଣ୍ଟ ଖଦିକୁ ପୁଣିଥରେ ଲୋକପ୍ରିୟ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହାବ୍ୟତୀତ ସଷ୍ଟେନେବୁଲ ଫ୍ୟାଶନ କ୍ଷେତ୍ରରେ ଖଦି ଏକ ଗୁରୁତ୍ୱପୂର୍ଣ୍ଣ ଫ୍ୟାବ୍ରିକ୍ ହୋଇଥିବାରୁ ଡିଜାଇନର୍‌ମାନେ ଖଦିକୁ ଅଧିକ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି। ଫଙ୍କି ସାର୍ଟ, ଗ୍ରାଫିକ୍ ପ୍ୟାଣ୍ଟସୁଟ୍, ଅନାରକଲି ସୁଟ୍, ଟ୍ୟୁନିକ୍ସ ଭଳି ନୂଆ ଖଦି ଫ୍ୟାଶନ ପୂଜା ଫ୍ୟାଶନରେ ସାମିଲ ହୋଇଛି। ଖଦି ଓ ଗ୍ରାମ୍ୟୋଦ୍ୟୋଗ ଆୟୋଗ ପକ୍ଷରୁ ୟୁନିଟ-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆଠାରେ ଚାଲିଥିବା ରାଜ୍ୟସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ 'ଖଦିବଜାର ୨୦୧୯'ରେ ଏଭଳି ଏକାଧିକ ଅପସନ୍ ରହିଛି।

## ଟ୍ରାଡିଶନାଲ ଡ୍ରେସ୍

ଫ୍ୟାସନ କ୍ଷେତ୍ରରେ ସର୍ବଦା ଅପ୍-ଟୁ-ଡେଟ୍ ରହୁଥିବା ଯୁବତୀମାନେ ଏହି ପୂଜାରେ ପାରମ୍ପରିକ ପୋଷାକ ପରିଧାନ ଉପରେ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳିଛି। ପୂଜାରେ ଟ୍ରାଡିସନାଲ ଲୁକ୍ସରେ ସମସ୍ତେ ନିଜକୁ ସଜାଇବାକୁ ଚାହୁଁଥିବା ବେଳେ ପୂଜା ବଜାରରେ ଟ୍ରାଡିସନାଲ ୱେୟାରର ଅଧିକ ଡିମାଣ୍ଡ ରହିଛି। ପାରମ୍ପରିକ ଶାଢୀ ଏବଂ ସାଲୱାର ସୁଟ୍ ଏବେବି ସମସ୍ତଙ୍କ ପ୍ରଥମ ପସନ୍ଦ ରହିଛି। ତେବେ ଚଳିତ ପୂଜାରେ ବଜାରକୁ ଆସିଥିବା ନୂଆ ଫେଷ୍ଟିଭ୍ କଲେକ୍ସନ ଗ୍ରାହକଙ୍କ ଦୃଷ୍ଟି ଆକର୍ଷଣ କରିଛି। ବିଶେଷକରି ସର୍କୁଲାର ଅନାରକଲି, ଟ୍ରି ଟ୍ରଙ୍କ୍ ଅନାରକଲି, କ୍ରପ୍ ଟପ୍ ଓ ଟ୍ୟୁନିକ୍ସ, ସରାରା, ଷ୍ଟ୍ରେଟ୍ କୁର୍ତ୍ତା ଏଥର ଟ୍ରେଣ୍ଡରେ ଥିବାବେଳେ ରଫଲ୍‌ଡ ଶାଢୀ, ଇଣ୍ଡୋ-ୱେଷ୍ଟର୍ନ ଲେହେଙ୍ଗା, କ୍ରପ୍ ଟପ୍ ସହ ମ୍ୟାକ୍ସି ସ୍କର୍ଟ, ଏଥିନିକ୍ ଗାଉନ୍ ନୂଆ ନୂଆ ପୂଜା ଫ୍ୟାଶନରେ ସାମିଲ ହୋଇଛି। ତେବେ ର' ସିଲ୍କ, ଚାଇନା ସିଲ୍କ, ଟସର, ଅର୍ଗାଞ୍ଜା, ଜର୍ଜେଟ୍, ନେଟ୍ ଏବଂ ସାଟିନ୍ ଭଳି ହାଲ୍‌କା ଫ୍ୟାବ୍ରିକ୍‌ର ଅଧିକ ଡିମାଣ୍ଡ ରହୁଛି। କିଛିଦିନ ଧରି ଡାଉନ୍‌ମାର୍କେଟ୍ ହୋଇଯାଇଥିବା ଅନାରକଲି ଏଥର ପୁଣିଥରେ ନୂଆ ରୂପରେ ବାଜରକୁ ଆସିଛି। ସର୍କୁଲାର ଅନାରକଲି, ଟ୍ରି ଟ୍ରଙ୍କ୍ ଅନାରକଲି ଭଳି ନୂଆ ଡିଜାଇନ୍ ବଡ଼ ବଡ଼ ଡିଜାଇନରଙ୍କ କଲେକ୍ସନରେ ଦେଖିବାକୁ ମିଳିଛି। ମିକ୍ସଡ୍ ଆଣ୍ଡ୍ ମ୍ୟାଚ୍ ଫ୍ୟାଶନ ଏବେକାର ସମୟରେ ସବୁଠାରୁ ଲୋକପ୍ରିୟ ଟ୍ରେଣ୍ଡ୍ ହୋଇଥିବା ବେଳେ ୱେଷ୍ଟର୍ନକୁ ଟ୍ରାଡିଶନାଲ ସହ ମିଶାଇ ପିନ୍ଧିବାକୁ ଅଧିକାଂଶ ପସନ୍ଦ କରୁଛନ୍ତି। ଟ୍ୟୁନିକ୍ସ ସହ ଟେଲ୍‌ରଡ ପ୍ୟାଣ୍ଟ, କ୍ରପ୍ ଟପ୍ ଏବଂ ମ୍ୟାକ୍ସି ସ୍କର୍ଟ ଏହାର ଏକ ଭଲ ଉଦହରଣ ବୋଲି କୁହାଯାଇପାରେ। ସେହିଭଳି ଟ୍ରାଡିଶନାଲ ପୋଷାକ ସହ ୱେଷ୍ଟର୍ନ ବା ଷ୍ଟେଟ୍‌ମେଣ୍ଟ ଜୁଏଲାରୀ ଏବଂ ୱେଷ୍ଟର୍ନ ପୋଷାକ ସହ ପାରମ୍ପରିକ ଜୁଏଲାରୀର ବିଶେଷ ଚାହିଦା ରହିଛି।

## ମେନ୍ସ ଫ୍ୟାଶନରେ କୁର୍ତ୍ତା ପାଇଜାମା

ପୂଜାରେ କେବଳ ୱିମେନ ଫ୍ୟାଶନ ନୁହେଁ, ମେନ୍ ଫ୍ୟାଶନର ମଧ ଡିମାଣ୍ଡ ରହିଥାଏ। ଆଜିକାଲିର ଯୁବପିଢ଼ୀ ନିଜକୁ ସବୁବେଳେ ଡିଫରେଣ୍ଟ ଲୁକ୍‌ରେ ଦେଖିବାକୁ ଚାହାନ୍ତି। ପୂଜା ସମୟ ଆସିଲେ ମେନ୍ ଫ୍ୟାଶନ ଟ୍ରେଣ୍ଡ୍‌କୁ ଫଲୋ କରନ୍ତି। ଏଥର ଦଶହରାରେ ପୁଅମାନଙ୍କ ପାଇଁ ଲାଇନେନ୍, ସିଲ୍କ, ବ୍ରୋକେଡ୍, କଟନ ଜୁଟ୍ ଏବଂ କଟନ ସିଲ୍କ ଭଳି ଫ୍ୟାବ୍ରିକର ବେଶୀ ଲୋକପ୍ରିୟତା ରହିଛି। ତେବେ ପୁଜାରେ ଏଥନିକ୍ ପିନ୍ଧିବାକୁ ପସନ୍ଦ କରନ୍ତି। ଟ୍ରାଡିସନାଲ କୁର୍ତ୍ତା ସହିତ ପାଇଜାମାର ଡିମାଣ୍ଡ ବହୁତ ରହିଛି। ରେଡ୍, ଅରେଞ୍ଜ, ବ୍ଲୁ ଓ ୟେଲୋ ରଙ୍ଗର କୁର୍ତ୍ତା ପିନ୍ଧିଲେ ଅଧିକ ଫ୍ୟାସନେବୁଲ ଲାଗନ୍ତି। ସେହିଭଳି ବ୍ରାଇଟ କଲର ଆଉଟଫିଟ୍‌ରେ ଡିଫରେଣ୍ଟ କଲର ଦୁପଟା ବର୍ତ୍ତମାନ ଆଉ ଏକ ଟ୍ରେଣ୍ଡ ଚାଲିଛି। ବସ୍ତ୍ର ପରିଧାନରେ ଧୋତିର ପରମ୍ପରା ବହୁ ଆଗରୁ ରହିଆସିଛି। କିନ୍ତୁ ଧୋତି ସହିତ ଏକ ୱେଷ୍ଟ କୋର୍ଟ ପିନ୍ଧିଲେ ଏହା ମର୍ଡନ ଓ ଷ୍ଟାଇଲିସ୍ ଦେବ।

– ଫଟୋ: ବିକାଶ

## ଖାଦ୍ୟ ରୁଚି

### ଚାଇନିଜ୍ ଡିଶ୍

# ସାନ୍ତନା ସ୍ପେଶାଲ ଚିକେନ୍ ମ୍ୟାଜେଷ୍ଟିକ୍



ପର୍ଯ୍ୟଟନ ସହର ପୁରୀ। ପ୍ରତିଦିନ ଦେଶବିଦେଶର ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ପର୍ଯ୍ୟଟନ କ୍ଷେତ୍ରରେ ଆତିଥେୟତା ସହ ରୁଚିପୂର୍ଣ୍ଣ ଖାଦ୍ୟର ସମ୍ପର୍କ ବେଶ୍ ଗୁରୁତ୍ୱ ବହନ କରେ। ଏହାକୁ ଦୃଷ୍ଟିରେ ରଖି ପୁରୀ ସହରରେ ଥିବା ହୋଟେଲ, ରେଷ୍ଟୁରାଣ୍ଟରେ ବିଭିନ୍ନ ପ୍ରକାର ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ। ବିଶେଷକରି ଆମିଷପ୍ରିୟ ବ୍ୟକ୍ତିଙ୍କ ପାଇଁ ସୁସ୍ୱାଦୁ ଡିଶ୍‌କୁ ପ୍ରାଥମିକତା ଦେଇଥାନ୍ତି ହୋଟେଲ ଏବଂ ରେଷ୍ଟୁରାଣ୍ଟର ମାଲିକ। ସିଟିରୋଡସ୍ଥିତ ହୋଟେଲ ସାନ୍ତନା ମଧ ଗ୍ରାହକଙ୍କ ଚାହିଦାକୁ ଦେଖି ନୂଆ ନୂଆ ଡିଶ୍ ପ୍ରସ୍ତୁତ କରୁଛି। ଏଠାରେ ଉଭୟ ଆମିଷ ଓ ନିରାମିଷ ଖାଦ୍ୟ ପ୍ରସ୍ତୁତ କରାଯାଇ ଗ୍ରାହକଙ୍କୁ ପରଷି ଦିଆଯାଏ। ଏହି ହୋଟେଲକୁ ଜାପାନର ପର୍ଯ୍ୟଟକ ଅଧିକ ଆସିଥାନ୍ତି। ତେଣୁ ସେମାନଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ଏଠାରେ ସାନ୍ତନା ସ୍ପେଶାଲ ଚିକେନ୍ ମ୍ୟାଜେଷ୍ଟିକ ଡିଶ୍ ପ୍ରସ୍ତୁତ କରିଥାଏ। ଏହି ଚାଇନିଜ୍ ଡିଶ୍‌ର ଗୋଟିଏ ପ୍ଲେଟ୍ ଦାମ୍ ରହିଛି ୨୨୦ ଟଙ୍କା। ଏହାର ପ୍ରସ୍ତୁତି ସମ୍ପର୍କରେ ହୋଟେଲର ମୁଖ୍ୟ ଶେଫ୍ ପ୍ରମୋଦ କୁମାର ସାହୁ କୁହନ୍ତି...

### ଆବଶ୍ୟକ ସାମଗ୍ରୀ

- ବୋନଲେସ୍ ଚିକେନ୍: ୨୦୦ ଗ୍ରାମ୍
- ରିଫାଇନ୍ ତେଲ: ୨୦୦ ଗ୍ରାମ୍
- ଅଣ୍ଡା: ୧ଟା
- ମଇଦା: ୫୦ଗ୍ରାମ୍
- ମକା ପାଉଡ଼ର: ୫୦ ଗ୍ରାମ୍
- ଚାଇନା ସଲ୍ଟ: ୫ ଗ୍ରାମ୍
- ଅଦା ଚପ୍-୨୦ଗ୍ରାମ୍
- ରସୁଣ ଚପ୍: ୨୦ଗ୍ରାମ୍
- ଶୁଖିଲା ଲଙ୍କା: ୫ଟା
- ଭୃସଙ୍ଗ ପତ୍ର: ୭ଟି
- ପିଆଜ ସ୍ଲାଇସ୍: ୧୦୦ ଗ୍ରାମ୍
- ଟମାଟୋ ସସ୍: ୫୦ ଗ୍ରାମ୍
- ସୋୟା ସସ୍: ୫ ଗ୍ରାମ୍
- ଚିଲି/ଗାର୍ଲିକ ସସ୍: ୫୦ ଗ୍ରାମ୍
- ଅଦା ପେଷ୍ଟ: ୨୫ ଗ୍ରାମ୍
- ରସୁଣ ପେଷ୍ଟ: ୨୫ ଗ୍ରାମ୍
- ସ୍ୱାଦ ଅନୁଯାୟୀ ଲୁଣ

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିକେନକୁ ଭଲ ଭାବେ ଧୋଇ ସରୁ ସରୁ କରି ଫିଙ୍ଗର ଷ୍ଟିକ୍ ଭଳି କାଟନ୍ତୁ। ଏହାକୁ ଏକ ପାତ୍ରରେ ରଖନ୍ତୁ। ଅଣ୍ଡା ଭାଙ୍ଗି ସେଥିରେ ମକା ପାଉଡ଼ର, ମଇଦା, ଚାଇନା ସଲ୍ଟ, ଅଦା ପେଷ୍ଟ, ରସୁଣ ପେଷ୍ଟ ଓ ସ୍ୱାଦ ଅନୁଯାୟୀ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ନିଆଁରେ କଡାଇ ବସାଇ ତେଲ ପକାନ୍ତୁ। ତେଲ ଗରମ ହେଲା ପରେ ଚିକେନକୁ ଲମ୍ବା ଲମ୍ବା କରି ଛାଣନ୍ତୁ। ଛଣା ସରିବା ପରେ ଅନ୍ୟ ଏକ କଡ଼ାଇ ବସାଇ ସେଥିରେ ଦୁଇ ଚାମଚ ତେଲ ପକାନ୍ତୁ। ତେଲ ଗରମ ହେଲା ପରେ ସେଥିରେ ଶୁଖିଲା ଲଙ୍କା, ରସୁଣ ଚପ୍, ଅଦା ଚପ୍, ଭୃସଙ୍ଗ ପତ୍ର ଏବଂ ଲମ୍ବା ଲମ୍ବା କଟାଯାଇଥିବା ପିଆଜକୁ ଏକାସାଙ୍ଗରେ ପକାଇ ୨ ମିନିଟ୍ ଭାଜନ୍ତୁ। ପରେ ଏଥିରେ ଟମାଟୋ ସସ୍, ଚିଲି/ଗାର୍ଲିକ ସସ୍, ସୋୟା ସସ୍ ପକାଇ ଦୁଇ ଚାମଚ ପାଣି ଦିଅନ୍ତୁ। ସେଥିରେ ଛଣା ଯାଇଥିବା ଚିକେନ୍‌କୁ ପକାଇ ଦିଅନ୍ତୁ। ଏହାପରେ ଚାଇନା ସଲ୍ଟ ଏବଂ ସ୍ୱାଦ ଅନୁଯାୟୀ ଲୁଣ ପକାଇ ଦୁଇମିନିଟ୍ ଭାଜନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ସାନ୍ତନା ସ୍ପେଶାଲ ଚିକେନ୍ ମ୍ୟାଜେଷ୍ଟିକ୍।



ମୁଖ୍ୟ ଶେଫ୍ ପ୍ରମୋଦ କୁମାର ସାହୁ

ରିପୋର୍ଟ: ହେମନ୍ତ ନାୟକ
ଫଟୋ: ଯଜ୍ଞେଶ୍ୱର ମହାନ୍ତି

## ମୋ ଅନୁଭୂତି

ନୟାଗଡ଼ରେ ସମ୍ବଙ୍କର ଜନ୍ମ। ପିତା ସୁରେନ୍ଦ୍ରନାଥ ଓ ମା' କାବେରୀ ସ୍ୱାଇଁଙ୍କ ପୁଅ ସମ୍ବ ଏବେ ଟ୍ରେଣ୍ଡିଂ ଷ୍ଟାର୍ ଭାବେ ପରିଚିତ। ନଜଦିକିୟାଁ, ଫଗୁଣ, ଏ ମନ ମୋ ମନଠାରୁ ଆରମ୍ଭ କରି ଅନେକ ମ୍ୟୁଜିକ ଭଡିଓରେ ଦେଖିବାକୁ ମିଳିଛି। ଏହାଛଡ଼ା ସେ ମଧ ଅଭିନୟ କରିଛନ୍ତି। ଏବେ ଏକ ନାୟକ ଭାବେ ତାଙ୍କୁ ଦୁଇଟି ଓଡ଼ିଆ ଚଳଚ୍ଚିତ୍ରରେ ବଡ଼ ବ୍ୟାନରରେ ପ୍ରସ୍ତୁତ ହେଉଥିବା 'ଆସିକ ସରେଣ୍ଡର ହେଲା' ଚଳଚ୍ଚିତ୍ରରେ ସମ୍ବ ହେଉଛନ୍ତି ମୁଖ୍ୟ ନାୟକ। ତାଙ୍କ ଅନୁଭୂତିରୁ କିଛି..

# ଆତ୍ମବିଶ୍ୱାସ ବଢ଼ାଇଦିଏ ଗିଫ୍ଟ ଶାର୍ଟ



ସମ୍ବ

୨୦୧୨ ମସିହାରେ ମନୋରଞ୍ଜନ ଦୁନିଆ ସହିତ ଯୋଡ଼ି ହୋଇଥିଲି। ହେଲେ ଏହା କେମିତି ହୋଇଥିଲା ତାହା ନିଜେ ବି ଜାଣିନି। ପିଲାବେଳୁ ଅଭିନୟ କରିବାର ଇଚ୍ଛା ଥିଲା ହେଲେ ଭାବି ନ ଥିଲି ଯେ ଦିନେ ସତକୁ ସତ ଏଥିରେ ମୋ କ୍ୟାରିୟର କରିବି ବୋଲି। ମ୍ୟୁଜିକ ଭଡିଓ ଯୋଗୁ ଅନେକ ପ୍ରଶଂସା ଓ ପରିଚୟ ପାଇଛି। ଗତ ବର୍ଷର କଥା। ମୋର ଜଣେ ସାଙ୍ଗ ଆଉ ମୁଁ ଭୁବନେଶ୍ୱରର ଏକ ଶପିଂ ମଲ୍‌କୁ ଯାଇଥାଉ। ଗାଡ଼ି ପାର୍କିଂ କରିବା ବେଳେ ଦୁଇ ଜଣ ଝିଅ ଆମକୁ ଦେଖୁଛନ୍ତି ବୋଲି ସନ୍ଦେହ ହୋଇଥିଲା। ଏକଥା ଚିନ୍ତା ନ କରି ଶପିଂ ମଲ୍ ଭିତରକୁ ଚାଲିଯାଇଥିଲୁ। ଶପିଂ କରୁଥିବା ବେଳେ ବି ସେମାନେ ଆମକୁ ଦେଖୁଥାନ୍ତି। ଯେହେତୁ ମୁଁ କିଛି ମ୍ୟୁଜିକ ଭିଡିଓରେ ଅଭିନୟ କରିଛି ଏଣୁ ସେମାନେ ମୋତେ ୟୁଟ୍ୟୁବ କିମ୍ବା ଟିଭିରେ ଦେଖିଥିବେ ବୋଲି ମୁଁ ଭାବୁଥାଏ। ସେଇଆ ବି ହେଲା, କିଛି ସମୟ ପରେ ସେମାନେ ସାହସ କରି ମୋ ସହ କଥା ହେଲେ ଓ ସେଲ୍‌ଫି ବି ନେଲେ। ସବୁଠାରୁ ମୁଖ୍ୟ କଥା ଏହା ଯେ, ମୁଁ ଯେଉଁ ଶାର୍ଟଟି ପସନ୍ଦ କରି ଧରି ଥିଲି ସେମାନେ କିଣି କରି ମୋତେ ଗିଫ୍ଟ ଭାବେ ଦେଇଥିଲେ। ବହୁତ ମନା କରିବା ପରେ ବି ସେମାନେ ମୋ ଫ୍ୟାନ୍ ବୋଲି କହି ଗିଫ୍ଟଟି ନେବାକୁ ବାଧ କରିଥିଲେ। ସେହି ଶାର୍ଟକୁ ମୁଁ ବହୁତ କମ୍ ପିନ୍ଧେ, ହେଲେ ଯେବେ ବି ପିନ୍ଧେ ନିଜ ଭିତରେ ଆତ୍ମବିଶ୍ୱାସ ଭରିଯାଏ। ମୋ କାମକୁ କେହି ପସନ୍ଦ କରନ୍ତି ଓ ମୋତେ ବହୁତ ଆଗକୁ ଯିବାକୁ ହେବ ବୋଲି ଉକ୍ତ ଗିଫ୍ଟ ଶାର୍ଟଟି ମନେ ପକାଇଦିଏ। ଏପରି ଘଟଣା ବି ଘଟିଛି ଉକ୍ତ ଦୁଇ ଯୁବତୀ ଯେଉଁ କଲେଜରେ ଅଧାପକ ଅଛନ୍ତି ସେଠାକୁ ମୁଁ ଅତିଥି ହୋଇ ଯାଇଛି। ସେହି ଉତ୍ସବକୁ ମଧ ସେମାନେ ଗିଫ୍ଟ ଦେଇଥିବା ଶାର୍ଟଟି ପିନ୍ଧିକରି ଯାଇଥିଲି।

– କୁମାରଶ୍ରୀ ସାହୁ

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com



ଆଦିତ୍ୟ



ସତ୍ୟ



ନରେଶ



ଦୁର୍ଯ୍ୟୋଧନ



ଦୀପ୍ତି



ଜ୍ୟୋତିପ୍ରକାଶ



ରାଜ



ରଶ୍ମି

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

## ସଂକ୍ଷେପରେ

### ଶତପ୍ରତିଶତ ଓଡିଏଫ୍ ଅଭିମୁଖେ ଓଡ଼ିଶା

**ଭୁବନେଶ୍ୱର,୨।୧୦(ଆଇଏଏନ୍‌ଏସ୍):** ଓଡ଼ିଶା ଶତ ପ୍ରତିଶତ ବାହ୍ୟ ମଳ ମୂତ୍ର ତ୍ୟାଗମୁକ୍ତ(ଓଡିଏଫ୍) ରାଜ୍ୟ ହେବାକୁ ଯାଉଛି। ସ୍ୱଚ୍ଛଭାରତ ମିଶନ ୱେବ୍‌ସାଇଟ୍‌ରେ ଉପଲବ୍ଧ ତଥ୍ୟ ଅନୁଯାୟୀ, ରାଜ୍ୟରେ ୨୦୧୪ ଅକ୍ଟୋବର ୨ ପରଠାରୁ ୬୬,୮୩,୧୪୮ ଶୌଚାଳୟ ନିର୍ମାଣ ହୋଇସାରିଛି। ଘର ସହ ଶୌଚାଳୟ ନିର୍ମାଣରେ ଏହା ୮୬.୨୨ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ଚଳିତ ଆର୍ଥିକ ବର୍ଷ(୨୦୧୯-୨୦)ରେ ରାଜ୍ୟରେ ୯,୩୪,୪୦୬ ଶୌଚାଳୟ ନିର୍ମାଣ କରାଯାଇଛି। ୬୮୦୧ ଗ୍ରାମ ପଞ୍ଚାୟତ ଅଧୀନରେ ଆସୁଥିବା ୪୬,୭୮୫ ଗାଁକୁ ଓଡିଏଫ୍‌ଭାବେ ଘୋଷିତ କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୧୪ରେ ଶୌଚାଳୟ ୧୩.୭୫ ପ୍ରତିଶତ ଥିଲା। ୨୦୧୫-୧୬ରେ ଏହା ୩୨.୩୭, ୨୦୧୬-୧୭ରେ ୪୮.୭୩ ଏବଂ ୨୦୧୭-୧୮ରେ ୫୯.୩୧ ପ୍ରତିଶତ ହୋଇଥିଲା। ୨୦୧୮-୧୯ରେ ଏହା ୮୭.୮୬ ପହଞ୍ଚିବା ସହ ଚଳିତ ଆର୍ଥିକ ବର୍ଷରେ ଶତପ୍ରତିଶତ ଓଡିଏଫ୍ ହେବାକୁ ଯାଉଥିବା ଜଣାପଡିଛି।

### ୧୨ ଜିଲାରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨।୧୦(ବ୍ୟୁରୋ):** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୨ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ସେହି ଜିଲାଗୁଡିକ ହେଲା ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ଗଜପତି, ରାୟଗଡା ଏବଂ ନୟାଗଡ । ଏହି ସବୁ ଜିଲାପାଇଁ ପାଣିପାଗ ବିଭାଗ ଏଲୋ ୱାର୍ଣ୍ଣିଂ ଜାରି କରିଛି। ଆସନ୍ତା ୪ ତାରିଖରେ ଉପକୂଳ ଓଡିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଢେଙ୍କାନାଳ, ଯାଜପୁର, ଭଦ୍ରକ, କେନ୍ଦ୍ରପଡା, କଟକ, ଖୋର୍ଦ୍ଧା, କନ୍ଧମାଳ ଏବଂ ଗଞ୍ଜାମ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡଘଡି ସହ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବାସୂଚନା ଅନୁଯାୟୀ ବୁଧବାର ରାଜ୍ୟର କାଁ ଭାଁ ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହୋଇଛି। ବାଲେଶ୍ୱରରେ ୪.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱର ୧୨.୮ ଏବଂ ସମ୍ବଲପୁରରେ ୨୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

### ଗାନ୍ଧୀ ଜୟନ୍ତୀରେ ୭ କଏଦୀ ମୁକୁଳିଲେ

**ଭୁବନେଶ୍ୱର, ୨।୧୦ (ବ୍ୟୁରୋ)/ କେନ୍ଦୁଝର (ସ୍ୱ.ପ୍ର.):** ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ବୁଧବାର ରାଜ୍ୟର ୩ ଜେଲରୁ ୭ଜଣ କଏଦୀ ମୁକୁଳିଛନ୍ତି। ଏମାନଙ୍କ ମଧ୍ୟରୁ ଚୌଦ୍ୱାର ଜେଲ୍‌ରୁ ଜଣେ, କେନ୍ଦୁଝର ଜେଲ୍‌ରୁ ୫ଜଣ ଓ ଝାରସୁଗୁଡା ଜେଲରୁ ଜଣେ କଏଦୀ ରହିଛନ୍ତି। ଦୋଷୀସାବ୍ୟସ୍ତ ହୋଇ ସଜା କାଟୁଥିବା ଏହି କଏଦୀଙ୍କ ଉତ୍ତମ ବ୍ୟବହାର ଯୋଗୁ ରାଜ୍ୟ ସରକାର ଦଣ୍ଡାଦେଶ ହ୍ରାସ କରିବା ସହ ସେମାନଙ୍କୁ ମୁକ୍ତି ଦେଇଛନ୍ତି। ଚୌଦ୍ୱାର ଜେଲ୍‌ରୁ ମୁକ୍ତ ହୋଇଥିବା କଏଦୀ ହେଲେ ବିକ୍ରମ ରାଉତରାୟ ଓ ଝାରସୁଗୁଡା ଜେଲ୍‌ରୁ ମୁକୁଳିଛନ୍ତି ଭରତ ପ୍ରଧାନ। ସେହିଭଳି କେନ୍ଦୁଝର ଜେଲ୍‌ରୁ ବିଜୁ ଜୁଆଙ୍ଗ, ଡମ୍ବରୁଧର ନାୟକ, ଯଦୁମଣି ନାୟକ, ଦଳ ନାୟକ ଓ ଭାଇଗା ମୁଣ୍ଡା ବୋଲି ଜେଲ ଅଧୀକ୍ଷକ ଗରିବ ସାହୁ କହିଛନ୍ତି।

■ ଖଦି ବୋର୍ଡ ପକ୍ଷରୁ ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ

# ଓଡ଼ିଶାରୁ ପଡ଼ିଥିଲା ଖଦି ଆନ୍ଦୋଳନର ମୂଳଦୁଆ

**ଭୁବନେଶ୍ୱର, ୨।୧୦(ବ୍ୟୁରୋ)**

ଖଦି ଆନ୍ଦୋଳନର ମୂଳଦୁଆ ଓଡ଼ିଶାରୁ ପଡ଼ିଥିଲା। ଆନ୍ଦୋଳନକୁ ବ୍ୟାପକ କରିବାରେ ଓଡ଼ିଶାର ପ୍ରମୁଖ ଭୂମିକା ରହିଥିଲା। ଓଡ଼ିଶା ମୋତେ ଖଦି ଶିକ୍ଷା ଦେଇଥିବା ମହାତ୍ମା ଗାନ୍ଧୀ ନିଜେ ମୁକ୍ତକଣ୍ଠରେ ସ୍ୱୀକାର କରିଥିଲେ। ଓଡ଼ିଶାର ଘୋର ଦାରିଦ୍ର୍ୟ ତାଙ୍କୁ ଛୋଟ ଖଦି ପିନ୍ଧିବା ଶିଖାଇଥିଲା ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ଗ୍ରାମ ସ୍ୱରାଜ ନାମରେ ଖଦି ଆନ୍ଦୋଳନକୁ ସ୍ୱାଭିମାନ ଓ ଅହିଂସା ସୂତ୍ରରେ ଗୁନ୍ଥି ଗାନ୍ଧିଜୀ ଭାରତବାସୀଙ୍କ ମନରେ ଖଦି ପ୍ରତି ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ ବୋଲି କହିଛନ୍ତି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ। ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ପକ୍ଷରୁ ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ଆୟୋଜିତ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ସମାରୋହରେ ଯୋଗଦେଇ ପଟ୍ଟନାୟକ ଖଦି ସହ ଓଡ଼ିଶାର ସଂପୃକ୍ତି ବିଷୟରେ କହିଥିଲେ।

ଏହି ଅବସରରେ ଜଳ ସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ଖଦି କାର୍ଯ୍ୟକ୍ରମକୁ ଅଧିକ ଲୋକାଭିମୁଖୀ କରି ଗରିବ ବୁଣାକାରଙ୍କୁ ପ୍ରୋତ୍ସାହନ ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଖଦି କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ଦିଗରେ ବୋର୍ଡ ଆଗାମୀ ଦିନରେ କାର୍ଯ୍ୟ କରିବ ବୋଲି କହିଥିଲେ। ବିଶେଷକରି ଯୁବଗୋଷ୍ଠୀଙ୍କୁ ଖଦି ପ୍ରତି ଆକୃଷ୍ଟ କରିବା ପାଇଁ ବିଶେଷ ଧ୍ୟାନ ଦିଆଯିବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଉଠା ଜଳସେଚନ ନିଗମ ଅଧ୍ୟକ୍ଷ ଅମରେଶ ପତ୍ରୀ, ମତ୍ସ୍ୟ ଓ ଯାଆଁଳ ଉନ୍ନୟନ ନିଗମ ଅଧ୍ୟକ୍ଷ ଅସିତ୍ ପଟ୍ଟନାୟକ, କ୍ଷୁଦ୍ର ଶିଳ୍ପ ନିଗମ ଅଧ୍ୟକ୍ଷ ଚିନ୍ମୟ ସାହୁ, ମହିଳା ଓ ଶିଶୁ ବିକାଶ ବିଭାଗ ଉପଦେଷ୍ଟା ସୁଲତା ଦେଓ, ବୋର୍ଡ ସଦସ୍ୟ ରବି ଲାବଣ୍ୟ ଓ ସୌଭାଗ୍ୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସକାଳେ ଖଦି ବୋର୍ଡ କାର୍ଯ୍ୟାଳୟ ପରିସରରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ଖଦି ସୂତା ଓ ମାଲ୍ୟାର୍ପଣ କରାଯାଇଥିଲା। ବିଜୁ ଯୁବ ବାହିନୀର ପୂର୍ବତନ ଅଧ୍ୟକ୍ଷ ଅରୂପ ପଟ୍ଟନାୟକ, ସିୱାଇଏସ୍‌ଡି ସଦସ୍ୟ ସଚିବ ଜଗଦାନନ୍ଦ, ଓଡ଼ିଶା ରାଜ୍ୟ ପର୍ଯ୍ୟଟନ ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ମହିଳା ଶିଶୁ ବିକାଶ ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଉପଦେଷ୍ଟା ସୁଲୋଚନା ଦାସ ପ୍ରମୁଖ ଏଥିରେ ଯୋଗଦେଇଥିଲେ।

**ଯୁବଗୋଷ୍ଠୀଙ୍କୁ ଖଦି ପ୍ରତି ଆକର୍ଷିତ କରିବାକୁ ଗୁରୁତ୍ୱ**



ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ପକ୍ଷରୁ ଭଞ୍ଜ କଳା ମଣ୍ଡପରେ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଅନ୍ୟମାନେ।

କାର୍ଯ୍ୟରତ ପୋଲିସ ଏସ୍‌ଆଇଙ୍କୁ ଦୁର୍ବ୍ୟବହାର

# ବିଜେଡି ନେତା ଗିରଫ

**ବେଲପାହାଡ଼,୨।୧୦ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ରେ କାର୍ଯ୍ୟରତ ଜଣେ ପୋଲିସ ଏସ୍‌ଆଇଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ବେଲପାହାଡ଼ ଥାନା ପୋଲିସ ମଙ୍ଗଳବାର ରାତିରେ ବିଜେଡି ନେତା ତଥା ପୂର୍ବତନ ଟାଉନ ସଭାପତି ଶମ୍ଭୁ ମହାନ୍ତିଙ୍କୁ ଗିରଫ କରିଥିଲା। ବୁଧବାର ପୂର୍ବାହ୍ନରେ ପୋଲିସ ତାଙ୍କୁ ଜାମିନରେ ଛାଡ଼ି ଦେଇଛି। ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

ମିଳିଥିବା ସୂଚନା ଅନୁଯାୟୀ, ପୋଲିସ ଏସ୍‌ଆଇ ଅର୍ଜୁନ ଓରାମ ସୋମବାର ରାତିରେ ବେଲପାହାଡ଼ ଫାଟକ ନିକଟରେ କାର୍ଯ୍ୟରତ ଥିଲେ। ସେହି ସମୟରେ ବନ୍ଧବାହାଲ ପଟୁଆସୁଥିବା ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତିଙ୍କ ଗାଡ଼ିକୁ ସେ ଅଟକାଇ ସିଟ୍ ବେଲ୍ଟ ଲଗାଇବା ପାଇଁ କହିଥିଲେ। ଏହାର କିଛି ସମୟ ପରେ ଅର୍ଥାତ୍ ରାତି ପ୍ରାୟ ୯ଟା୧୫ମି. ସମୟରେ ବିଜେଡି ନେତା ଶମ୍ଭୁ ମହାନ୍ତି ଫାଟକରେ ପହଞ୍ଚି କର୍ତ୍ତବ୍ୟରତ ଏସ୍‌ଆଇ ଓରାମଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାପରେ ବି ଏସ୍‌ଆଇ ଓରାମ ଥାନାରେ ଏ ନେଇ କୌଣସି ଅଭିଯୋଗ କରି ନ ଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଏସ୍‌ଆଇଙ୍କୁ ଦୁର୍ବ୍ୟବହାର କରିବାର ଦୃଶ୍ୟ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା। ଘଟଣାକୁ ନେଇ ଉପରିସ୍ଥ ପୋଲିସ ଅଧିକାରୀଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଥିଲା। ରାତି ପ୍ରାୟ ୧୦ଟାରେ ଝାରସୁଗୁଡ଼ା ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି ଓ ବ୍ରଜରାଜନଗର ଏସ୍‌ଡିପିଓ ନୃପ ଚରଣ ଦଣ୍ଡସେନା ବେଲପାହାଡ଼ ଥାନାରେ ପହଞ୍ଚିଥିଲେ। ପରେ ପୋଲିସ ଅଭିଯୁକ୍ତ ଶମ୍ଭୁ ମହାନ୍ତିଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ଦୁର୍ବ୍ୟବହାରର ସମ୍ମୁଖୀନ ହୋଇଥିବା ଏସ୍‌ଆଇ ଓରାମ ନିଜ ଅଭିଯୋଗରେ ନେତା ଜଣକ ପ୍ରଭାବଶାଳୀ ହୋଇଥିବାରୁ ମୁଁ ଚିନ୍ତିତ ଥିଲି। ହେଲେ ସୋସିଆଲ ମିଡ଼ିଆରେ ଭିଡିଓ ଭାଇରାଲ ହେବାରୁ ଆତ୍ମସମ୍ମାନ ରକ୍ଷା ପାଇଁ ଅଭିଯୋଗ କରୁଛି ବୋଲି ଉଲ୍ଲେଖ କରିଛନ୍ତି। ମାତ୍ର ସେ ବିଧାୟକ କିଶୋର ମହାନ୍ତିଙ୍କ ନାମ ଅଭିଯୋଗରେ ଉଲ୍ଲେଖ କରିନାହାନ୍ତି। କେବଳ ତାଙ୍କୁ ସିଟ୍ ବେଲ୍ଟ ଲଗାଇବା ପାଇଁ କହିଥିବା ଉଲ୍ଲେଖ କରିଛନ୍ତି। ତାଙ୍କୁ ବିଜେଡି କର୍ମୀ ଜଣକ କେବଳ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଉଲ୍ଲେଖ କରିଛନ୍ତି। ଏସ୍‌ଆଇ ଓରାମଙ୍କ ଅଭିଯୋଗ ଆଧାରରେ ପୋଲିସ ଭାରତୀୟ ଦଣ୍ଡବିଧି ଆଇନର ୨ଟି ଜାମିନଯୋଗ୍ୟ ଧାରା ୩୫୩ ଓ ୨୯୪ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଫଳରେ ସେ ଥାନାରୁ ବେଲବଣ୍ଡରେ ଛାଡ଼ ପାଇଥିଲେ। ଏ ସମ୍ପର୍କରେ ବେଲପାହାଡ଼ ଥାନା ଆଇଆଇସି ରଶ୍ମିତା ବେହେରାଙ୍କୁ ପଚରାଯିବାରୁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି।

**ଜାମିନରେ ଛାଡ଼ିଲା ପୋଲିସ**

# ଗାନ୍ଧୀ ମନ୍ଦିରରେ ସ୍ୱତନ୍ତ୍ର ପୂଜା

■ ଭଜନ, କୀର୍ତ୍ତନରେ କମ୍ପିଲା ଭତରା

**ସମ୍ବଲପୁର,୨।୧୦(ବ୍ୟୁରୋ)**

ବୁଧବାର ଥିଲା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ। ଏହି ଅବସରରେ ସମ୍ବଲପୁର ମହାନଗର ନିଗମ ଅଧୀନ ଭତରାଠାରେ ଥିବା ଗାନ୍ଧୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଦିନ ତମାମ ଭଜନ କୀର୍ତ୍ତନ ଚାଲିଥିଲା। ଗାନ୍ଧୀ ମନ୍ଦିରରେ ପ୍ରଶାସନିକ ଅଧିକାରୀ, ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମକର୍ତ୍ତା, ବହୁ ଅନୁଷ୍ଠାନର ସଦସ୍ୟ, ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କ ସମାଗମ ହୋଇଥିଲା। ସଫେଇ କାର୍ଯ୍ୟକ୍ରମ, ବୃକ୍ଷରୋପଣ, ଚିତ୍ରାଙ୍କନ ପ୍ରତିଯୋଗିତା, ଭଜନ, ସର୍ବଧର୍ମ ପ୍ରାର୍ଥନା ସଭା, ପ୍ରଭାତଫେରୀ, ସାମୂହିକ ସଙ୍ଗୀତ, ପଦଯାତ୍ରା ଆଦି କାର୍ଯ୍ୟକ୍ରମ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଇଥିଲା। 'ରଘୁପତି ରାଘବ ରାଜାରାମ ପତିତପାବନ ସୀତାରାମ' ଭଜନରେ ମନ୍ଦିର ପରିବେଶ ମୁଖରିତ ହୋଇ ଉଠିଥିଲା। ମନ୍ଦିରର ପୂଜକ କାଳିଆ ବାଗ ପୂଜାର୍ଚ୍ଚନା କରିଥିଲେ। ଭୋର ୪ଟାରୁ ମନ୍ଦିର ଖୋଲା ଯାଇଥିଲା। ସକାଳ ୫ଟାରୁ ଗାନ୍ଧୀଙ୍କ ଦର୍ଶନ ପାଇଁ ଭିଡ ଜମିଥିଲା। ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ବିଭାଗର ଅଧିକାରୀ, ବରିଷ୍ଠ ନାଗରିକ, ସ୍କୁଲ କଲେଜ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପ୍ଲାଷ୍ଟିକ ଫ୍ରି, ପରିବେଶ ସଫା ସୁତୁରା ରଖିବା ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦିଲୀପ ଚନ୍ଦ୍ର ସାମନ୍ତରାୟ, ଜିଲା କ୍ରୀଡା ଅଧିକାରୀ ଉପେନ୍ଦ୍ର ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଗାନ୍ଧୀ ପାର୍କସ୍ଥିତ ପ୍ରତିମୂର୍ତ୍ତି ଓ ସମ୍ବଲପୁର ଗସ୍ତବେଳେ ମହାତ୍ମା ଗାନ୍ଧୀ ରହିଥିବା ସ୍ଥାନରେ ଜିଲା ପ୍ରଶାସନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା।



ଭତରା ଗାନ୍ଧୀ ମନ୍ଦିରରେ ପୂଜକ ପୂଜା କରୁଛନ୍ତି।

# 'ମୁଁ ସଫେଇବାଲା' ଅଭିଯାନ ଆରମ୍ଭ

**ଭୁବନେଶ୍ୱର, ୨।୧୦(ବ୍ୟୁରୋ)**

ପରିଚ୍ଛନ୍ନତା ଏକ ମାନସିକତା। ଆସନ୍ତୁ ଶପଥ ନେବା, ନିଜ ପରିବେଶ ଓ ସହରକୁ ସଫାସୁତୁରା ରଖିବା। ସ୍ୱଚ୍ଛତାରେ ସାମୂହିକ ପରିବର୍ତ୍ତନ ଆଣିବା ଲାଗି ଏମିତି ସ୍ଲୋଗାନ ସହ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଆରମ୍ଭ କରିଛି 'ମୁଁ ସଫେଇବାଲା' ଅଭିଯାନ। ବୁଧବାର ପୂର୍ବାହ୍ନରେ ଏହି ଅଭିଯାନକୁ ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସତ୍ୟନଗରଠାରେ ଆୟୋଜିତ ପ୍ରାଚୀର ଚିତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ରଙ୍ଗତୂଳୀ ଧରି ନିଜର ନାମ (ଏନ୍.ପି.)ଲେଖି ଏହାର ଉଦ୍‌ଘାଟନ କରିଥିଲେ। ଏଥିସହ ଅଭିଯାନର ମାସ୍କଟକୁ ମଧ ଲୋକାର୍ପଣ କରି ସହରକୁ ସ୍ୱଚ୍ଛ ରଖିବା ଲାଗି ସହରବାସୀଙ୍କୁ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ସ୍ୱଚ୍ଛତାକୁ ବ୍ୟବହାରିକ ପରିବର୍ତ୍ତନର ଧାରାରେ ପରିଣତ କରିବା ପାଇଁ ଉପସ୍ଥିତ ସମସ୍ତ ନାଗରିକଙ୍କୁ ଶପଥପାଠ କରାଯାଇଥିଲା। ୩ଶହ ଛାତ୍ରୀଛାତ୍ର ବିଭିନ୍ନ ପ୍ରକାରର ପ୍ରାଚୀର ଚିତ୍ର ଆଙ୍କି 'ମୁଁ ସଫେଇବାଲା କାର୍ଯ୍ୟକ୍ରମ'କୁ ଆକର୍ଷଣୀୟ ରୂପ ଦେଇଥିଲେ। ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ ରାଉତ, ବିଏମ୍‌ସି ପ୍ରଶାସକ ସଂଗ୍ରାମଜିତ୍ ନାୟକ, କମିଶନର ପ୍ରେମଚନ୍ଦ୍ର ଚୌଧାରୀ, ଅତିରିକ୍ତ କମିଶନର ଅବନୀ ପଟ୍ଟନାୟକ, ଡେପୁଟି କମିଶନର ଶୁଭେନ୍ଦୁ ସାହୁ, ଶ୍ୟାମସୁନ୍ଦର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ୟୁନିଟ୍-୩ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ ଅନ୍ୟ ଏକ କାର୍ଯ୍ୟକ୍ରମରେ ଭୁବନେଶ୍ୱରରେ ସ୍ୱଚ୍ଛତା ଆଣିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବିଏମ୍‌ସିର ୧୫୦ଜଣ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପରେ କାର୍ଡ ପ୍ରଦାନ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ, ଅଭିଯାନ ଆରମ୍ଭରୁ ସଫଳତା ପାଇଁ ବିଏମ୍‌ସି ପ୍ରାକ୍ ପ୍ରସ୍ତୁତି କାର୍ଯ୍ୟକ୍ରମର ଆୟୋଜନ କରିଥିଲା। ଗତ ୩୦ ତାରିଖରେ ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଆବାସିକ ସଂଘମାନଙ୍କୁ 'ମୁଁ ସଫେଇବାଲା' ଅଭିଯାନ ସଂକ୍ରାନ୍ତରେ ସଚେତନ କରାଯାଇଥିଲା। ପ୍ରାୟ ତିନିମାସ ଧରି ଲଗାତର ଭାବେ ଏହି ଅଭିଯାନ ଚାଲିବ। ୧୦ ନିୟମକୁ ଆଚରଣରେ ପରିବର୍ତ୍ତନ କରିପାରିଲେ ନିଶ୍ଚିତଭାବେ ଭୁବନେଶ୍ୱରର ବର୍ଜ୍ୟ ପରିଚାଳନାରେ ଉନ୍ନତି ଘଟିବ। ବିଶେଷକରି ଏହି ଅଭିଯାନରେ ଛୋଟପିଲାଙ୍କ ଦ୍ୱାରା ସଚେତନତା କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଥିବା ବିଏମ୍‌ସି ପକ୍ଷରୁ କୁହାଯାଇଛି।





ମୁଖ୍ୟମନ୍ତ୍ରୀ ରଙ୍ଗତୂଳୀ ଧରି ନିଜର ନାମ(ଏନ୍.ପି.) ଲେଖି ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି।

**ପ୍ରାଚୀରରେ ସ୍ୱଚ୍ଛତା ବାର୍ତ୍ତା**

- ■ମାସ୍କଟ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ
- ■୩ମାସ ଧରି ଚାଲିବ ସଚେତନତା କାର୍ଯ୍ୟକ୍ରମ
- ■ବିଏମ୍‌ସି ପକ୍ଷରୁ ୧୫୦ ସଫେଇ କର୍ମଚାରୀ ସମ୍ବର୍ଦ୍ଧିତ

# ଜମି ବିବାଦ ଜୀବନ ନେଲା: ବଡ଼ଭାଇ ଟାଙ୍ଗିଆ ଚୋଟରେ ସାନ ମୃତ

**କେନ୍ଦୁଝର, ୨।୧୦(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଦୈତାରି ଥାନା ଅନ୍ତର୍ଗତ ରେବଣା(ରାଘପୁର) ସାହିରେ ମଙ୍ଗଳବାର ଏକ ହତ୍ୟାକାଣ୍ଡ ଘଟିଛି। ଜମି ଭାଗବଣ୍ଟାକୁ କେନ୍ଦ୍ର କରି ବଡଭାଇଙ୍କ ଟାଙ୍ଗିଆ ଚୋଟରେ ସାନଭାଇଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖି ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ବଡଭାଇ ରେପ ମୁର୍ମୁ ଏକ ନୂଆ ଘର ତିଆରି କରିଥିଲେ। ସେହି ଘର ଭାଗବଣ୍ଟାକୁ ନେଇ ସାନଭାଇ କରଣ ମୁର୍ମୁ(୧୭)ଙ୍କ ସହିତ ତାଙ୍କର ବିବାଦ ଲାଗି ରହିଥିଲା। ମଙ୍ଗଳବାର ସନ୍ଧ୍ୟାରେ ରେପ ଘରକୁ କୁକୁଡ଼ା ଆଣିଥିଲେ। ରୋଷେଇ ପରେ ଦୁଇ ଭାଇ ଖାଇବାକୁ ବସିଥିଲେ। ଏହି ସମୟରେ ଘର ଭାଗବଣ୍ଟାକୁ ନେଇ ପାଟିତୁଣ୍ଡ ହୋଇଥିଲା। ରେପଙ୍କ ରାଗକୁ ଦେଖି କରଣ ଜମିରେ ଫସଲ ଜଗିବା ପାଇଁ ବାହାରି ପଡିଥିଲେ। ସାଙ୍ଗରେ ପଡୋଶୀ ରଘୁ ମାରାଣ୍ଡିଙ୍କୁ ନେବା ପାଇଁ କରଣ ତାଙ୍କ ଘରକୁ ଯାଇଥିଲେ। ଏଣେ ରେପ ଟାଙ୍ଗିଆ ଧରି କରଣଙ୍କୁ ଖୋଜି ଖୋଜି ରଘୁଙ୍କ ଘରେ ପହଞ୍ଚିଥିଲେ। ସେଠାରେ କରଣଙ୍କୁ ଦେଖି ପଛପଟୁ ତାଙ୍କ ମୁଣ୍ଡକୁ ଟାଙ୍ଗିଆରେ ଚୋଟ ପକାଇଥିଲେ। ଫଳରେ ଘଟଣାସ୍ଥଳରେ ହିଁ କରଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ସ୍ଥାନୀୟ ଲୋକେ ରେପଙ୍କ ଗୋଡ଼ହାତ ବାନ୍ଧି ଦୈତାରି ଥାନାକୁ ଖବର ଦେଇଥିଲେ। ପୋଲିସ ମୃତଦେହକୁ ଜବତ କରିବା ସହ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

# ଲୋକ ସଭା ନିର୍ବାଚନ ଲଢ଼ିବେ ନାହିଁ ଭକ୍ତ ଦାସ

**ଭବାନୀପାଟଣା,୨।୧୦(ଡି.ଏନ.ଏ.)**

ଆଉ ମୁଁ ଲୋକ ସଭା ନିର୍ବାଚନ ଲଢ଼ିବି ନାହିଁ। ବିଧାନସଭା ନିର୍ବାଚନ ଲଢ଼ିବା ପାଇଁ ଆଶାବାଦୀ ଅଛି। ଲୋକଙ୍କ ସମସ୍ୟା ସମାଧାନ ପାଇଁ ମୁଁ ସଂଗ୍ରାମ କରିବି ବୋଲି ପୂର୍ବତନ ଏମ୍‌ପି ଭକ୍ତଚରଣ ଦାସ କହିଛନ୍ତି । ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଲେ, ପଶ୍ଚିମ ଓଡିଶାରେ ଆଞ୍ଚଳିକ ବୈଷମ୍ୟ ଦେଖାଦେଇଛି। ପଶ୍ଚିମ ଓଡିଶାରେ ସ୍ୱତନ୍ତ୍ର ରାଜଧାନୀ ଓ କେବିକେ ବିକାଶ ପରିଷଦ ଗଠନ କରିବା ପାଇଁ ମୁଁ ଦାବି କରୁଛି ।

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳରେ ଗତ ୧୪ ତାରିଖରେ ଜଣେ ନର୍ସିଂ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିଲା । ଏହି ଘଟଣାର ସମସ୍ତ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦିଆଯାଉ। ସେମାନଙ୍କୁ ଫାଶୀଖୁଣ୍ଟରେ ଝୁଲାଇ ଦିଆଯାଉ ବୋଲି ଭକ୍ତ ଏହି ଅବସରରେ ଦାବି କରିଥିଲେ । ସେ କହିଲେ, ଯଦି ଏଭଳି ଜଘନ୍ୟକାଣ୍ଡର ଅଭିଯୁକ୍ତଙ୍କୁ ଫାଶୀଦଣ୍ଡ ଦିଆ ନ ଯାଏ, ତା'ହେଲେ ସମାଜରେ ଏଭଳି ଘଟଣା ବାରମ୍ବାର ଘଟୁଥିବ। ହିଂସ୍ର ଏବଂ ଅମାନବୀୟ କାର୍ଯ୍ୟରେ ଲିପ୍ତଥିବା ଅଭିଯୁକ୍ତଙ୍କୁ ଉପଯୁକ୍ତ ଶାସ୍ତି ନ ଦେଲେ ସମାଜରେ ବାରମ୍ବାର ଏହି ଘଟଣାର ପୁନରାବୃତ୍ତି ହେବ। ତେଣୁ ପୋଲିସ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ସମସ୍ତ ତଥ୍ୟ ପ୍ରମାଣ ସଂଗ୍ରହ କରିବାକୁ ଦାସ ଆହ୍ୱାନ କରିଥିଲେ ।

ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ ଭକ୍ତ କହିଥିଲେ, ଆଞ୍ଚଳିକ ବୈଷମ୍ୟ ପାଇଁ କୋଶଳ ଆନ୍ଦୋଳନ ଦୀର୍ଘବର୍ଷ ଧରି ଚାଲିଛି । ଆଞ୍ଚଳିକ ବୈଷମ୍ୟ ଦୂର କରିବା ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାର ଉଚିତ ପଦକ୍ଷେପ ନ ନେଲେ ଆନ୍ଦୋଳନ ତୀବ୍ର ରୂପ ଧାରଣ କରିବ। ଏହି ଖବରଦାତା ସମ୍ମିଳନୀରେ କଂଗ୍ରେସ ଜିଲା ସଭାପତି ଭାରତ ଭୂଷଣ ବେମାଲ, ରାଜ୍ୟ ଛାତ୍ର କଂଗ୍ରେସର ମହମ୍ମଦ ମହସିନ୍ , ପୂର୍ବତନ ବ୍ଲକ ଅଧ୍ୟକ୍ଷା ମାଣିକ୍ୟ ସୁନା, ଜିଲା ଆଦିବାସୀ ସେଲର ସଭାପତି ପରମାନନ୍ଦ ମାଝି, ସାଧାରଣ ସମ୍ପାଦକ ଉତ୍ସବ ସାହୁ, ଅନୱର ଭାରତୀ, ସିଦ୍ଧାର୍ଥ ନାୟକ, ତ୍ରିଲୋଚନ ପାଣିଗ୍ରାହୀ, ନିମାଞ୍ଚଳ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

- ■ ନର୍ସିଂ ଛାତ୍ରୀ ଗଣବଳାତ୍କାର ଘଟଣାକୁ ନେଇ ମୁହଁ ଖୋଲିଲେ
- ■ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦାବି କଲେ



ଭକ୍ତଚରଣ ଦାସ

# ଖୁବ୍‌ଶୀଘ୍ର 'ଗାନ୍ଧୀ ସର୍କିଟ୍'

**ଭୁବନେଶ୍ୱର, ୨।୧୦(ବ୍ୟୁରୋ)**

ମହାତ୍ମା ଗାନ୍ଧୀ ନିଜ ଜୀବନକାଳରେ ୮ଥର ଓଡ଼ିଶା ଗସ୍ତରେ ଆସିଥିବାବେଳେ ଯେଉଁ ଯେଉଁ ସ୍ଥାନରେ ରହିଥିଲେ, ତାହାକୁ ନେଇ ଗାନ୍ଧୀ ସର୍କିଟ୍‌ର ପରିକଳ୍ପନା କରାଯାଇଛି। ଖୁବ୍‌ଶୀଘ୍ର ଗାନ୍ଧୀ ସର୍କିଟ୍ ଯୋଜନାକୁ କାର୍ଯ୍ୟକାରୀ କରାଯିବା ସହ ଗାନ୍ଧୀ ଐତିହ୍ୟ ସମ୍ବଳିତ ସ୍ଥାନଗୁଡ଼ିକର ଉନ୍ନତୀକରଣ କରାଯିବ ବୋଲି ଘୋଷଣା କରିଛନ୍ତି ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ। ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ସୂଚନା ଭବନଠାରେ ଆୟୋଜିତ 'ଗାନ୍ଧୀ କଥା' କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ପାଣିଗ୍ରାହୀ ଗାନ୍ଧିଜୀଙ୍କ ଏକ ବିଶାଳ ପ୍ରତିମୂର୍ତ୍ତି ସ୍ଥାପିତ ହେବ ବୋଲି ମଧ୍ୟ କହିଛନ୍ତି। ଏହି ଅବସରରେ ଜଳସମ୍ପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କୁ ବିଶ୍ୱର ଅନ୍ୟତମ ବିଚକ୍ଷଣ ବ୍ୟକ୍ତିତ୍ୱ ଭାବରେ ଅଭିହିତ କରିଥିଲେ। ମୁଖ୍ୟବକ୍ତା ବିଦ୍ୱାନ ସତ୍ୟନାରାୟଣ ସାହୁ ଗାନ୍ଧୀ ବିଚାର ଏବେ ବି ଅତୁଟ ରହିଥିବା କହିଥିଲେ। ଗାନ୍ଧିଜୀ ଭାରତୀୟ ପୁରାଣର ଭକ୍ତ ପ୍ରହ୍ଲାଦ, ଗ୍ରୀକ୍ ଦାର୍ଶନିକ ସକ୍ରେଟିସ୍, ଯିଶୁଖ୍ରୀଷ୍ଟ, ଇସ୍‌ଲାମ୍ ଧର୍ମର ଇମାମ୍ ହୁସେନ୍ ଓ ମୀରାବାଈଙ୍କୁ ସତ୍ୟାଗ୍ରହୀ ଭାବରେ ଅନୁସରଣ କରିଥିଲେ। ସତ୍ୟାଗ୍ରହକୁ ସେ ସବୁଧର୍ମର ସଙ୍ଗମ ବୋଲି ବିଚାର କରୁଥିଲେ। ଓଡ଼ିଶାର ଜଣେ ସାଧାରଣ ବ୍ୟକ୍ତି କୃଷ୍ଣଚନ୍ଦ୍ର ନାୟକ ସାପ କାମୁଡ଼ାରେ ପ୍ରାଣ ହରାଇଥିବା ପରିପ୍ରେକ୍ଷୀରେ ଗାନ୍ଧିଜୀ ତାଙ୍କ ମୃତ୍ୟୁକୁ ସମ୍ମାନ ଜଣାଇ ସେହିପରି ଭାବେ ମୃତ୍ୟୁବରଣ କରିବେ ବୋଲି ଇଚ୍ଛା କରିଥିଲେ। ଆଜି ମଧ୍ୟ ଶାନ୍ତି ପାଇଁ ନୋବେଲ ବିଜେତାଙ୍କୁ ଦିଆଯାଉଥିବା ପ୍ରଶସ୍ତି ପତ୍ରରେ ଗାନ୍ଧୀ ଆଦର୍ଶ ଉଲ୍ଲେଖ ରହୁଛି। ଦେଶ ଓ ବିଦେଶ ଅନେକ ବିଶ୍ୱବିଦ୍ୟାଳୟରେ ଗାନ୍ଧୀଙ୍କ ସଂପର୍କରେ ଗବେଷଣା କରାଯାଉଛି। ଏପରି କି ଚାଇନା ପାଠ୍ୟପୁସ୍ତକରେ ମହାତ୍ମା ଗାନ୍ଧୀଙ୍କ ବିଷୟରେ ପଢ଼ାଯାଉଥିବା ସାହୁ କହିଥିଲେ। ସୂଚନା ଓ ଲୋକସଂପର୍କ ବିଭାଗ ସଚିବ ସଞ୍ଜୟ ସିଂ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସମସ୍ତଙ୍କ ଆଚରଣରେ ଗାନ୍ଧୀବାଦ ପ୍ରତିଫଳିତ ହେଲେ ଏକ ସୁସ୍ଥ ଓ ସମୃଦ୍ଧ ସାମାଜିକ ବ୍ୟବସ୍ଥା ସମ୍ଭବ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ବିଜୟ କୁମାର ନାୟକ, ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ପୁସ୍ତକ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା।



ସୂଚନା ଭବନଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଗାନ୍ଧୀ କଥା'ରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଅନ୍ୟମାନେ।

# ସମୟାନୁବର୍ତ୍ତୀ ଜାହ୍ନବୀ



ଜାହ୍ନବୀ କପୁରଙ୍କ ପାଖରେ ଏବେ ବିଶ୍ରାମ ନେବାକୁ ଟାଇମ ନାହିଁ। କାରଣ ଏକାଥରେ ତାଙ୍କର ଦୁଇଟି ଫିଲ୍ମ- 'ଗୁଞ୍ଜନ ସାକ୍ସେନା-ଦ କାର୍‌ଗିଲ ଗର୍ଲ' ଏବଂ 'ତକ୍ତ'ର ଶୁଟିଂ ଚାଲୁ ରହିଛି। ଏହାପରେ ସେ 'ଦୋସ୍ତାନା-୨' ପାଇଁ ଟାଇମଟେବୁଲ ସ୍ଥିର କରିବେ। ବର୍ତ୍ତମାନ ଜାହ୍ନବୀ ଭଉଣୀ ଭାରି ଖୁସି ଏବଂ ପାପା ବୋନି କପୁରଙ୍କ ସହ ନ୍ୟୁୟର୍କରେ ଡେରା ପକାଇଛନ୍ତି। କାରଣ କରନ୍ ଜୋହର୍‌ଙ୍କ ଫିଲ୍ମ 'ତକ୍ତ'ର ଶୁଟିଂ ସେଠାରେ ଚାଲିଛି। ବର୍ତ୍ତମାନ ସେ ସମୟକୁ ଏତେ ଗୁରୁତ୍ୱ ଦେଉଛନ୍ତି ଯେ, ଶୁଟିଂ ସେଟ୍‌ରେ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ପହଞ୍ଚି ଯାଉଛନ୍ତି। 'ଜଣେ ଅଭିନେତ୍ରୀ ଅଭିନୟ ସହ ସମୟକୁ ସମାନ ଗୁରୁତ୍ୱ ଦେବା ଆବଶ୍ୟକ। ତେଣୁ ମୁଁ ସବୁବେଳେ ସମୟକୁ ଗୁରୁତ୍ୱ ଦିଏ। ବର୍ତ୍ତମାନ ଏକାସାଙ୍ଗେ ଦୁଇଟି ଫିଲ୍ମର ଶୁଟିଂ ଚାଲିଛି। ତେଣୁ ଟାଇମ୍ ପ୍ରତି ସଚେତନ ନ ହେଲେ ସବୁକିଛି ଗଡ଼ବଡ଼ ହୋଇଯିବ।'




## ଅପେକ୍ଷା ଡିସେମ୍ବରକୁ

ଚୁଲ୍‌ବୁଲ୍ ପାଣ୍ଡେଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ସେ ଆସିବା ମାତ୍ରେ ସେଠାରେ ଉପସ୍ଥିତ ଦର୍ଶକଙ୍କ ଉତ୍ସାହ ଆହୁରି ବଢ଼ିଯାଉଛି। କେମିତି ତାଙ୍କ ସହ ଦୁଇପଦ କଥା ହେବେ। ସେପଟେ ଚୁଲବୁଲ ଦର୍ଶକଙ୍କୁ କେତେ ଭଲ ପାଆନ୍ତି ତାହା କହିବା ବାହୁଲ୍ୟ। ସେମାନଙ୍କ ସହ ମନଖୋଲି କଥା ହେଉଛନ୍ତି। ଆଉ ତାଙ୍କ ସହ କିଛି ସମୟ ବିତାଇବା ପରେ ଦର୍ଶକଙ୍କ ଖୁସି କହିଲେ ନ ସରେ। ହେଲେ ଏହି ଚୁଲ୍‌ବୁଲ୍ ପାଣ୍ଡେ କିଏ ଜାଣନ୍ତି? ସେ ଜଣେ ପୋଲିସ ଅଫିସର। ହେଲେ ଏମିତି ଚର୍ଚ୍ଚାରେ କାହିଁକି ଅଛନ୍ତି ଜାଣିବେନି? ଏହାର ସଂଯୋଗ ବଡ଼ ପରଦା ସହ ରହିଛି। ଅର୍ଥାତ୍ ଏଥର ସଲ୍ଲୁ ମିଆଁ ଓରଫ ସଲ୍‌ମାନ ଖାଁଙ୍କୁ ଦର୍ଶକ ଚୁଲ୍‌ବୁଲ୍ ପାଣ୍ଡେ ଭୂମିକାରେ ଦେଖିବାକୁ ପାଇବେ। ଚଳଚ୍ଚିତ୍ରଟି ହେଲା 'ଦବଙ୍ଗ-୩'। ଫିଲ୍ମଟି ଚଳିତ ବର୍ଷ ଡିସେମ୍ବର ୨୦ରେ ରିଲିଜ ହେବ। ସଲମାନଙ୍କ ହୋମ୍ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମର ପ୍ରମୋ ସମୟରେ ସଲମାନ ନିଜକୁ ଚୁଲବୁଲ ପାଣ୍ଡେ ଭାବେ ପରିଚିତ କରାଉଛନ୍ତି। ସୋସିଆଲ ମିଡିଆରେ ତାଙ୍କର ଏହି ପୋଲିସ ଗେଟ୍‌ଅପ ଏବେ ଭାଇରାଲ ହୋଇଛି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ପ୍ରଭୁଦେବା। ଏଥିରେ ସଲମାନଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି ସୋନାକ୍ଷୀ ସିହ୍ନା। ଅନ୍ୟପକ୍ଷରେ ଅରବାଜ ଖାଁ, ମାହି ଗିଲ୍, ସନ୍ତୋଷ ଶୁକ୍ଲାଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଚଳଚ୍ଚିତ୍ରରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ସନ୍ଦୀପ ସିରୋଦକର।

# ତମନ୍ନା ଯାହା ଖୋଜୁଥିଲେ..



କଥାରେ ଅଛି ଏ ମନ ଚାହୁଁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଓଡ଼ିଆ ସିନେମାର ଗ୍ଲାମର କୁଇନ୍ ଭାବରେ ପରିଚିତା ତମନ୍ନା ଯା ଭିତରେ ବେଶ୍ କେତୋଟି ଚଳଚ୍ଚିତ୍ରରେ ଅଭିନୟ କରିସାରିଲେଣି। ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ଭାଇନା କ'ଣ କଲା ସେ'ରେ ସଂଯୋଜିତ 'ଚାଲ କରିବା ଠିଆପାଲା' ଗୀତଟି ତାଙ୍କୁ ଦର୍ଶକଙ୍କ ନିକଟରେ ଆହୁରି ପରିଚିତ କରାଇପାରିଥିଲା। ନିର୍ମାଣାଧୀନ ଓଡ଼ିଆ ସିନେମା 'ସୁପରବୟ'ରେ ତାଙ୍କୁ ମିଳିଛି ମନଲାଖି ଭୂମିକା। ଏ ସମ୍ପର୍କରେ ତମନ୍ନା କହନ୍ତି, ଏଥିରେ ମୋ ଭୂମିକାଟି ହେଲା ତାନିୟା। ସେ ଜଣେ ସୁଇଟ୍ ଆଉ ଇନୋସେଣ୍ଟ ଗର୍ଲ। ନିଜ ମନର ମଣିଷକୁ ଖୋଜୁ ଖୋଜୁ ସେ ପ୍ରେମ୍ ନାମକ ଜଣେ ଯୁବକ ସଂସ୍ପର୍ଶରେ ଆସିଛି ଯିଏ ସୁପର ପାୱାରର ଅଧିକାରୀ। ହେଲେ ସେହି ପାୱାରଟି କ'ଣ ତାହା ସିନେମା ଦେଖିଲେ ହିଁ ଜାଣିପାରିବେ। ଏହି ଫିଲ୍ମରେ ମୋତେ ମିଳିଥିବା ଭୂମିକାରେ ଏପରି ମସଲା ରହିଛି ଯାହା ଦର୍ଶକଙ୍କୁ ଫୁଲ୍ ଏଣ୍ଟରଟେମେଣ୍ଟ କରିବ।' 'ସୁପରବୟ'ର ଟାଇଟଲ ଭୂମିକାରେ ଅଛନ୍ତି ଜ୍ୟୋତି ନାୟକ। ଖାସ୍ କଥା ହେଲା ଏହି ଫିଲ୍ମରେ ଶୁଭାଶିଷ ଶର୍ମା (ମଣ୍ଟୁ) ନେଗେଟିଭ ରୋଲ୍‌ରେ ଅଭିନୟ କରୁଛନ୍ତି। ସାଇ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଦକ୍ଷିଣ ଭାରତୀୟ ପ୍ରଯୋଜକ କେ. ଆନୀଷ। ଅପରପକ୍ଷରେ ଏହି ଫିଲ୍ମର ନିର୍ଦ୍ଦେଶନା ମଧ୍ୟ ସେ ଦେଉଛନ୍ତି। ଚଳଚ୍ଚିତ୍ରର ସଂଳାପ ଲେଖିଛନ୍ତି ଡ. ଦୀପକ ଜେନା। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ।

## ପିଜାପ୍ରିୟ ପରିଣିତି



ପରିଣିତିଙ୍କ ସବୁଠୁ ପ୍ରିୟ ଖାଦ୍ୟ କ'ଣ ଜାଣନ୍ତି? ତାହା ହେଲା ପିଜା। କେବଳ ସେ ପିଜା ଖାଆନ୍ତି ନାହିଁ, ଭିନ୍ନ ଭିନ୍ନ ସ୍ୱାଦର ପିଜା ମଧ୍ୟ ପ୍ରସ୍ତୁତ କରିପାରନ୍ତି। ତାଙ୍କର ଡେଲି ଫୁଡ୍ ରୁଟିନ୍‌ରେ କେଉଁ ଖାଦ୍ୟ ଥାଉ କି ନ ଥାଉ ପିଜା ନିଶ୍ଚୟ ଥିବ। ଅଭିନୟ ବ୍ୟତୀତ ସେ ଜଣେ ମେଧାବୀ ଛାତ୍ରୀ। ମାଞ୍ଚେଷ୍ଟର ବିଜ୍‌ନେସ ସ୍କୁଲରୁ ସେ ତିନୋଟି ବିଷୟ-ଇକୋନୋମିକ୍ସ, ଫାଇନାନ୍ସ ଏବଂ ବିଜ୍‌ନେସ୍‌ରେ ଅନର୍ସ ଡିଗ୍ରୀ ହାସଲ କରିଥିଲେ। ସେ ମଧ୍ୟ ଭଲ ଗୀତ ଗାଇପାରନ୍ତି। ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ଯଶ୍‌ରାଜ ଫିଲ୍ମସରେ ସେ ପି.ଆର. ଏବଂ ମାର୍କେଟିଂ କନ୍‌ସଲଟାଣ୍ଟ ଭାବେ କାମ କରିଥିଲେ। ସଙ୍ଗୀତରେ ସେ ବି.ଏ. ଅନର୍ସ ଡିଗ୍ରୀ ହାସଲ କରିଛନ୍ତି। ଦ୍ୱାଦଶ ପରୀକ୍ଷାରେ ସେ ସର୍ବଭାରତୀୟସ୍ତରରେ ଟପ୍ପର ହେବାର ସୌଭାଗ୍ୟ ଅର୍ଜନ କରିଥିଲେ ଏବଂ ଏପରି କୃତିତ୍ୱ ପାଇଁ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ସେ ପୁରସ୍କୃତ ମଧ୍ୟ ହୋଇଛନ୍ତି।

ଅପେରା ହାଲଚାଲ

## ଅଭିନୟ ନିଶାରେ ମାମୁନି

ମଧୁସ୍ମିତା ମହାନ୍ତି। ଜଲିଉଡ୍‌ରେ ମାମୁନି ଭାବେ ପରିଚିତା। ଛ' ବର୍ଷ ପୂର୍ବରୁ ସେ ଆରମ୍ଭ କରିଥିଲେ ନିଜ ଅଭିନୟ କ୍ୟାରିୟର। କେବଳ ନେଗେଟିଭ୍ ନୁହେଁ, ପଜିଟିଭ୍ ଭୂମିକାରେ ସେ ନିଜ ଦକ୍ଷତା ଦେଖାଇ ଦର୍ଶକଙ୍କ ଦ୍ୱାରା ପ୍ରଶଂସିତ ହୋଇଛନ୍ତି। ବାଲେଶ୍ୱର ଜିଲା ବାହାନଗାରେ ତାଙ୍କର ଜନ୍ମ। ବାଣେଶ୍ୱରୀ ଗଣନାଟ୍ୟରୁ ତାଙ୍କର ଆରମ୍ଭ ହୁଏ ଜଲିଉଡ୍ ଯାତ୍ରା। ତା' ପରେ ଗୌରୀ, ଇଷ୍ଟର୍ନ ବ୍ଲୁ, ପାର୍ବତୀ ଗଣନାଟ୍ୟରେ ଅଭିନୟ କରିବା ପରେ ଚଳିତ ଯାତ୍ରା ସିଜନରେ ଅପେରା ସ୍ୱର୍ଣ୍ଣ ମହଲରେ ତାଙ୍କୁ ଦେଖିବାକୁ ମିଳିଛି। ଏଥର ଉକ୍ତ ପାର୍ଟି ଦ୍ୱାରା ପରିବେଷିତ 'ସିନ୍ଦୂର ହାଟରେ ନାହିଁ ସିନ୍ଦୁର'ରେ ସାନ ଭଉଣୀ (ସିପ୍ରା) ଭୂମିକା ତାଙ୍କୁ ବେଶ୍ ମାଇଲେଜ ଦେଇଛି। ନିଜ କ୍ୟାରିୟର ସମ୍ପର୍କରେ ସେ କୁହନ୍ତି, 'ଯେଉଁ ଭୂମିକା ମିଳୁ ନା କାହିଁକି ମୁଁ ସବୁବେଳେ ଅଭିନୟକୁ ହିଁ ଗୁରୁତ୍ୱ ଦିଏ। ଏବେ ମୋତେ କେତେବେଳେ ଖଳନାୟିକା ତ କେତେବେଳେ ଚରିତ୍ର ଅଭିନେତ୍ରୀ ଭାବରେ ଦର୍ଶକ ଦେଖୁଛନ୍ତି। ସେମାନେ ଆମ ପାଇଁ ସବୁକିଛି। ଏପର୍ଯ୍ୟନ୍ତ ମୁଁ ଅଭିନୟ କରିଥିବା ନାଟକଗୁଡିକ ମଧ୍ୟରେ 'ପ୍ରେମ ସବାରିରେ ପ୍ରୀତି ନାୟିକାର ଭାଉଜ' ଚରିତ୍ର ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଭୂମିକାଟି ନେଗେଟିଭ ଥିଲେ ମଧ୍ୟ ଏହି ରୋଲ ପାଇଁ ମୋତେ ଯେତିକି ପ୍ରଶଂସା ମିଳିଛି ତାହାକୁ ମୁଁ କେବେ ଭୁଲି ପାରିବି ନାହିଁ।'



ଛୋ|ଟ|ପ|ର|ଦା




## ୧୫୦୦ ଏପିସୋଡ୍‌ରେ ଦୁର୍ଗା

ତରଙ୍ଗ ଚ୍ୟାନେଲରେ ପ୍ରସାରିତ ମେଗା ଧାରାବାହିକ 'ଦୁର୍ଗା' ଆଉ ଏକ ରେକର୍ଡ ସୃଷ୍ଟି କରିଛି। ନିକଟରେ ଏହାର ୧୫୦୦ତମ ଏପିସୋଡ୍ ପ୍ରସାରିତ ହୋଇଛି। ତରଙ୍ଗ ଚ୍ୟାନେଲରେ ଏପରି ରେକର୍ଡ ସୃଷ୍ଟି କରିବାରେ 'ଦୁର୍ଗା' ହେଉଛି ପ୍ରଥମ ଧାରାବାହିକ। ଏ ସମ୍ପର୍କରେ ଏହାର ନିର୍ଦ୍ଦେଶକ ତଥା ଓଲିଉଡ୍ ମେକର ଭାବେ ପରିଚିତ ମହେଶ ହାଜ୍‌ରା କହନ୍ତି, 'ଜଣେ ସାହସୀ ଝିଅ ଦୁର୍ଗା କିପରି କଠିନ କାମକୁ ବୁଦ୍ଧି ଖଟାଇ ସମାଧାନ କରିବା ସହ ପରିବାରକୁ ଗୋଟିଏ ଡୋରିରେ ବାନ୍ଧି ରଖିବାକୁ ଚେଷ୍ଟା କରୁଛି ତାହା ଏହି ଧାରାବାହିକରେ ବେଶ୍ ସୁନ୍ଦର ଭାବେ ଦୃଶ୍ୟାୟନ କରାଯାଇଛି। କାହାଣୀ ଅନୁସାରେ ଉପସ୍ଥାପନା ଧାରାବାହିକଟିକୁ ଲୋକପ୍ରିୟ କରାଇବାରେ ସହାୟକ ହୋଇଛି। ଟାଇଟଲ ଭୂମିକାରେ କେବଳ ଅର୍ପିତା (କର) ନୁହନ୍ତି, ସମସ୍ତ କଳାକାରଙ୍କ ନିଖୁଣ ଅଭିନୟ ଏହାକୁ ଏପରି ଏକ ରେକର୍ଡ ସୃଷ୍ଟି କରିବାରେ ସାହାଯ୍ୟ କରିଛି ବୋଲି ଜୋର୍ ଦେଇ କହିବି। ବର୍ତ୍ତମାନ ଏହାର ତୃତୀୟ ଜେନେରେଶନ ଅନୁସାରେ କାହାଣୀ ଗତିଶୀଳ। ୨୦୧୪ ଡିସେମ୍ବର ୧ରେ 'ଦୁର୍ଗା'ର ପ୍ରଥମ ଏପିସୋଡ୍ ପ୍ରସାରିତ ହୋଇଥିଲା। ଦୀର୍ଘ ୫ ବର୍ଷ ଧରି ଦର୍ଶକ ଆମକୁ ଯେଉଁ ସ୍ନେହ ଶ୍ରଦ୍ଧା ଦେଇଛନ୍ତି ତାହାକୁ ଆମେ କଦାପି ଭୁଲିପାରିବୁ ନାହିଁ।' ଏହି ଧାରାବାହିକର ପ୍ରଯୋଜନା କରିଛନ୍ତି ଛୋଟ ପରଦାର ପରିଚିତ ତଥା ଆଗଧାଡିର ପ୍ରଯୋଜକ ସୁବ୍ରତ ନାୟକ।

# ଦଶହରା ଲଢ଼େଇ

ଏଥର ଦଶହରା ବଜାରରେ ଦୁଇଟି ସିନେମା-'ମିଷ୍ଟର ମଜ୍‌ନୁ' ଏବଂ 'ଦିସ୍ ଇଜ୍ ମାୟାରେ ବାୟା' ରିଲିଜ୍ ହେବାକୁ ଯାଉଛି। ଅର୍ଥାତ୍ ଚଳିତବର୍ଷ ଏହି ଦୁଇ ସିନେମା ଦଶହରା ଲଢ଼େଇରେ ସାମିଲ ହୋଇଛନ୍ତି। ତରଙ୍ଗ ସିନେ ପ୍ରଡକ୍ସନ ବ୍ୟାନର ତଥା ଜାଗୀ ମଙ୍ଗତ ପଣ୍ଡାଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହୋଇଛି 'ମିଷ୍ଟର ମଜ୍‌ନୁ'। ଫିଲ୍ମଟି ଚଳିତ ମାସ ୪ରେ ପରଦା ଉପରକୁ ଆସୁଛି। ଫିଲ୍ମର ନିର୍ଦ୍ଦେଶନା ଭାର ଅଶୋକ ପତି ସମ୍ଭାଳିଥିବା ବେଳେ ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ବାବୁସାନ୍। ଏହା ପୂର୍ବରୁ ଅବଶ୍ୟ ଅଶୋକ-ବାବୁସାନ୍ ଯୋଡ଼ିକୁ ନେଇ ନିର୍ମିତ କେତେକ ଫିଲ୍ମ ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଛି। ତାଙ୍କ ଅପୋଜିଟ୍‌ରେ ଅଛନ୍ତି ତିନିଜଣ ନାୟିକା- ଶୀତଲ, ଦିବ୍ୟା ଏବଂ ସୂର୍ଯ୍ୟମୟୀ। ଅଭିଜିତ୍ ମଜୁମ୍‌ଦାରଙ୍କ ସ୍ୱର ସଂଯୋଜନାରେ ସଂଯୋଜିତ ଗୀତଗୁଡ଼ିକ ମଧ୍ୟରୁ 'ଉଠିଗଲା ଧାରା ୩୭୦' ଭାଇରାଲ ହୋଇସାରିଲାଣି। ଅନ୍ୟପକ୍ଷରେ ସିଦ୍ଧାର୍ଥ ମ୍ୟୁଜିକ୍ ବ୍ୟାନରରେ ପ୍ରସ୍ତୁତ ହୋଇଛି 'ଦିସ୍ ଇଜ୍ ମାୟାରେ ବାୟା'। ସୀତାରାମ ଅଗ୍ରୱାଲଙ୍କ ପ୍ରଯୋଜିତ ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ସୁଶାନ୍ତ ମଣି। ଡ. ନିର୍ମଳ ନାୟକ ଗୀତ ଏବଂ ସଂଳାପ ରଚନା କରିଥିବା ବେଳେ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ। ଏହି ଚିତ୍ରର 'ଆଜିଠାରୁ ତୁ ମୋର, ତୁ ହୋଇଯା ଗୋଟେ ସ୍ମାର୍ଟ ଫୋନ୍ ଏବଂ ଫାଷ୍ଟ ଟାଇମ୍ କାହିଁ ଫିଲ୍ ହେଲା' ଗୀତ ଚର୍ଚ୍ଚାରେ ରହିଛି। ଏହାର ମେଲ୍ ଲିଡ୍‌ରେ ସ୍ୱରାଜ ଅଭିନୟ କରିଥିବା ବେଳେ ତାଙ୍କ ସହ ପ୍ରଥମ ଥର ପାଇଁ ସ୍କ୍ରିନ୍ ଶେୟାର କରିଛନ୍ତି ଏଲିନା ସାମନ୍ତରାୟ। ଅନ୍ୟପକ୍ଷରେ ସିଦ୍ଧାନ୍ତ ମହାପାତ୍ର ଏବଂ ଝିଲିକଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ତେବେ ଏଥର ଦଶହରା ବଜାରରେ କେଉଁ ଫିଲ୍ମ ବାଜି ମାରୁଛି, ତାହା ରିଲିଜ୍ ପରେ ହିଁ ଜଣାପଡ଼ିବ।



ଚଳଚ୍ଚିତ୍ର 'ଦିସ୍ ଇଜ୍ ମାୟାରେ ବାୟା'ର ଏକ ଦୃଶ୍ୟ




ଚଳଚ୍ଚିତ୍ର 'ମିଷ୍ଟର ମଜ୍‌ନୁ'ର ଏକ ଦୃଶ୍ୟ

"ଯଦି ଶ୍ରେଷ୍ଠ ଫର୍ମରେ ଥାଆନ୍ତି ତେବେ ସେରେନା ୱିଲିୟମ୍ସ ହେଉଛନ୍ତି ଏକମାତ୍ର ଖେଳାଳି ଯାହାଙ୍କୁ ପରାସ୍ତ କରିବା କଷ୍ଟକର ବୋଲି ମୁଁ ଭାବୁଛି ।

–କାରୋଲିନା ୱଜନିଆକି, ଡେନମାର୍କ ଟେନିସ ଖେଳାଳି



"ଟେଷ୍ଟ କ୍ରିକେଟ୍‌ରେ ଓପନିଂ ବ୍ୟାଟିଂ କରିବା ପାଇଁ ଗତ ଦୁଇ ବର୍ଷ ହେବ ମୁଁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲି।

– ରୋହିତ୍ ଶର୍ମା, ଭାରତୀୟ କ୍ରିକେଟର୍



## ସଂକ୍ଷେପରେ

### ଗାନ୍ଧୀଙ୍କ ସ୍ମୃତିରେ କ୍ରୀଡ଼ା ମନ୍ତ୍ରଣାଳୟର ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**ନୂଆଦିଲ୍ଲୀ,୨।୧୦(ପି.ଟି.):** ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ କ୍ରୀଡ଼ା ମନ୍ତ୍ରଣାଳୟ ଫିଟ୍ ଇଣ୍ଡିଆ ପ୍ଲଗ୍ ରନ ଆୟୋଜନ କରିଛି। ସ୍ୱଚ୍ଛ ଭାରତ ସହ ଫିଟ୍ ଇଣ୍ଡିଆକୁ ଦୃଷ୍ଟିରେ ରଖି ଏହି ଆୟୋଜନ ହୋଇଥିଲା। ଏହି ଫିଟ୍ ଇଣ୍ଡିଆ ପ୍ଲଗ୍ ରନରେ ୨୮ ଲକ୍ଷ ଲୋକ ଅଂଶଗ୍ରହଣ କରିଥିଲେ। ଦେଶର ୫୫,୦୦୦ ସ୍ଥାନରେ ଏହାର ଆୟୋଜନ ହୋଇଥିଲା। ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ କ୍ରୀଡ଼ାମନ୍ତ୍ରୀ କିରେଣ ରିଜିଜୁ ପତାକା ଦେଖାଇ ଦେଶବ୍ୟାପୀ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଫିଟ ଇଣ୍ଡିଆ ଓ ସ୍ୱଚ୍ଛ ଭାରତ ଅଭିଯାନରେ ଭାରତ ଏବେ ନୂଆ ଦିଗରେ ଅଗ୍ରସର ହେଉଛି। ସାରା ଦେଶ ଯେତେବେଳେ ଗୋଟିଏ ଲକ୍ଷ୍ୟ ନେଇ ଆଗକୁ ବଢ଼ିବ ତାହେଲେ ଏହାର ପ୍ରଭାବ ମଧ ବଡ଼ ହେବ। ଲୋକେ ଫିଟ୍ ରହିବାକୁ ପ୍ରୟାସ କରିବା ସହ ସ୍ୱଚ୍ଛତା ଉପରେ ଅଧିକ ଧ୍ୟାନ ଦେବେ ବୋଲି ରିଜିଜୁ କହିଛନ୍ତି। ଏହି କାର୍ଯ୍ୟକ୍ରମ ଅବସରରେ ଭାଜପା ନେତା ତଥା ଅଭିନେତା ମନୋଜ ତିୱାରୀ, ରିପୁ ଦାମନ, ରେସଲର ବଜରଙ୍ଗ ପୁନିଆ ଓ ଶୁଟର ଅଭିଷେକ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ। ୧୫୦୦ ଲୋକ ୨ କି.ମି. ଦୌଡିବା ସହ ରାସ୍ତା ଉପରୁ ପ୍ଲାଷ୍ଟିକ ଓ ଆବର୍ଜନା ସଫା କରିଥିଲେ। ଦେଶବ୍ୟାପୀ ଏହି କାର୍ଯ୍ୟକ୍ରମରେ ବହୁ ସେଲିବ୍ରିଟି ଅଂଶଗ୍ରହଣ କରିଥିଲେ।

### କର୍ଷ୍ଟେନ ହୋଇପାରନ୍ତି ଇଂଲଣ୍ଡ କୋଚ୍

**ଲଣ୍ଡନ,୨।୧୦:** ବିଶ୍ୱକପ୍ ଚାମ୍ପିୟନ ଇଂଲଣ୍ଡ ଦଳର ମୁଖ୍ୟ କୋଚ୍ ଟ୍ରେଭର ବାଇଲିସ୍‌ଙ୍କ ସ୍ଥାନ ନେଇପାରନ୍ତି ଗ୍ୟାରି କର୍ଷ୍ଟେନ। ବାଇଲିସ ଅଷ୍ଟ୍ରେଲିଆ ବିପକ୍ଷ ଆଶେସ ସିରିଜ୍ ପରେ କୋଚ୍ ପଦ ଛାଡ଼ିଛନ୍ତି। ୨୦୧୧ ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ଦଳର କୋଚ୍ କର୍ଷ୍ଟେନ ଏବେ ଏହି ପଦ ଲାଗି ଦୌଡ଼ରେ ସବୁଠାରୁ ଆଗରେ ରହିଛନ୍ତି। କର୍ଷ୍ଟେନଙ୍କ ବ୍ୟତୀତ ବର୍ତ୍ତମାନ ବୋଲିଂ କୋଚ୍ କ୍ରିସ ସିଲଭରଉଡ୍, ଦଳର ବ୍ୟାଟିଂ କୋଚ୍ ଗ୍ରାହମ ଥୋର୍ପେ ଓ ଆୟର୍ଲାଣ୍ଡ କୋଚ୍ ଗ୍ରାହମ ଫର୍ଡ ମଧ ଦୌଡ଼ରେ ରହିଛନ୍ତି। ନ୍ୟୁଜିଲାଣ୍ଡ ଗସ୍ତ ପୂର୍ବରୁ ଇଂଲଣ୍ଡ ଦଳର ମୁଖ୍ୟ କୋଚ୍ ନିଯୁକ୍ତ କରାଯିବ।

## ବିଜୟ ହଜାରେ ଟ୍ରଫି

# ଓଡ଼ିଶାର ପ୍ରଥମ ବିଜୟ

**ଭୁବନେଶ୍ୱର, ୨।୧୦(କ୍ରୀଡ଼ା ପ୍ରତିନିଧି)**

ଭଦୋଦରାର ସଂଗ୍ରାମସିଂ ଗାଏକ୍ୱାଡ ସ୍ପୋର୍ଟ୍ସ ଏକାଡେମୀ ଗ୍ରାଉଣ୍ଡରେ ବୁଧବାର ଅନୁଷ୍ଠିତ ବିଜୟ ହଜାରେ ଟ୍ରଫି ଦିନିକିଆ କ୍ରିକେଟ ମ୍ୟାଚରେ ଓଡ଼ିଶା ୩ ରନରେ ହିମାଚଳ ପ୍ରଦେଶକୁ ପରାସ୍ତ କରିଛି। ବର୍ଷାଜନିତ ଆଉଟ୍ ଫିଲ୍ଡ ଓଦା ଯୋଗୁ ମ୍ୟାଚକୁ ୨୧ ଓଭର ବିଶିଷ୍ଟ କରାଯାଇଥିଲା। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଓଡ଼ିଶା ପକ୍ଷରୁ ଧାର୍ଯ୍ୟ ୧୪୬ ରନ ବିଜୟ ଲକ୍ଷ୍ୟର ପିଛା କରି ହିମାଚଳ ପ୍ରଦେଶ ୨୧ ଓଭରରେ ୯ ଉଇକେଟ ହରାଇ ୧୪୨ ରନ କରିବାକୁ ସକ୍ଷମ ହୋଇଥିଲା। ଚଳିତ ଟୁର୍ନାମେଣ୍ଟରେ ଓଡ଼ିଶାର ଏହା ହେଉଛି ପ୍ରଥମ ବିଜୟ। ଫଳରେ ଦଳକୁ ପୂରା ୪ ପଏଣ୍ଟ ମିଳିଛି। ପୂର୍ବରୁ ପଞ୍ଜାବ ଏବଂ ବରୋଦା ବିପକ୍ଷ ମ୍ୟାଚ ବାତିଲ ହୋଇଯାଇଥିବାରୁ ଓଡ଼ିଶା ୩ ମ୍ୟାଚରୁ ୮ ପଏଣ୍ଟ ପାଇ ଏବେ ୫ମ ସ୍ଥାନରେ ରହିଛି।

ଟସ୍ ଜିତି ହିମାଚଳ ପ୍ରଦେଶ ପ୍ରଥମେ ଓଡ଼ିଶାକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଦୁଇ ଓପନର ସନ୍ଦୀପ ପଟ୍ଟନାୟକ(୬ ରନ) ଓ ଗୋବିନ୍ଦ ପୋଦ୍ଦାର(୬) ବିଫଳ ହୋଇଥିଲେ ହେଁ ଅଧିନାୟକ ଶୁଭ୍ରାଂଶୁ ସେନାପତି ଓ ୪ ନମ୍ବର ବ୍ୟାଟ୍ସମ୍ୟାନ ଅଭିଷେକ ଯାଦବ ଆତ୍ମବିଶ୍ୱାସପୂର୍ଣ୍ଣ ବ୍ୟାଟିଂ କରି ଇନିଂସ ସମ୍ଭାଳିଥିଲେ। ଶୁଭ୍ରାଂଶୁ ବଡ଼ ସ୍କୋର କରିପାରି ନ ଥିଲେ ହେଁ ଅଧିନାୟକ ଇନିଂସ ଖେଳି ୩୪ ବଲ୍‌ରୁ ୬ ଚୌକା ଓ ୧ ଛକା ସହାୟତାରେ ଦଳ ପକ୍ଷରୁ ସର୍ବାଧିକ ୩୯ ରନ ସଂଗ୍ରହ କରିଥିଲେ। ଅଭିଷେକ ୩୪ ବଲ୍‌ରୁ ୨ଟି ଲେଖାଏ ଚୌକା ଓ ଛକା ସହାୟତାରେ ୩୪ ରନ କରିବାକୁ ସକ୍ଷମ ହୋଇଥିଲେ। ମିଡଲ ଅର୍ଡରରେ ଅଭିଷେକ ରାଉତ(୦) ଓ ଉଇକେଟ କିପର ସୁଜିତ ଲେଙ୍କା(୧) ଫେଲ୍ ମାରିଥିଲେ ହେଁ ଲୋୟର ଅର୍ଡରରେ ପ୍ରୟାସ ସିଂ ଦ୍ରୁତ ଇନିଂସ ଖେଳି ୨୦ ବଲ୍‌ରୁ ୨ ଚୌକା ଓ ୨ ଛକା ସହ ୩୧ ରନରେ ଅପରାଜିତ ରହିବାରୁ ଓଡ଼ିଶା ୨୧ ଓଭରରେ ୮ ଉଇକେଟ ହରାଇ ୧୪୫ ରନ କରି ପାରିଥିଲା। ଦୀପକ ବେହେରା ୧୨ ବଲ୍‌ରୁ ୧୭(୧ ଚୌକା, ୧ ଛକା) ରନ କରିଥିଲେ। ପ୍ରତିପକ୍ଷ ବୋଲରଙ୍କ ମଧ୍ୟରେ ଅଙ୍କିତ୍ ମାଇନି ୩, ପଙ୍କଜ ଜୟସ୍ୱାଲ ୨ ଏବଂ କନୱାର ଅଭିନୟ ସିଂ, ରିଷି ଧାୱନ ଓ ମାୟଙ୍କ ଡାଗର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଗୋବିନ୍ଦ ପୋଦ୍ଦାର

୧୪୬ ରନ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ହିମାଚଳ ପ୍ରଦେଶ ପ୍ରଶାନ୍ତ ଚୋପ୍ରାଙ୍କ ଆକର୍ଷଣୀୟ ବ୍ୟାଟିଂ ସହାୟତାରେ ଭଲ ଆରମ୍ଭ କରିଥିଲା। ମାତ୍ର ବ୍ୟାଟିଂରେ ଫେଲ୍ ମାରିଥିବା ଓଡ଼ିଶା ଦଳର ବରିଷ୍ଠ ଖେଳାଳି ଗୋବିନ୍ଦ ପୋଦ୍ଦାର ଚମତ୍କାର ବୋଲିଂ କରି ପ୍ରତିପକ୍ଷ ଦଳପାଇଁ ସ୍ଥିତିକୁ କଷ୍ଟକର କରି ଦେଇଥିଲେ। ପୋଦ୍ଦାର ନିଜ ୫ ଓଭର ସ୍ପେଲ୍‌ରେ ୨୭ ରନ ଦେଇ ୪ଟି ଉଇକେଟ ନେବାରୁ ହିମାଚଳ ପ୍ରଦେଶ ଇନିଂସ ୨୧ ଓଭରରେ ୧୪୨/୯ରେ ସୀମିତ ରହି ଯାଇଥିଲା। ପ୍ରଶାନ୍ତ ୩୭ ବଲ୍‌ରୁ ୩ ଚୌକା ଓ ୪ ଛକା ସହ ସର୍ବାଧିକ ୪୮ ରନ କରିଥିଲେ ହେଁ ଅନ୍ୟ କୌଣସି ଖେଳାଳି ତାଙ୍କୁ ଉପଯୁକ୍ତ ସହାୟତା କରିପାରି ନ ଥିଲେ। ଅଙ୍କିତ୍ କାଲସି ୨୨ ଓ ଅମିତ କୁମାର ୧୮ ରନ କରିବାକୁ ସକ୍ଷମ ହୋଇଥିଲେ। ଅନ୍ୟ ଓଡ଼ିଶା ବୋଲରଙ୍କ ମଧ୍ୟରେ ପପୁ ରୟ ଓ ସୂର୍ଯ୍ୟକାନ୍ତ ପ୍ରଧାନ ୨ଟି ଲେଖାଏ ଏବଂ ଦୀପକ ବେହେରା ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

- ଓଡ଼ିଶା ୨୧ ଓଭରରେ ୧୪୫/୮(ଶୁଭ୍ରାଂଶୁ-୩୯, ଅଭିଷେକ-୩୪, ପ୍ରୟାସ-୩୧*, ଅଙ୍କିତ-୩/୧୪, ପଙ୍କଜ-୨/୩୪, କନୱର-୧/୨୮, ଧାୱନ-୧/୩୮, ମାୟଙ୍କ-୧/୧୪)।
- ହିମାଚଳ ପ୍ରଦେଶ ୨୧ ଓଭରରେ ୧୪୨/୯(ପ୍ରଶାନ୍ତ-୪୮, ଅଙ୍କିତ-୨୨, ପୋଦ୍ଦାର-୪/୨୭, ପପୁ-୨/୨୭, ସୂର୍ଯ୍ୟକାନ୍ତ-୨/୨୪, ଦୀପକ-୧/୨୩)।




ଗାନ୍ଧୀ ଜୟନ୍ତି ଅବସରରେ ବୁଧବାର ହକି ଗାଙ୍ଗପୁର ଓଡ଼ିଶା ପକ୍ଷରୁ ଭୁବନେଶ୍ୱରଠାରେ ଫିଟ୍ ଇଣ୍ଡିଆ ପ୍ଲଗ୍ ରନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ହକି ଗାଙ୍ଗପୁର ସଭାପତି ଅଲିମ୍ପିଆନ ଲାଜରୁସ ବାର୍ଲା, ସମ୍ପାଦକ ଦେବାଶିଷ ଗୌଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## କର୍ଣ୍ଣାଟକକୁ ଜିତାଇଲେ ପାଣ୍ଡେ, ରାହୁଲ

**ବେଙ୍ଗାଲୁରୁ,୨।୧୦(ପିଟି):** ଚଳିତ ବିଜୟ ହଜାରେ ଟ୍ରଫିରେ ବୁଧବାର ଖେଳାଯାଇଥିବା ଗ୍ରୁପ ଏ'ର ମ୍ୟାଚ୍‌ରେ ଅଧିନାୟକ ମନୀଷ ପାଣ୍ଡେଙ୍କ ଶତକ ଓ ଓପନର ଲୋକେଶ ରାହୁଲଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ ଛତିଶଗଡ଼କୁ କର୍ଣ୍ଣାଟକ ୭୯ ରନ୍‌ରେ ପରାସ୍ତ କରିଛି। କର୍ଣ୍ଣାଟକ ପାଇଁ ରାହୁଲଙ୍କ ୮୧ ଓ ପାଣ୍ଡେଙ୍କ ୧୪୨ ରନ୍ ବଳରେ ଘରୋଇ ଦଳ ଧାର୍ଯ୍ୟ ୫୦ ଓଭରରେ ୭ ଉଇକେଟ ହରାଇ ୨୮୫ ରନ୍ କରିଥିଲା। ଜବାବରେ ଛତିଶଗଡ଼ ୪୪ ଓଭରରେ ୨୦୬ ରନ୍‌ରେ ସୀମିତ ରହିଥିଲା। ଗ୍ରୁପ ଏ'ର ଆଉ ଏକ ମ୍ୟାଚ୍‌ରେ ସୌରାଷ୍ଟ୍ର ୧୫୩ ରନ୍‌ରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଥିଲେ। ସମାନ୍ଥା ଭ୍ୟାସଜ ୧୨୪, ବି. ଜାଡେଜା ୮୨ ରନର ଇନିଂସ ଯୋଗୁ ସୌରାଷ୍ଟ୍ର ୩ ଉଇକେଟ ହରାଇ ୨୯୮ ରନ୍ କରିଥିବାବେଳେ ଆନ୍ଧ୍ର ପ୍ରଦେଶ ମାତ୍ର ୮୨ ରନରେ ଅଲଆଉଟ୍ ହୋଇଯାଇଥିଲା। ବର୍ଷା ଯୋଗୁ ଏକ ୩୬ ଓଭର ବିଶିଷ୍ଟ ମ୍ୟାଚ୍‌ରେ ଝାଡ଼ଖଣ୍ଡ କେରଳକୁ ହରାଇ ଦେଇଛି।

## ୩୦୦୦ମି. ଷ୍ଟିପଲଚେଜ୍ ଫାଇନାଲରେ ଅବିନାଶ

**ଦୋହା,୨।୧୦(ପି.ଟି.)**

ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତର ଅବିନାଶ ସାବଲ୍ ପୁରୁଷ ୩୦୦୦ ମି. ଷ୍ଟିପଲଚେଜ୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ପ୍ରଥମେ ସେ ନିଜ ଜାତୀୟ ରେକର୍ଡଠାରୁ ଉନ୍ନତ ପ୍ରଦର୍ଶନ କରିଥିଲେ ମଧ ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଥିଲେ। ତାଙ୍କ ଜାତୀୟ ରେକର୍ଡ ଟାଇମିଂ ୮: ୨୮. ୯୪ ଥିଲା। ତେବେ ସେ ପ୍ରଥମ ରାଉଣ୍ଡ ହିଟ୍ ନମ୍ବର ୩ରେ ଏହାଠାରୁ ଉନ୍ନତ ୮ ମି. ୨୫.୨୩ ସେକେଣ୍ଡ ସମୟ ନେଇ ସପ୍ତମ ସ୍ଥାନରେ ରହିଥିଲେ। ତେବେ ଦୌଡ଼ ଅବସରରେ ୨ଟି ଘଟଣାର ସମ୍ମୁଖୀନ ହୋଇଥିଲେ ଓ ଏହା ଦ୍ୱାରା ତାଙ୍କ ଦୌଡ଼ରେ ବାଧା ସୃଷ୍ଟି ହୋଇଥିଲା। ଆଥଲେଟିକ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଏ ନେଇ ଅପିଲ କରିଥିଲା। ଦୌଡ଼ ଅବସରରେ ତାଙ୍କୁ ଦୁଇଥର ବାଧାର ସମ୍ମୁଖୀନ ହେବାକୁ ପଡିଥିଲା ବୋଲି ଏଏଫ୍‌ଆଇ ଦର୍ଶାଇଥିଲା। ଶେଷରେ ଅବିନାଶଙ୍କ ସପକ୍ଷରେ ଆଇଏଏଏଫ୍ ନିଷ୍ପତ୍ତି ନେଇଥିଲା। ମହିଳା ଜାଭେଲିନ ଥ୍ରୋରେ ପ୍ରଥମ ଭାରତୀୟ ଭାବେ ଫାଇନାଲରେ ପ୍ରବେଶ କରିଥିବା ଅନୁ ରାଣୀ ୮ମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ସେ ସର୍ବାଧିକ ୬୧.୧୨ ମିଟର ଦୂରକୁ ଜାଭେଲିନ ଥ୍ରୋ କରି ପାରିଥିଲେ।




ଦୋହାରେ ଚାଲିଥିବା ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ବୁଧବାର ମହିଳା ହେପ୍‌ଟାଥଲନ ୧୦୦ ମିଟର ହର୍ଡଲ୍ସ ଅବସରରେ ପ୍ରତିଯୋଗୀମାନେ।

## ସାଧାରଣ ପରିଷଦ ବୈଠକ ନେଇ ସିଓଏର ନୋଟିସ୍

**ନୂଆଦିଲ୍ଲୀ, ୨।୧୦(ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବାର୍ଷିକ ସାଧାରଣ ପରିଷଦ ବୈଠକ ନେଇ ପ୍ରଶାସକ କମିଟି (ସିଓଏ) ବୁଧବାର ନୋଟିସ ଜାରି କରିଛି। ଆସନ୍ତା ୨୩ ତାରିଖରେ ଏହି ବୈଠକ ବସିବ ବୋଲି ସିଓଏ ତରଫରୁ ଘୋଷଣା କରାଯାଇଛି। ତେବେ ଏହି ବୈଠକରେ କେବଳ ଅନୁଗତ ସଦସ୍ୟ ଯୋଗ ଦେଇପାରିବେ ବୋଲି ସିଓଏ ସ୍ପଷ୍ଟ କରିଛି। ପୂର୍ବରୁ ୨୧ ଦିନ ପୂର୍ବରୁ ସିଓଏ ସବୁ ସଦସ୍ୟଙ୍କୁ ନୋଟିସ୍ ପଠାଇଛି। ବିସିସିଆଇ ନିର୍ବାଚନ ତାରିଖ ମଧ ପୂର୍ବରୁ ଘୋଷଣା କରାଯାଇଛି। ୨୦୧୯ ସେପ୍ଟେମ୍ବର ୨୦ ତାରିଖରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ପାଳନ କରିଥିବା ବୋର୍ଡର ସଦସ୍ୟମାନେ ଏହି ବୈଠକରେ ଯୋଗ ଦେଇପାରିବେ ବୋଲି ସ୍ପଷ୍ଟ କରାଯାଇଛି। ଏ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ତାମିଲନାଡୁ କ୍ରିକେଟ ଆସୋସିଏଶନ (ଟିଏନ୍‌ସିଏ)ର ପ୍ରତିନିଧି ଏହି ବୈଠକରେ ଯୋଗ ନ ଦେବା ଭଳି ପରିସ୍ଥିତି ଉପୁଜିଛି। କାରଣ କିଛିଦିନ ତଳେ ଟିଏନ୍‌ସିଏ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ତେବେ ବିସିସିଆଇ ପ୍ରଣୟନ କରିଥିବା ନୂଆ ସମ୍ବିଧାନ ଅନୁଯାୟୀ ଏହି ନିର୍ବାଚନ ଅନୁଷ୍ଠିତ ହୋଇ ନ ଥିଲା।

## ପିକେଏଲ୍: ପ୍ଲେଅଫ୍‌ରେ ୟୁ ମୁମ୍ବା

**ପଞ୍ଚକୁଲା,୨।୧୦(ପିଟି):** ଚଳିତ ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ରେ ୟୁ ମୁମ୍ବା ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରିଛି। ସ୍ଥାନୀୟ ତାଉ ଦେବୀଲାଲ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ୟୁ ମୁମ୍ବା ୩୦-୨୬ ପଏଣ୍ଟରେ ପାଟନା ପାଇରେଟ୍ସକୁ ହରାଇ ଦେଇଛି। ବିଜୟୀ ଦଳ ଅଧିନାୟକ ସୁଲତାନ ଫାଜେଲ ଆଟ୍ରାଚାଲି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ତାଙ୍କ ଯୋଗୁ ପାଟନାର ଅଭିଜ୍ଞ ରାଇଡର ପ୍ରଦୀପ ନର୍ୱାଲକୁ ପଏଣ୍ଟ ହାତେଇବାକୁ ସୁଯୋଗ ପାଇ ନ ଥିଲେ। ଚଳିତ ସିଜନ୍‌ରେ ଫାଜଲ ମୋଟ ୩୦୦ ପଏଣ୍ଟ ପୂରଣ କରିଛନ୍ତି।

## ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରୁ ଭେକେ ବାଦ୍

**ନୂଆଦିଲ୍ଲୀ,୨।୧୦(ପିଟି):** ବାଂଲାଦେଶ ବିପକ୍ଷ ୨୦୨୨ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରୁ ଭାରତୀୟ ଡିଫେଣ୍ଡର ରାହୁଲ ଭେକେ ବାଦ୍ ପଡ଼ିଛନ୍ତି। ଆହତ ସମସ୍ୟା ଯୋଗୁ ତାଙ୍କୁ ଏଭଳି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଛି। ବେଙ୍ଗାଲୁରୁ ଏଫ୍‌ସି ଖେଳାଳି ୨୯ ଜଣିଆ ସାମ୍ଭାବ୍ୟ ଭାରତୀୟ ଦଳର ସ୍ଥାନ ପାଇଥିଲେ। ୧୫ ତାରିଖରେ କୋଲକାତାଠାରେ ହେବାକୁ ଥିବା ମ୍ୟାଚ୍ ପୂର୍ବରୁ ଏକ ପ୍ରସ୍ତୁତି କ୍ୟାମ୍ପ ଆୟୋଜନ ହେବାର ଥିଲା। କିନ୍ତୁ ଆହତ ସମସ୍ୟା ଯୋଗୁ ଭେକେ କ୍ୟାମ୍ପରେ ଯୋଗଦେଇ ନ ଥିଲେ। ଏ ନେଇ ସର୍ବଭାରତୀୟ ଫୁଟ୍‌ବଲ ଆସୋସିଏଶନ (ଏଆଇଏଫ୍‌ଏଫ୍) ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ହେଲେ ୨୮ ବର୍ଷୀୟ ଖେଳାଳି କେଉଁ ପ୍ରକାର ଆହତ ସମସ୍ୟା ଦେଇ ଗତି କରୁଛନ୍ତି, ତାହା ସ୍ପଷ୍ଟ କରାଯାଇ ନାହିଁ। ଗତ କିଙ୍ଗ୍ସ କପ୍‌ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ଭେକେ ଓମାନ ଓ କାତାର ବିପକ୍ଷରେ ଖେଳାଯାଇଥିବା ବିଶ୍ୱକପର ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ଖେଳିଥିଲେ। ଉଲ୍ଲେଖଥାଉ କି, ଭାରତୀୟ ଦଳ ପ୍ରଥମ ମ୍ୟାଚ୍‌ରେ ଓମାନଠାରୁ ୨-୧ ଗୋଲରେ ପରାସ୍ତ ହେବା ପରେ ଏସିଆନ ଚାମ୍ପିୟନ କତାର ବିପକ୍ଷ ମ୍ୟାଚ୍ ଡ୍ର' ରଖିଥିଲା। ବାଂଲାଦେଶ ବିପକ୍ଷ ମ୍ୟାଚ୍ ପରେ ଭାରତୀୟ ଦଳ ଆଫଗାନିସ୍ତାନ ଏବଂ ଓମାନ ସହ ଯଥାକ୍ରମେ ନଭେମ୍ବର ୧୪ ଓ ୧୯ ତାରିଖରେ ଖେଳିବ।

## ଜାତୀୟ ବକ୍ସିଂରେ ଭାଗନେବ ଓଡ଼ିଶା



ଜାତୀୟ ବକ୍ସିଂ ଚାମ୍ପିୟନ୍‌ଶିପ୍ ପାଇଁ ମନୋନୀତ ଓଡ଼ିଶା ଦଳ।

**ଭୁବନେଶ୍ୱର,୨।୧୦(ସ୍ପୋର୍ଟ୍ସ ବ୍ୟୁରୋ):** ଆସନ୍ତା ୪ରୁ ୧୦ ତାରିଖ ପର୍ଯ୍ୟନ୍ତ ହିମାଚଳ ପ୍ରଦେଶର ଭାଡ଼ି ବିଶ୍ୱବିଦ୍ୟାଳୟରେ ହେବାକୁ ଯାଉଛି ୪ର୍ଥ ପୁରୁଷ ଜାତୀୟ ବକ୍ସିଂ ଚାମ୍ପିୟନଶିପ୍। ଏହି ଇଭେଣ୍ଟ ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ ଓ ଆମେଚର ବକ୍ସିଂ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ। ଏଥିନେଇ ଗତ ୨୩ ତାରିଖରେ କଟକ ବାରବାଟୀ ଷ୍ଟାଡିୟମରେ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଗନେବେ ଓଡ଼ିଶାର ୯ ଜଣ ବକ୍ସର। ସେମାନେ ହେଲେ ସନ୍ତୋଷ କୁମାର ପ୍ରଧାନ(୪୬ରୁ ୪୯ କେଜି), ମାଇକେଲ ସନପିଟର (୪୯ରୁ ୫୨ କେଜି), ମୁନା ଗୌଡ଼ (୫୨ରୁ ୫୭ କେଜି), ଦୀପକ କୁମାର ପରିଡ଼ା(୫୭ରୁ ୬୦କେଜି), ଅବ୍‌ଦୁଲ ରେହେମାନ (୬୦ରୁ ୬୩ କେଜି), ସୁବ୍ରତ ପ୍ରଧାନ (୬୩ରୁ ୬୯ କେଜି), ସ୍ୱପ୍ନ କୁମାର ନାୟକ(୬୯ରୁ ୭୫ କେଜି), ଶିବ ଶଙ୍କର ସେଟି (୭୫ରୁ ୮୧ କେଜି), ମନମୋହନ ଶର୍ମା (୮୧ରୁ ୯୦ କେଜି)। ଦଳ ସହ କୋଚ୍ ଏନ୍. ମାଧବ ଓ ବୁଲୁ ପାତ୍ର, ମ୍ୟାନେଜର କମ୍ କୋଚ୍ ଶିବରାମ ପାତ୍ର, ରେଫରି ଶିଶିର କୁମାର ପାଣିଗ୍ରାହୀ, ଟେକନିକାଲ ପ୍ରତିନିଧି ଓଏବିଏର ସମ୍ପାଦକ ଅନିଲ ବହିଦାର ଗସ୍ତ କରିବେ। ଦଳର ଭଲ ପ୍ରଦର୍ଶନ ପାଇଁ ଓଡ଼ିଶା ଆମେଚର ବକ୍ସିଂ ଆସୋସିଏଶନ (ଓଏବିଏ) ସଭାପତି ଅଧୀପ ଦାସ, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ଯୁଗ୍ମ ସମ୍ପାଦକ ଅଶୋକ ସାହୁ, ଓଏବିଏର ଉପ ସଭାପତି ଦିବାକର ମହାନ୍ତି, କେ. ପ୍ରଭାକର ରାଓ, ସୁଦର୍ଶନ ସାହୁ, ଅଞ୍ଜନ ଦାଶ, ଯୁଗ୍ମ ସମ୍ପାଦକ ବିଜୟ ଦାସ, ଅରକ୍ଷିତ ପାଣିଗ୍ରାହୀ, ଲଡୁ କିଶୋର ସାହୁ, ପଦ୍ମନାଭ ପାତ୍ର, ରବୀନ୍ଦ୍ର ପଣ୍ଡା, କେଶବ ପଣ୍ଡା, ଅନିଲ ସାହୁ, ଅନ୍ତର୍ଜାତୀୟ ବକ୍ସର ମମତା ପଣ୍ଡା ଶୁଭକାମନା ଜଣାଇଛନ୍ତି।

## ବିଏଏ ନିର୍ବାଚନ ପାଇଁ ପଥ ପରିଷ୍କାର

**ଭୁବନେଶ୍ୱର,୨।୧୦(କ୍ରୀଡ଼ା ପ୍ରତିନିଧି)**

ନିକଟରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ହାଇ ପ୍ରୋଫାଇଲ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏବେ ବହୁଚର୍ଚ୍ଚିତ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ୍ (ବିଏଏ)ର ନିର୍ବାଚନ ପାଇଁ ପଥ ପରିଷ୍କାର ହୋଇଛି। ବିଏଏର ନିର୍ବାଚନକୁ ନେଇ ଅଦାଲତରେ ଚାଲିଥିବା ମାମଲାରେ ପୂର୍ଣ୍ଣଚ୍ଛେଦ ଟାଣି ଯଥାଶୀଘ୍ର ସମ୍ଭବ ନିର୍ବାଚନ କରାଇବାକୁ ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବିଏଏର ଅନ୍ୟତମ ସଦସ୍ୟ ତଥା ବର୍ତ୍ତମାନର ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଆବେଦନର ବିଚାର କରି ଜଷ୍ଟିସ୍ ଏସ୍.କେ. ମିଶ୍ରଙ୍କ ଖଣ୍ଡପୀଠ ଏହି ରାୟ ପ୍ରଦାନ କରିଛନ୍ତି। ଫଳରେ 'ବିଏଏ'ର ନିର୍ବାଚନକୁ ନେଇ ଦୀର୍ଘ ୧୨ ବର୍ଷ ଧରି ଲାଗି ରହିଥିବା ଅଚଳାବସ୍ଥାର ଅବସାନ ଘଟିବାକୁ ଯାଉଛି। କେବଳ ସେତିକି ନୁହେଁ ଏହା ପୂର୍ବରୁ ଭୁବନେଶ୍ୱର ସିଭିଲ ଜଜ୍ (ଜୁନିୟର ଡିଭିଜନ)ଙ୍କ କୋର୍ଟରୁ ହାଇକୋର୍ଟକୁ ସ୍ଥାନାନ୍ତର ହୋଇଥିବା ମାମଲା (୧୬୨/୨୦୧୦)କୁ ରଦ୍ଦ ଘୋଷଣା କରି ପୂର୍ବରୁ ନିର୍ବାଚନ ଉପରେ ଥିବା ସବୁପ୍ରକାର ରହିତାଦେଶକୁ ପ୍ରତ୍ୟାହାର କରି ନେଇଛନ୍ତି। ଏହା ଫଳରେ ୨୦୦୭ ପରଠାରୁ ନିର୍ବାଚନ ହୋଇ ନ ଥିବା ରାଜଧାନୀ ଭୁବନେଶ୍ୱରର ସର୍ବୋଚ୍ଚ କ୍ରୀଡ଼ା ପରିଚାଳନାକାରୀ ଅନୁଷ୍ଠାନ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ୍‌ର ପୁନଃ ନିର୍ବାଚନ ଆଶା ଉଜ୍ଜୀବିତ ହୋଇଛି। ସେହିପରି ବିଏଏର ନିର୍ବାଚିତ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ପରିବର୍ତ୍ତନ ସଂପର୍କିତ କୌଣସି ନିଷ୍ପତ୍ତି ପାଇଁ ନିୟମାନୁସାରେ ସଂଘର ସମ୍ବିଧାନରେ ଆବଶ୍ୟକ ସଂଶୋଧନ କରିବାକୁ ଓ ଆଇଜିଆରରେ ଥିବା ସଂଘର ନିୟମାବଳୀରେ ସେହି ଅନୁଯାୟୀ ଆବଶ୍ୟକ ପରିବର୍ତ୍ତନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୦୭ ସେପ୍ଟେମ୍ବର ୨ରେ ଶେଷଥର ପାଇଁ ବିଏଏର ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନର ବିଧାୟକ ସୁରେଶ କୁମାର ରାଉତରାୟ ସଭାପତି ଏବଂ ଡ. ସୌର୍ଯ୍ୟରଞ୍ଜନ ପରିଜା ସମ୍ପାଦକଭାବେ ନିର୍ବାଚିତ ହୋଇଥିଲେ। ବିଏଏ ନିର୍ବାଚିତ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ୨ ବର୍ଷିଆ ହୋଇଥିବାରୁ ୨୦୦୯ ମସିହା ସେପ୍ଟେମ୍ବର ପହିଲା ସୁଦ୍ଧା ନୂଆ କର୍ମକର୍ତ୍ତା ନିର୍ବାଚନ ହେବା କଥା। କିନ୍ତୁ ଠିକ୍ ସମୟରେ ନିର୍ବାଚନ କିମ୍ବା ବର୍ଷକୁ ଥରେ ହେବାକୁଥିବା ସାଧାରଣ ପରିଷଦ ବୈଠକ ଡକାଯାଇ ନ ଥିଲା। ନିର୍ବାଚନ କରାଇବାକୁ ସଦସ୍ୟମାନେ ଦାବି କରିବାରୁ ୨୦୧୦ ମାର୍ଚ୍ଚ ୨୧ରେ ସାଧାରଣ ପରିଷଦ ବୈଠକ ବସିଥିଲା। ଉକ୍ତ ବୈଠକରେ ୨୦୧୦ ମେ'୨ରେ ନିର୍ବାଚନ କରିବାକୁ ସର୍ବସମ୍ମତ ନିଷ୍ପତ୍ତି ହୋଇଥିଲା। କିନ୍ତୁ ସେହିବର୍ଷ ମାର୍ଚ୍ଚ ୨୯ରେ ସଂଘର ଜଣେ କାର୍ଯ୍ୟକାରୀ ସମିତି ସଦସ୍ୟ ଜୟନ୍ତ ପଟ୍ଟନାୟକ ତାଙ୍କର କାର୍ଯ୍ୟକାଳ ୨ ନୁହେଁ, ୪ ବର୍ଷ ବୋଲି ଦାବି କରି ନିର୍ବାଚନ ସ୍ଥଗିତ ରଖିବାକୁ ଭୁବନେଶ୍ୱର ସିଭିଲ ଜଜ୍ (ଜୁନିୟର ଡିଭିଜନ)ଙ୍କ ଅଦାଲତରେ ଏକ ମାମଲା ଦାଏର କରିଥିଲେ। ସେହି ମାମଲା ଯୋଗୁଁ ପ୍ରସ୍ତାବିତ ନିର୍ବାଚନ ଅଟକିଯାଇଥିଲା। ବାଦୀ ଓ ପ୍ରତିବାଦୀ ମିଶି ମାମଲାକୁ ଗଡ଼ାଇ ଚାଲିଥିବା ଅଭିଯୋଗ ହୋଇଥିଲା। ମାମଲାରେ ବିଳମ୍ବ ହେବାରୁ ଲଳିତେନ୍ଦୁ ୨୦୧୨ରେ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୪ ବର୍ଷ ବୋଲି ଦାବି କରାଯାଇଥିବା ସଂପୃକ୍ତ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳକୁ ଇତି ମଧ୍ୟରେ ୧୨ ବର୍ଷ ପୂରି ଯାଇଥିଲେ ହେଁ ନିର୍ବାଚନ ସମ୍ଭବ ହେଉ ନ ଥିଲା। ରାଜଧାନୀରେ କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ବିକାଶ ପାଇଁ ୧୯୬୭-୬୮ରେ ସ୍ଥାପିତ ହୋଇଥିବା 'ବିଏଏ' ଇତିମଧ୍ୟରେ ୫୦ ବର୍ଷ ପୂର୍ତ୍ତି କରିସାରିଛି। କିନ୍ତୁ ରାଜଧାନୀରେ କ୍ରୀଡ଼ା ପରିଚାଳନା ପାଇଁ ଗଠିତ ଏହି ସର୍ବୋଚ୍ଚ ସଂସ୍ଥା ବିଗତ ଏକ ଦଶନ୍ଧି ହେଲା ସ୍ଥାଣୁ ଅବସ୍ଥାରେ ରହିଛି। ଇତିମଧ୍ୟରେ ରାଜଧାନୀରେ ବିଭିନ୍ନ ଖେଳ ଭିତ୍ତିଭୂମିର ବିକାଶ ତଥା ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନରେ ଓଡ଼ିଶା ସରକାର ନୂଆ ମାଇଲଖୁଣ୍ଟି ସ୍ଥାପନ କରିଛନ୍ତି। ଭୁବନେଶ୍ୱରକୁ ଭାରତର କ୍ରୀଡ଼ା ରାଜଧାନୀ କୁହାଯାଉଛି। କିନ୍ତୁ ସେହି କ୍ରୀଡ଼ା ରାଜଧାନୀର କ୍ରୀଡ଼ା ପରିଚାଳନାକାରୀ ସଂସ୍ଥା ବିଏଏ ସୁପ୍ତ ଅବସ୍ଥାରେ ରହିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଲଳିତେନ୍ଦୁଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ଏହି ମାମଲା ପରିଚାଳନା କରୁଛନ୍ତି।

> କ୍ରୀଡ଼ାରେ ପୁରୁଷଙ୍କ ପରି ମହିଳାଙ୍କୁ ସମାନ ସୁବିଧା ସୁଯୋଗ ଦିଆଯିବା ଦରକାର ଏବଂ ସେମାନଙ୍କ ଉପରେ ଭରସା ରଖାଯାଉ। ଫଳରେ ସେମାନେ ମଧ୍ୟ ଭଲ ପ୍ରଦର୍ଶନ କରିବେ ।
> –ଅନୁ ରାଣୀ, ଭାରତର ଶ୍ରେଷ୍ଠ ମହିଳା ଜାଭେଲିନ ଥ୍ରୋୟର



> ଟେଷ୍ଟ କ୍ରିକେଟ୍‌ରେ ଜଣେ ଓପନିଂ ବ୍ୟାଟ୍ସମ୍ୟାନ ପାଇଁ ଭିନ୍ନ ମାନସିକତା ଓ ଦର୍ଶନର ଆବଶ୍ୟକତା ରହିଛି। ବୀରେନ୍ଦ୍ର ସେହ୍ୱାଗଙ୍କ ପରି ରୋହିତ୍ ଶର୍ମା ଓପନିଂରେ ଆକ୍ରମଣାତ୍ମକ ବ୍ୟାଟିଂ କରିବା ଆବଶ୍ୟକ ।
> – ସଚିନ ତେନ୍ଦୁଲକର, ପୂର୍ବତନ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### ମହିଳା ଟି୨୦: ଭାରତ ସିରିଜ ବିଜୟୀ

**ସୁରଟ,୨।୧୦(ପି.ଟି.):** ୧୫ ବର୍ଷୀୟା ସେଫାଳି ବର୍ମାଙ୍କ ଉପଯୋଗୀ ବ୍ୟାଟିଂ ଓ ପୁନମ ଯାଦବଙ୍କ ଦମ୍‌ଦାର ବୋଲିଂ ବଳରେ ଭାରତୀୟ ମହିଳା ଦଳ ମଙ୍ଗଳବାର ଏଠାରେ ଅନୁଷ୍ଠିତ ଚତୁର୍ଥ ଟି୨୦ ମ୍ୟାଚ୍‌ରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାକୁ ୫୧ ରନରେ ପରାସ୍ତ କରିଛି। ଏଥିସହ ୫ ମ୍ୟାଚ୍ ବିଶିଷ୍ଟ ଏହି ଟି୨୦ ସିରିଜରେ ଭାରତ ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ଓଦା ଆଉଟ ଫିଲ୍ଡ ଯୋଗୁ ଖେଳ ଆରମ୍ଭରେ ବିଳମ୍ବ ହୋଇଥିଲା ଓ ମ୍ୟାଚ୍‌କୁ ୧୭ ଓଭର ବିଶିଷ୍ଟ କରାଯାଇଥିଲା। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ୪ ଉଇକେଟ ହରାଇ ୧୪୦ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ସେଫାଳି ସର୍ବାଧିକ ୪୬, ଜେମିମା ରୋଡ୍ରିଗୁଏଜ୍ ୩୩ ରନ କରି ଆଉଟ ହୋଇଥିଲେ। ଦକ୍ଷିଣ ଆଫ୍ରିକାର ନାଡିନ ଡି କ୍ଲର୍କ ୨ ଉଇକେଟ ନେଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୭ ଉଇକେଟ ହରାଇ ୮୯ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ବୋଲିଂରେ ଭାରତର ପୁନମ ଯାଦବ ୩ ଓ ରାଧା ଯାଦବ ୨ ଉଇକେଟ ନେଇଥିଲେ।

### କିଙ୍ଗ୍ସ ଇଲେଭେନ ପଞ୍ଜାବ କୋଚ୍ ହୋଇପାରନ୍ତି କୁମ୍ବଲେ

**ନୂଆଦିଲ୍ଲୀ, ୨।୧୦:** ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ଅନିଲ କୁମ୍ବଲେ ଆଇପିଏଲ୍ ଫ୍ରାଞ୍ଚାଇଜ୍ କିଙ୍ଗ୍ସ ଇଲେଭେନ ପଞ୍ଜାବ ଦଳର ନୂଆ ମୁଖ୍ୟ କୋଚ୍ ହୋଇପାରନ୍ତି। ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ ପଞ୍ଜାବ ଦଳର ସହ ମାଲିକ ନେସ୍ ୱାଡିୟା, ମୋହିତ୍ ବର୍ମନ ଓ ପ୍ରୀତି ଜିଣ୍ଟାଙ୍କ ସହ କୁମ୍ବଲେ ଆଗାମୀ ଦିନରେ ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକ ପରେ ଚିତ୍ର ସ୍ପଷ୍ଟ ହୋଇଯିବ ବୋଲି ଅନୁମାନ କରାଯାଉଛି। ପୂର୍ବରୁ ନ୍ୟୁଜିଲାଣ୍ଡର ମାଇକ ହେସେନ ପଞ୍ଜାବ ଦଳର ମୁଖ୍ୟ ପ୍ରଶିକ୍ଷକ ରହିଥିଲେ। ତେବେ ହେସେନ ଭାରତୀୟ ଦଳର କୋଚ୍ ଦୌଡ଼ରେ ରହିବାରୁ ତାଙ୍କୁ ପଞ୍ଜାବ ଦାୟିତ୍ୱରୁ ଇସ୍ତଫା ଦେବାକୁ ପଡ଼ିଥିଲା। ସେହିପରି କ୍ରିକେଟ୍‌ରୁ ଅବସର ନେବା ପରେ କୁମ୍ବଲେ ଭାରତୀୟ ଦଳର ମୁଖ୍ୟ କୋଚ୍ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ କିଛିଦିନ କାମ କରିଥିଲେ। କିନ୍ତୁ ବିରାଟ କୋହଲିଙ୍କ ସହ ମତାନ୍ତର ଯୋଗୁ ସେ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ।

### ପାକିସ୍ତାନ ଦଳକୁ ଫେରିଲେ ଆକ୍ମଲ, ଶେହଜାଦ

**କରାଚି,୨।୧୦:** ଆସନ୍ତା ଶ୍ରୀଲଙ୍କା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଲାଗି ପାକିସ୍ତାନ ଦଳ ଘୋଷଣା ହୋଇଛି। ଦଳରେ ଅହମ୍ମଦ ଶେହଜାଦ ଓ ଉମର ଆକମଲଙ୍କୁ ସ୍ଥାନ ଦେଇଛନ୍ତି ପାକିସ୍ତାନ ଦଳର ନୂଆ କୋଚ୍ ଓ ମୁଖ୍ୟ ଚୟନକର୍ତ୍ତା ମିସ୍ବା ଉଲ-ହକ୍। ଏହି ଦୁଇ ଜଣଙ୍କ ବ୍ୟତୀତ ଫହିମ ଅଶ୍ରଫଙ୍କୁ ୧୬ ଜଣିଆ ଦଳରେ ସାମିଲ କରାଯାଇଛି। ଏମାନେ ଆବିଦ ଅଲି, ମହମ୍ମଦ ରିଜୱାନ ଓ ଇମାମ ଉଲ ହକ୍‌ଙ୍କ ସ୍ଥାନ ନେଇଛନ୍ତି। ଏହାବାଦ୍ ଅନ୍ୟ ୧୩ ଜଣ ଦଳରେ ସ୍ଥାନ ବଜାୟ ରଖିଛନ୍ତି।

# ପ୍ରଥମ ଦିନରେ ଭାରତର ଆଧିପତ୍ୟ

## ରୋହିତଙ୍କ ଅପରାଜିତ ଶତକ



**ବିଶାଖାପାଟଣା,୨।୧୦ (ପି.ଟି.)**

ସୀମିତ ଓଭର ତାରକା ଓପନର ରୋହିତ ଶର୍ମା ଟେଷ୍ଟ ଫର୍ମାଟ୍‌ରେ ଇନିଂସ ଓପନ୍ କରି ଆରମ୍ଭରୁ ସଫଳତା ହାସଲ କରିଛନ୍ତି। ସ୍ଥାନୀୟ ଡ. ୱାଇ.ଏସ୍. ରାଜଶେଖର ରେଡ୍ଡୀ ଷ୍ଟାଡିୟମରେ ବୁଧବାରଠାରୁ ଆରମ୍ଭ ହୋଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତ ପାଇଁ ଇନିଂସ ଓପନ କରି ରୋହିତ ଶତକ ହାସଲ କରି ଅପରାଜିତ ରହିଛନ୍ତି। ଟେଷ୍ଟରେ ଇନିଂସ ଓପନ୍ କରିବାରେ ରୋହିତ ତାଙ୍କ ପ୍ରଥମ ପରୀକ୍ଷାରେ ପାସ୍ କରିଛନ୍ତି। ଟସ୍ ଜିତି ଭାରତୀୟ ଅଧିନାୟକ ବିରାଟ କୋହଲି ପ୍ରଥମ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମ ଇନିଂସ ଆରମ୍ଭ କରି ଭାରତ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୫୯.୧ ଓଭରରେ କୌଣସି ଉଇକେଟ ନ ହରାଇ ୨୦୨ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ରୋହିତ ୧୧୫ ରନର ଶତକୀୟ ପାଳି ଖେଳି ଅପରାଜିତ ରହିଛନ୍ତି। ସେହିପରି ଅନ୍ୟତମ ଓପନର ମୟଙ୍କ ଅଗ୍ରୱାଲ ୮୪ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଅପରାଜିତ ରହିଛନ୍ତି ଓ ସେ କ୍ୟାରିୟରର ପ୍ରଥମ ଟେଷ୍ଟ ଶତକ ହାସଲ ଆଡକୁ ଅଗ୍ରସର ହୋଇଛନ୍ତି। ପ୍ରଥମ ଦିବସର ଖେଳ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଥିଲା। ଅନ୍ତିମ ସେସନର ଖେଳ ସମ୍ଭବ ହୋଇପାରି ନ ଥିଲା। ଫଳରେ ପାଖାପାଖି ୩୦ ଓଭରର ଖେଳ ହୋଇପାରି ନ ଥିଲା। ବୁଧବାର ବର୍ଷା ହେବାର ୮୦ ପ୍ରତିଶତ ସମ୍ଭାବନା ଥିଲା। ଚା’ ପାନ ବିରତି ପରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିଲା। ବର୍ଷା ପୂର୍ବରୁ ରୋହିତ ଦମ୍‌ଦାର ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଥମ ସେସନରେ ଦକ୍ଷିଣ ଆଫ୍ରିକା ବୋଲରମାନେ ଦୁଇ ଭାରତୀୟ ଓପନରଙ୍କୁ ସାମାନ୍ୟ ଅସୁବିଧାରେ ପକାଇଥିଲେ। ତେବେ ଦ୍ୱିତୀୟ ସେସନରେ ଭ୍ରମଣକାରୀ ବୋଲର ପ୍ରଭାବହୀନ ସାବ୍ୟସ୍ତ ହୋଇଥିଲେ। ଦ୍ରୁତ ବୋଲର କାଗିସେ ରାବାଡ଼ାଙ୍କୁ ଚୌକା ମାରି ରୋହିତ ଇନିଂସ ଆରମ୍ଭ କରିଥିଲେ ଓ ଲଞ୍ଚ୍ ପୂର୍ବରୁ ଅର୍ଦ୍ଧଶତକ ହାସଲ କରିନେଇଥିଲେ। ସ୍ପିନରଙ୍କୁ ସେ ଜବରଦସ୍ତ ଧୁଲାଇ କରିଥିଲେ। ସେ ଅଫ୍ ସ୍ପିନର ଡେନ୍ ପିଟ୍‌ଙ୍କୁ କ୍ରମାଗତ ୨ଟି ଛକା ମାରିଥିଲେ। ପଦାର୍ପଣ କରିଥିବା ସ୍ପିନର ସେନୁରାନ ମୁଥୁସାମିଙ୍କ ବଲ୍‌ରେ ସିଙ୍ଗଲ୍ ନେଇ ରୋହିତ ଶତକ ହାସଲ କରିଥିଲେ। ଏଥି ସହ ରୋହିତ କ୍ୟାରିୟର ଚତୁର୍ଥ ଟେଷ୍ଟ ଶତକ ଅର୍ଜନ କରିଛନ୍ତି। ୧୭୪ଟି ବଲର ସମ୍ମୁଖୀନ ହୋଇ ୧୨ ଚୌକା ଓ ୫ ଛକା ସହ ସେ ଚମତ୍କାର ଇନିଂସ ଖେଳି ଅପରାଜିତ ରହିଛନ୍ତି। ଶତକ ହାସଲ ପରେ ଡ୍ରେସିଂ ରୁମ୍‌ରେ ରୋହିତ୍‌ଙ୍କୁ ସମ୍ମାନ ଜଣାଇ ଅଧିନାୟକ କୋହଲି ଓ ଅନ୍ୟମାନେ ଠିଆ ହୋଇ ଅଭିବାଦନ ଜଣାଇଥିଲେ। ସେହିପରି ମୟଙ୍କ ୧୮୩ଟି ବଲର ସମ୍ମୁଖୀନ ହୋଇ ୧୧ଟି ଚୌକା ଓ ୨ଟି ଛକା ସହ ଶତକ ହାସଲ ଆଡକୁ ଅଗ୍ରସର ହେଉଛନ୍ତି। ପ୍ରଥମ ଉଇକେଟରେ ଏହି ଯୋଡି ୨୦୨ ରନ ସଂଗ୍ରହ କରି ଏକାଧିକ କୀର୍ତ୍ତିମାନ ହାସଲ କରିଛନ୍ତି। ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର କାଗିସୋ ରାବାଡ଼ା, ଭର୍ନନ ଫିଲାଣ୍ଡର ସଫଳ ମୁକାବିଲା କରିଥିଲେ ଏହି ଓପନିଂ ଯୋଡି। ପିଚ୍‌ରେ ବଲ୍ ଟର୍ନ କରିବାର ସମ୍ଭାବନା ଥିବାରୁ ଦକ୍ଷିଣ ଆଫ୍ରିକା ୩ ସ୍ପିନର କେଶବ ମହାରାଜ, ପିଟ୍ ଓ ମୁଥୁସାମିଙ୍କୁ ଖେଳାଇଥିଲା। ଟେଷ୍ଟରେ ରୋହିତ ଇନିଂସ ଓପନ କରି ସଫଳ ହେଉଛନ୍ତି କି ନା ସେ ନେଇ ସମସ୍ତଙ୍କର ନଜର ରହିଥିଲା। ଶେଷରେ ରୋହିତ ପ୍ରଥମ ପରୀକ୍ଷରେ ସଫଳ ହୋଇଛନ୍ତି। ପିଚ୍‌କୁ ଭଲ ଭାବେ ପରଖିବା ପରେ ରୋହିତ ଦିନିକିଆ ଶୈଳୀରେ ଖେଳିବା ଆରମ୍ଭ କରିଥିଲେ। ଶତକ ହାସଲ ପୂର୍ବରୁ ରୋହିତ କ୍ୟାରିୟରର ୧୧ତମ ଟେଷ୍ଟ ଅର୍ଦ୍ଧଶତକ ହାସଲ କରିଥିଲେ। ବୋଲରମାନେ ଉଇକେଟ ହାସଲ ନ କରିପାରିବାରୁ ଦକ୍ଷିଣ ଆଫ୍ରିକା ଅଧିନାୟକ ଫାଫ୍ ଡୁପ୍ଲେସି ବାରମ୍ବାର ରଣନୀତି ବଦଳାଇଥିଲେ ଓ ଏହା କାମ ଦେଇ ନ ଥିଲା। ରୋହିତ ଆଗକୁ ଯାଇ ଶଟ୍ ଖେଳିଥିଲେ। ଫଳରେ ଡୁପ୍ଲେସି ଉଇକେଟକିପର କ୍ୱିଣ୍ଟନ ଡିକକଙ୍କୁ ଉଇକେଟ ପାଖରେ ଜଗିବାକୁ ନିର୍ଦ୍ଦେଶ ଦେଇଥିଲେ।



ଟ୍ରଫି ସହ ଫାଫ୍ ଡୁ ପ୍ଲେସି ଓ ବିରାଟ କୋହଲି।

### ବ୍ରାଡମ୍ୟାନଙ୍କ ସମକକ୍ଷ ରୋହିତ

ଓପନର ହିସାବରେ ପ୍ରଥମ ପରୀକ୍ଷରେ ସଫଳ ହୋଇଥିବା ରୋହିତ ଶର୍ମା ଶତକ ହାସଲ କରିବା ସହ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ଡନ୍ ବ୍ରାଡମ୍ୟାନଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ଏଥି ସହିତ ଘରୋଇ ପରିବେଶ୍‌ରେ ରୋହିତଙ୍କ ହାରାହାରି ଟେଷ୍ଟ ରନ ସଂଗ୍ରହ ୯୯.୮୨ ହୋଇଛି। ଘରୋଇ ମାଟିରେ ସେ ୧୦ଟି ଟେଷ୍ଟ ଖେଳି ୧୫ଟି ଇନିଂସରୁ ମୋଟ ୮୮୪ ରନ ସଂଗ୍ରହ କରି ବ୍ରାଡମ୍ୟାନଙ୍କ ଘରୋଇ ଆଭରେଜ୍‌ର ସମକକ୍ଷ ହୋଇଛନ୍ତି। ପୂର୍ବରୁ ବ୍ରାଡମ୍ୟାନ ଘରୋଇ ମାଟିରେ ୫୦ ଇନିଂସରୁ ୯୮.୨୨ ହାରରେ ରନ୍ ସଂଗ୍ରହ କରି ୪୩୨୨ ରନ ସଂଗ୍ରହ କରିଥିଲେ। ତେବେ ମୋଟ ଉପରେ ଦେଖିବାକୁ ଗଲେ ରୋହିତ ୨୮ଟି ମ୍ୟାଚ୍ ଖେଳି ୪ଟି ଶତକ ସହ ୪୨.୫୦ ରନ ହାରରେ ୧୭୦୦ ରନ ସଂଗ୍ରହ କରିଛନ୍ତି। ଗୁରୁବାର ଦ୍ୱିତୀୟ ଦିନରେ ସେ ଅଧିକ ରନ ସଂଗ୍ରହ କଲେ ଏହି ରେକର୍ଡରେ ଆହୁରି ଉନ୍ନତି ଘଟିବ ବୋଲି ଆଶା କରାଯାଉଛି।

### ପ୍ରଥମ ଇନିଂସରେ ୧୦୦ ରନରୁ ଊର୍ଦ୍ଧ୍ୱ ପାର୍ଟନରଶିପ୍ କରିଥିବା ଭାରତୀୟ ଓପନିଂ ଯୋଡ଼ି

| | | | |
|---|---|---|---|
| ୧୧୧ | ଏ. ମଙ୍କଡ– ଏଫ୍ ଇଞ୍ଜିନିୟର ବନାମ ଅଷ୍ଟ୍ରେଲିଆ | କାନପୁର | ୧୯୬୯/୭୦ |
| ୧୫୬ | ଏସ୍. ଗାଭାସ୍କର–ଅରୁନ ଲାଲ୍ ବନାମ ଶ୍ରୀଲଙ୍କା | ଚେନ୍ନାଇ | ୨୯୮୨ |
| ୪୧୦ | ଭି. ସେହ୍ୱାଗ– ଆର. ଦ୍ରାବିଡ ବନାମ ପାକିସ୍ତାନ | ଲାହୋର | ୨୦୦୫/୦୬ |
| ୧୫୩ | ଡବ୍ଲ୍ୟୁ. ଜାଫର– ଡି. କାର୍ତ୍ତିକ ବନାମ ଦକ୍ଷିଣ ଆଫ୍ରିକା | କେପ୍ ଟାଉନ | ୨୦୦୬/୦୭ |
| ୨୮୯ | ଏମ୍. ବିଜୟ– ଶିଖର ଧାୱନ ବନାମ ଅଷ୍ଟ୍ରେଲିଆ | ମୋହାଲି | ୨୦୧୨/୧୩ |
| ୧୫୨ | କେଏଲ୍ ରାହୁଲ– ପ. ପଟେଲ ବନାମ ଇଂଲଣ୍ଡ | ଚେନ୍ନାଇ | ୨୦୧୬/୧୭ |
| ୨୦୨* | ଏମ୍. ଅଗ୍ରୱାଲ– ଆର. ଶର୍ମା ବନାମ ଦକ୍ଷିଣ ଆଫ୍ରିକା | ଭାଇଜାଗ | ୨୦୧୯/୨୦ |

### ଓପନର ଭାବେ ନିଜ ପ୍ରଥମ ଇନିଂସରେ ଶତକ

| | | | |
|---|---|---|---|
| ୧୮୭ | ଶିଖର ଧାୱନ ବନାମ ଅଷ୍ଟ୍ରେଲିଆ | ମୋହାଲି | ୨୦୧୨/୧୩ |
| ୧୧୦ | ଲୋକେଶ ରାହୁଲ ବନାମ ଅଷ୍ଟ୍ରେଲିଆ | ସିଡନୀ | ୨୦୧୪/୧୫ |
| ୧୩୪ | ପୃଥ୍ୱୀ ଶ ବନାମ ୱେଷ୍ଟଇଣ୍ଡିଜ | ରାଜକୋଟ | ୨୦୧୮/୧୯ |
| ୧୧୫* | ରୋହିତ ଶର୍ମା ବନାମ ଦକ୍ଷିଣ ଆଫ୍ରିକା | ଭାଇଜାଗ | ୨୦୧୯/୨୦ |

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ– ୫୯.୧ ଓଭରରେ ୨୦୨/୦ (ରୋହିତ– ୧୧୫*, ମୟଙ୍କ– ୮୪*)

## ପଦାର୍ପଣ କଲେ ଭାରତୀୟ ବଂଶୋଦ୍ଭବ

**ବିଶାଖାପାଟଣା,୨।୧୦(ପି.ଟି.)**

ଭାରତୀୟ ବଂଶୋଦ୍ଭବ ସେନୁରାନ ମୁଥୁସାମୀ ବୁଧବାର ଭାରତ ବିପକ୍ଷରେ ଦକ୍ଷିଣ ଆଫ୍ରିକା ଦଳରୁ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରି ସ୍ୱପ୍ନ ପୂରା କରିଛନ୍ତି। ୨୫ ବର୍ଷ ତଳେ ଏହି ବ୍ୟାଟିଂ ଅଲରାଉଣ୍ଡରଙ୍କ ପରିବାର ତାମିଲନାଡୁ ଛାଡ଼ି ଦକ୍ଷିଣ ଆଫ୍ରିକା ଚାଲି ଯାଇଥିଲା। ମୁଥୁସାମୀ ଭାରତୀୟ ଦଳ ପାଇଁ ଅଜଣା ନୁହନ୍ତି। ସେ ଗତ ବର୍ଷ ଦକ୍ଷିଣ ଆଫ୍ରିକା ଏ’ ଦଳ ସହ ଭାରତ ଆସିଥିଲେ। ‘‘ଆମେ ପ୍ରକୃତରେ ଚେନ୍ନାଇ ବାସିନ୍ଦା। ମୋ ପରିବାର ଏବେ ମଧ୍ୟ ନାଗାପାଟ୍ଟିନାମ (ଚେନ୍ନାଇଠାରୁ ୩୦୦ କି.ମି. ଦୂର)ରେ ରହୁଛନ୍ତି। ବହୁ ବର୍ଷ ତଳେ ଆମେ ତାମିଲନାଡୁ ଛାଡ଼ି ଯାଇଥିଲୁ। ହେଲେ ଆମେ ଏବେ ମଧ୍ୟ ଦକ୍ଷିଣ ଭାରତୀୟ ପରମ୍ପର ମାନୁଛୁ। ଆମ ଘରେ କିଛି ଲୋକ ତାମିଲ ଭାଷାରେ କଥା ହେଉଛନ୍ତି। ଦୁର୍ଭାଗ୍ୟବଶତଃ ମୁଁ ଧୀରେ ଧୀରେ ଏହି ଭାଷା ଶିକ୍ଷା କରୁଛି’’ ବୋଲି ମୁଥୁସ୍ୱାମୀ କହିଛନ୍ତି। ତାଙ୍କ ବ୍ୟତୀତ ଦକ୍ଷିଣ ଆଫ୍ରିକା ଦଳରେ ଆଉ ଜଣେ ଭାରତୀୟ ବଂଶୋଦ୍ଭବ କେଶବ ମହାରାଜ ସ୍ଥାନ ପାଇଛନ୍ତି। ପିଚ୍ ଡ୍ରାଏ ଥିବାରୁ ଅଧିନାୟକ ଫାଫ ଡୁପ୍ଲେସି ଦଳରେ ଦୁଇ ସ୍ପିନର ସହ ଜଣେ କାମଚଳା ସ୍ପିନର ରଖିବାକୁ ନିଷ୍ପତ୍ତି ନେଇଥିଲେ।



ସେନୁରାନ ମୁଥୁସାମୀ

## ଜାପାନ ଓପନ: କ୍ୱାର୍ଟରରେ ଜୋକୋଭିଚ୍

**ଟୋକିଓ,୨।୧୦:** ବିଶ୍ୱର ଶୀର୍ଷ ର୍‍ୟାଙ୍କଧାରୀ ନୋଭାକ ଜୋକୋଭିଚ୍ ଏଠାରେ ଚାଲିଥିବା ଜାପାନ ଓପନ ଟେନିସ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ଘରୋଇ ଖେଳାଳି ଗୋ ସୋଏଡାଙ୍କୁ ୬–୩,୭–୫ସେଟ୍‌ରେ ହରାଇ ଦେଇଛନ୍ତି। ଏଠାରେ ସର୍ବିଆ ଷ୍ଟାର ଖେଳାଳି ଜୋକୋଭିଚ୍ ୧୦ମ ଥର ପାଇଁ ଭାଗ ନେଉଛନ୍ତି। ହେଲେ ସେ କଦାପି ଜାପାନ ଓପନ ଟାଇଟଲ ହାତେଇବାରେ ସଫଳ ହୋଇ ନାହାନ୍ତି। ଚଳିତ ସିଜନରେ ୪ ଫାଇନାଲରୁ ୩ ଟାଇଟଲ ଜିତିଥିବା ଜୋକୋଭିଚ୍ ୟୋଶିହିଟୋ କିମ୍ବା ଲୁକାସ ପୋଲେଙ୍କୁ ଭେଟିବେ। ଏକମାତ୍ର ପୂର୍ବତନ ଚାମ୍ପିୟନ ଭାବେ ଡେଭିଡ ଗଫିନ ଏଠାରେ ଖେଳୁଛନ୍ତି। ସେ ଦୁଇ ଥର ଫାଇନାଲରେ ପ୍ରବେଶ କରି ୨୦୧୭ରେ ଚାମ୍ପିୟନ ଚାମ୍ପିୟନ ହୋଇଥିଲେ।

## ହିଲିଙ୍କ ରେକର୍ଡ ଶତକ

**ସିଡ୍‌ନୀ,୨।୧୦**

ଅଷ୍ଟ୍ରେଲିଆ ମହିଳା ଦଳର ଉଇକେଟକିପର ବ୍ୟାଟ୍ସଓମ୍ୟାନ ଆଲିସା ହିଲି ଏଠାରେ ଖେଳାଯାଇଥିବା ଶ୍ରୀଲଙ୍କା ବିପକ୍ଷ ଅନ୍ତିମ ତଥା ୩ୟ ଟି୨୦ ମ୍ୟାଚ୍‌ରେ ବିସ୍ଫୋରକ ଶତକୀୟ ଇନିଂସ ଖେଳିଛନ୍ତି। ହିଲି ମାତ୍ର ୬୧ ବଲର ସମ୍ମୁଖୀନ ହୋଇ ୧୪୮ ରନ୍ କରିଛନ୍ତି। ଅନ୍ତର୍ଜାତୀୟ ମହିଳା ଟି୨୦ କ୍ରିକେଟର ଏହା ସର୍ବାଧିକ ବ୍ୟକ୍ତିଗତ ସ୍କୋର। ଏହି ଇନିଂସ ସହ ହିଲି ନିଜ ସାଥୀ ଖେଳାଳି ମେଗ ଲାନିଂ (୧୩୩)ଙ୍କୁ ପଛରେ ପକାଇଛନ୍ତି। ଓପନିଂ କରିବାକୁ ଆସିଥିବା ହିଲିଙ୍କ ଇନିଂସରେ ୧୯ ଚୌକା ଓ ୭ ଛକା ସାମିଲ ଥିଲା। ସେ ୪୬ ବଲରେ ଶତକ ଲଗାଇଥିଲେ। ତେବେ ଏହା ମହିଳା ଟି୨୦ କ୍ରିକେଟରେ ଦ୍ୱିତୀୟ ଦ୍ରୁତତମ ଶତକ। ତାଙ୍କର ଏହି ବିସ୍ଫୋରକ ଇନିଂସ ଯୋଗୁ ଅଷ୍ଟ୍ରେଲିଆ ଧାର୍ଯ୍ୟ ୨୦ ଓଭରରେ ୨ ଉଇକେଟ ହରାଇ ୨୨୬ ରନ୍ କରିଥିଲା। ଜବାବରେ ଶ୍ରୀଲଙ୍କା ଶେଷ ଓଭର ପର୍ଯ୍ୟନ୍ତ ବ୍ୟାଟିଂ କରି ୭ ଉଇକେଟ ହରାଇ ୯୪ ରନ୍ କରିପାରିଥିଲା। ଫଳରେ ମ୍ୟାଚ୍‌କୁ ୧୩୨ ରନ୍‌ରେ ଜିତିନେଇଥିଲା ଘରୋଇ ଦଳ। ଏଥିସହ ଅଷ୍ଟ୍ରେଲିଆ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ କ୍ଲିନ ସୁଇପ୍ ହାସଲ କରିଛି।



ଆଲିସା ହେଲି

## ସିଏସିରୁ କପିଳଙ୍କ ଇସ୍ତଫା

**ନୂଆଦିଲ୍ଲୀ, ୨।୧୦ (ପି.ଟି.):** ବିଶ୍ୱକପ୍ ବିଜୟୀ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ କପିଳ ଦେବ ବୁଧବାର କ୍ରିକେଟ୍ ପରାମର୍ଶଦାତା କମିଟି (ସିଏସି)ରୁ ଇସ୍ତଫା ଦେଇଛନ୍ତି। ଦ୍ୱୈତ ସ୍ୱାର୍ଥ ମାମଲାରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏଥିକ୍ସ ଅଧିକାରୀ ଡି.କେ. ଜୈନଙ୍କ ନୋଟିସ୍ ମିଳିବା ପରେ କପିଳ ତୁରନ୍ତ ଏହି ନିଷ୍ପତ୍ତି ନେଇଛନ୍ତି। କପିଳଙ୍କ ପୂର୍ବରୁ ସିଏସିର ଅନ୍ୟତମ ସଦସ୍ୟା ତଥା ଭାରତୀୟ ମହିଳା କ୍ରିକେଟ୍ ଦଳର ପୂର୍ବତନ ଅଧିନାୟିକା ଶାନ୍ତା ରଙ୍ଗାସ୍ୱାମୀ ମଧ୍ୟ ଇସ୍ତଫା ଦେଇଥିଲେ। ପ୍ରଶାସକ ସମିତିର ମୁଖ୍ୟ ବିନୋଦ ରାଇ ଓ ବିସିସିଆଇ ସିଇଓ ରାହୁଲ ଜୋହରୀଙ୍କ ନିକଟକୁ କପିଳ ତାଙ୍କ ଇସ୍ତଫା ପତ୍ର ମେଲ୍ କରିଦେଇଥିଲେ। ସିଏସିର ସଦସ୍ୟ ହେବା ମୋ ପାଇଁ ଖୁସିର କଥା ଥିଲା ଏବଂ ମୁଖ୍ୟ କୋଚ୍ ଚୟନ କରିବା ସ୍ୱତନ୍ତ୍ର ରହିଥିଲା ବୋଲି କପିଳ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି।



ଏଠାରେ ଉଲ୍ଲେଖଯୋଗ୍ୟ, ନିକଟରେ ମଧ୍ୟପ୍ରଦେଶ କ୍ରିକେଟ୍‌ର ଆଜୀବନ ସଦସ୍ୟ ସଞ୍ଜୀବ ଗୁପ୍ତା ଅଭିଯୋଗ ଆଣିଥିଲେ କୋଚ୍ ଚୟନ ପାଇଁ ରହିଥିବା ସିଏସିର ସଦସ୍ୟ ରହିଥିବା ବ୍ୟକ୍ତି ଏକ ସମୟରେ ଏକାଧିକ ଭୂମିକା ନିଭାଉଛନ୍ତି। କପିଳ ଦେବ ସିଏସି ସଦସ୍ୟ ହେବା ସହ ଭାଷ୍ୟକାର, ଏକ ଫ୍ଲଡ ଲାଇଟ୍ କମ୍ପାନୀର ମାଲିକ ଓ ଭାରତୀୟ କ୍ରିକେଟ୍ ସଂଘର ସଦସ୍ୟ ରହିଛନ୍ତି। ରଙ୍ଗାସ୍ୱାମୀ ଓ କପିଳଙ୍କ ପରେ ଏବେ ସିଏସିର ୩ୟ ସଦସ୍ୟ ରହିଥିବା ଅଂଶୁମାନ ଗାଏକ୍‌ୱାଡ ମଧ୍ୟ ନିକଟରେ ଇସ୍ତଫା ଦେବେ ବୋଲି ଚର୍ଚ୍ଚା ହେଉଛି।

## ଦୀପ୍ ଗ୍ରେସ୍ ଖେଳିଲେ ୨୦୦ତମ ମ୍ୟାଚ

**ନୂଆଦିଲ୍ଲୀ, ୨।୧୦(ପି.ଟି.)**

ଭାରତୀୟ ମହିଳା ହକି ଦଳର ନିର୍ଭରଯୋଗ୍ୟ ଡିଫେଣ୍ଡର ଓଡ଼ିଶାର ଦୀପ୍ ଗ୍ରେସ୍ ଏକ୍କା ନିଜ କ୍ୟାରିୟରରେ ଆଉ ଏକ ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ବୁଧବାର ସେ ଇଂଲଣ୍ଡର ମାର୍ଲୋଠାରେ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଜୀବନର ୨୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ସୁନ୍ଦରଗଡ଼ ଜିଲା ଲୁଲ୍‌କିଡିହି ଗ୍ରାମର ୨୫ ବର୍ଷୀୟା ଏହି ଓଡ଼ିଆ ଖେଳାଳି ୨୦୧୧ରେ ଆର୍ଜେଣ୍ଟିନାରେ ଅନୁଷ୍ଠିତ ଏକ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଦଳର ନିୟମିତ ସଦସ୍ୟା ପାଲଟି ଯାଇଛନ୍ତି। ଗ୍ରେଟ୍ ବ୍ରିଟେନ ବିପକ୍ଷ ମ୍ୟାଚ ପୂର୍ବରୁ ସେ କୋଚ୍ ଜୋର୍ଡ ମାରିଜନେଙ୍କଠାରୁ ୨୦୦ ସଂଖ୍ୟା ଲେଖାଥିବା ଜର୍ସି ଗ୍ରହଣ କରିଥିଲେ।

ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ବାଳିକା ଏସିଆ କପ୍‌ରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟା ଥିଲେ। ଏଥିରେ ପ୍ରଭାବୀ ପ୍ରଦର୍ଶନ ଯୋଗୁ ତାଙ୍କୁ ସିନିୟର ନ୍ୟାଶନାଲ କ୍ୟାମ୍ପକୁ ଡାକରା ମିଳିଥିଲା। ୨୦୧୩ରେ ଜର୍ମାନୀରେ ଅନୁଷ୍ଠିତ ମହିଳା ଜୁନିୟର ବିଶ୍ୱକପରେ ଐତିହାସିକ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ଦଳରେ ମଧ୍ୟ ସେ ସାମିଲ ଥିଲେ। ସିନିୟର କୋର୍ ଦଳର ସଦସ୍ୟା ଦୀପ୍ ଗ୍ରେସ୍ ଏବେ ଦଳରେ ଡ୍ରାଗ୍-ଫ୍ଲିକ୍ ଏବଂ ଡିଫେଣ୍ଡର ଦାୟିତ୍ୱ ତୁଲାଉଛନ୍ତି। ୨୦୧୩ରେ ମହିଳା ଏସିଆ କପ୍‌ରେ ବ୍ରୋଞ୍ଜ, ୨୦୧୭ ମହିଳା ଏସିଆ କପରେ ସ୍ୱର୍ଣ୍ଣ, ୨୦୧୬ରେ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ସ୍ୱର୍ଣ୍ଣ ଏବଂ ୨୦୧୩ରେ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳର ସେ ପ୍ରମୁଖ ସଦସ୍ୟା ଥିଲେ। ୨୦୧୮ରେ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳ ପକ୍ଷରୁ ମଧ୍ୟ ସେ ପ୍ରତିନିଧିତ୍ୱ କରିଥିଲେ। ଓଡ଼ିଶା ସାଇ–ସାଗ୍ ସେଣ୍ଟରର ପ୍ରଶିକ୍ଷାର୍ଥୀ ଦୀପ୍‌ଗ୍ରେସ୍ ରାଜ୍ୟର ଅନେକ ଯୁବ ଖେଳାଳିଙ୍କ ଆଦର୍ଶ। ୨୦୧୪ ଇଞ୍ଚିଅନ ଏସିଆନ ଗେମ୍ସରେ ବ୍ରୋଞ୍ଜ, ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ ରୌପ୍ୟ ବିଜୟୀ ଭାରତୀୟ ଦଳ ପକ୍ଷରୁ ସେ ଖେଳିଥିଲେ। ଗୋଲ୍ଡ କୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଅବସରରେ କ୍ୟାରିୟରର ୧୫୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ଏହି ତାରକା ଡିଫେଣ୍ଡର ଏବେ ୨୦୦ ମ୍ୟାଜିକ୍ ସଂଖ୍ୟାକୁ ସ୍ପର୍ଶ କରିଛନ୍ତି। ‘‘ଜାତୀୟ ଦଳ ପକ୍ଷରୁ ୨୦୦ମ୍ୟାଚ ଖେଳିବା ମୋର ସ୍ୱପ୍ନ ଥିଲା। ତାହା ପୂରଣ ହୋଇଥିବାରୁ ମୁଁ ବହୁତ ଖୁସି। ଭାରତୀୟ ଦଳ ସହିତ ମୋର ଅନେକ ସ୍ମରଣୀୟ ସ୍ମୃତି ଜଡ଼ିତ ହୋଇ ରହିଛି। ୨୦୨୦ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିବା ଏବେ ମୋର ମୁଖ୍ୟ ଲକ୍ଷ୍ୟ। ନିଜ ରାଜ୍ୟ ଓଡ଼ିଶାରେ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଖେଳିବାକୁଥିବାରୁ ମୁଁ ଆଗ୍ରହର ସହ ଅପେକ୍ଷା କରିଛି’’ ବୋଲି ସେ କହିଛନ୍ତି।




କୋଚ୍ ଜୋର୍ଡ ମାରିଜନେଙ୍କ ସହ ଦୀପ୍ ଗ୍ରେସ୍।

### ମହିଳା ହକିର ପ୍ରଥମ ପରାଜୟ

ଇଂଲଣ୍ଡ ଟୁର୍‌ରେ ଥିବା ଭାରତୀୟ ମହିଳା ହକି ଦଳ ବୁଧବାର ପ୍ରଥମ ପରାଜୟ ବରଣ କରିଛି। ଗ୍ରେଟ୍ ବ୍ରିଟେନଠାରୁ ଦଳ ୧–୩ ଗୋଲରେ ହାରି ଯାଇଛି। ବ୍ରିଟେନ ପକ୍ଷରୁ ହାନା ମାର୍ଟିନ ୫ମ, ଚାର୍ଲୋଟ ୱାଟସନ ୨୯ ଏବଂ ଜିସେଲି ଆନ୍‌ସ୍ଲେ ୫୦ତମ ମିନିଟରେ ଗୋଲ ଦେଇଥିଲେ। ଭାରତ ପକ୍ଷରୁ ନେହା ଗୋୟଲ ୧୮ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ପ୍ରଥମ ମ୍ୟାଚକୁ ୨–୧ରେ ଜିତିଥିବା ଭାରତ ପରବର୍ତ୍ତୀ ମ୍ୟାଚକୁ ୧–୧ ଏବଂ ତୃତୀୟ ମ୍ୟାଚକୁ ଗୋଲଶୂନ୍ୟ ଡ୍ର ରଖିଥିଲା। ଦୁଇ ଦଳ ମଧ୍ୟରେ ୫ମ ତଥା ଅନ୍ତିମ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହେବ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ୩ ଫେରାର ଅଭିଯୁକ୍ତ ଗିରଫ

ଯୋଡ଼ା, ୨।୧୦ (ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡା ସହରର ଫେରୋ ପ୍ଲାନ୍ଟ ନିକଟରେ ବିଜୟ ମହାକୁଡ ନାମକ ଜଣେ ଯୁବକଙ୍କୁ ଆକ୍ରମଣ କରି ତାଙ୍କଠାରୁ ଲୁଟ କରିଥିବା ଅଭିଯୋଗରେ ଯୋଡା ପୋଲିସ ବୁଧବାର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ବୁଧବାର ସନ୍ଧ୍ୟା ୬ଟା ବେଳେ ଯୋଡା ସବଇନ୍ସପେକ୍ଟର ବିଶ୍ୱଜିତ ବେହେରା ସୂଚନା ଦେଇ କହିଛନ୍ତି ଯେ, ଅଗଷ୍ଟ ୩୦ ତାରିଖରେ ବିଜୟଙ୍କୁ ଅଭିଯୁକ୍ତ ସାଗର ରାଜ୍, ମୁନା ଓରାମ୍, ଶଙ୍କର ସନକାର୍ ଆକ୍ରମଣ କରିଥିଲେ । ଏନେଇ ଅଭିଯୋଗ ହୋଇଥିଲା । ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରି ପୋଲିସ ଏକ ମାମଲା (ନଂ ୧୩୪/୨୦୧୯) ରୁଜୁ କରି ସେମାନଙ୍କୁ କୋର୍ଟ ଚାଲଣ କରିଛି।

### ଅଣ୍ଡା ବ୍ୟବସାୟୀଙ୍କ ଠାରୁ ଟଙ୍କା ଲୁଟ୍

କେନ୍ଦୁଝର, ୨।୧୦(ସ୍ୱ.ପ୍ର.)-ମଙ୍ଗଳବାର ବିଳମ୍ବିତ ରାତିରେ ସ୍ଥାନୀୟ କୃଷକ ବଜାରରୁ ଜଣେ ବ୍ୟବସାୟୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଛି। ଦୁଇ ଜଣ ଲୁଟେରା ଆସି ଟଙ୍କା ଥିବା ବ୍ୟାଗ ଝାମ୍ପି ଲୁଟି ନେଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୋମବାର ବିଳମ୍ବିତ ରାତିରେ ଦୋକାନ ବନ୍ଦ କରି ଅଣ୍ଡା ବେପାରି ନିଲମ ସାହୁ ତାଙ୍କ ଘରକୁ ଯାଉଥିଲେ। ଏହିସମୟରେ ୨ ଦୁର୍ବୃତ୍ତ ଆସି ଟଙ୍କା ବ୍ୟାଗ ଲୁଟ୍ କରି ଫେରାର ହୋଇଯାଇଥିଲେ ।

### ନୂତନ ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ପାଟଣା,୨।୧୦(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ଥାନାର ନୂତନ ଥାନା ଅଧିକାରୀ ଭାବେ ସନ୍ଧ୍ୟା ରାଣୀ ଜେନା ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହାପୂର୍ବରୁ ସନ୍ଧ୍ୟାରାଣୀ କଟକ କମିଶନରେଟ ଅଫିସରେ ମହିଳା ଇନ୍ସପେକ୍ଟର ଭାବେ କାର୍ଯ୍ୟ କରିବାର ଅଭିଜ୍ଞତା ରହିଛି। ସେହିଭଳି ତୁରୁମୁଙ୍ଗା ଥାନାରେ ନୂତନ ଥାନା ଅଧିକାରୀ ଭାବେ ବୁଧବାର ବରେନ୍ଦ୍ର ଶିଆଳ ଦାୟିତ୍ୱ ଗ୍ରହଣ କରିଛନ୍ତି। ବରେନ୍ଦ୍ର ଏହାପୂର୍ବରୁ ରାଉରକେଲାରେ ଇନ୍ସପେକ୍ଟର ଭାବେ କାର୍ଯ୍ୟ କରୁଥିଲେ।

### ଗୋରୁଙ୍କୁ ବ୍ୟାପୁଛି ଅଜଣା ରୋଗ

ରାଇସୁଆଁ,୨।୧୦ (ଡି.ଏନ.ଏ.)- କେନ୍ଦୁଝର ଜିଲା ସଦର ଅଞ୍ଚଳର ରାଇସୁଆଁ, ଗୋପୀନାଥପୁର, ମହାଦେଇଯୋଡା, ବରଦାପାଳ, ପର୍ଜନପୁର, ପଳାଶପଙ୍ଗା, ବାଉରୀପଦା ଆଦି ପଞ୍ଚାୟତରେ ଗୋରୁ ଗାଈଙ୍କୁ ଏକ ଅଜଣା ରୋଗ ବ୍ୟାପିବାରେ ଲାଗିଛି। ଏହି ରୋଗରେ ଗୋରୁ ଗାଈଙ୍କ ଗୋଡର ତଳ ଅଂଶରୁ ଫୁଲିବା ସହ ଧୀରେ ଧୀରେ ଏହା ଆଣ୍ଠୁ ପର୍ଯ୍ୟନ୍ତ ବ୍ୟାପି ଘାଆ ହୋଇ ଯାଉଥିବା ଦେଖିବାକୁ ମିଳିଛି। ଗୋରୁଙ୍କୁ ଜ୍ୱର ହେବା ସହ ଖାଦ୍ୟ ଗ୍ରହଣ କରୁ ନ ଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ହରପିସ ରୋଗ ବ୍ୟାପୁଥିବା ସନ୍ଦେହରେ ବହୁ ଚାଷୀ ଚିନ୍ତିତ ଅବସ୍ଥାରେ ଥିବା କହିଛନ୍ତି। ଏଥି ପ୍ରତି ଜିଲା ପଶୁ ଚିକିତ୍ସା ଅଧିକାରୀ ଦୃଷ୍ଟି ଦେବାକୁ ବହୁ ଚାଷୀ ଦାବି କରିଛନ୍ତି।

# ବିସ୍ଥାପିତଙ୍କୁ ଥଇଥାନ ନାହିଁ

**ଶୁଭକାନ୍ତ ନାୟକ**
**ହାଟଡିହି, ୨।୧୦**



■ମୌଳିକ ସୁବିଧାରୁ ବଞ୍ଚିତ
■ଘୁଞ୍ଚି ପାରିନି ଦୁର୍ଦ୍ଦଶା

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ହାଟଡିହୀ ବ୍ଲକରେ ବଣପାହାଡ ଘେରାରେ ଆଦିବାସୀ ଅଧ୍ୟୁଷିତ କେ.ବାଲିପାଳ(କଅଁଳେଇବାଲିପାଳ) ପଞ୍ଚାୟତ ଅବସ୍ଥିତ। ସୂଚନା ମୁତାବକ ମୟୂରନଚା ଗ୍ରାମର ୨ଟି ୱାର୍ଡର ୧୫୦ ପରିବାର, କେବାଲିପାଳ ଗ୍ରାମ ଗୋଟିଏ ୱାର୍ଡର ୯୦ ପରିବାର, ରାଇଘାଟି ଗ୍ରାମର ୩ଟି ୱାର୍ଡର ୨୦୦ ପରିବାର, ସରମୁଣ୍ଡୀ ଗ୍ରାମ ଗୋଟିଏ ୱାର୍ଡର ୫୦ ପରିବାର, ଭଅଁରା ଗ୍ରାମ ଗୋଟିଏ ୱାର୍ଡର ୯୦ ପରିବାର, ମଲ୍ଲିପଶିର ୧୫୦ ପରିବାର, ନୂଆବାଲିପାଳ ଗ୍ରାମ ୨ଟି ୱାର୍ଡର ୧୫୦ ପରିବାର ମୋଟ ୭ଟି ଗ୍ରାମର ୧୧ଟି ୱାର୍ଡ ପଞ୍ଚାୟତ ଅଧୀନରେ ଅଛି । ଜନସଂଖ୍ୟା ପ୍ରାୟ ୬ ହଜାରରୁ ଊର୍ଦ୍ଧ୍ୱ ହେବ । ୧୯୬୫ ମସିହାରେ ସାଳନ୍ଦୀ ନଦୀରେ ହଦଗଡ ଡ୍ୟାମ ନିର୍ମାଣ ପାଇଁ ନୋଟିଫିକେଶନ ହୋଇଥିବାବେଳେ ୧୯୭୦ରେ ଡ୍ୟାମ ନିର୍ମାଣ କାର୍ଯ୍ୟ ହୋଇଥିଲା। ଫଳରେ ଉକ୍ତ ପଞ୍ଚାୟତର ମୟୂରନଚା, କେବାଲିପାଳ, ସରମୁଣ୍ଡି, ମଲ୍ଲିପଶି, ଭଅଁରା ପ୍ରଭୃତି ୫ଟି ଗ୍ରାମକୁ ବୁଡି ଅଞ୍ଚଳ ଭାବେ ଘୋଷଣା କରାଯାଇଥିଲା। ଯାହାଦ୍ୱାରା କି ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ପରିବାର ବିସ୍ଥାପିତ ହୋଇଥିଲେ। ସେମାନଙ୍କର ଜମିସବୁ ଜଳସେଚନ ରେକର୍ଡକୁ ଚାଲିଗଲା । ହଜାର ହଜାର ଲୋକ ନାନା ଦୁର୍ଦ୍ଦଶାର ସମ୍ମୁଖୀନ ହେବା ସହ ବାସଚ୍ୟୁତ ମଧ୍ୟ ହେଲେ । ଇତିମଧ୍ୟରେ ୫୪ ବର୍ଷ ବିତି ସାରିଛି । ମାତ୍ର ଘୁଞ୍ଚିପାରିନି ବିସ୍ଥାପିତଙ୍କ ଦୁଃଖ। ସେମାନଙ୍କୁ ଥଇଥାନ କରାଯାଇ ନ ଥିବା ବେଳେ କ୍ଷତିପୂରଣ ବି ମିଳିନି ।

ମୌଳିକ ସୁବିଧା ପାଇବାରୁ ଏମାନେ ବଞ୍ଚିତ ହୋଇଛନ୍ତି। ଗମନାଗମନ କ୍ଷେତ୍ରରେ ରାସ୍ତା ଖଣ୍ଡିଏ ନ ଥିବା ବେଳେ ବିଜୁଳି ସାତସପନ ପାଲଟିଛି । ଉକ୍ତ ଅଞ୍ଚଳକୁ ଜଳପଥରେ ସାଳନ୍ଦୀ ନଈ ପାର ହୋଇ ଡଙ୍ଗାରେ ଯିବାକୁ ପଡେ। ଏପରିକି ଡଙ୍ଗାରେ ଯାତାୟାତ ସମୟରେ ନଦୀରେ ବୁଡି ପ୍ରାଣ ହରାଇଥିବାର ଉଦାହରଣ ବି ରହିଛି। ସ୍ଥଳ ପଥରେ ଯିବାକୁ ହେଲେ ମୟୂରଭଞ୍ଜ ଜିଲାର ଠାକୁରମୁଣ୍ଡା କିମ୍ବା ବାଲେଶ୍ୱର ଜିଲାର ଔପଦା ଦେଇ ଦୀର୍ଘ ୧୦୦ କି.ମି.ରୁ ଊର୍ଦ୍ଧ୍ୱ ରାସ୍ତା ଅତିକ୍ରମ କରିବାକୁ ପଡିଥାଏ। ପାନୀୟ ଜଳ ବ୍ୟବହାର କଥା ନ କହିଲେ ଭଲ। ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ନାଳ ଓ ଝରଣା ପାଣିକୁ ବ୍ୟବହାର କରନ୍ତି। ରାଇଘାଟି, ମଲ୍ଲିପଶି ଓ ନୂଆବାଲିପାଳଠାରେ ୩ଟି ଯୋଗାଣ ସାମଗ୍ରୀ କେନ୍ଦ୍ର ଖୋଲାଯାଇଛି । କିନ୍ତୁ ପୂର୍ବରୁ ଲୋକମାନେ ଜଳ ପଥରେ ଆସି ଯୋଗାଣ ସାମଗ୍ରୀ ନେଉଥିଲେ । ଗତ ୨୦୧୨-୧୩ ରେ କେବଳ ମୟୂରନଚା ଗ୍ରାମର ୨୩ଟି ପରିବାରକୁ ଜଙ୍ଗଲ ଜମି ପଟ୍ଟା ଓ ଇନ୍ଦିରାଆବାସ ଗୃହ ପ୍ରଦାନ କରାଯାଇଛି । ସେହିପରି ଭଅଁରା ଗ୍ରାମର ୨୦ ରୁ ୨୫ ଟି ପରିବାରକୁ ରାଇଘାଟି ମୌଜାରେ ୪ ଡେସିମିଲ ଲେଖାଏ ଜାଗା ରାଜସ୍ୱ ବିଭାଗ ଦେଇଛି । ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ନିଜର ଗୁଜରାଣ ମେଣ୍ଟା ଯାଉଥିବା ବେଳେ କର୍ମ ନିଯୋଜନ ପନ୍ଥା ସୃଷ୍ଟି ହୋଇପାରିନି । ସ୍ୱାସ୍ଥ୍ୟ ସେବା ଅପହଞ୍ଚ ହୋଇପଡିଥିବା ବେଳେ ଶିକ୍ଷାର ମାନେ ବି ବୁଝାପଡୁନି । ମାଟି ଝୁମ୍ପୁଡି ଭଙ୍ଗା ଘରେ ଦହଗଞ୍ଜରେ ଜୀବନ ବିତୁଥିବା ବେଳେ ବହୁ ଲୋକ ଏବେ ବି ବିଭିନ୍ନ ସରକାରୀ ଯୋଜନାରେ ସାମିଲ ହେବାରେ ବ୍ୟତିକ୍ରମ ଦେଖାଦେଇଛି।



➲ ଅଭୟାରଣ୍ୟ ପରିଧି ମଧ୍ୟରେ ବସବାସ କରୁଥିବା ୯୬ ପରିବାରକୁ ଆମେ ବାହାରକୁ ଆଣି ଥଇଥାନ କରିଛୁ। ନିୟମ ଅନୁସାରେ ସମସ୍ତ ପ୍ରକାରର ସରକାରୀ ସହାୟତା ଆମେ ଯୋଗାଇଦେବୁ। ଜଙ୍ଗଲ ପରିଧି ମଧ୍ୟରେ ଥିବା ଅବଶିଷ୍ଟ ପରିବାରଗୁଡିକ କିପରି ଥଇଥାନ କରାଯିବ ସେ ଦିଗରେ ବନ ବିଭାଗ ତରଫରୁ ଉଦ୍ୟମ ଜାରି ରହିଛି।

*-ସୁରେନ୍ଦ୍ର ନାଥ ହେମ୍ବ୍ରମ (ରେଞ୍ଜର, ହଦଗଡ)*



➲ ସରକାରୀ ସ୍ତରରେ ଅଭୟାରଣ୍ୟ ପରିଧି ମଧ୍ୟରେ ଜୀବନ ଯାପନ କରୁଥିବା ଲୋକମାନେ ଜଙ୍ଗଲ ପରିଧି ବାହାରକୁ ପଳାଇ ଆସିଲେ ସେମାନଙ୍କୁ ସରକାରୀ ଗାଇଡଲାଇନ୍ ଅନୁସାରେ ଧାର୍ଯ୍ୟ ମୁତାବକ ସହାୟ୍ୟ କରାଯିବ। ଫଳରେ ଜଙ୍ଗଲ ବୃଦ୍ଧି ବି ଘଟିବ।

*-ଅଜିତ ଶତପଥୀ(ଡିଏଫଓ, ଆନନ୍ଦପୁର)*



➲ ଅଭୟାରଣ୍ୟ ପରିଧି ମଧ୍ୟରେ ବସବାସ କରୁଥିବା ଲୋକମାନଙ୍କୁ ସମସ୍ତ ପ୍ରକାରର ମୌଳିକ ସୁବିଧା ଯୋଗାଇ ଦିଆଯିବା ସହ ସେମାନଙ୍କୁ ସରକାରୀ ଯୋଜନାରେ ସାମିଲ କରାଯିବା ଉଚିତ।

*-ପ୍ରଶାନ୍ତ ମହାପାତ୍ର(ବରିଷ୍ଠ ନାଗରିକ)*



➲ ପ୍ରଶାସନ ଜଙ୍ଗଲ ମଧ୍ୟରେ ବସବାସ କରୁଥିବା ଲୋକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେମାନଙ୍କ ପାଇଁ ସମସ୍ତ ସୁବିଧା କରାଯିବା ନିତାନ୍ତ ଅପରିହାର୍ଯ୍ୟ।

*-ବୁଦ୍ଧଦେବ ଜେନା(ସାମାଜିକ କର୍ମୀ)*



➲ ବିସ୍ଥାପିତ ମାନଙ୍କୁ ସରକାର ଓ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସେମାନଙ୍କୁ ସମସ୍ତ ସହାୟତା ଓ ସୁବିଧା ଯୋଗଇଦେବା ଉଚିତ। ଏମାନଙ୍କୁ ଅଣଦେଖା କରିବା ଅତ୍ୟନ୍ତ ପରିତାପର ବିଷୟ।

*-ଅମୂଲ୍ୟ ଶଙ୍ଖୁଆ(ଅଞ୍ଚଳବାସୀ)*

### ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**ପାଟଣା, ୨।୧୦(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟ ସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମପାଟଣା ସଭାଗୃହ ରେ ବୁଧବାର ମହାତ୍ମାଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଅବସରରେ 'ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଓ ସୁସ୍ଥ ଭାରତ ଅଭିଯାନ' କାର୍ଯ୍ୟକ୍ରମ ମହାବିଦ୍ୟାଳୟର ସମରଶିକ୍ଷାର୍ଥୀ ବାହିନୀ ପକ୍ଷରୁ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଏନସିସି ଅଫିସର ଧର୍ମେନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସେପ୍ଟେମ୍ବର ୧୫ ତାରିଖ ରୁ ଆରମ୍ଭ ହୋଇଥିବା ଏହି ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ବୁଧବାର ଗାନ୍ଧି ଜୟନ୍ତୀରେ ଉଦ୍‌ଯାପିତ ହୋଇଛି। ଆୟୋଜିତ ଉତ୍ସବ ମହାବିଦ୍ୟାଳୟର ଅଧ୍ୟକ୍ଷା କବି ଜ୍ୟୋତ୍ସ୍ନା ମଞ୍ଜରୀ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ରାଜନୀତି ବିଜ୍ଞାନ ଅଧ୍ୟାପକ ହରିହର ଓଝା, ମୁଖ୍ୟବକ୍ତା ଭାବେ ଇଂରାଜୀ ଅଧ୍ୟାପକ ଶୈଳେନ୍ଦ୍ର କୁମାର ଡାଲୁଆ, ସମ୍ମାନିତ ଅତିଥି ଭାବେ ମାହାବିଦ୍ୟାଳୟର କ୍ରୀଡା ଶିକ୍ଷକ ଧର୍ମେନ୍ଦ୍ର କୁମାର ସାହୁ, ରତ୍ନାକର ମହାକୁଡ଼ ପ୍ରମୁଖ ଯୋଗ ଦେଇ ଗାନ୍ଧିବାଦର ପ୍ରାସଙ୍ଗିକତା ସନ୍ଦର୍ଭରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ଇଂରାଜୀ ବିଭାଗ ଅଧ୍ୟାପକ ଅଶ୍ୱିନୀ କୁମାର ସାହୁ ସଂଯୋଜନା କରିଥିଲେ। ଶେଷରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ଉତ୍କୃଷ୍ଟତା ପ୍ରତିପାଦନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ମହାବିଦ୍ୟାଳୟର ଏନ ସି ସି ଛାତ୍ରୀ ଛାତ୍ର ମାନଙ୍କ ପକ୍ଷରୁ ପାଟଣାମୁଖ୍ୟାଳୟ ବିଭିନ୍ନ ସର୍ବସାଧାରଣ ସ୍ଥଳୀ ରେ ସଫେଇ କରାଯିବା ସହ ସୁସ୍ଥ ଭାରତ ଅଭିଯାନ ପାଇଁ ଏକ ସଚେତନତା ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା ।

## ମଦ ବିରୋଧୀ ସଚେତନତା




ସଚେତନତା ରାଲିରେ ମହିଳାମାନେ।

**ଚମ୍ପୁଆ, ୨।୧୦(ଡି.ଏନ.ଏ.)**

ବେଧଡକ ଚୋରା ମଦ କାରବାର ବଢିଚାଲିଥିବା ବେଳେ ଅନେକ ସଂସାର ଉଜୁଡି ଯାଉଛି। ବଢିଚାଲିଛି ଅସାମାଜିକ କାର୍ଯ୍ୟକଳାପ ଓ ନାରୀ ନିର୍ଯାତନା । ଏହାକୁ ପ୍ରତିହତ କରିବା ପାଇଁ ଅଣ୍ଟା ଭିଡିଛନ୍ତି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ । ଗାନ୍ଧୀ ଜୟନ୍ତୀରେ ଗୋଷ୍ଠୀର ମହିଳାମାନେ ମଦ ପ୍ରସାରଣ ନୀତି ବିରୋଧରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମା' ତୁଳସୀ ମିଶନ ଶକ୍ତି ମହାସଂଘ ଚମ୍ପୁଆ ତତ୍ତ୍ୱାବଧାନରେ ଶତାଧିକ ମହିଳା ଏକ ସଚେତନତା ବାର୍ତ୍ତା ବହନ କରି ଡାକବଙ୍ଗଳାରୁ ବାହାରି ସହର ପରିକ୍ରମା କରିଥିଲେ। ଚମ୍ପୁଆ ଗାନ୍ଧୀ ଛକଠାରେ ଏକତ୍ରିତ ହୋଇ ମଦର ପ୍ରସାରକୁ ବିରୋଧ କରି ସ୍ଲୋଗାନ ଦେବା ସହିତ ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ପଞ୍ଚାୟତର ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ଯୋଗ ଦେଇଥିଲେ।

## ଆଇଆଇସି ସ୍ତରରେ ଅଦଳବଦଳ

**କେନ୍ଦୁଝର, ୨।୧୦ (ସ୍ୱ.ପ୍ର.)**

ନୂତନ ଏସ୍‌ପି ଭାବେ ମିତ୍ରଭାନୁ ମହାପାତ୍ର ଯୋଗଦେବା ପରେ କେନ୍ଦୁଝର ଜିଲାରେ ୧୩ଜଣ ଇନ୍ସପେକ୍ଟର ଓ ସବ ଇନ୍ସପେକ୍ଟରଙ୍କ ଅଦଳ ବଦଳ ହୋଇଛି। ସଦର ଥାନା ଆଇଆଇସି ସ୍ମୃତିପ୍ରଭା ପ୍ରଧାନ ଓ ରୁଗୁଡି ଥାନା ଆଇଆଇସି ମାନସ କୁମାର ବାରିକଙ୍କୁ ଜିଲା ମୁଖ୍ୟାଳୟକୁ ବଦଳି କରାଯାଇଥିବା ବେଳେ ଯୋଡା, ବାମେବାରୀ ଦାୟିତ୍ୱରେ ଥିବା ଆଇଆଇସି ବିଜୟ କୁମାର ମହାପାତ୍ରଙ୍କୁ ହରିଚନ୍ଦନପୁର ଥାନାକୁ ବଦଳି କରାଯାଇଛି। ନୟାକୋଟ ଆଇଆଇସି କୈଳାସ ଚନ୍ଦ୍ର ବେହେରାଙ୍କୁ ବଦଳି କରି ବଲାଣୀ ଥାନାକୁ ବଦଳି କରାଯାଇଛି। ପାଟଣା ଥାନା ଆଇଆଇସି ପୁଷ୍ପାଞ୍ଜଳୀ ସାମନ୍ତରାୟଙ୍କୁ ଆଇୟୁସିଏଡବ୍ଲ୍ୟୁକୁ ବଦଳି କରାଯାଇଥିବା ବେଳେ ହରିଚନ୍ଦନପୁର ଥାନା ଆଇଆଇସି ସୂର୍ଯ୍ୟନାରାୟଣ ଦାସଙ୍କୁ ଡିସିଆରବି (ଏସପି ଅଫିସ)କୁ ବଦଳି କରାଯାଇଥିବା ଜଣାପଡିଛି। ଜିଲା ମୁଖ୍ୟାଳୟରେ ଥିବା ଇନ୍ସପେକ୍ଟର ଜୟନାରାୟଣ ଖଣ୍ଡେଇଙ୍କୁ ସଦର ଥାନା, ସନ୍ଧ୍ୟାରାଣୀ ଜେନାଙ୍କୁ ପାଟଣା ଥାନା, ବରେନ୍ଦ୍ର ସିଆଳଙ୍କୁ ତୁରୁମୁଙ୍ଗା ଥାନା, ବିଦେଶୀ ବାଗଙ୍କୁ ନୟାକୋଟ ଥାନା, ସଂଯୁକ୍ତା ସାହୁଙ୍କୁ ଆଇଏଏଚଟିୟୁକୁ ଓ ତୁଳସୀ ମଞ୍ଜରୀ ଭୂୟାଁଙ୍କୁ ଆଇୟୁସିଏଡବ୍ଲ୍ୟୁକୁ ବଦଳି କରାଯାଇଛି। ସବଇନ୍ସପେକ୍ଟର ଶ୍ରୀକାନ୍ତ ସାହୁଙ୍କୁ ବଲାଣୀ ଥାନାରୁ ରୁଗୁଡି ଥାନାକୁ ବଦଳି କରାଯାଇଛି। ଏସ୍‌ପିଙ୍କ କାର୍ଯ୍ୟାଳୟ ଚିଠି ନମ୍ବର ୨୧୦୦ ତା୩୦।୯।୨୦୧୯ ରିଖରେ ଏହି ବଦଳି କରାଯାଇ ତୁରନ୍ତ କାର୍ଯ୍ୟରେ ଯୋଗଦାନ କରିବାକୁ ଆଦେଶ କରାଯାଇଛି।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଚମ୍ପୁଆ, ୨।୧୦(ଡି.ଏନ.ଏ)**

ଚମ୍ପୁଆ ଏନଏସିରେ ବୁଧବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଓ ସଭ୍ୟ ପଞ୍ଜୀକରଣ ଅଭିଯାନ ଆରମ୍ଭ ହୋଇଛି। ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ସଂଖ୍ୟାଲଘୁ ସଭାପତି ନେସାର ହୟାତ, ବ୍ଲକ ଚେୟାରମ୍ୟାନ ରମଣି ନାଏକ କାଉନସିଲର ଗିରିଜା ଶଙ୍କର ସାହୁ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ବିଧାୟିକା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସମେତ ସ୍ଥାପିତ ମହାପୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।



ପଦଯାତ୍ରାରେ ବିଧାୟିକା ମୀନାକ୍ଷୀ ମହାନ୍ତଙ୍କ ସହ ଅନ୍ୟ କର୍ମକର୍ତ୍ତା।

## ଲାଇବ୍ରେରି ଉଦ୍‌ଘାଟନ କଲେ ଶିକ୍ଷାଧିକାରୀ

**ଚମ୍ପୁଆ, ୨।୧୦(ଡି.ଏନ.ଏ.)**

୧୯୪୮ ମସିହାରେ ନିର୍ମିତ ପୁରାତନ ମହତାବ ଉଚ୍ଚବିଦ୍ୟାଳୟର ଲାଇବ୍ରେରୀ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ନାଏକ, ସମ୍ମାନିତ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟନ୍ତ କୁମାର ନାଏକ, ପୁରାତନ ଛାତ୍ର ସଭାପତି ପ୍ରେମଚାନ୍ଦ ପୋଦାର ଓ ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଡ. ଅବଦୁଲ କଲାମଙ୍କ ନାମରେ ଏହି ଲାଇବ୍ରେରି ନାମିତ ହୋଇଥିବା ବେଳେ କେନ୍ଦ୍ର ସରକାରଙ୍କ ଅନୁଦାନରୁ ୨୦ହଜାର ଟଙ୍କାର ପୁସ୍ତକ କିଣା ଯାଇଛି। ଏହି ଲାଇବ୍ରେରିରେ ବିଭିନ୍ନ ଗ୍ରନ୍ଥାବଳୀ, ଗାନ୍ଧୀଜୀଙ୍କ ଜୀବନୀ, ଗଳ୍ପ, କବିତା ପୁସ୍ତକ, ଜ୍ଞାନମଣ୍ଡଳ ଆଦି ବହୁ ଉପାଦେୟ ପୁସ୍ତକ ସ୍ଥାନ ପାଇଛି। ୬ଷ୍ଠରୁ ୧୦ମ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଏଥିରୁ ଶିକ୍ଷାଗ୍ରହଣ କରିପାରିବେ ବୋଲି ଅତିଥିମାନେ ମତ ଦେଇଥିବା ବେଳେ ଛାତ୍ରୀଛାତ୍ରମାନଙ୍କୁ ପୁସ୍ତକ ଅଧ୍ୟୟନ ପାଇଁ ସମସ୍ତ ସୁବିଧା ସୁଯୋଗ ମିଳିବ ବୋଲି ବିଦ୍ୟାଳୟ ସୂତ୍ରରୁ ପ୍ରକାଶ । ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନା କରିବା ସହ ସହଯୋଗ କରିଥିଲେ।

## ଘସିପୁରା ବ୍ଲକସ୍ତରୀୟ ପ୍ରତିଯୋଗିତା

**ଆନନ୍ଦପୁର, ୨।୧୦(ସ୍ୱ.ପ୍ର.)**

ଘସିପୁରା ବ୍ଲକ କୁଶଳେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ମଣ୍ଡଳ ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଘସିପୁରା ବିଇଓ କ୍ଷେତ୍ର ମୋହନ ହାଂସଦା ମୁଖ୍ୟଅତିଥି, ବିଆରସିସି କୃଷ୍ଣ ଚନ୍ଦ୍ର ମହାପାତ୍ର, ସିଆରସିସି ଅନାମ ଚରଣ ମାଝୀ, ସୁରେଶ ଚନ୍ଦ୍ର ମହାନ୍ତି, ଅଶୋକ କୁମାର ବରାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଗାନ୍ଧିଜୀଙ୍କ ଛାତ୍ର ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ସହକାରୀ ଶିକ୍ଷକ ପ୍ରକାଶ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଶିକ୍ଷୟିତ୍ରୀ ପ୍ରିୟମ୍ବଦା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ।

# ବିଭିନ୍ନ ସ୍ଥାନରେ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ

**କେନ୍ଦୁଝର, ୨।୧୦(ସ୍ୱ.ପ୍ର.)**

ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ଆଞ୍ଚଳିକ ମହାବିଦ୍ୟାଳୟ ରେଡକ୍ରସ ଯୁବବାହିନୀ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ସ୍ୱଚ୍ଛତା ସପ୍ତାହ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ସନ୍ମତି ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରେଡକ୍ରସ ଯୁବବାହିନୀର ସଂଯୋଜକ ତଥା ଅଧ୍ୟାପକ ସୁରେଶକୁମାର ଆଚାର୍ଯ୍ୟ, ବେଣୁଧର ମହାନ୍ତ, ରାମଶଙ୍କର ସାହୁଙ୍କ ପ୍ରତ୍ୟକ୍ଷ ସହଯୋଗରେ ମହାବିଦ୍ୟାଳୟ ପରିସରରୁ ଶୋଭାଯାତ୍ରାରେ ବାହାରି ପଦ୍ମପୁର ବଜାର ସଫେଇ କାର୍ଯ୍ୟ କରାଯାଇଥିଲା। ଛାତ୍ରମାନେ ପ୍ରତି ଦୋକାନକୁ ଯାଇ ସ୍ୱଚ୍ଛତା ପ୍ଲାଷ୍ଟିକମୁକ୍ତ ରଖିବା ପାଇଁ ଜନସାଧାରଣଙ୍କୁ ସଚେତନ କରିଥିଲେ।

**ଚମ୍ପୁଆ, (ଡି.ଏନ.ଏ.)**

ସତ୍ୟ ଓ ଅହିଂସା ପଥିକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଚମ୍ପୁଆ ଉପଖଣ୍ଡ ପ୍ରଶାସନ ସହିତ ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ଏହି ଜୟନ୍ତୀ ପାଳିତ ହୋଇଥିଲା। ଭାରପ୍ରାପ୍ତ ଉପଜିଲାପାଳ ତଥା ତହସିଲଦାର ଆଲୋକ କୁମାର ପଟେଲ, ବିଡିଓ ନୁପୂର ଚାନ୍ଦଗୋଟିଆ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବିଜୟ କୁମାର ଗିରିଙ୍କ ସମେତ ବହୁ ବୁଦ୍ଧିଜୀବୀ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସହରର ବିଭିନ୍ନ ସ୍ଥାନରେ ଅବସ୍ଥାପିତ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ସ୍ୱଚ୍ଛତା, ଫିଟ୍ ଇଣ୍ଡିଆ ଏବଂ ପ୍ଲାଷ୍ଟିକ୍ ବର୍ଜନ ଉପରେ ଏକ ସଚେତନତା ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ସେହିପରି ରିମୁଳି ଶିକ୍ଷକ ଶିକ୍ଷାପ୍ରତିଷ୍ଠାନ, ସରସ୍ୱତୀ ଶିଶୁମନ୍ଦିର, ମହତାବ ଉଚ୍ଚ ବିଦ୍ୟାଳୟ ସମେତ ବହୁ ବିଦ୍ୟାଳୟରେ ଜାତିର ପିତାଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପ୍ରଶାସନ ଓ ବୁଦ୍ଧିଜିବୀ ମାନଙ୍କ ଦ୍ୱାରା ସଫେଇ କାର୍ଯ୍ୟ କରାଯାଇଥିଲା।

**ହାଟଡିହୀ, (ସ୍ୱ.ପ୍ର)**

ହାଟଡିହୀ ବ୍ଲକ ଅନ୍ତର୍ଗତ ଛେନାପଦୀ ବିଶ୍ୱତାରିଣୀ ମହିଳା ମହାବିଦ୍ୟାଳୟରେ ଗାନ୍ଧି ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ସବିତା ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସର୍ବପ୍ରଥମେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସ୍ୱଚ୍ଛତା ଓ ପ୍ଲାଷ୍ଟିକ୍ ମୁକ୍ତ ସମାଜ ଗଠନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ପରେ ଏ ଉଦ୍ଦେଶ୍ୟରେ ଏକ ମିଳିତ ସଚେତନତା ରାଲି ଛେନାପଦୀ ବଜାର ପରିକ୍ରମା କରିଥିଲା ।




ଗାନ୍ଧୀ ଜୟନ୍ତୀ ଅବସରରେ ଏକ ସଚେତନତା ରାଲି।

**ଝୁମ୍ପୁରା, (ଡି.ଏନ.ଏ.)**

ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ସମସ୍ତ ଶିକ୍ଷାନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ ଗୁଡିକରେ ଝୁମ୍ପୁରା ଶିଶୁ ମନ୍ଦିରରେ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି। ପ୍ରଧାନ ଆଚାର୍ଯ୍ୟ ବିପିନ ବିହାରୀ ଖଣ୍ଡାୟୀଙ୍କ ତତ୍ତ୍ୱାବଧାନରେ ବୈଠକ ଆୟୋଜିତ ହୋଇ ଥିବାବେଳେ, ଆଚାର୍ଯ୍ୟାଆଚାର୍ଯ୍ୟ, ଗ୍ରାମବାସୀ, ଅଭିଭାବକଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ। ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଫଟୋରେ ମାଲ୍ୟାର୍ପଣ ପରେ ତାଙ୍କର ସ୍ମୃତି ଚାରଣ କରାଯାଇଥିଲା।

**ତେଲକୋଇ, (ଡି.ଏନ.ଏ.)**

ମହାତ୍ମାଗାନ୍ଧୀଙ୍କର ୧୫୦ତମ ଜୟନ୍ତୀ ଅବସରରେ ତେଲକୋଇ ନିର୍ବାଚନ ମଣ୍ଡଳୀର ତେଲକୋଇ ମୁଖ୍ୟାଳୟ ଡାକବଙ୍ଗଳା ଠାରୁ ପଦଯାତ୍ରା ଆରମ୍ଭ ହୋଇଛି । ରାଜ୍ୟ ବିକାଶ ଓ ଦକ୍ଷତା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ପଦଯାତ୍ରାରେ ସାମିଲ ହୋଇଥିବା ବେଳେ ବିଜେଡି ଜିଲା ସଭାପତି ବିମ୍ବାଧର ବିଶ୍ୱାଳ ୧୯ନଂ ଜିଲା ପରିଷଦ ବିନୟ କୁମାର ସାହୁ, ୨୦ନଂ ଜିଲା ପରିଷଦ କମଳୀନି ଦଣ୍ଡପାଟ ବ୍ଲକ ଅଧ୍ୟକ୍ଷ ,ଅନୁସୂଚିତ ଜିଲା ସଭାପତି(ଏସ.ସି.ସେଲ)ଭରତ ପାତ୍ର, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ତଥା ପୂର୍ବତନ ଅଧ୍ୟକ୍ଷ ରାମରାଇ ମୁଣ୍ଡିଆ, ମମତା ଦେହୁରୀ, ବ୍ଲକ ବିଜେଡି ସଭାପତି ସନ୍ତୋଷ କୁମାର ବିଶ୍ୱା, ପ୍ରମୁଖ ଉକ୍ତ ପଦଯାତ୍ରାର ନେତୃତ୍ୱ ନେଇଥିଲେ। ଏହି ପଦଯାତ୍ରାରେ ବ୍ଲକର ବିଭିନ୍ନ ପଞ୍ଚାୟତର ଶତାଧିକ କର୍ମୀ ସାମିଲ ହୋଇଥିଲେ। ଶିବମନ୍ଦିର ଠାରୁ ପଦଯାତ୍ରା ଆରମ୍ଭ ହୋଇ ତେଲକୋଇ ବଜାର ଦେଇ ମେଡିକାଲ ଛକ ପର୍ଯ୍ୟନ୍ତ ବିଶାଳ ପଦଯାତ୍ରା ପରେ ମେଡିକାଲ ଛକ ଠାରେ ଥିବା ବିଜେଡିର ନୂତନ କାର୍ଯ୍ୟାଳୟକୁ ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଉଦ୍‌ଘାଟନ କରିଥିଲେ। ସେହିପରି ମିଳିତ ଓଡିଶା ନିଶା ନିବାରଣ ଅଭିଯୋଗରେ ତେଲକୋଇ ନିଶା ନିବାରଣ ସଂଗଠନ ପକ୍ଷରୁ ତେଲକୋଇ ବଜାର ପେଣ୍ଡାଲରେ ସଂଗଠନର କାର୍ଯ୍ୟକର୍ତ୍ତା ଓଡିଶାରେ ତଥା ତେଲକୋଇ ଅଞ୍ଚଳରେ ସମ୍ପୂର୍ଣ୍ଣ ନିଶା ନିବାରଣ କରିବାକୁ ଦୃଢ ଦାବି କରିଥିଲେ। ଅନ୍ୟପକ୍ଷରେ ବିଭିନ୍ନ ଶିକ୍ଷାନୁଷ୍ଠାନ ସରକାରୀ କାର୍ଯ୍ୟାଳୟରେ ମହାତ୍ମା ଗାନ୍ଧିଙ୍କ ୧୫୦ ତମ ଜୟନ୍ତୀ ଉତ୍ସବ ଅବସରରେ ପ୍ରତିଯୋଗିତାରେ ସ୍ୱଚ୍ଛଭାରତ, ପରିବେଶକୁ ସଂପୂର୍ଣ୍ଣ ପଲିଥିନ ମୁକ୍ତ ପାଇଁ ପ୍ରତିଯୋଗୀ ଅନ୍ତର୍ଭୁକ୍ତ ଥିଲେ।

**OFFICE OF THE MUNICIPAL COUNCIL, BHADRAK**
**BHADRAK-756100 (ODISHA)**
**Tel. No.06784-251519 (O), Fax No.06784-251221**
**E-mail : eobdkmunicipality@gmail.com**
**No.8585** **Date: 01.10.2019**

**TENDER CALL NOTICE**

The Executive Officer, Bhadrak Municipality on behalf of Bhadrak Municipal Council Bhadrak invites sealed tenders from only reputed manufactures Companies / Authorized dealer for supply Cow Cather van 2 wheeled length 12' X 8', 3 side wall 6ft height with all arrangement. The tender schedule, terms and conditions specification & other necessary documents can be downloaded from the sight of official website of Bhadrak Municipality **www.bhadrakmunicipality.com** and District Website **http://bhadrak.nic.in** w.e.f. dt- 03.10.2019.

The downloading & receipt of the tender schedules shall start from date 03.10.2019 & close on date -11.10.2019 at 1 P.M. The tender shall be received in the office of the Executive Officer, Bhadrak Municipality through registered post / Speed Post only. Addressed to the Executive Officer, Bhadrak Municipality, Bhadrak on or before dt- 11.10.2019 at 1 pm. The authority will not be held responsible for the postal delay, if any in delivery of the documents & non receipt of the same in time. The seal tenders will be opened on dt- 11.10.2019 at 3 P.M. in the office of the Executive Officer, Bhadrak Municipality, and Bhadrak in presence of the tenderer or their authorized representatives who may be present at the time of opening of the tender. The cost of tender paper Rs.600/- (Rupees six hundred) in shape of DD in favour of Executive Officer, Bhadrak Municipality. The tender should be accompanied with Xerox copy of Pan Card, GST certificate, authorized dealer certificate, failing which the tender should not be taken into the consideration. The tenderer should furnished EMD of Rs.2000/- (Rupees two thousand) only in shape of Demand Draft / Pay order in favour of Executive Officer, Bhadrak Municipality. The authority reserves the right to reject any or all the tender without assigning any reason thereof.

**Sd./- Executive Officer,**
**Bhadrak Municipality**

## ସଂକ୍ଷେପରେ

### ବରିଷ୍ଠ ନାଗରିକ ଦିବସ ପାଳିତ

ଆନନ୍ଦପୁର,୨।୧୦(ସ୍ୱ.ପ୍ର.)- ଆନନ୍ଦପୁର ତାଲୁକ ଲିଗାଲ ସର୍ଭିସ କମିଟି ପକ୍ଷରୁ ବୁଧବାର ଅପରାହ୍ନରେ କୋର୍ଟ କନଫରେନସ୍ ହଲ୍‌ରେ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଆନନ୍ଦପୁର ତାଲୁକ ଲିଗାଲ ସର୍ଭିସ କମିଟି ଅଧକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ରାଜେଶ ଦାଶଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସବ ଜଜ୍ ଶ୍ରୀମୟୀ ଆଚାର୍ଯ୍ୟ, ଏସଡିଜେଏମ ଶିବାନୀ ଆଚାର୍ଯ୍ୟ, ନ୍ୟାୟାଧିକାରୀ ଘସିପୁରା ଗ୍ରାମ୍ୟ ନ୍ୟାୟାଳୟ ମାନସୀ ପ୍ରଧାନ, ଜେଏମ୍ଏଫସି ସୁପ୍ରଭା କୁଣ୍ଡୁ, ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ କୀର୍ତ୍ତନ ବିହାରୀ ଓଝା, ଆନନ୍ଦପୁର ଓକିଲ ସଂଘ ସଭାପତି ସଞ୍ଜୟ କୁମାର ମିଶ୍ର, ସରକାରୀ ଆଇନଜୀବୀ ମହେନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଅବହେଳିତ ବରିଷ୍ଠ ନାଗରିକଙ୍କ ପାଇଁ ରହିଥିବା ଆଇନ ବ୍ୟବସ୍ଥା, ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଆନନ୍ଦପୁର ତାଲୁକ ଲିଗାଲ ସର୍ଭିସ କର୍ମଚାରୀମାନେ ପରିଚାଳନାରେ ସହାୟତା କରିଥିଲେ।

### ସ୍ମରଣିକା ଉନ୍ମୋଚନ ଉତ୍ସବ

ଆନନ୍ଦପୁର,୨।୧୦(ସ୍ୱ.ପ୍ର.)- ଆନନ୍ଦପୁର ପୌରପରିଷଦ ଅନ୍ତର୍ଗତ ଫକୀରପୁରର ସିଟି ସ୍କୁଲ ପରିସରରେ ନାରାୟଣ ନନ୍ଦ ସ୍ମୃତି କମିଟି ପକ୍ଷରୁ ସ୍ମରଣିକା ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ହରିହର ନାଥଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଡ. ଅଲେଖ ଚନ୍ଦ୍ର ପଢିଆରି, ପ୍ରଫେସର ଡ. ହାଡିବନ୍ଧୁ ପଟ୍ଟନାୟକ, ଡିପିସି ପୂର୍ଣ୍ଣ ଚନ୍ଦ୍ର ସେଠୀ, ଡ. କାର୍ତ୍ତିକେଶ୍ୱର ରାଉଳ ପ୍ରମୁଖ ଉପସ୍ଥିତ ରହି ନାରାୟଣ ନନ୍ଦଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

### ଭାଜପା ତରଫରୁ ସଂକଳ୍ପ ପଦଯାତ୍ରା

ହାଟଡିହୀ,୨।୧୦(ସ୍ୱ.ପ୍ର.)- ମହାତ୍ମା ଗାନ୍ଧୀଙ୍କର ୧୫୦ତମ ଜନ୍ମ ବାର୍ଷିକୀ ଅବସରରେ ହାଟଡିହୀ ବ୍ଲକ ଭାଜପା ତରଫରୁ ବରିଷ୍ଠ ଭାଜପା ନେତା ଆଲୋକ ସେଠୀଙ୍କ ନେତୃତ୍ୱରେ ଏକ ସଙ୍କଳ୍ପ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ହାଟଡିହୀ ବ୍ଲକ ଅନ୍ତର୍ଗତ ମରେଗାଁ ଠାରୁ ବାହାରି ଏକ ବିଶାଳ ପଦ ଯାତ୍ରା ଛେନାପଦୀ ଛକ ପର୍ଯ୍ୟନ୍ତ ଯାଇଥିଲା । ପ୍ଲାଷ୍ଟିକ ବର୍ଜନ କରିବା ଓ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ସଂକଳ୍ପ ନେବା ଏବଂ ସାଧାରଣ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ପଦଯାତ୍ରାର ଲକ୍ଷ୍ୟଥିଲା ବୋଲି ଭାଜପା କହିଛି। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ଆଲୋକ ସେଠୀଙ୍କ ସମେତ ରାଷ୍ଟ୍ରୀୟ କିଷାନ ମୋର୍ଚ୍ଚା ଉପାଧକ୍ଷ ମହେଶ୍ୱର ସାହୁ, ଜିଲା ସେବା ପ୍ରମୁଖ ତଥା ସାଧାରଣ ସମ୍ପାଦକ ରାମଚନ୍ଦ୍ର ସାହୁ, ଜିଲା ଉପସଭାପତି ଗୋଲକ ଜେନା, ଜିଲା ପରିଷଦ ସଭ୍ୟା ଟିକି କିସ୍କୋ, ବରିଷ୍ଠ ଭାଜପା ନେତା ବିଜୟ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

### ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

କେନ୍ଦୁଝର, ୨।୧୦ (ସ୍ୱ.ପ୍ର.)-ଆନନ୍ଦପୁର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଚିତ୍ରାନନ୍ଦ ନାୟକ ସୋମବାର ସରକାରୀ ସେବାରୁ ଅବସର ନେଇଥିବାରୁ ତାଙ୍କୁ ଜିଲା ସୂଚନା ଓ ଲୋକସମ୍ପର୍କ ସଂସ୍ଥା ତରଫରୁ ଅବସରକାଳୀନ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକ ସମ୍ବର୍ଦ୍ଧନା ସଭାରେ ଉଦ୍‌ବୋଧନ ଦେଇ ୩୦ ବର୍ଷର ସେବା କାଳରେ ତାଙ୍କର ସରଳ, ନିଷ୍କପଟ ବ୍ୟକ୍ତିତ୍ୱ ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି ବୋଲି କହିଥିଲେ। ୧୯୮୯ ମସିହାରେ ଚମ୍ପୁଆ ସୂଚନା କେନ୍ଦ୍ର ଓ ପାଠାଗାରରେ ଗ୍ରନ୍ଥାଗାରିକ ଭାବେ କର୍ମମୟ ଜୀବନ ଆରମ୍ଭ କରିଥିବା ନାୟକ ୨୦୧୦ ମସିହାରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପଦବୀକୁ ପଦୋନ୍ନତି ପାଇ ଆନନ୍ଦପୁରଠାରେ ଅବସ୍ଥାପିତ ହୋଇଥିଲେ। ଏହି ଅବସରରେ ବିଚିତ୍ରାନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ପ୍ରୋଭିଜିନାଲ ପେନ୍‌ସନ୍ ପ୍ରଦାନ କରାଯାଇଥିଲା। ଚମ୍ପୁଆ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟନ୍ତ କୁମାର ନାଏକ, ଜିଲା କ୍ରୀଡ଼ା ଅଧିକାରୀ ରମେଶଚନ୍ଦ୍ର ପାଢୀ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଜିଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ, କ୍ରୀଡ଼ା ଛାତ୍ରାବାସର ତତ୍ତ୍ୱାବଧାରକ ସୁବ୍ରତ ମହାନ୍ତି, ବରିଷ୍ଠ କିରାଣି ପୀତବାସ ମହାନ୍ତ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ତାଙ୍କର ଗୁଣାବଳୀ ବର୍ଣ୍ଣନା କରିଥିଲେ।

# ସଜେଇ ହେଉଛି ବଙ୍ଗାଳିସାହି ମଣ୍ଡପ




ସନ୍ତୋଷ ରାଉତ
ଆନନ୍ଦପୁର, ୨।୧୦

ମା' ଦୁର୍ଗାଙ୍କ ଧରିତ୍ରୀରେ ଅବତାରଣ ଆସନ୍ନ ପ୍ରାୟ। ଏଥିପାଇଁ ବିଭିନ୍ନ ପୂଜାମଣ୍ଡପରେ ମା'ଙ୍କ ମୃଣ୍ମୟ ମୂର୍ତ୍ତିକୁ

**୫୦ ବର୍ଷ ପୂର୍ତ୍ତି ପାଳନ ପାଇଁ ତତ୍ପରତା**

ଶେଷ ସ୍ପର୍ଶ ଦେବାରେ ବ୍ୟସ୍ତ କାରିଗର। ଉତ୍ସବ ପାଳନ ପାଇଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭରି ଉଠିଛି ଉତ୍ସାହ ଓ ଉଦ୍ଦୀପନା। ଏହିକ୍ରମରେ କେନ୍ଦୁଝର ଜିଲା ଆନନ୍ଦପୁର ବଙ୍ଗାଳି ସାହିରେ ମା' ଦୁର୍ଗାଙ୍କ ୫୦ ବର୍ଷ ପୂର୍ତ୍ତି ପାଳନ ପାଇଁ ବେଶ ତତ୍ପରତା ଦେଖାଯାଇଛି।

ଆନନ୍ଦପୁର ପୌରପରିଷଦ ୫ ନଂ ଓ୍ୱାର୍ଡରେ ରହିଥିବା ବଙ୍ଗାଳି ସାହିର କେତେକ ବ୍ୟକ୍ତି ୧୯୬୦ ମସିହାରେ ରଥଯାତ୍ରା ଆରମ୍ଭ କରିଥିଲେ। କାଳକ୍ରମେ ଏହି ପର୍ବ ପାଳନ କରିବାରେ ଅସୁବିଧା ସୃଷ୍ଟି ହେବାରୁ ମୁରବୀ ଶ୍ରେଣୀର ବ୍ୟକ୍ତି ଶ୍ୟାମସୁନ୍ଦର ଚାନ୍ଦ, ଯୁଗଳ କିଶୋର ଚାନ୍ଦ, ବୀରକିଶୋର ଚାନ୍ଦ, ଜଗବନ୍ଧୁ ମହାପାତ୍ର, ସୁବାଷ ଚାନ୍ଦ, ବଳରାମ ସା ପ୍ରମୁଖ ଆଲୋଚନା କରି ୧୯୬୯ରେ ପ୍ରଥମେ ଦୁର୍ଗାପୂଜା ଆରମ୍ଭ କରିଥିଲେ। ଗୋଟିଏ ଛୋଟି ଚାଳ ଛପର ଥିବା ଏହା ପ୍ରଥମେ ଆରମ୍ଭ ହୋଇଥିଲା। କାଳକ୍ରମେ ଚାଳ ଉଠାଯାଇ ଛାତ ପକାଯାଇ ଏକ ମଣ୍ଡପରେ ପୂଜା କାର୍ଯ୍ୟ ଯଥାବିଧି ଚାଲିଥିଲା। ଏବେ ସମ୍ପୃକ୍ତ ମଣ୍ଡପକୁ ଚତୁଃପାର୍ଶ୍ୱ ଆବଦ୍ଧ କରାଯାଇ ଠାକୁର ଘର ଭାବେ ନିର୍ମାଣ କରାଯାଇଛି। ଏଥିରେ ଦଶ ଅବତାର ମାର୍ବଲ ମୂର୍ତ୍ତି, ନବଗ୍ରହ ମୂର୍ତ୍ତି ରଖାଯାଇଛି। ଚଳିତ ବର୍ଷ ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ନୂଆ ମେଢ ଅଣାଯାଇଛି। ମା'ଙ୍କର ରୁପା ମୁକୁଟ ଓ ଅଳଙ୍କାର କରାଯାଇଛି। ପ୍ରତିବର୍ଷ ଦୁର୍ଗା ପୂଜାରେ ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ଦୁଇ ଶହରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ଗ୍ରହଣ କରାଯାଇଥାଏ। ପୂଜା ପାଇଁ ସାହି ଲୋକମାନେ ଅର୍ଥ ଦାନ କରିଥାନ୍ତି। ଚଳିତ ବର୍ଷ ପୂଜାରେ ଦୁଇ ଲକ୍ଷ ଟଙ୍କା ଖର୍ଚ୍ଚର ବ୍ୟୟ ଅଟକଳ କରାଯାଇଛି। ମୁଖ୍ୟତଃ ବଙ୍ଗାଳି ସମ୍ପ୍ରଦାୟର ବ୍ୟକ୍ତି ବିଶେଷଙ୍କ ସହିତ ଆଉ କେତେକ ବ୍ରାହ୍ମଣ ପରିବାର ମିଶି ପୂଜାକୁ ପାଳନ କରିଥାନ୍ତି। ଚଳିତ ବର୍ଷ ପୂଜାକୁ ସାହିର ପୁରୋଧା ଭାବେ ଯୁଗଳ ଚାନ୍ଦ, ସୁବଳ ସାହୁ, ମଧୁସୁଦନ ସା' ପରିଚାଳନା କରୁଥିବାବେଳେ ସାହିର ଯୁବକମାନେ ମଧ୍ୟ ସହାୟତା କରିଛନ୍ତି।

# ସ୍ୱଚ୍ଛତାର ବାର୍ତ୍ତା ଦେଲେ



ବିଜୁ ଯୁବବାହିନୀ ସଦସ୍ୟମାନେ ସଫେଇ କରୁଛନ୍ତି।

ଆନନ୍ଦପୁର, ୨।୧୦(ସ୍ୱ.ପ୍ର.)

ଆନନ୍ଦପୁର ବ୍ଲକ ଓ ପୌରପରିଷଦ ବିଜୁ ଯୁବ ବାହିନୀ ୧୫୦ ତମ ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରିଛନ୍ତି। ଆନନ୍ଦପୁର ବ୍ଲକ ବିଜୁ ଯୁବ ବାହିନୀ ସଂଯୋଜକ ହିମାଂଶୁ ଶେଖର ସାମଲ, ପୌରପରିଷଦ ସଂଯୋଜକ ଆଇନଜୀବୀ ଭାଗୀରଥି ଦାଶଙ୍କ ସଂଯୋଜନାରେ ପୌରପରିଷଦର ପଦ୍ମପୁର କ୍ଲବ ବିଜୁ ଯୁବ ବାହିନୀ ସଦସ୍ୟମାନେ ପ୍ଲାଷ୍ଟିକ ମୁକ୍ତ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। କେନ୍ଦୁଝର ବିଜୁ ଯୁବ ବାହିନୀ ସଂଯୋଜକ ଶିରିଶ ଚନ୍ଦ୍ର ସିଂହସାମନ୍ତ ଉପସ୍ଥିତ ଥିଲେ। ଏହା ସହିତ ତାରତରା, କାଠକଟା, ଶାଳବଣି, ମୋଚିନ୍ଦା, କଣ୍ଟିପାଳ ଅଦି ପଞ୍ଚାୟତର ବିଜୁ ଯୁବ ବାହିନୀ ସଦସ୍ୟମାନେ ଗ୍ରାମରେ ସଫେଇ କାର୍ଯ୍ୟ କରିବା ସହିତ ଗ୍ରାମରେ ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନ ନିମନ୍ତେ ସଚେତନତା କରାଯାଇଥିଲା।

# ସବୁଜିମା ସାହିତ୍ୟ ସଂସଦ ପକ୍ଷରୁ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ ପାଳିତ

ଆନନ୍ଦପୁର, ୨।୧୦(ସ୍ୱ.ପ୍ର.)

ଆନନ୍ଦପୁରର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ସବୁଜିମା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆନନ୍ଦ ଭବନ ପରିସରରେ ବୁଧବାର ଗାନ୍ଧୀ ଓ ଶାସ୍ତ୍ରିଜୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସାହିତ୍ୟ ସଂସଦର ସଭାପତି ପ୍ରଦୀପ ହଜାରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆନନ୍ଦପୁର ପୌର ଅଧିକାରୀ ହିତାଂଶୁ ଶେଖର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ବଡଦାଣ୍ଡ ଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଆୟୋଜିତ ସଭାରେ ଉପସ୍ଥିତ ରହି ଦେଶ ପ୍ରତି ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଦେଶର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଜୀଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର ରମାକାନ୍ତ ନାୟକ, ଘଟଗାଁ ତାରିଣୀ ଠାକୁରାଣୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ଶୁକଦେବ ସାହୁ, ପ୍ରଜ୍ଞାଶ୍ରୀ ସାଂସ୍କୃତିକ ପରିଷଦର ସମ୍ପାଦକ ରାମଚନ୍ଦ୍ର ସୁର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗାନ୍ଧୀ ଓ ଶାସ୍ତ୍ରିଜୀଙ୍କ ତୈଳ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଧୂପ, ଦୀପ ପ୍ରଜ୍ୱଳନ କରାଯାଇଥିଲା। ଶିକ୍ଷାବିତ୍ ସୁରେନ୍ଦ୍ର ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ରଖିଥିଲେ। ଏହି ଅବସରରେ ଦୁଇ ମହାନ୍ ବ୍ୟକ୍ତିତ୍ୱଙ୍କ ସମ୍ପର୍କିତ ଏକ କବିତା ଆସର ହୋଇଥିଲା। କାର୍ଯ୍ୟକ୍ରମକୁ ଆନନ୍ଦପୁର ସୂଚନା ଓ ଲୋକସମ୍ପର୍କ ବିଭାଗର କର୍ମଚାରୀ ଦେବକାନ୍ତ ରାଉତ, ନାରାୟଣ ଦାସ, ଚନ୍ଦ୍ର ଶେଖର ଦଳେଇ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

# ଛାତ୍ରବୃତ୍ତି ଘୋଷଣା

କେନ୍ଦୁଝର/ରାଇସୁଆଁ, ୨।୧୦ (ସ୍ୱ.ପ୍ର./ଡି.ଏନ.ଏ.)

ଜିଲା ଶିକ୍ଷା ବିଭାଗ ପକ୍ଷରୁ ୨୦୧୯ ବର୍ଷ ପାଇଁ ତୃତୀୟ ଶ୍ରେଣୀର ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ସ୍କଲାରସିପ ଘୋଷଣା କରାଯାଇଛି। କେନ୍ଦୁଝରଗଡ ବ୍ଲକର ପଦ୍ମପୁର ଶିଶୁ ବିଦ୍ୟାମନ୍ଦିରର ସାଗରିକା ବାରିକ, ଗୋପିନାଥପୁର ପ୍ରାଥମିକ ବିଦ୍ୟାଳୟର କାମିଲା ସଞ୍ଜନା, ଭିଏସକେ ନରଣପୁରର ପରିଣିତା ମହାନ୍ତ ଓ ଓମପ୍ରକାଶ ସାହୁ, ଜଗନ୍ନାଥପୁର ପ୍ରାଥମିକ ବିଦ୍ୟାଳୟର ପ୍ରିୟଙ୍କା ପ୍ରିୟଦର୍ଶିନୀ ମହାନ୍ତ, କେ.ବି. ଚକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରଶ୍ମିରେଖା ମହାନ୍ତ, ସାରଦା ଶିଶୁ ମନ୍ଦିର ଅଲେଖପଦାର ରୋହିତ ମହାନ୍ତ ଏହି ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେହିପରି କେନ୍ଦୁଝରଗଡ ପୌରାଞ୍ଚଳର ସରସ୍ୱତୀ ବିଦ୍ୟାମନ୍ଦିରର, କେନ୍ଦୁଝରଗଡର ଦେବସ୍ମିତା ପୃଷ୍ଟି, ପ୍ରବିର କୁମାର ଆଚାର୍ଯ୍ୟ, ଭୀଷ୍ମଦେବ ସାହୁ, ସମ୍ପିତ ବେହେରା, ବ୍ରାହ୍ମଣୀଗାଁ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବିନିତା କୁମାର ବିଶ୍ୱାଳ ଓ ରୋଜାଲିନ ପ୍ରିୟଦର୍ଶିନୀ ଜେନା, ମନୋଜ ମଞ୍ଜରୀ ଶିଶୁ ଭବନର ନୋଡାଲ ୟୁପି ସ୍କୁଲର ପ୍ରମୋଦ ନାୟକ ବୃତ୍ତି ପାଇବାକୁ ଯୋଗ୍ୟ ହୋଇଛନ୍ତି । ସେମାନେ ପ୍ରତ୍ୟେକ ମାସ ଏକ ଶହ ଟଙ୍କା ବୃତ୍ତି ପାଇବେ ।

# ହାବିଲଦାର କନଷ୍ଟେବଲ ସଂଘ ନିର୍ବାଚନ
## ସଭାପତି ଅନିଲ, ସମ୍ପାଦକ କମଳାକାନ୍ତ

କେନ୍ଦୁଝର, ୨।୧୦(ଡି.ଏନ.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲ୍ଲା ହାବିଲଦାର କନେଷ୍ଟବଳ ଓ ସିପାହୀ ସଂଘ, କେନ୍ଦୁଝର ଶାଖାର ନିର୍ବାଚନ ଫଳାଫଳ ମଙ୍ଗଳବାର ରାତିରେ ଘୋଷିତ ହୋଇଛି । ସଭାପତି ଭାବେ ଅନୀଲ କୁମାର ଷେଣ୍ଢ ନିର୍ବାଚିତ ହୋଇଛନ୍ତି । ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବର୍ତ୍ତମାନର ସଭାପତି ପ୍ରଫୁଲ୍ଲ କୁମାର ପଣ୍ଡାଙ୍କୁ ୨୨୬ ଭୋଟ ବ୍ୟବଧାନରେ ପରାଜିତ କରି ବିଜୟୀ ହୋଇଛନ୍ତି। ଉପସଭାପତି ଭାବେ ପ୍ରବୀଣ କୁମାର ମହାନ୍ତ, ସାଧାରଣ ସମ୍ପାଦକ ପଦବୀ ପାଇଁ କମଳାକାନ୍ତ ସେଠୀ, ଯୁଗ୍ମ ସମ୍ପାଦକ ପଦବୀ ପାଇଁ ନିରଞ୍ଜନ ଘଡେଇ, ଚିତ୍ତରଞ୍ଜନ ବାରିକ ନିର୍ବାଚିତ ହୋଇଛନ୍ତି। ସେହିପରି କୋଷାଧକ୍ଷ ଭାବେ ଭାବଗ୍ରାହୀ ମହାନ୍ତ ଜିତିଥିବା ଜଣାପଡିଛି। କାର୍ଯ୍ୟକାରୀ ସଦସ୍ୟ ଭାବେ ଦିଲୀପ କୁମାର ହାଇବୁରୁ, ତ୍ରିବନ ଦେବଗନ, ଚନ୍ଦନ କୁମାର ପାତ୍ର, ରାଜକିଶୋର ଜେନା, ଶତ୍ରୁଘ୍ନ ଗାଗରାଇ ନିର୍ବାଚିତ ହୋଇଛନ୍ତି। କେନ୍ଦୁଝର ଜିଲାରେ ମୋଟ ୯୧୧ ଜଣ ହାବିଲଦାର, କନଷ୍ଟେବଳ ଥିବାବେଳେ ୯୦୩ଜଣ ଭୋଟ ଦେଇଥିଲେ । କେନ୍ଦୁଝର ଜିଲାର ୨୪ଟି ଥାନାରେ ବୁଥ୍ ଓ ଜିଲା ମୁଖ୍ୟାଳୟରେ ଥିବା ପୋଲିସ ରିଜର୍ଭଠାରେ ୪ଟି ବୁଥ୍ କରାଯାଇଥିଲା।

■ ଆଞ୍ଚଳିକ ଫୁଟବଲ ଟୁର୍ନାମେଣ୍ଟ

# ଶନିଦେବ ଏକ୍ସଆଇ କନ୍ତଲେଇ ଚାମ୍ପିୟନ

ତେଲକୋଇ, ୨।୧୦(ଡି.ଏନ.ଏ.)

ତେଲକୋଇ ବ୍ଲକ ଅନ୍ତର୍ଗତ ଖୁଣ୍ଟାପଡା ବ୍ରହ୍ମେଶ୍ୱର ହାଇସ୍କୁଲ ଖେଳ ପଡିଆରେ ଆଞ୍ଚଳିକ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ମ୍ୟାଚ୍ ସନ ସାଇନ କ୍ଲବ(ଏସଏନପୁର ଗୋଡା) ଓ ଶନିଦେବ ଏକ୍ସ.ଆଇ କନ୍ତଲେଇ ଫୁଟବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଏକ୍ସ.ଆଇ କନ୍ତଲେଇ ଟିମ୍ ଚାମ୍ପିୟନ ହୋଇଥିବାବେଳେ ସନସାଇନ କ୍ଲବ (ଗୋଡା) ରନର୍ସଅପ ଘୋଷିତ ହୋଇଥିଲା। ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ରାଜ୍ୟ ଦକ୍ଷତା ବିକାଶ ମନ୍ତ୍ରୀ ଇଂ ପ୍ରେମାନନ୍ଦ ନାୟକ ଯୋଗ ଦେଇଥିବା ବେଳେ ଅନ୍ୟ ଅତିଥିଙ୍କ ମଧ୍ୟରେ ଜିଲା ବିଜେଡି ଯୁବ ସଭାପତି ସୌମ୍ୟରଞ୍ଜନ ଚକ୍ର, ବ୍ଲକ ଅଧକ୍ଷ ମମତା ଦେହୁରୀ ଜିଲା ପରିଷଦ ବିନୟ କୁମାର ସାହୁ, କମଳୀନି ଦଣ୍ଡପାଟ ସ୍ଥାନୀୟ ସରପଞ୍ଚ ସନ୍ଧ୍ୟା ରାଣୀ ପ୍ରଧାନ ଯୋଗ ଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ, ରନର୍ସଅପ୍ ଟିମ୍।

# ନିଶା ନିବାରଣ ଲାଗି ସଚେତନତା

ହାଟଡିହୀ, ୨।୧୦ (ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଓରାଳି ପଞ୍ଚାୟତରେ ନିଶାକୁ ବିରୋଧ ଓ ନିବାରଣ ପାଇଁ ଏକ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରାୟ ୬ ଶହରୁ ଉର୍ଦ୍ଧ୍ୱ ବ୍ଯକ୍ତି ଓ ଛାତ୍ରୀଛାତ୍ର ଏଥିରେ ଯୋଗଦେଇଥିଲେ। ନନ୍ଦିପଦା ଥାନା ଆମ ପୋଲିସ ସମିତିର ସଦସ୍ୟ ସୁଧାଂଶୁ କୁମାର ଦକ୍ଷିଣ ରାୟଙ୍କ ଅଧକ୍ଷତାରେ ସମିତିର ଅନ୍ୟ ସଦସ୍ୟ, ପଞ୍ଚାୟତବାସୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ସମେତ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଏହି ପଦଯାତ୍ରାରେ ସାମିଲ ହୋଇ ଗ୍ରାମ ପରିକ୍ରମା କରିଥିଲେ। ଏଥିସହ ସ୍ଲୋଗାନ ଦିଆଯାଇ ସଚେତନ କରାଯାଇଥିଲା। ଶେଷରେ ଗାନ୍ଧୀଙ୍କ ମୂର୍ତ୍ତିରେ ପୁଷ୍ପ ଅର୍ପଣ କରାଯାଇଥିଲା।

# ଗୃହ ପ୍ରବେଶ ଉତ୍ସବ ପାଳନ

ଢେଙ୍କିକୋଟ, ୨।୧୦(ଡି.ଏନ୍.ଏ.)

ଢେଙ୍କିକୋଟ ଗ୍ରାମ ପଞ୍ଚାୟତ ଟିକିରା ଗ୍ରାମରେ ବୁଧବାର ରାଜ୍ୟ ସରକାରଙ୍କ ଗୃହ ପ୍ରବେଶ ଉତ୍ସବ ପାଳନ କରାଯାଇଛି। ଏହି ଉତ୍ସବରେ କେନ୍ଦୁଝର ପ୍ରକଳ୍ପ ଅଧିକାରୀ ଡକ୍ଟର ଉଦ୍ଧବ ଚରଣ ମାଝୀ, ଅତିରିକ୍ତ ଜିଲା ପ୍ରକଳ୍ପ ଅଧିକାରୀ ରଶ୍ମିରାଣୀ ମହାନ୍ତ, ଘଟଗାଁ ବିଡିଓ ତ୍ରିଲୋଚନ ମହାନ୍ତି, ଅତିରିକ୍ତ ବିଡିଓ ବିଚିତ୍ର କର, ପଞ୍ଚାୟତ ସରପଞ୍ଚ ଗୌରୀ ବାରିକ ଏବଂ ଜିଆର୍‌ଏସ୍ ପ୍ରକାଶ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ଚଳିତ ବର୍ଷ ୨୦୧୯/୨୦ର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଟିକିରା ଗ୍ରାମର ହିତାଧିକାରୀ ସୁମିତ୍ରା ନାଏକ, କାର୍ଯ୍ୟାଦେଶ ପାଇବାର ଖୁବ୍ କମ ସମୟ ମଧ୍ୟରେ ନିଜର ବାସଗୃହ ନିର୍ମାଣ କାର୍ଯ୍ୟ ଶେଷ କରିଥିଲେ। ଏହି ହିତାଧିକାରୀଙ୍କୁ ଜିଲା ପ୍ରକଳ୍ପ ଅଧିକାରୀ ଅତିରିକ୍ତ ପ୍ରକଳ୍ପ ଅଧିକାରୀ ଏବଂ ବ୍ଲକ ଅଧିକାରୀ ସମେତ ପଞ୍ଚାୟତର ସରପଞ୍ଚ ଯଥାବିଧି ପୂଜା ପାଠ କରି ତାଙ୍କୁ ଗୃହ ପ୍ରବେଶ କରାଇ ଉତ୍ସବ ପାଳନ କରିଛନ୍ତି। ଜିଲାରେ ଥିବା ସମସ୍ତ ପଞ୍ଚାୟତ ମଧ୍ୟରୁ ଢେଙ୍କିକୋଟ ଗ୍ରାମ ପଞ୍ଚାୟତ ଏକ ନମ୍ବର ମାନ୍ୟତା ପାଇ ସରପଞ୍ଚ ମହୋଦୟାଙ୍କୁ ଢେଙ୍କିକୋଟ ଗ୍ରାମବାସୀ ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି।



ଗୃହ ପ୍ରବେଶ ପାଇଁ ପୂଜାର୍ଚ୍ଚନା।

# ରାସ୍ତା ପାର୍ଶ୍ୱ ସଫେଇ କଲେ ଗ୍ରାମବାସୀ

ତେଲକୋଇ, ୨।୧୦(ଡି.ଏନ.ଏ.)

**ହାତୀ ଭୟ**

ତେଲକୋଇ ରେଞ୍ଜ ଅଧୀନର ଭୀମକାଣ୍ଡ ଆକୁଳ ଓ କରଦାଙ୍ଗୀ ପଞ୍ଚାୟତ ଅଂଚଳରେ ବଣୁଆ ହାତୀ ପଲ ରହି ବ୍ୟାପକ କ୍ଷତି କରିବାରେ ଲାଗିଛନ୍ତି। ସନ୍ଧ୍ୟା ହେଲେ ଉକ୍ତ ଅଞ୍ଚଳକୁ ଯାତାୟାତ କରିବା ପାଇଁ ଭୟ ସୃଷ୍ଟି ହୋଇଛି। ଏନେଇ ଭୀମକାଣ୍ଡ ଗ୍ରାମବାସୀ ମିଳିତ ହୋଇ ୨ କି.ମି. ରାସ୍ତାର ଉଭୟ ପାର୍ଶକୁ ବୁଦ ବୁଦିଆ ଗଛ କାଟି ପରିଷ୍କାର କରିଛନ୍ତି। ଉକ୍ତ ଅଞ୍ଚଳରେ ସନ୍ଧ୍ୟା ହେଲେ ହାତୀ ପଲ ଖାଦ୍ୟ ପାଇଁ ଆସୁଛନ୍ତି। ରାସ୍ତା କଡର ଘଞ୍ଚ ଜଙ୍ଗଲ ଓ ବୁଦା ଥିବା ଯୋଗୁ ପଥଚାରୀ ହାତୀ ହାବୁଡରେ ପଡୁଥିବା ବେଳେ କେତେକ ପଥଚାରୀ ଅଳ୍ପକେ ବର୍ତ୍ତିଛନ୍ତି। ଏନେଇ ଗ୍ରାମବାସୀ ମିଳିତ ଭାବେ ରାସ୍ତାର ଉଭୟ ପାର୍ଶ୍ୱର ଘଞ୍ଚ ଗଛକୁ କାଟିବା ଆରମ୍ଭ କରିଛନ୍ତି। ଗ୍ରାମବାସୀ ହେମନ୍ତ ବେହେରାଙ୍କ କହିବାନୁଯାୟୀ ଏହି ଅଞ୍ଚଳରେ ହାତୀ ପଲ ସନ୍ଧ୍ୟା ସମୟରେ ବିଚରଣ କରୁଥିବା ଯୋଗୁ ଉକ୍ତ ରାସ୍ତାରେ ଯିବାକୁ ଭୟ ଲାଗୁଛି । ରାସ୍ତାର ଉଭୟ ପାର୍ଶ୍ୱ ସଫା କଲେ ଦୂରରେ ଥିବା ହାତୀଙ୍କୁ ଦେଖି ସତର୍କ ରହିବା ସହିତ ଜୀବନ ରକ୍ଷା ହୋଇପାରିବ। ଏସମ୍ପର୍କରେ ବନାଞ୍ଚଳ ଅଧିକାରୀ ପିତାମ୍ବର ନାୟକଙ୍କୁ ପଚାରିବାରୁ ଉକ୍ତ ଅଞ୍ଚଳରେ ୧୧ଟିରୁ ଉର୍ଦ୍ଧ୍ୱ ହାତୀ ରହିଛନ୍ତି। ତେବେ ରାତି ହେଲେ ବନ ବିଭାଗର ହାତୀ ସ୍କ୍ୱାଡ ଟିମ ଉକ୍ତ ଅଞ୍ଚଳକୁ ଯାଇ ହାତୀଙ୍କ ଗତି ବିଧି ଉପରେ ନଜର ରଖୁଛନ୍ତି । ଏଥି ସହିତ ଦିନ ସମୟରେ ଲୋକଙ୍କୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରାଯାଉଛି ।

# ବୃକ୍ଷରୋପଣ ନାଁରେ ପ୍ରହସନ

ଚମ୍ପୁଆ, ୨।୧୦(ଡି.ଏନ.ଏ.)

ଜୀବ ଜଗତ ବଞ୍ଚିରହିବା ତଥା ପରିବେଶର ସୁରକ୍ଷା ପାଇଁ ଜଙ୍ଗଲ ସୃଷ୍ଟି କରିବା ଅତ୍ୟନ୍ତ ଆବଶ୍ୟକ ହୋଇ ପଡିଥିବା ବେଳେ ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ଅଧିକରୁ ଅଧିକ ବୃକ୍ଷ ରୋପଣ ପାଇଁ ମଧ୍ୟ ପ୍ରୋତ୍ସାହନ ଦିଆଯାଉଛି। ବିଶେଷ ଭାବରେ ଖଣି ଖାଦାନ ଦ୍ୱାରା ଉଜୁଡି ଯାଉଥିବା ଜଙ୍ଗଲ ସୃଷ୍ଟି କରିବା କମ୍ପାନୀ ଗୁଡିକର ସାମାଜିକ ଦାୟିତ୍ୱବୋଧତା ପାଲଟି ଯାଇଛି। ମାତ୍ର କେତେକ ଏହି ଦାୟିତ୍ୱକୁ ସୁଚାରୁ ରୂପେ ସମ୍ପାଦନ ନ କରି ଖାମ ଖିଆଲି ଭାବେ ବୃକ୍ଷ ରୋପଣ କରୁଥିବାରୁ ଏହି ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ। ଯାହାର ଜ୍ୱଳନ୍ତ ଉଦାହରଣ ପାଲଟିଛି ଚମ୍ପୁଆ ରେଞ୍ଜରେ ରାମଲା ଠାରେ କମ୍ପାନି ଦ୍ୱାରା କରାଯାଇଥିବା ବୃକ୍ଷ ରୋପଣ କାର୍ଯ୍ୟ। ସୂଚନା ଅନୁସାରେ ୨୦୧୬/୧୭ ମସିହାରେ କମ୍ପାନୀ ଦ୍ୱାରା ରାମଲା ଠାରେ ୫୦୦୦ ଚାରା ରୋପଣ କରାଯାଇଥିଲା। ଚମ୍ପୁଆ ବନ ବିଭାଗର ସହାୟତାରେ ଏହି ଚାରା ରୋପଣ କରାଯାଇଥିବା ବେଳେ ଚାରା ରୋପଣର ନିୟମ ଗ୍ରହଣ କରାଯାଇ ନ ଥିଲା। ଚାରା ଗୁଡିକୁ ପଲିଥିନ ପ୍ୟାକେଟରୁ ବାହାର ନ କରି ଲଗାଯାଇଥିବାରୁ ଅନେକ ଚାରା ମରି ସାରିଥିବା ବେଳେ ପଲିଥିନ ଲଗା ଚାରା ଗୁଡିକ ଠିକ ଭାବେ ବଢି ପାରିନାହିଁ। ତଦାରଖ ଅଭାବରୁ ଏପରି ହୋଇଥିବା ସ୍ଥାନୀୟ ଲୋକ ମତ ଦେଇଥିବା ବେଳେ କିପରି ଓ କେଉଁ ପରିସ୍ଥିତିରେ ଏଥି ପ୍ରତି ନଜର ହଟାଇ ନିଆଗଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏସମ୍ପର୍କରେ ଚମ୍ପୁଆ ରେଞ୍ଜର ଘାସିନାଥ ପାତ୍ରଙ୍କୁ ପଚାରିବାରୁ ଏମିତି ହେବା କଥା ନୁହଁ। ଏହାର ତଦନ୍ତ କରାଯିବା ସହ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପଚାରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ବୃଦ୍ଧି ପାଉଛି ଚୋରା ମଦ କାରବାର

ଆନନ୍ଦପୁର,୨।୧୦(ସ୍ୱ.ପ୍ର.)

**ନାହାନ୍ତି ଆବଶ୍ୟକ କର୍ମଚାରୀ**

ଆନନ୍ଦପୁରର ଖପରାଖାଇଠାରେ ଥିବା ୧ ନଂ ବସଷ୍ଟାଣ୍ଡକୁ ଲାଗିକରି ରହିଛି ଅବକାରୀ ଥାନା। ଏହି ଅବକାରୀ ଥାନା ସମଗ୍ର ଆନନ୍ଦପୁର ଉପଖଣ୍ଡ ଦାୟିତ୍ୱରେ ରହିଛି। ଆବଶ୍ୟକତା ଅନୁଯାୟୀ ଏହି ଥାନାରେ କର୍ମଚାରୀ ଅଭାବ ଜନିତ ସମସ୍ୟା ଲାଗିରହିଛି। ତା' ସାଙ୍ଗକୁ କାର୍ଯ୍ୟାଳୟର ନିଜସ୍ୱ ଯାନ ଖଣ୍ଡିଏ ବି ନାହିଁ। ଉପଖଣ୍ଡର ବିଭିନ୍ନ ସ୍ଥାନରେ ଚାଲିଥିବା ଅବାଧ ଚୋରା ମଦ କାରବାରକୁ ରୋକିବା ଦିଗରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରିବାକୁ ହେଲେ ଭଡା ସୂତ୍ରରେ ଗାଡି ନେବାକୁ ପଡୁଛି। ଅନେକ ସମୟରେ ବି ଭଡା ସୂତ୍ରରେ ନିଆଯାଉଥିବା ଗାଡିର ପାଉଣା ଭରିବା ବିଳମ୍ବ ହେଉଥିବାରୁ ଗାଡି ମାଲିକମାନେ ବି ଗାଡି ଭଡାରେ ଦେଉନାହାନ୍ତି। ଫଳରେ ଚଢାଉରେ ଶିଥିଳତା ଲାଗି ରହୁଛି, ଯାହାର ପରିଣାମ ସ୍ୱରୂପ ଚୋରାମଦ କାରବାର ବୃଦ୍ଧି ପାଇଁ ବିଶେଷ ସହାୟକ ହେଉଛି। ସେହିପରି ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକର ଓସ୍ତପୁରା, ମାର୍ଶାପାଳ, ସୁଆପୁର, ସାଇଁକୁଳ ଆଦି ଅଞ୍ଚଳରେ ବ୍ୟାପକ ଭାବେ ଚୋରାରେ ଦେଶୀ ମଦ ପ୍ରସ୍ତୁତ କରାଯାଇ ଅବାଧରେ ବିକ୍ରି କରାଯାଉଛି। ଅବକାରୀ ଥାନାରେ ନିୟୋଜିତ ଥିବା ସ୍ୱଳ୍ପ ସଂଖ୍ୟକ କର୍ମଚାରୀ ସମ୍ପୃକ୍ତ ଅଞ୍ଚଳରେ ଚଢାଉ କରିବା ଅସମ୍ଭବ କହିଲେ ଅତ୍ୟୁକ୍ତି ହେବନାହିଁ। ସମ୍ପୃକ୍ତ ସ୍ଥାନ ଗୁଡିକରେ ଘରେ ଘରେ ମଦ କାରବାର ଚାଲୁଥିବା ଆନନ୍ଦପୁର ଅବକାରୀ ବିଭାଗ ଇନ୍ସପେକ୍ଟର ସନ୍ତୋଷ କୁମାର ପ୍ରଧାନ ସ୍ୱୀକାର କରିଛନ୍ତି। ସଂପୃକ୍ତ ଅଞ୍ଚଳକୁ ଚଢାଉରେ ଯିବାକୁ ହେଲେ ପାଖାପାଖି ଶହେ ଫୋର୍ସଙ୍କର ଆବଶ୍ୟକତା ରହିବା ସହିତ ମାଜିଷ୍ଟ୍ରେଟ, ପୋଲିସ ବିଭାଗର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତ ଏକାନ୍ତ ଆବଶ୍ୟକ ରହିଥିବା ଅବକାରୀ ବିଭାଗ ଇନ୍ସପେକ୍ଟର ପ୍ରଧାନ ସୂଚନା ଦେଇଛନ୍ତି। ଏଥିପାଇଁ ଆମେ ଉପରିସ୍ଥ କର୍ମଚାରୀଙ୍କୁ ଅବଗତ କରିଛୁ ହେଲେ ଏ ଦିଗରେ ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିବାରୁ ଚଢାଉ ହୋଇପାରୁନି ବୋଲି ସେ ପ୍ରକାଶ କରିଛନ୍ତି। ଏହା ସହିତ ଆନନ୍ଦପୁର ଅବକାରୀ ଥାନାରେ ମାତ୍ର ୩ ଜଣ କନଷ୍ଟେବଲ, ଦୁଇ ଜଣ ଏଏସଆଇ ରହିଥିବାବେଳେ ଜଣେ ଇନ୍ସପେକ୍ଟରଙ୍କ ସହିତ ମାତ୍ର ଦୁଇ ଜଣ କନଷ୍ଟେବଳ ରହିଛନ୍ତି। ଯାହାକି ସମଗ୍ର ଉପଖଣ୍ଡକୁ ନିୟନ୍ତ୍ରଣ କରିବା ଅସମ୍ଭବ ହୋଇପଡୁଛି। ଏଭଳି କ୍ଷେତ୍ରରେ ଆନନ୍ଦପୁର ବ୍ଲକର ବିରିଡିଆ, ହାଟଡିହୀ ବ୍ଲକର ଢେଙ୍କା ସହିତ ଅନ୍ୟାନ୍ୟ ସ୍ଥାନରେ ଚୋରା ମଦ ରନ୍ଧାଯାଇ ବିକ୍ରି କରାଯାଉଛି। ଫଳରେ ସରକାରଙ୍କ ବିପୁଳ ପରିମାଣର ରାଜସ୍ୱ ହାନି ହେବା ସହିତ ବିଷାକ୍ତ ମଦ ଖାଇ ଲୋକେ ମୃତ୍ୟୁମୁଖରେ ପଡୁଛନ୍ତି। ଦେଶୀ ମଦ ସରକାରଙ୍କ ରେଭେନ୍ୟୁର ମୁଖ୍ୟ ଉତ୍ସ ହୋଇଥିବା ସ୍ଥଳେ ଏ ଦିଗରେ ସରକାରଙ୍କ ଉଦାସୀନତା ପରିତାପର ବିଷୟ ସାଜିଛି।